# ବେଦାନ୍ତା

Spreading Knowledge Amongst Mankind......

ସେପ୍ଟେମ୍ବର – ୨୦୧୮ **SEPTEMBER - 2018**



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ପୁସ୍ତକ ଜ୍ଞାନର ଗନ୍ତାଘର । ସମାଜର ବାଣୀମୟ ମର୍ମଚକ୍ର । ବୌଦ୍ଧିକ ଚେତନାର ସହଚର । ବାଲ୍ୟକାଳର ରଙ୍ଗୀନ ଫର୍ଦ୍ଦରେ ବୌଦ୍ଧିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ଯୌବନର ଗଳ୍ପ, କାହାଣୀ, କବିତା ଗଢିଦିଏ ମନର ଭାବ ସ୍ପନ୍ଦନ । ଅନାଗତ ସମୟର ପ୍ରେରଣା ହୋଇ ଗଢିଉଠେ ମାନବିକ ଚନ୍ତନ ଓ ଚେତନ । ବାର୍ଦ୍ଧକ୍ୟର ନଗ୍ନଶାର ଡୋରି ଖୋଲିଦିଏ ସମୟର ପଦଚହ୍ନ ଏବଂ ଦିଏ ସ୍ୱାଭିମାନର ପରିଚୟ । ମନେପଡେ ପିଲାଦିନର ଜହ୍ନମାମୁଁ, ଶିଶୁଲେଖା, ମନପବନ । ପାଠପଢା ବହି ଭିତରେ ଗଳ୍ପ ବହି ରଖି ପଢିବାର ମଜା । ଆଈଠାରୁ କାହାଣୀ ଶୁଣିବାର ନତିଦିନଆ କଥା, ସ୍କୁଲ ଲାଇବ୍ରେରୀରୁ ଗଳ୍ପ ବହି ଆଣିବାର ଅପେକ୍ଷା, ପ୍ରଥମେ କିଏ ପଢିବାର ଝଗଡା । ଶିକ୍ଷଣୀୟ କାହାଣୀ ପଠନ ଦ୍ୱାରା ମନର ଏକାଗ୍ରତା ବଢେ । ବର୍ତ୍ତମାନର ସମୟ କେତେ ବି ଭଲ ହେଉନା କାହିଁକି, ଅତୀତର ସୁଖଦ ସମୟ ସବୁବେଳେ ଆମକୁ ଆକର୍ଷଣ କରେ । ସମସ୍ତେ ଅତୀତକୁ ଫେରିବାକୁ ଚେଷ୍ଟା କରନ୍ତି । ଜ୍ଞାନ, ବିଜ୍ଞାନ, ମନୋରଞ୍ଜନର ଖଜାନା ପୁସ୍ତକ ଆମର ପରମ ମିତ୍ର ଯାହାକୁ ପଢିବା ଦ୍ୱାରା ମନୁଷ୍ୟର ସାମାଜିକ ଏବଂ ମାନସିକ ବିକାଶ ହୁଏ । ପୁସ୍ତକର ମୂଲ୍ୟ ରତ୍ନଠାରୁ ବି ଅଧିକ ଅଟେ । ରତ୍ନ କେବଳ ବାହାରି ଚମକ- ଧମକ ଦେଖାଇଥାଏ । କିନ୍ତୁ ପୁସ୍ତକ ଆମର ଅନ୍ତକରଣକୁ ଉଜ୍ଜ୍ୱଳ ବନାଇବାରେ ସହାୟକ ସିଦ୍ଧ ହୁଏ ।

ପୁସ୍ତକ ପଠନ ଦ୍ୱାରା ମନୁଷ୍ୟର Confidence ଏବଂ Patience ବଢେ । ପ୍ରତ୍ୟେକ ଶୈଳୀର ପୁସ୍ତକ ପଠନ ଦ୍ୱାରା ଜ୍ଞାନ ବୃଦ୍ଧି ସହିତ Memory Power ତୀକ୍ଷଣ ହୁଏ । ପଢାଲେଖା

ମନୁଷ୍ୟକୁ ସର୍ବଦା ଅନ୍ୟଠାରୁ ସମ୍ମାନ ମିଳେ । ଯଦ୍ୱାରା ମନୁଷ୍ୟ ଗୌରବଶାଳୀ ଅନୁଭବ କରେ । ପୁସ୍ତକ ପଠନ ଦ୍ୱାରା ମନୁଷ୍ୟର word power strong ହୁଏ । Memory data bank ବଢ଼ିଯାଇ record ରଖିବାର କ୍ଷମତା ମଧ୍ୟ ବଢ଼ିଥାଏ । ଅନ୍ୟ ସହିତ ବାର୍ତ୍ତାଳାପରେ ଅସୁବିଧା ଅନୁଭବ ହୁଏନାହିଁ । ପାଖରେ logic ଥାଏ କୌଣସି ବାର୍ତ୍ତାକୁ ଭୁଲ- ଠିକ୍ କରି କେତେକ ଉଦାହରଣ ଦେବାରେ ସହାୟକ ସିଦ୍ଧ ହୁଏ । ପୁସ୍ତକଠାରୁ ଭଲ ମିତ୍ର କେହିନୁହେଁ । ପ୍ରତ୍ୟେକ ଯାଗାରେ ଆମର ସହାୟକ ସିଦ୍ଧ ହୁଏ, ଚରିତ୍ର ନିର୍ମାଣରେ ପୁସ୍ତକ ଆମର ସହାୟତା କରେ ।

ସୁସ୍ଥ ସମାଜ ଗଠନ ପାଇଁ ପୁସ୍ତକ ଏକ ମୂଲ୍ୟବାନ ପୁଞ୍ଜି, ଗୋଟିଏ ଦେଶ ଓ ଜାତିର ବୌଦ୍ଧିକ ସମ୍ପଦ । ଉନ୍ନତମାନର ପୁସ୍ତକ ଅଧ୍ୟୟନ ଦ୍ୱାରା ସୁପରିଚାଳିତ ହୁଏ ମନୁଷ୍ୟର ବିବେକ ଓ ବିଚାର । ସୁଦୃଢ଼ ହୁଏ ଜାତୀୟ ଜୀବନର ଭିତ୍ତିଭୂମି । ଅନ୍ୟପକ୍ଷରେ ପୁସ୍ତକ ବିନା ନ୍ୟାୟ ସୁପ୍ତ, ବିଜ୍ଞାନ ବାଟବଣା, ଦର୍ଶନ ପଙ୍ଗୁ, ଇତିହାସ ନୀରବ, ସାହିତ୍ୟ ସୁବିର, ଅନ୍ୟ ସବୁକଛି ଅସ୍ପଷ୍ଟ । ଏ କଥା ଆମ ଅପେକ୍ଷା ଅଧିକ ବୁଝିପାରିଥିବେ ଆମ ପୂର୍ବଜମାନେ । ଯେତେବେଳେ କାଗଜ, କାଳି ଉଦ୍ଭାବନ ହୋଇ ନଥିଲା ଏବଂ ଛପା ବହି ଥିଲା କଳ୍ପନାର ବାହାରେ । ତଥାପି ଆମ ପୂର୍ବଜ ନିଜ ସର୍ଜନଶୀଳ ପ୍ରତିଭାକୁ ପ୍ରକାଶ କରୁଥିଲେ ତାଳପତ୍ର ପୋଥିରେ । ଘରେ ଘରେ ପୂଜା ପାଉଥିବା ତାଳପତ୍ର ପୋଥି ଥିଲା ମାନବ ସଭ୍ୟତାର ଅଭ୍ୟୁଥାନର ଏକ ମୂଲ୍ୟବାନ ଦସ୍ତାବିଜ୍ । ଜୀବନକୁ ବୁଝିବା ପାଇଁ ଜଗତକୁ ଜାଣିବା ପାଇଁ ପୁସ୍ତକ ହିଁ ଜ୍ଞାନର ବତିଘର ।

ପୁସ୍ତକ ବ୍ୟକ୍ତିର ଚିନ୍ତା ଓ ଚେତନାକୁ ପ୍ରଭାବିତ କରିବା ସହିତ ସମାଜ ଜୀବନରେ ସୃଷ୍ଟିକରେ ଆଲୋଡନ । ସମାଜ ଜୀବନକୁ ଶୃଙ୍ଖଳିତ କରିବାପାଇଁ ଭାରତୀୟ ସାହିତ୍ୟରେ ରହିଛି ଅନେକ ଉଚ୍ଚକୋଟିରେ ଗ୍ରନ୍ଥ । ହଜାର ହଜାର ବର୍ଷ ଧରି ସମାଜକୁ ଦିଗଦର୍ଶନ ଦେବା ସହିତ ଆମ ଆଧାତ୍ମିକ ଚେତନା ଓ ସାଂସ୍କୃତିକ ଅନୁଭବକୁ ସମାଚ୍ଛନ୍ନ କରି ରହିଛି ରାମାୟଣ, ଏବଂ ମହାଭାରତ ଭଳି ଗ୍ରନ୍ଥ । ଆଜି ବି ସାମାଜିକ ପରମ୍ପରା, ରୀତିନୀତି, ପର୍ବପର୍ବାଣିର ସ୍ୱର ଦେଖାଯାଏ ଏହି କାଳଜୟୀ ପୁସ୍ତକରେ । ସୁସ୍ଥ ସମାଜ ଗଠନ ପାଇଁ

ପୁସ୍ତକ ହେଉଛି ଏକ ମୂଲ୍ୟବାନ ପୁଞ୍ଜି । ଇତିହାସ, ଭୂଗୋଳ, ବିଜ୍ଞାନ, ଗଣିତ, କାହାଣୀ, କବିତା, ଉପନ୍ୟାସ, ଦର୍ଶନ, ସାହିତ୍ୟ ପ୍ରଭାବରେ ଜାଗ୍ରତ ହୁଏ ଚେତନା । ଦୁନିଆ ସମ୍ପର୍କରେ ପାଠକର ଜିଜ୍ଞାସାର ଦୃଷ୍ଟିଭଙ୍ଗୀ ହୁଏ ସୁଦୃଢ଼ । ମଣିଷର ବନ୍ଧୁତାରେ ବିଶ୍ୱାସଘାତକତା ଥାଇପାରେ । କିନ୍ତୁ ଏକ ପୁସ୍ତକ ର ବନ୍ଧୁତ୍ୱ କରେ ମନୁଷ୍ୟକୁ ସୁଦୃଢ଼, ଏବଂ ପ୍ରଖର କରେ ମନୁଷ୍ୟର ଦୃଷ୍ଟିଭଙ୍ଗୀ ।

ଆଜି ବି ଯୁବା ବର୍ଗରେ ବହୁତ ଉତ୍ସାହ ଏବଂ ଉର୍ଜା ସହିତ ପୁସ୍ତକର ବ୍ୟବହାର ଏକ ଶୁଭଚିନ୍ତକ ରୂପରେ ଉଚିତ ମାର୍ଗଦର୍ଶକ ଭାବେ ଭବିଷ୍ୟ ବିକଶିତ ଦିଗରେ ଉନ୍ନତମାନର ପୁସ୍ତକ ଏକ ମହତ୍ତ୍ୱପୂର୍ଣ୍ଣ ରୂପ ଧାରଣ କରିଛି । ବ୍ୟକ୍ତିଗତ ଜୀବନର ବିକାଶ ସହିତ ଏକ ଦକ୍ଷ ଜ୍ଞାନୀ ମନୁଷ୍ୟ ପରି ଗଢି ତୋଳିବାରେ ପୁସ୍ତକ ସହାୟତା କରେ । ଜ୍ଞାନପ୍ରାପ୍ତି ସହିତ ପୁସ୍ତକ ଆମକୁ ପ୍ରେରଣା ମଧ୍ୟ ଦିଏ । ଦେଶ, ଦୁନିଆ ସହିତ ସମ୍ବ ସୂତ୍ର ବାନ୍ଧିରଖେ, ବିଭିନ୍ନ ଭାଷା ଓ ସଂସ୍କୃତିର ଲୋକଙ୍କ ସମ୍ପର୍କରେ ଆସିବାର ସୁଯୋଗ ମିଳେ । ବିଭିନ୍ନ ପାତ୍ରମାନଙ୍କୁ ପୁସ୍ତକରେ ପଢିବା ସମୟରେ ଆମେ ସେଥିରୁ ଏକ ବୋଲି ମନେହୁଏ । ମନୁଷ୍ୟର ଭାବନାତ୍ମକ ରଙ୍ଗର ବିବିଧତାପୂର୍ଣ୍ଣ ମିଶ୍ରଣ ଜ୍ଞାନର ସମ୍ବେଦନାରେ ଉତ୍ତରଣ କରି ବିଚାରାତ୍ମକ କ୍ଷେତ୍ରରେ ସାହାଯ୍ୟ କରେ ।

ପୁସ୍ତକ ମନୁଷ୍ୟ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏକ ଭଲ ମିତ୍ର ଏବଂ ଗୁରୁ ଭଳି ପୁସ୍ତକ ମହତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରେ । ଭର୍ତ୍ତୃହରିଙ୍କ ମତରେ ଏକ ବୁଦ୍ଧିମାନ ମନୁଷ୍ୟ ନିଜ ଖାଲି ସମୟକୁ ଅଧ୍ୟୟନ ଏବଂ ଶାସ୍ତ୍ର ଚର୍ଚ୍ଚାରେ ବ୍ୟତୀତ କରନ୍ତି । ଅଧ୍ୟୟନ, ଚିନ୍ତନ, ମନନ ଦ୍ୱାରା ମନୁଷ୍ୟର ଜ୍ଞାନର ଶକ୍ତି ପ୍ରଖର ହୁଏ ଯାହା ସମାଜର ବିକାଶ ସହିତ ସ୍ୱବିକାଶର ସର୍ବଦା ପ୍ରଭାବଶାଳୀ ଭୂମିକା ପ୍ରଦାନ କରେ ।

ଆଜିର ମାନବ ସଭ୍ୟତାର ବିକାଶ ମୂଳରେ ପୁସ୍ତକର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାଦ୍ୱାରା ଏକ ପୀଢିରୁ ଅନ୍ୟ ଏକ ପୀଢି ପର୍ଯ୍ୟନ୍ତ ଜ୍ଞାନ ପ୍ରସାରିତ ହୋଇ ସମଗ୍ର ଯୁଗରେ ବ୍ୟାପିଥାଏ । ପୁସ୍ତକ କୌଣସି ବିଚାର, ସଂସ୍କାର, ଭାବନାର ପ୍ରଚାର ସବୁଠାରୁ ଶକ୍ତିଶାଳୀ

ସାଧନ ଅଟେ । ତୁଳସୀ ଦାସଙ୍କ "ରାମଚରିତ ମାନସ" ତଥା ବ୍ୟାସଦେବ ରଚିତ "ମହାଭାରତ" ନିଜ ଯୁଗ ତଥା ଆଗାମୀ ଶତାବ୍ଦୀକୁ ପ୍ରଭାବିତ କରିଆସିଛି । "ଗୀତା" ରେ କୁହାଯାଇଛି "ଜ୍ଞାନ ବିନା ମୁକ୍ତି ସମ୍ଭବ ନୁହେଁ" । ଜ୍ଞାନ ପ୍ରାପ୍ତିର ମୁଖ୍ୟତଃ ଦୁଇଟି ମାର୍ଗ - ସତସଙ୍ଗତି, ସ୍ୱାଧ୍ୟାୟ । ତୁଳସୀ ଦାସଙ୍କ ମତରେ ସତସଙ୍ଗତି ହେଉଛି ବିବେକର ମାର୍ଗଦର୍ଶକ, ବିନା ସତସଙ୍ଗରେ ମନୁଷ୍ୟର ମାର୍ଗଦର୍ଶନ ଅସମ୍ଭବ । ମନୁଷ୍ୟ ଜୀବନରେ ପୁସ୍ତକ ଏକ ମାର୍ଗଦର୍ଶକ ରୂପରେ କାର୍ଯ୍ୟକରେ । ଜ୍ଞାନର ଭଣ୍ଡାର ପୁସ୍ତକ ଆଜିର ଯୁଗରେ ପ୍ରତ୍ୟେକ ଭାଷାରେ ବହୁ ପରିମାଣରେ ସାହିତ୍ୟ ଉପଲବ୍ଧ ହେଉଛି । ମନୁଷ୍ୟ ନିଜ କ୍ଷମତା ଅନୁସାରେ ପୁସ୍ତକ ଅଧ୍ୟୟନ କରି ଜ୍ଞାନର କ୍ଷେତ୍ରକୁ ବିକଶିତ କରିପାରେ ।

ପୁସ୍ତକ ଚରିତ୍ର ନିର୍ମାଣର ସର୍ବୋତ୍ତମ ସାଧନ ଅଟେ । ଉତ୍ତମ ବିଚାରଯୁକ୍ତ ପୁସ୍ତକ ଦ୍ୱାରା ଦେଶର ଯୁବା ଶକ୍ତିକୁ ସୁଦୃଢ କରିବା ସହିତ ଦେଶର ଅଖଣ୍ଡତା ରକ୍ଷା କରି ସବଳ ରାଷ୍ଟ୍ର ନିର୍ମାଣରେ ସହାୟତା କରାଯାଇପାରେ । ଉପଯୁକ୍ତ ବିଚାର, ପ୍ରେରଣାଦାୟକ କାହାଣୀଯୁକ୍ତ ପୁସ୍ତକରୁ ଦେଶରେ ଯୁବା ପୀଢିକୁ ନୂତନ ଦିଶା ଦେଖାଯାଇପାରେ । କୌଣସି ବ୍ୟକ୍ତିକୁ ଜୀବନରେ ସଫଳତା ମିଳିବା ଦିଗରେ ପୁସ୍ତକର ମହତ୍ୱପୂର୍ଣ୍ଣ ଭୂମିକା ଥାଏ । ରାମଚରିତ ମାନସ ଏକ କାହାଣୀ ସଂଗ୍ରହ ମାତ୍ର ନୁହେଁ, ଏଥିରେ ଦର୍ଶନ ସହିତ ଚରିତ୍ରନିର୍ମାଣ ହେତୁ ସମସ୍ତ ତତ୍ତ୍ୱ ଭରି ରହିଛି । ପଞ୍ଚତନ୍ତ୍ର ଭଳି ଗ୍ରନ୍ଥରୁ ଆମକୁ ବହୁତ ଶିକ୍ଷା ମିଳିଥାଏ । ଅନ୍ୟକୁ ସାହାଯ୍ୟ କରିବା, ଖରାପ ସଂଗତିର ଫଳ, ଏକତାର ମହତ୍ୱ, ପ୍ରତ୍ୟେକ ପ୍ରାଣୀର ମହତ୍ୱକୁ ବୁଝି ଆମେ ଜୀବନରେ କିଭଳି ଭଲ ମଣିଷ ହେବା ସହିତ ସଫଳ ଏବଂ ଖୁସୀ ଜୀବନଯାପନ କରିପାରିବା, ଏହିଭଳି ପୁସ୍ତକରୁ ଭୁଲ, ଠିକ୍ ବୁଝିବାର କ୍ଷମତା ବଢିବା ସହିତ ଜୀବନରେ କିଭଳି ସଫଳ ବ୍ୟକ୍ତି ବନିବାର ପ୍ରେରଣା ମିଳେ ଏବଂ କିଛି ଭଲ ଏବଂ କିଛି ବଡ କରିବାର ଇଚ୍ଛା ଜାଗ୍ରତ ହୁଏ ।


ମହାନ ବ୍ୟକ୍ତିର ଜୀବନୀ ଆମକୁ ମହାନ କର୍ମ କରିବାକୁ ପ୍ରେରଣା ଦିଏ । ଆମର ନୈତିକ ଚରିତ୍ର ନିର୍ମାଣରେ ସହାୟତା କରେ । ଆବ୍ରାହମ୍ ଲିଙ୍କନ୍ ଙ୍କୁ ପୁସ୍ତକ ପଢିବାରେ ବହୁତ ଆଗ୍ରହ ଥିଲା । କିନ୍ତୁ ସେ ପୁସ୍ତକ କିଣିବାରେ ସକ୍ଷମ ନଥିଲେ । ସେ ସବୁବେଳେ ବହି

ଅନ୍ୟଠାରୁ ଉଧାର କରି ପଢୁଥିଲେ । ସେ ଆମେରିକାର ରାଷ୍ଟ୍ରପତି ଜର୍ଜ ୱାସିଂଟନ୍ ଙ୍କ ଜୀବନୀରୁ ପ୍ରେରଣା ପାଇ ଆମେରିକାର ଅଧକ୍ଷ ବନିଯାଇଥିଲେ । ପୁସ୍ତକ ବିନା କୌଣସି ନୂତନ ବିପ୍ଲବ ସମ୍ଭବ ନୁହେଁ । ବିପ୍ଲବ ବିନା ସୁଦୃଢ ସମାଜ ସମ୍ଭବ ନୁହେଁ । ଇତିହାସ ପୁରୁଷ ଛତ୍ରପତି ଶିବାଜୀ, ତାଙ୍କର ମା ଜିଜାବାଇଙ୍କୁ ସର୍ବାଧିକ ଶ୍ରଦ୍ଧା ଆଉ ଭକ୍ତି କରୁଥିଲେ । ତାଙ୍କର ପ୍ରେରଣାତ୍ମକ କାହାଣୀ ଏବଂ ଆଶିର୍ବାଦ ଲାଭ କରି ସେ ବିଜୟୀ ବୀର ହୋଇପାରିଥିଲେ । ମହାତ୍ମା ଗାନ୍ଧୀ ସର୍ବଦା "ଗୀତା" ରୁ ପ୍ରେରଣା ଲାଭ କରୁଥିଲେ ।

ପୁସ୍ତକ ଜ୍ଞାନର ସ୍ରୋତ, ଆମର ମିତ୍ର, ଆମକୁ ଉପଦେଶ ଦିଏ, ଅନ୍ଧାରରେ ପ୍ରକାଶକୁ ପ୍ରକାଶରେ ଦେଖାଏ, ଆମକୁ ଜ୍ଞାନ ଦିଏ, ସ୍ମୃତି ଶକ୍ତି ବଢାଇବା ସହିତ ବୁଦ୍ଧିର ବିକାଶରେ ମଧ ସହାୟତା କରେ, ପୁସ୍ତକ ସର୍ବଦା ଅମର ରହେ, ମହାନ ଲେଖକଙ୍କର ବାଣୀ କେବେବି ନଷ୍ଟ ହୁଏନାହିଁ, କାଳକାଳକୁ ରହିଯାଏ ଚିରଞ୍ଜିବୀ ହୋଇ ପୁସ୍ତକର ଫର୍ଦ୍ଦରେ........

ଜୟ ଉତ୍କଳ, ଜୟ ଓଡିଶାବାସୀ

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୧୧ |
| ଦେବୀ | ଅନୁସୂୟା ମିଶ୍ର | ୨୦ |
| ଅଭିଳାଷ ର ଅବର୍ତ୍ତମାନ ରେ | ସିପ୍ରା ନାମତା ( ନମ୍ରତା) | ୨୨ |
| ଗଛ | ସୁବଳ ମହାପାତ୍ର | ୨୪ |
| ପ୍ରତୀକ୍ଷାର ଶେଷ ବିନ୍ଦୁ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୩ |
| କୁହେଳ | ସାଗରିକା ମହାନ୍ତି | ୩୫ |
| ଲେଉଟାଣି<br>ଏମିତି କେମିତି ହେଲା | ଡ.ସୌମ୍ୟ ରଞ୍ଜନ ମିଶ୍ର<br>ଶାନ୍ତିଲତା ମିଶ୍ର | ୩୬<br>୩୭ |
| ଓଜସ୍ୱୀ ଓଡ଼ିଆ ଭାଷା | ରାଜଶେଖର ସି. "ତମା" | ୪୯ |
| ବିରହିଣୀର କଥା ମୋ କଲମରେ | ସତ୍ୟବ୍ରତ ସାହୁ | ୫୧ |
| ଅଫେରା ବେଳ | ରାଜେଶ ପୂଜାରୀ | ୫୨ |
| କ୍ଷୁଦ୍ର ଗଳ୍ପ - ମାଉଖିଆ | ଶଶଧର ମହାପାତ୍ର | ୫୪ |
| ବିକାଶ ପଥେ! | ହିମାଂଶୁ ଭୂଷଣ ଜେନା | ୬୦ |
| ତୁମ ଗାଁ | ପ୍ରଶାନ୍ତ କୁମାର ନାଥ | ୬୨ |
| ମୁଁ ତ ମୋର ନୁହେଁ | ସୁସ୍ମିତା ମହାପାତ୍ର | ୬୩ |
| ଖଟା ମିଠା | ସୁଲୋଚନା ପଟ୍ଟନାୟକ | ୬୫ |
| ଜାତିବାଦ ଛାଡ଼ି ସରବେ ହସିବା<br>ଭାରତ ମାତାର କୋଳେ | ସନ୍ତୋଷ ପଟ୍ଟନାୟକ | ୭୨ |
| ପୂର୍ବରାଗ | ସନାତନ ମହାକୁଡ | ୭୪ |

| | | |
|---|---|---|
| ମୁଁ ଆଜି ବି ଆଶାବାଦୀ | କାର୍ତ୍ତିକ ପାଣିଗ୍ରାହି | ୭୫ |
| ବର୍ଷା ଆଉ ସେ | ପ୍ରକାଶ ସାହୁ | ୭୭ |
| ଝିଅ ଘିଅ | ଡକ୍ଟର ବିଜ୍ଞାନୀ ଦାସ | ୮୧ |
| ଆମ୍ଭର ଗଣିତ | ସ୍ମିତା ତ୍ରିପାଠୀ | ୯୧ |
| ଦରଦୀ କୃଷକ ବନ୍ଧୁ | ଅମ୍ବିକା ସ୍ୱାଇଁ | ୯୩ |
| ବୁଢା ଦେହୁରୀର କେତୋଟି କଥା ( ଶିମିଳପାଳ ଜଙ୍ଗଲ) | ଅଶୋକ ବିଶ୍ୱାଳ | ୯୫ |
| ଅଟଳ ବିହାରୀ | ଅନାମ ଚରଣ ସାହୁ | ୧୦୦ |
| ଅପରିଚିତା | ବିଭୁତି ରଞ୍ଜନ ପାଣିଗ୍ରାହୀ | ୧୦୨ |
| ଅଭିଯୋଗ | ଅଶୋକ କୁମାର ପଧାନ | ୧୦୪ |
| ଅସହିଷ୍ଣୁ | ପ୍ରତିଭା ପ୍ରିୟଦର୍ଶିନୀ | ୧୦୭ |
| ମୋ ସ୍କୁଲ ଅଭିଯାନ | ଶ୍ରୀ ଡମ୍ବରୁଧର ବାଗ | ୧୧୪ |
| ଅବକାଶ ନାହିଁ | ପ୍ରଶାନ୍ତ କୁମାର ନାଥ | ୧୧୬ |
| ବର୍ଷା | ଇଂ. ସାରଦା ପ୍ରସାଦ ପରିଡା | ୧୧୭ |
| ହାତ | ସୁଧାଂଶୁ ଦ୍ୱିବେଦୀ | ୧୧୯ |
| ଉଠ ଉଠ ରେ ବୀର ସନ୍ତାନ | ସାଗର ପ୍ରଧାନ | ୧୨୩ |
| ସାଥୀ | ହରେକ୍ରିଷ୍ଣ ପଣ୍ଡା | ୧୨୫ |
| ମନ ରେ ତିକ୍ତତାଭରିଗଲ୍ ପରେ | ପୁଷ୍ପିତା ଭୂୟାଁ | ୧୨୭ |
| ଗୁନର୍ ମହକ୍ | ଆଶୁତୋଷ ମେହେର | ୧୩୪ |
| ମାତୃଭୂମି | ସାତ୍ତ୍ୱିକ ବହିଦାର | ୧୩୫ |
| ଆଇ ଲଭ୍ ମାଇଁ ଭୁବନେଶ୍ୱର | ମଧୁଛନ୍ଦା ବେହେରା | ୧୩୭ |
| ଜୀବନର ମାନେ | ଅରୁଣ କୁମାର ପାତ୍ର | ୧୪୦ |
| ଜୀବନର୍ ଫିଲୋସଫି | ଦିନେଶ ମେହେର | ୧୪୨ |
| କ୍ଷୁଦ୍ରଗଳ୍ପ "ଧାନକଟା ଛୁଟି" | ବିନୟ ମହାପାତ୍ର | ୧୪୪ |
| ସହର ଜଳୁଛି | ଜୟପ୍ରକାଶ ଦୁରିଆ( ରମଣ) | ୧୫୧ |

| | | |
|---|---|---|
| ଯନ୍ତ୍ରଣା | କ୍ଷୀରୋଦିନୀ ବେହେରା ( ସ୍ୱପ୍ନା) | ୧୫୩ |
| ବର୍ଷା ତମେ ଆସ | ଜ୍ୟୋତିର୍ବିଦିତ୍ୟ ପୁଝାରୀ | ୧୫୫ |
| ଦୂରଭିସନ୍ଧି | ଆଶା ସାହୁ ( ଆରତୀ) | ୧୫୮ |
| ଖୋଜିବନ ମତେ ସାଥି | ପୂର୍ଣ୍ଣଚନ୍ଦ୍ର ରଣା | ୧୬୨ |
| ଏକାକୀ ମନେ | କବି ପ୍ରସାଦ | ୧୬୪ |
| ବର୍ଷାକାଳ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୬୫ |
| ଗୁପ୍ତ ଗମ୍ଭୀରି ଓ କାଠର କଠଉ | ପ୍ରିୟବ୍ରତ ପାତ୍ର | ୧୬୬ |
| ଗଜାନନ | ସୌମ୍ୟ ରଞ୍ଜନ ପାଲ | ୧୭୫ |
| ପ୍ରେମ ର ପରିଭାଷା | ସଚ୍ଚିଦା ନନ୍ଦ ବାରିକ | ୧୭୬ |
| ବୁଆ<br>ଦୁର୍ଘଟଣା | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)<br>ଅଶୋକ କୁମାର ସେଠୀ | ୧୭୯<br>୧୮୧ |
| ଆଗର ଲେଖେ ପ୍ୟାର୍ ନାଇଁ ହେବାର | ଫିରୋଜ କୁମାର ପଟେଲ | ୧୮୮ |
| ହାଟ | ସନ୍ତୋଷ କୁମାର ମହାନ୍ତି | ୧୯୦ |
| କୋଶଲ | ଭରତ ମେହେର | ୧୯୧ |
| ଅପ୍ରାୟଶ୍ଚିତ୍ତ ଅପରାଧ | ଶିଶିର କୁମାର | ୧୯୨ |
| ହୁଏତ ମୁଁ ହୋଇପାରେ | ଶୁଭସ୍ମିତା ବେହେରା | ୧୯୭ |
| ବେଶ୍ୟା | ସତ୍ୟବ୍ରତ ପ୍ରଧାନ | ୧୯୮ |
| ସ୍ୱପ୍ନ ସୁନ୍ଦରୀ | ସୁଦର୍ଶନ ସାହୁ | ୨୦୦ |
| ଛୋଟ ମୋର ନାଆଟି<br>( ଧାରାବାହିକ) | ପ୍ରଫେସର ଅନନ୍ତା ପଣ୍ଡା | ୨୦୧ |
| କରଡି<br>ଗାଁ ଭଲ ନା ସହର ଭଲ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ<br>ମୁକେଶ କୁମାର ଗହିର | ୨୦୭<br>୨୦୯ |
| ଈଶ୍ୱର | ନନ୍ଦନା ନାଗ | ୨୧୧ |
| ବୀର ପୁରୁଷ – “ଗୋପବନ୍ଧୁ” | ନୃସିଂହ ଚରଣ ବେହେରା | ୨୧୩ |
| ପ୍ରତିଶୃତି | ଖଗେଶ୍ୱର ବାଗ | ୨୧୬ |
| ବସ୍ତ୍ର ବ୍ୟବସାୟରେ ଜ୍ୟୋତିଷ ଶାସ୍ତ୍ର | ବାଲ୍ମୀକ ନାୟକ | ୨୧୮ |

| | | |
|---|---|---|
| ଏ ନଆଁ....ପ୍ରେମର | ଦିଲୀପ କୁମାର ମୋହାନ୍ତି | ୨୨୩ |
| ହାଡ - କଙ୍କାଳ | ଏମ୍. ବିଜୟ କୁମାର | ୨୨୪ |
| ପୁସ୍ତକ ପରିଚୟ | ବେଦାନ୍ତୀ ପରିବାର | ୨୨୫ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୨୭ |


# ଶିଶୁ ବିଭାଗ


| | | |
|---|---|---|
| ଭାରତ ମାଆର ଜୟହେଉ | ସତ୍ୟବ୍ରତ ସାହୁ | ୨୩୧ |
| ଦେହ ସିନା ସାନ ବଡ଼ ତାର ମନ | ପ୍ରଶାନ୍ତ କୁମାର ନାଥ | ୨୩୨ |
| ଆମ ଦେଶ ମହାନ | ପ୍ରେମଶିଲ୍ ରାଉତ | ୨୩୪ |
| କାହାକୁ ନମଣିବ ହୀନ | ବିଷ୍ଣୁପ୍ରିୟା ପୂଜାରୀ | ୨୩୬ |
| ଶୁଆ ପକ୍ଷୀ | ରାଜଶେଖର ସି "ଚମା" | ୨୩୮ |
| ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୩୯ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୪୦ |
| ଆପଣଙ୍କ ମତାମତ | | ୨୪୧ |

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଲେଖା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ । ଏହାକୁ ସଂଗ୍ରହ କରିବାକୁ ଲେଖକଙ୍କୁ ଲାଗିଥିଲା ଦୀର୍ଘ ୨୦ ବର୍ଷ । ଲେଖକ ତାଙ୍କର ଏହି ଅମୂଲ୍ୟ ପୁସ୍ତକଟିକୁ ବେଦାନ୍ତୀ ମାଧ୍ୟମରେ ଧାରାବାହିକ ହିସାବରେ ପ୍ରକାଶିତ କରିବା ପାଇଁ ରାଜି ହୋଇଥିବାରୁ ବେଦାନ୍ତୀ ପରିବାର ତରଫରୁ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କୁ ସାଧୁବାଦ ।)

- ଅରବିନ୍ଦ ମିଶ୍ର

**ପ୍ରଶ୍ନ - ୧ : ଏ ସୃଷ୍ଟି ଏକ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ପରିଚାଳିତ ହେଉଛି ବୋଲି ଆପଣ ଉପଲବ୍ଧି କରନ୍ତି କି? କାହିଁକି?**

- ଉତ୍ତର-

- ଏ ସୃଷ୍ଟି ଅଦୃଶ୍ୟ ଶକ୍ତି ଅର୍ଥାତ୍ ଦୈବୀଶକ୍ତି ଦ୍ୱାରା ପରିଚାଳିତ । ଏହା ନିଶ୍ଚିତ ଭାବେ ମୋ ଜୀବନରେ କେତେକ ଘଟଣାରୁ ସ୍ପଷ୍ଟ ଉପଲବ୍ଧି କରିପାରିଛି ।

[ ସ୍ୱର୍ଗତଃ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ହଁ, ସୃଷ୍ଟି ଏକ ପ୍ରକ୍ରିୟା, ଯାହାକି ଅନାଦି ଅନନ୍ତ କାଳରୁ ଚାଲୁଅଛି । ଏହା ନିରବଚ୍ଛିନ୍ନ ଭାବରେ କାଳାତୀତ ହୋଇ ଚାଲିବ । ପ୍ରତ୍ୟେକ ପ୍ରକ୍ରିୟାରେ ଯେପରି କର୍ତ୍ତା/ ପରିଚାଳକ ଅଛନ୍ତି, ସୃଷ୍ଟିର ସେହିପରି ସ୍ରଷ୍ଟା/ ପରିଚାଳକ/ କର୍ତ୍ତା ଅଛନ୍ତି । ପରିବାର, ସଂଗଠନ ଓ ସମାଜ ପାଇଁ ଯେପରି ସାଥୀ, ସାଙ୍ଗ, ସଂସାର ପାଇଁ

ସେପରି "ସର୍ବକାରଣ, କାରଣନଧାନ, ସର୍ବେସାର ମହାପ୍ରଭୁ ଅଟନ୍ତି ଆପଣ" (ବିଶ୍ୱନାଥ ବାବା) । ସତ୍ୟ, ସେ ସର୍ବସ୍ରଷ୍ଟା ଓ ସୃଷ୍ଟିର ପରିଗ୍ଳକ । ସେ ଏକ ଅଦୃଶ୍ୟ, ଅନନ୍ତ ଓ ଅନାଦି । ସେ ଚରନ୍ତନ ପ୍ରଭୁ ପରମାତ୍ମା, ମହାଶୂନ୍ୟ ବ୍ରହ୍ମ । ଅଦୃଶ୍ୟ ହୋଇଥିବାରୁ ସେ ମୂର୍ତ୍ତି, ବସ୍ତୁ, ଚନ୍ଦ୍ର ଆଦିରେ ପରିଲକ୍ଷିତ ନୁହନ୍ତି ।

[ ସ୍ୱର୍ଗତଃ ପ୍ରଫେସର ଶତ୍ରୁଘ୍ନ ନାଥ]

- ସୃଷ୍ଟି ଏକ ସୃଜନୀ ଶକ୍ତି ବା Creative Principle ଦ୍ୱାଗ୍ ନୟନ୍ତ୍ରିତ ହେଉଥିବାର ଅନୁଭବ କରେ- ଏହାକୁ ଯେଉଁ ନାମ ଦିଆଯାଉନା କାହିଁକ ।

[ ସ୍ୱର୍ଗତଃ ଡ. ସଚ୍ଚି ଗ୍ଉତଗ୍ୟ୍]

- ହଁ, କାରଣ ଅପ୍ରତ୍ୟାଶିତ ଘଟଣା ଘଟିଯାଏ; ଯାହା ନଶ୍ଚୟ ତାହାରି ଦ୍ୱାଗ୍ ପରିଗ୍ଳତ ହୁଏ । ତାହାହିଁ ଅଦୃଶ୍ୟ ଶକ୍ତିର ଇଙ୍ଗିତ ସୂଗ୍ଇଦିଏ ।

[ ସ୍ୱର୍ଗତଃ ଡ. ଶ୍ରୀଗ୍ମଚନ୍ଦ୍ର ଦାଶ]

- ହଁ, ଏ ସମ୍ପର୍କରେ ବହୁ ବର୍ଷ ଚନ୍ତା କରିଛି । ବହୁ ଅନୁଭୂତି ଅର୍ଜନ କରିଛି । ସାଧାରଣ ଗୋଟିଏ ଖେଳ ପାଇଁ ଯେତେବେଳେ ନୟମ ଅଛି, ଲକ୍ଷ ଲକ୍ଷ ଗ୍ରହ ନକ୍ଷତ୍ର ଏବଂ କୋଟି କୋଟି ଜୀବଜନ୍ତୁଙ୍କ ପାଇଁ କଛି ନୟମ ନାହିଁ ବୋଲି ଭ୍ବିବା ଅନୁଚତ । ତାହାହିଁ ଭଗବାନଙ୍କ ଇଙ୍ଗିତ ।

[ ସ୍ୱର୍ଗତଃ ଅଧାପକ ଗୌରୀ କୁମାର ବ୍ରହ୍ମା]

- ହଁ ଉପଲବ୍ଧି କରେ । ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତଠାରୁ ଆରମ୍ଭ କରି ଋତୁ ପରିବର୍ତ୍ତନ ଓ ମଣିଷ ଜୀବନର ସୃଷ୍ଟି ସହିତ ଅନ୍ୟ ସବୁ ଜୀବ ଓ ବୃକ୍ଷଲତା, ପର୍ବତ, ନଦୀ ପ୍ରଭୃତିର ସୃଷ୍ଟି ଓ ତାହାର ଚଳନ ଓ ପରିବର୍ତ୍ତନର ହେତୁ ।

[ ସ୍ୱର୍ଗତଃ ଜଷ୍ଟିସ୍ ନବକୁମାର ଦାସ]

- ଏକ ଅଦୃଶ୍ୟ ଐଶ୍ୱରିକ ଶକ୍ତି ଦ୍ୱାଗ୍ ପରିଗ୍ଳତ ବୋଲି ମୁଁ ବିଶ୍ୱାସ କରେ ନାହିଁ ।

[ ସ୍ୱର୍ଗତଃ ପ୍ରଫେସର ଗ୍ଧାନାଥ ରଥ]

- ହଁ, କାହିଁକର ଉତ୍ତର ଖୋଜି ପାଏନା- ଏହା କେବଳ ମୋର ବ୍ୟକ୍ତିଗତ ଉପଲବ୍ଧି।

[ ସ୍ୱର୍ଗତଃ ନାଟ୍ୟକାର ମନୋରଞ୍ଜନ ଦାସ]

- ସୃଷ୍ଟି ଏକ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ଗତି କରେ ବୋଲି ମୁଁ ଉପଲବ୍ଧି କରେ । କାରଣ ସମଗ୍ର ସୃଷ୍ଟି ପ୍ରକୃତି ଦ୍ୱାରା ହୋଇଥାଏ । ପ୍ରକୃତି ହେଉଛି ପ୍ରଭୁଙ୍କର ଅଚନ୍ତନୀୟ ଶକ୍ତି ବା ପରାଶକ୍ତି; ଯେ ଜଗତକୁ ଧାରଣ କରିଛି "ଯୟେଦଂ ଧାର୍ଯ୍ୟତେ ଜଗତ୍" ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଏହି ସୃଷ୍ଟି ଏକ ଅଦୃଶ୍ୟ/ ଦୃଶ୍ୟ ଶକ୍ତିର ଇଚ୍ଛା ଦ୍ୱାରା ପରିଚାଳିତ ହେଉଛି ।

[ ସ୍ୱର୍ଗତଃ ଅଧାପକ ଚିତ୍ତରଞ୍ଜନ ଦାସ]

- ହଁ, କାରଣ ନିତ୍ୟ ପ୍ରତ୍ୟହ ଅନୁଭୂତ ହେଉଥିବା ଅଥଚ ସମାଜ ବ୍ୟବସ୍ଥା ବହିର୍ଭୂତ ବୈଷମ୍ୟ, ଅନ୍ୟାୟ, ଅବିଚାର ଏବଂ ଅକାରଣ ଶୋକ ଦୁଃଖର ଅଳିକତାକୁ ମାନୁଷୀ ବୁଦ୍ଧି ଦ୍ୱାରା ସିଦ୍ଧ କରିବା ଅସମ୍ଭବ ବୋଲି ମୋର ମନେହୁଏ । କିନ୍ତୁ ଏହି ଶକ୍ତି ଚେତନ କି ଅଚେତନ, କେଉଁ ଅଲୌକିକ ବୁଦ୍ଧିଜ୍ଞାନ ସମ୍ବଳିତ ସତ୍ତା ଅଥବା ଅନ୍ଧ, ଏ ବିଷୟରେ ମୁଁ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିପାରି ନାହିଁ ।

[ ସ୍ୱର୍ଗତଃ କିଶୋରୀ ଚରଣ ଦାସ]

- ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ତତ୍ତ୍ୱ ସାମାନ୍ୟ ମନୁଷ୍ୟ ପକ୍ଷରେ ଜାଣିପାରିବା ଅସମ୍ଭବ ବୋଲି ମୋର ବିଶ୍ୱାସ । କୌଣସି ଏକ ପରମ ଶକ୍ତିର ପ୍ରଭାବ ବିନା ଅନିର୍ଦ୍ଦିଷ୍ଟ ସଂଖ୍ୟକ ନକ୍ଷତ୍ରର ସ୍ଥିତି ଓ ଗତି ସମ୍ଭବପର ନୁହେଁ । ସୃଷ୍ଟି, ସ୍ଥିତି ଓ ଲୟ ଇତ୍ୟାଦି ଏକ ମହାନ୍ ଅତିପ୍ରାକୃତ ଶକ୍ତିର ପରିପ୍ରକାଶ ମାତ୍ର ।

[ ସ୍ୱର୍ଗତଃ ଡ. ମନ୍ମଥ ନାଥ ଦାସ]

- ମୋର ବିଶ୍ୱାସ ଏ ସୃଷ୍ଟି ଏକ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ପରିଚାଳିତ ହେଉଛି । ଧର୍ମର ପ୍ରଭାବ ବ୍ୟତୀତ, ଏ ଧାରଣା ଜନ୍ମିବାର କାରଣ ହେଲା ଅନୁଭୂତିଗତ, ପ୍ରତି ପାଦରେ ଏ ଉପଲବ୍ଧି ଦୃଢ଼ ହୋଇଛି ।

[ ସ୍ୱର୍ଗତଃ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ହଁ, ତା' ମୋ ନିଜର ବିଶ୍ୱାସ । ସବୁକିଛି ବିଜ୍ଞାନ ବା ଯୁକ୍ତିବାଦ ଦ୍ୱାରା ବୁଝାଇବାକୁ ମୁଁ ଅସମର୍ଥ ।

[ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ]

- ଏ ସୃଷ୍ଟି ଏକ ଅଦୃଶ୍ୟ ଶକ୍ତି ଇଙ୍ଗିତରେ ପରିଚାଳିତ - ସନ୍ଦେହର ଅବକାଶ ନାହିଁ । ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ଗ୍ରହନକ୍ଷତ୍ର ପରିଚାଳିତ ନୁହନ୍ତି କି? ଋତୁର ପରିବର୍ତ୍ତନ ଏବଂ ପ୍ରକୃତିର ନିର୍ଦ୍ଦିଷ୍ଟ ରୂପ ପରିଗ୍ରହଣ କାହା ନିର୍ଦ୍ଦେଶରେ ହେଉଛି? ସୃଷ୍ଟି ରହସ୍ୟର ଅନ୍ତରାଳରେ ଅରୂପ ଶକ୍ତିର ଅବସ୍ଥାନ ଅନୁଭୂତ ହୋଇଥାଏ ।

[ ସ୍ୱର୍ଗତଃ ପ୍ରଫେସର ପଠାଣି ପଟ୍ଟନାୟକ]

- ହଁ, ସମସ୍ତ ବିପରୀତ ଯୁକ୍ତି ତିଷ୍ଠି ନ ପାରିବାରୁ ।

[ ସ୍ୱର୍ଗତଃ ଡ. ଲିଙ୍ଗରାଜ ଶତପଥୀ]

- ହଁ, କାରଣ ସମାନ ପରିବେଶ, ସମାନ ସ୍ଥିତି ବା ସମାନ ଅବସ୍ଥାରେ ଏଭଳି ବୈଚିତ୍ର୍ୟ ପରିଲକ୍ଷିତ ହୁଅନ୍ତା ନାହିଁ ।

[ ସ୍ୱର୍ଗତଃ ହରିହର ବାହିନୀପତି]

- ଏ ସୃଷ୍ଟି ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚାଳିତ ହେଉଛି । ସେ ହେଉଛନ୍ତି ସର୍ବଶକ୍ତିମାନ୍ ଈଶ୍ୱର । ଏହା କାହାରି ଉପଲବ୍ଧିସାପେକ୍ଷ ନୁହେଁ । ଏହା ଶାସନାନୁମୋଦିତ ଅକାଟ୍ୟ ସିଦ୍ଧାନ୍ତ । ଉପଲବ୍ଧିରେ ତାରତମ୍ୟ ଅବଶ୍ୟମ୍ଭାବୀ । ସୃଷ୍ଟି ଥିଲେ ସ୍ରଷ୍ଟା ତ ନିଶ୍ଚୟ ରହିବ - ଘଟ ଥିଲେ ଘଟକାର ରହିବା ଭଳି ।

[ ସ୍ୱର୍ଗତଃ ପଣ୍ଡିତ ଗଙ୍ଗାଧର ଷଡ଼ଙ୍ଗୀ]

- ହଁ, କାରଣ ଏ ପୃଥିବୀରେ ଦୃଶ୍ୟ, ଅଦୃଶ୍ୟ ଓ ଯାହା କେବେ ଦୃଶ୍ୟ ହୋଇପାରିବ ନାହିଁ, ଏଭଳି ତିନୋଟି ସ୍ଥିତି ପରସ୍ପର ସହ ଲାଗି ରହିଛନ୍ତି – Known, Unknown and Unknownable । ମନୁଷ୍ୟର ଜ୍ଞାନ ଏହି ଦୃଶ୍ୟ ବା Known ଘେନି ଚାଲୁଛି ।ଯେତେ ଜାଣିଲେ ବି ଆହୁରି ଜାଣିବାକୁ ଅଛି । ଏହା ଆମକୁ Unknown (ଅଜ୍ଞାତ) ସହିତ ପରିଚିତ କରିଦିଏ । କିନ୍ତୁ Unknownable (ଅଜ୍ଞେୟ) କୁ ସ୍ୱୀକାର କରିବାକୁ

ପଡ଼ିଥାଏ। ତେଣୁ ଜ୍ଞାତ ( ଦୃଶ୍ୟ), ଅଜ୍ଞାତ ( ଅଦୃଶ୍ୟ), ଅଜ୍ଞେୟ ( ଅଦର୍ଶନୀୟ) ର ପ୍ରଭାବରେ ଏ ସୃଷ୍ଟି ପରିଚାଳିତ ହେଉଛି । ଏହା ମୋର ଉପଲବ୍ଧି ।

[ ସ୍ୱର୍ଗତଃ ପ୍ରଫେସର ହୃଦାନନ୍ଦ ରାୟ]

- ହଁ, ମଣିଷ ଯେପରି ସୃଷ୍ଟି ହୋଇଛି ସେହିପରି ଏ ସୃଷ୍ଟି ବା ଜଗତର ଜଣେ ସ୍ରଷ୍ଟା ଅଛନ୍ତି । ତାଙ୍କରି ଦ୍ୱାରା ସବୁକିଛି ପରିଚାଳିତ ହେଉଛି ବୋଲି ମୁଁ ବିଶ୍ୱାସ କରେ ।

[ ସ୍ୱର୍ଗତଃ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ମୁଁ କରେ ନାହିଁ ।

[ ସ୍ୱର୍ଗତଃ ଗିରିଜା ଭୂଷଣ ପଟ୍ଟନାୟକ]

- ସ୍ରଷ୍ଟା ନ ଥାଇ ସୃଷ୍ଟି ସମ୍ଭବ ନୁହେଁ । ସୃଷ୍ଟିରେ ସର୍ବତ୍ର ଅଲଂଘନୀୟ ନିୟମ ଦୃଷ୍ଟିଗୋଚର ହୁଏ । ନିୟମର ପରିଚାଳନା ପାଇଁ ନିୟାମକ ଆବଶ୍ୟକ । ପୁଣି ସୃଷ୍ଟିର ପ୍ରତ୍ୟେକ ଛୋଟବଡ଼ ପଦାର୍ଥର ପ୍ରୟୋଜନ ଓ ଉଦ୍ଦେଶ୍ୟ ରହିଛି । ନିୟମ ଓ ଉଦ୍ଦେଶ୍ୟର ବିଦ୍ୟମାନତା ଯୋଗୁଁ ସ୍ରଷ୍ଟାଙ୍କ ଅସ୍ତିତ୍ୱ ଅପରିହାର୍ଯ୍ୟ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ଅଦୃଶ୍ୟ ଶକ୍ତି ହିଁ ବ୍ରହ୍ମ, ଯାହା ସଚରାଚର ପରିବ୍ୟାପ୍ତ । ସକଳ ଘଟେ ନାରାୟଣ, ବସନ୍ତି ଅନାଦି କାରଣ । ଏଇ ଅଦୃଶ୍ୟ ଶକ୍ତିକୁ ଭଗବାନ ବା ଈଶ୍ୱର ମଧ୍ୟ ଅନେକେ କହନ୍ତି । ସୃଷ୍ଟି ପରିଚାଳନାରେ ଈଶ୍ୱରଙ୍କର ପ୍ରଚ୍ଛନ୍ନ ହାତ ସବୁବେଳେ ଅଦୃଶ୍ୟ ନୁହେଁ, ତାହା ଅଧିକାଂଶ ସମୟରେ ଦୃଶ୍ୟମାନ । କାର୍ଯ୍ୟ କାରଣ ସହିତ ସେ ଶକ୍ତି ସର୍ବଦା ସମ୍ପୃକ୍ତ । ଅନେକ ସମୟରେ କାରଣ ବୁଝିହୁଏନା । ବୁଝିଲେ ଅଦୃଶ୍ୟ ଦୃଶ୍ୟମାନ ହୁଏ ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ହଁ, ମଣିଷର ଅସହାୟତା, ମଣିଷ ବହୁ ଶକ୍ତିର ଅଧିକାରୀ ହୋଇ ମଧ୍ୟ ସେଇ ଅଦୃଶ୍ୟ ଶକ୍ତିର କରଣୀ ପାଖରେ ଅସହାୟ ହୋଇପଡ଼େ ।

[ ଡ. ରେଖା ମହାନ୍ତି]

- ହଁ... ସବୁ ଘଟଣାର ବୈଜ୍ଞାନିକ ଉତ୍ତର ମିଳପାରୁ ନାହିଁ ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ପ୍ରଥମ ଭାଗର ଉତ୍ତର - ଅବଶ୍ୟ ।

ଦ୍ୱିତୀୟ ଭାଗର ଉତ୍ତର - ଏହା ମୋର ଗଭୀର ହୃଦୟ-ଜଗତର ଉପଲବ୍ଧି । କୌଣସି ମାନସିକ କାରଣ ଖୋଜିବା ବୃଥା । ତଥାପି ଏଇ 'କାହିଁକି' ପ୍ରଶ୍ନର ଏକ ବଳିଷ୍ଠ ଉତ୍ତର ହେଉଛି ଏହା ସଚ୍ଚିଦାନନ୍ଦଙ୍କର ଲୀଳା ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ହଁ, ନିଶ୍ଚିତ ଭାବରେ ହଁ । ମୋ ଜୀବନରେ ଏପରି ଅନେକ ଅନୁଭୂତି ହୋଇଛି, ଯାହାକୁ 'ଅଦୃଶ୍ୟ ଶକ୍ତି' ବିନା ଆଉ କୌଣସି ଉପାୟରେ ବୁଝି ବା ବୁଝାଇ ହେବନାହିଁ ।

[ ସ୍ୱର୍ଗତଃ ଡାକ୍ତର କବିପ୍ରସାଦ ମିଶ୍ର]

- ଉପଲବ୍ଧି ଏପର୍ଯ୍ୟନ୍ତ କରିନାହିଁ । ଉପଲବ୍ଧି କରିବା ଲୋକଙ୍କର ସଂଖ୍ୟା କୋଟିକରେ ଗୋଟିଏ ବି ହେବନାହିଁ ।

[ ସ୍ୱର୍ଗତଃ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ସମଗ୍ର ସୃଷ୍ଟି ସ୍ରଷ୍ଟାର ନିୟମ ଓ ଶୃଙ୍ଖଳା ମଧ୍ୟରେ ପରିଚାଳିତ । ଏହି ସମତା ଓ ନୀତିର ବିରୋଧ ଘଟିଲେ ସୃଷ୍ଟିରେ ବିପର୍ଯ୍ୟୟ ଦେଖାଦେଇଥାଏ । ଆକାଶରେ ଗ୍ରହ ନକ୍ଷତ୍ରର ଅବସ୍ଥାନ, ଋତୁଚକ୍ରର ପରିବର୍ତ୍ତନ, ସୂର୍ଯ୍ୟଙ୍କର ଉଦୟ ଅସ୍ତ ଫଳରେ ଦିବାରାତ୍ରର ସୃଷ୍ଟି, ଭୂପୃଷ୍ଠର ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ, ପ୍ରକୃତିର ରୁଦ୍ରସୁନ୍ଦର ଦୃଶ୍ୟ ଏବଂ ବିଶାଳ ପୃଥିବୀକୁ ଘେରି ରହିଥିବା ସମୁଦ୍ରର ନୀଳ-ଜଳରାଶି ସବୁକିଛି ଅଦୃଶ୍ୟ ଶକ୍ତିର ଫଳସ୍ୱରୂପ । ନିୟତିର ଆଦର୍ଶାନୁସରଣରେ ଟିକିଏ ବ୍ୟତିକ୍ରମ ହେଲେ ଏ ସୃଷ୍ଟି ଘଡ଼ିକେ ଉଚ୍ଛନ୍ନ ହୋଇଯିବ । ତେଣୁ ମନେହୁଏ, ଜଗତର ପ୍ରତ୍ୟେକ ବସ୍ତୁ ନିଜ ନିଜର ନିର୍ଦ୍ଦିଷ୍ଟ ସୀମାରେଖା ଭିତରେ ରହି ଅଦୃଶ୍ୟ ଶକ୍ତିର ଇଚ୍ଛାକୁ ପରି ପୂର୍ଣ୍ଣ କରୁଛନ୍ତି ।

[ ଅଧ୍ୟାପକ ଡ. ରତ୍ନାକର ସାହୁ]

- ନୁହେଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ନା... ମଣିଷ ମଣିଷ ଭିତରେ ଆର୍ଥିକ ଓ ସାମାଜିକ ପାର୍ଥକ୍ୟ, ଜନ୍ମଗତ ରୋଗ ଯନ୍ତ୍ରଣାର ବିଭିନ୍ନ ଦିଗ ଏହାର ମୂକସାକ୍ଷୀ ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ସୃଷ୍ଟିକୁ ଆମେ ଦେଖୁଛୁ, ତେଣୁ ଏହାର ସ୍ରଷ୍ଟା ନିଶ୍ଚିତ ଅଛନ୍ତି । ଯେତେବେଳେ ଗଛଟିଏ ଦେଖୁଛୁ ତା'ର ମଞ୍ଜି ନିଶ୍ଚୟ ଥିବ । ଯେତେବେଳେ ମଞ୍ଜି ଅଛି, ତା'ର ସ୍ରଷ୍ଟା ନିଶ୍ଚୟ କେହି ଥିବେ । ଯଦି ସେ ଆମକୁ ଦୃଶ୍ୟମାନ ନ ହେଉଥାଆନ୍ତି ତେବେ ସେ ଅଦୃଶ୍ୟ । ଯେପରି ବାୟୁକୁ ଦେଖିବା ସହଜ ନୁହେଁ, ମାତ୍ର ଗଛପତ୍ର ଦୋହଲିଲେ ଆମେ ବାୟୁକୁ ଅନୁଭବ କରିପାରୁଛୁ, ଫଳତଃ ସୃଷ୍ଟି ଯେତେବେଳେ ଅଛି, ସ୍ରଷ୍ଟା ନିଶ୍ଚିତ ଅଛନ୍ତି । କାରଣ ଅଦୃଶ୍ୟ ହେଲେ ମଧ୍ୟ ବାୟୁର ସ୍ଥିତି ସୁସ୍ପଷ୍ଟ । ଯୋଗୀ ବା ସାଧକ ତାଙ୍କୁ ଦେଖିପାରିଛନ୍ତି, ଅନୁଭବ କରିପାରିଛନ୍ତି ଏବଂ ଆମେ ମଧ୍ୟ ସେହି ମାର୍ଗରେ ଗଲେ ସେହି ଅଦୃଶ୍ୟ ଶକ୍ତିକୁ ଜାଣିବା ଅସମ୍ଭବ ନୁହେଁ ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ହଁ । ଶକ୍ତି ହିଁ ଅଦୃଶ୍ୟ । ଦୃଶ୍ୟମାନକୁ ପରିଚାଳିତ କରୁଥାଏ ନେପଥ୍ୟରେ ଥିବା ଅଦୃଶ୍ୟ । ଅରୂପ ହିଁ ରୂପ ପ୍ରଦାନ କରିଥାଏ ଦୃଶ୍ୟମାନକୁ । ଏହା ମୋର ନିଜସ୍ୱ ଉପଲବ୍ଧି । ସକଳ ସୃଷ୍ଟି ସ୍ରଷ୍ଟାର ଇଙ୍ଗିତରେ ପରିଚାଳିତ । ମୋତେ ଯିଏ ସୃଷ୍ଟି କରିଛି, ସେଇ ଅସୀମ ସ୍ରଷ୍ଟା ମୋ ଭିତରେ ରହି ମୋତେ ହିଁ ଚଳେଇଛି । ଏହା ଧ୍ରୁବ ସତ୍ୟ ।

[ ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ହଁ, କାରଣ ସୃଷ୍ଟିରେ ଏପରି କୌଣସି ବ୍ୟକ୍ତି ନାହାନ୍ତି ଯିଏ ସ୍ରଷ୍ଟାଙ୍କଠାରୁ ସୃଷ୍ଟି ହେଉନାହାନ୍ତି । ସ୍ୱୟଂ ସ୍ରଷ୍ଟା ମଧ୍ୟ ନିଜକୁ ସୃଷ୍ଟି କରିଅଛନ୍ତି ଓ ତାଙ୍କରି ନିର୍ଦ୍ଦେଶରେ

ପରିଚ୍ଛଳତ ହେଉଛନ୍ତି । ନଶ୍ୱାସକୁ ବିଶ୍ୱାସ ଅଛି କ? ଗୀତାରେ ଅଛି ପର୍
"ତଦାତ୍ମାନଂ ସୃଜାମ୍ୟହମ୍" ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ହଁ, ପ୍ରକୃତିର ନୟମଗୁଡ଼ିକ ଦେଖିଲେ ଏହା ଜାଣିହୁଏ । ଠିକ୍ ସମୟରେ ସୂର୍ଯ୍ୟର ଉଦୟ ଅସ୍ତ, ଦିବା ଗ୍ରିତ୍ରି ହେବା ତଥା ସୌରଜଗତ, ସୁନ୍ଦର ପୃଥିବୀ, ଆକାଶ, ସମୁଦ୍ର, ପାହାଡ଼ ପର୍ବତ ନରୀକ୍ଷଣ କଲେ ଆମେ ଜାଣିପାରୁ ମଣିଷଠାରୁ ଆହୁରି ବଡ଼ ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ଏସବୁ ନର୍ମିତ ଓ ପରିଚ୍ଳଳତ ।

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ହଁ, ମୁଁ ଉପଲବ୍ଧି କରେ, କାରଣ ସୃଷ୍ଟି ଏକ ନର୍ଦ୍ଧାରିତ ନୟମ ଅନୁସାରେ ପରିଚ୍ଛଳତ । ଏହି ନୟମ ଏକ ବୁଦ୍ଧି ସମ୍ପନ୍ନ ଶକ୍ତିର ଇଙ୍ଗିତରେ ପରିଚ୍ଳଳତ । ସୁତରାଂ ସୃଷ୍ଟିର ନୟମରେ ସାଧାରଣତଃ ପରିବର୍ତ୍ତନ ଦେଖାଯାଏ ନାହିଁ । ସକଳ ସୃଷ୍ଟି ମଧ୍ୟରେ ରହିଛି ସମନ୍ୱୟ । ଏହି ସମନ୍ୱୟର ଅନ୍ତରାଳରେ ସେହି ବୁଦ୍ଧି ସମ୍ପନ୍ନ ଶକ୍ତିର ଅଦୃଶ୍ୟ ହସ୍ତ ରହିଛି । ଏହି ବୁଦ୍ଧି ସମ୍ପନ୍ନ ଶକ୍ତିକୁ ଭଗବାନ କୁହାଯାଏ ।

[ ଡ. ଲୁଇ ସଭ୍ୟସୁନ୍ଦର, କାଥଲିକ୍]

- ପ୍ରତ୍ୟେକ ଚଳପ୍ରଚଳ କ୍ରିୟା କେବଳ ଶକ୍ତିର ମାଧ୍ୟମରେ ସମ୍ଭବ ହୁଏ । ଶକ୍ତିର ଅଭାବ ଥିଲେ ଅଚଳ ଅବସ୍ଥା ଜାତ ହୁଏ । ବିଶ୍ୱ-ବ୍ରହ୍ମାଣ୍ଡ ସୃଷ୍ଟିର ମୂଳନୀତି ହେଲା କ୍ରମବିକାଶ, ବିସ୍ତାର ଓ ଅଗ୍ରସର ହେବା । ଏ ସମସ୍ତ ସକ୍ରିୟତା କେବଳ ଶକ୍ତିର ଅସ୍ତିତ୍ୱରୁ ହୋଇପାରୁଛି । ଏହି ଶକତି ମାନବ ଦୃଷ୍ଟିର ବହିର୍ଭୂତ । ସୁତରାଂ ସୃଷ୍ଟି ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚ୍ଳଳତ ହେଉଅଛି ।

[ ସ୍ୱର୍ଗତଃ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

- ଏ ସୃଷ୍ଟି ଏକ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ପରିଚ୍ଳଳତ ହେଉଅଛି ବୋଲି ମୋଟ ୩୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ୩୨ ଜଣ ବିଭିନ୍ନ ପ୍ରକାରେ ଉପଲବ୍ଧି କରିଛନ୍ତି ବୋଲି ପ୍ରକାଶ କରିଥିବାବେଳେ ମାତ୍ର ୫ ଜଣ ଭିନ୍ନ ଅର୍ଥରେ ଉପଲବ୍ଧି କରିଛନ୍ତି । ବିଶିଷ୍ଟ କବି ସଚ୍ଚି ରାଉତରାୟ 'ଏ ସୃଷ୍ଟି ଏକ ସୃଜନୀ ଶକ୍ତି' ବା Creative Principle ଦ୍ୱାରା

ନିୟନ୍ତ୍ରିତ ହେଉଥିବା ଅନୁଭବ କରିଛନ୍ତି । ସେହିଭଳି ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ରାଧାନାଥ ରଥ, ୟୁନିଭର୍ସର ସମ୍ପାଦକ ଗିରିଜା ଭୂଷଣ ପଟ୍ଟନାୟକ, ସାହିତ୍ୟିକ ଓ ପୂର୍ବତନ ସାଂସଦ ଅନାଦି ସାହୁ ଓ ଡାକ୍ତର ନିରଞ୍ଜନ ତ୍ରିପାଠୀ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ଏ ସୃଷ୍ଟି ପରିଚାଳିତ ହେବା ବିଷୟକୁ ଅସ୍ୱୀକାର କରିଛନ୍ତି ।

ମୋ ମତରେ ହଁ ପୁଣି ନା । ସାଧାରଣ ମଣିଷ ପକ୍ଷେ ଏହା ଉପଲବ୍ଧି ହୋଇହୁଏ ନାହିଁ । କେତେକ ଏ ଦିଗରେ ଭିନ୍ନ ମତ ପୋଷଣ କରିଥାଆନ୍ତି । ବ୍ୟକ୍ତିଙ୍କୁ ବ୍ୟକ୍ତି ଭିନ୍ନ ଭିନ୍ନ ଚିନ୍ତା ବା ଅନୁଭବ କରିଥାନ୍ତି । କେଉଁଠି ସତ୍ୟ ଅସତ୍ୟ ନିରୂପଣ କରିବା ସହଜ ନୁହେଁ । ତେଣୁ ବିଶ୍ୱାସ ପୁଣି ଅବିଶ୍ୱାସ ଦୋ- ଛକରେ ମାନବ ସମାଜ ଗତି କରିବାକୁ ବାଧ୍ୟ ହୋଇଥାଏ । ବିଶେଷକରି ଅଧିକାଂଶ ଲୋକେ ପୁଅ ଝିଅମାନଙ୍କ ବିବାହ ସମୟରେ ପୁତ୍ର- କନ୍ୟାମାନଙ୍କର ଜାତକ ମେଳ କରିଥାନ୍ତି । ଏହା ଅନ୍ଧବିଶ୍ୱାସ ନୁହେଁ କି?

[ ଲେଖକ]

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା
ଦୂରଭାଷ – 9861145687



# ଦେବୀ



ଅନୁସୂୟା ମିଶ୍ର

କେଇ ବିଡ଼ା କୁଟା ଉପରେ
ମାଟି ମେଞ୍ଚେ ନେସି
ରକ୍ତମାଂସର ସମସ୍ତ ସ୍ୱାଭିବିକତାକୁ
କବର ଦେଇ ଦେଲା ପରେ
ଏବେ ଆଉ କାହିଁ କୁହ...
"ଦେବୀ, ତୁ ମାନବୀ ହେଇ ଯା' "

ଏବେ ତ ଦେହଘଷା ହେଇଗଲାଣି ମୋର
ଘଣ୍ଟଘଣ୍ଟାର ଧ୍ୱନ ଭିତରେ
ମନର ଅଝଟ ସବୁକୁ
ନିଃଶବ୍ଦ କରିଦେବା,
ଶାଢ଼ୀ ଗହଣାର
ମହଣ ମହଣ ଆଭରଣ ତଳେ
ସ୍ନେହର ସ୍ପର୍ଶରେ ବି
ଶିହରିତ ନ ହେବା,
ଝୁଣା କର୍ପୂରର
ବାସ୍ନାୟିତ ବହଳତାରେ
ଇନ୍ଦ୍ରିୟସବୁକୁ ନିଷ୍ପ୍ରଭ କରିଦେବା ।

ଆସ୍ଥାନର ଜଡ଼ତାରେ
ଅସ୍ମିତାକୁ ମୋର
ବନ୍ଦୀ କରିଦେଲା ପରେ

କାହିଁକ ବା ଆଶା କର
ପୋଛିଦିଅନ୍ତି ମୁଁ
ଅନ୍ତଃକରଣରୁ ମୋର
ଦେବୀତ୍ୱର ସକଳ ଆଧାର,
ଫିଙ୍ଗିଦିଅନ୍ତି ମହନୀୟତାର ପ୍ରତିବନ୍ଧ ଯେତେ,
ଯେତେ ପୂଜା ଉପଗ୍ଚର,
ଧାଇଁଆସନ୍ତି
ମଣ୍ଡପର ମହାର୍ଘତାକୁ ଟପି,
ଆଦରି ନଅନ୍ତି
ତୁମ ଆସକ୍ତିର ଅଭିସାର !



ମୁଁ ଯେ ଦେବୀ,
ଲକ୍ଷ୍ୟଟିଏ, ତୁମ ମନ୍ତ୍ରର
ଉପଲକ୍ଷ୍ୟ ନୁହଁ
ବିମୁଗ୍ଧ ତୁମ ଆମନ୍ତ୍ରଣର,
କ୍ରୀଡ଼ନକଟିଏ ନୁହଁ
ତୁମ ଇଚ୍ଛା ବା ଅନିଚ୍ଛାର ।
ତୁମରି ହିଁ ହାତଗଢ଼ା ମୃଣ୍ମୟତାରେ
ବନ୍ଧା ମୋ ସମଗ୍ର ସତ୍ତା
ପୂର୍ଣାହୁତି ପର୍ଯ୍ୟନ୍ତ...
ଏଇ ପାର୍ବଣର
ବିସର୍ଜନ ପର୍ଯ୍ୟନ୍ତ...
ଏକ ଦେହାତୀତ ଚେତନାର
ଆରୋପଣ ପର୍ଯ୍ୟନ୍ତ...
କଛି ସ୍ପନ୍ଦନ, କଛି ଆଶା ଓ ଆକାଂକ୍ଷାର ।

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

# ଅଭିଳାଷ ର ଅବର୍ତ୍ତମାନ ରେ



ସିପ୍ରା ନାମତା ( ନମ୍ରତା)

ଭିଜା ଆଖିର,  ପଲକ ତଳେ,
ଅଭିମାନ ଗୁହାଣୀ,
ଅକୁହା ବାରତା ତୁମ ଗୁପିଦିଏ,
ମୌସୁମୀ ର ଲୁହ,
ଆମ୍ଭ ତୃପ୍ତି ପାଇବାରେ ,
ସନ୍ନିହାନ ତୁମ ମୁଖ ଦରପଣୀ,
ସ୍ପର୍ଦ୍ଧା ଲଜ୍ଜା କରେ ସ୍ମୃତି ରେ,
ଜଡାଇବାକୁ ହୃଦୟ ର କୋହ ||

ଟିପି ଟିପି ବର୍ଷା ପାଣି ଭରିଦିଏ,
ଶାନ୍ତ୍ୱନା ର ସ୍ୱର ହୃଦୟରେ,
ଆଖିର ଆଖିଏ ଶୂନ୍ୟତା
କନ୍ତ ଚରିଦିଏ ମନ ଆଉ ପ୍ରାଣ,
ବିରହ ବେଦନା ର ମୁହୂର୍ତ୍ତ ରେ
ଆରମ୍ଭ ରୁ ଶେଷ ସୀମା,
ଥିଲେ ଥାଉ,
ଆକାଶ ଟା କନ୍ତ
ଧୂମ୍ର କୁଣ୍ଡଳୀରେ ଆଚ୍ଛନ୍ନ ।।

ମାୟା ମାନେ ସୃଷ୍ଟି ର ଆଦି ଅନ୍ତେ ,
ବିରାଜିତ ସକଳ ପଦାର୍ଥେ,
ଗତିଶୀଳ ମନ ର ଚକ୍ଷୁରେ
ତ୍ରିଭୁବନ ବିଜୟ ର ଆକାଂକ୍ଷା,
ସଦା କ୍ଷୁବ୍ଧ କରେ ଅସ୍ତିତ୍ୱ ଜୀବନେ,
ଏବେ ତ ଗବାକ୍ଷ ଉନ୍ମୁକ୍ତ ହୁଏ
ଘଟଣା, ଦୁର୍ଘଟଣା ର ଅବସାନ ପରେ ,
ବାଦଲ ର ଧୁଆଁ ରେ ( ଖାଲି ) ଜୀଇଁବାର ପ୍ରତୀକ୍ଷା ।।
ପ୍ରତି ଶ୍ୱାସ ବାୟୁ ତୁମ ଚତୁର୍ଦ୍ଦିଗେ,
ଆଚ୍ଛାଦିତ ଛଳନା ର ବର୍ମ ତଳେ,
ଅହଂ ର ଜ୍ୱଳନ୍ତ ଅଗ୍ନି ରେ ଲେଲିହାନ,
ଶିଖା ର ଲହ ଲହ ଅବୋଶୋଷ,
ଷଠୀଘର ଠାରୁ ଶେଷ ଜୁଇ ଡାକେ,
ମୋକ୍ଷ ଲାଭ କରିବାକୁ ନଶ୍ୱର ଶରୀରେ,
ଆତ୍ମାହୂତି ଦେବାପାଇଁ ନିର୍ବାଣ ପଥରେ,
ଅବସାଦ ଅଲୋଡା ଯେ ଇପ୍ସିତ ଅଭିଳାଷ ।।
ସବୁତକ ମୋହ ବୋହିଯାଉ ଲୁହରେ,
ତୁମ ଅବର୍ତ୍ତମାନ ରେ ମୂଲ୍ୟ ନାହିଁ ତା'ର,
ଆଃ ସ୍ମୃତି କପାଟ ରେ ଅହଂ ର ସ୍ୱର,
ଉଦ୍ଦାତ୍ତ, ଚପଳ ପ୍ରତିଶୋଧ ବନହିଁ ଜଳେ,
ଆକାଶ ଟା ଲୁହ ଭର୍ତ୍ତି ଥମ ଥମ ଦିଶେ,
ବିଜୁଳୀ ରଥରେ ବସି ସ୍ୱର୍ଗ ଅଭିମୁଖେ,
ମେଘକନ୍ୟା ତୁମେ ! ଯାଇପାର, ହେଲେ,
ମୋ ଦେହେ ଅଜସ୍ର ପାପ, ପୁଣ୍ୟ ନାହିଁ ତିଳେ



ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

# ଗଛ



ସୁବଳ ମହାପାତ୍ର

"ଆରେ ରହ, ବୁଢା ସୁକୁ ସୁକୁ କଲାଣି। ଆଉ ଦଶ ପନ୍ଦର ମିନଟ ମାତ୍ର। ଏମିତି ତ ଘଣ୍ଟେ ଅପେକ୍ଷା କଲୁଣି, ଆଉ କଛି ସମୟ କୁ ଏମିତି କଣ ହଉଛୁ? କାଠ ଅଣା ସରିଛି। ବାକି ଯୋଗାଡ ଯନ୍ତ୍ର ବି ସରିଛି। ଆମେ ସବୁ ଶୁଖିଲା କାଠ କ୍ଲବ ଘରେ ରଖିଛୁ। ନହେଲେ ଏ ବର୍ଷା ରେ ମଡ଼ା ପୋଡିବାକୁ ଶୁଖିଲା କାଠ କୁଆଡୁ ମିଳବ? କଛି ସମୟ ରହ। କାମ ସାରିଦେଇ ଯିବା। "

"ଯାଉଛି ପରେ ଆସିବି" ବୋଲି ମକର କହିବାରୁ, ଏକା ନିଶ୍ୱାସ ରେ ଏତକ କହିଗଲା ମଣି।

* * * * * *

ସକାଳ ପହରୁ ବୁଢା ପଡିଛି । ପଞ୍ଚାନବେ ବର୍ଷ ବୟସ। ଘନ ଘନ ନିଶ୍ୱାସ ନଉଛି। ମଝିରେ ମଝିରେ ଦୀର୍ଘଶ୍ୱାସ ନଉଛି, କଛି ସମୟ ନିଶ୍ୱାସ ଅଟକ ଯାଉଛି, କିନ୍ତୁ ଜୀବ ଛାଡୁନି। ପୁଣି ଚାଲୁଛି। ସକାଳୁ ସକାଳୁ ଖବର ପାଇ ଘର ଲୋକ, ବନ୍ଧୁ ବାନ୍ଧବ ସବୁ ଏକାଠି ହେଇଛନ୍ତି। ଆସି ଘଡି ଦଶ ହେଲାଣି। କିନ୍ତୁ ବୁଢା ଯିବ, ଯିବ ବୋଲି ଯାଉନି। ପୁଅ, ଝିଅ, ନାତି, ନାତୁଣୀ, ସମସ୍ତେ ଅସ୍ତ ବ୍ୟସ୍ତ ହୋଇ ସାରିଲେଣି। ସାଇ ଭାଇ, କଛି ଲୋକଙ୍କ ଭିତରେ ବିଚାର ବିମର୍ଷ ବି ହେଲାଣି। ବୁଢା କଛିଗୋଟେ ଭୁଲ କରିଛି। ନହଲେ ଏତେ କଷ୍ଟ ପାଉଛି କଆଁ? ସତ କହିଦେଲେ ଜୀବ ଛାଡି ଯାଆନ୍ତା। କଛି ଲୋକ, ଘର ଲୋକଙ୍କୁ ଆସି ବୁଝେଇଲେଣି। ପଚାର, କଣ ଭୁଲ କରିଛି, ନହେଲେ ଜୀବ ଛାଡିବନି।

ଏମିତି ହିଁ ହଉଥିବ। ପଗ୍ଗୁର, କଣ ଆଉ ଇଚ୍ଛା ରହିଗଲା କି? କହୁ ସେ। ନହେଲେ ମରିବନ।

ଘର ଲୋକବି, ବାହାର ଲୋକଙ୍କ କଥାରେ କାନ ପାଖକୁ ଯାଇ ପଗ୍ଗୁରି ସାରିଲେଣି। ବୁଢା, ଖାଲି ବାପା, ମା ବ୍ୟତୀତ ଆଉ କଛି କହୁ ନଥାଏ। ପଗ୍ଗୁରି ପଗ୍ଗୁରି ଥକ ଗଲେଣି। ନା ବୁଢା କଛି କହୁଛି ନା ଜୀବ ଛାଡୁଛି।

* * * *

ବୁଢା ଦେଖି ପାରୁଛି ପୂର୍ବ ପୁରୁଷ ମାନଙ୍କୁ। ଆହୁରି ବି ଦେଖି ପାରୁଛି ଉତ୍ତର ପୁରୁଷ ମାନଙ୍କୁ ସେଇ ଗୋଟିଏ ଜାଗାରେ। ଖଟ ଗ୍ଗୁରିପଟେ ବେଢ଼ି ଠିଆ ହୋଇଛନ୍ତି, ବାପା ମା, ସାଙ୍ଗ ସାଥି, ଗାଁ ଲୋକ ସବୁ। ଯେମିତି ସମସ୍ତେ ଆଜି ଆର ପାରିରୁ ଆସିଛନ୍ତି ୟାଙ୍କୁ ସଂଖୋଳ ନେବା ପାଇଁ। ପୁଅ, ବୋହୁ, ନାତି, ନାତୁଣୀ, ଉତ୍ତର ପୁରୁଷ ସବୁ ପର ପାରିକୁ ଠେଲିବାକୁ ବ୍ୟଗ୍ର। ମରଣ ର ଶେଷ ଶଯ୍ୟା ରେ ବୁଢା ହିସାବ କରୁଛି ଲାଭ କ୍ଷତି ର। କଣ ଆଣିଥିଲା? କଣ ନେଇକ ଯିବ?

ଜିତୁ ମର୍ଦ୍ଦଗ୍ରାଜ । ନାଁ ଟା ଶୁଣିବାକୁ ଯେମିତି ଶରୀର ବି ସେମିତି ଥିଲା । ବାଘ ପରି ଫୁଲିଲା ଫୁଲିଲା ନଶ, ଚଉଡା ବାହୁ, ଛଅ ଫୁଟ ର ହଟ୍ଟା କଟ୍ଟା ମଣିଷ ଟା ଆଜି ମୃତ୍ୟୁ ଶଯ୍ୟା ରେ। ନାଁ ଟା "ଜିତୁ ମର୍ଦ୍ଦଗ୍ରାଜ" ରୁ "ବୁଢା" ହୋଇଯାଇଥିଲା କେଉଁକାଳୁ। ଏବେ ଲୋକ ମଡା ଡାକବା ଆରମ୍ଭ କଲେଣି। ଖାଲି ଜୀବନ ଟା ଅଛି ବୋଲି, ବାପା, ଜେଜେ କରୁଛନ୍ତି। ନିଶ୍ୱାସ ବନ୍ଦ ହୋଇଗଲେ ମଡା ଉଠା, ମଡା ପଡିଛି ବୋଲି ରଖେଇ ବସେଇ ଦେବେନି। ସତରେ କଣ ମଣିଷ ଏ ଶରୀର ଛାଡିଦେଲା ପରେ ମଡା ହେଇଯାଏ?

ଲାଭ କ୍ଷତି ର ହିସାବ ଛିଂଡୁ ନଥିଲା ବୁଢ଼ାର। ସେପଟେ କାଳଆ କାଳଆ ମଣିଷ ଦି ଜଣ ଦେଖାଗଲେ। ଏମାନେ କଏ? କାହିଁ ମୋ ଜୀବନ କାଳ ଭିତରେ ତ ମୁଁ କେବେ ଏମାନଙ୍କୁ

ଦେଖିନ୍। ତେବେ? ଏମାନେ କଣ ଯମଦୂତ? କଳା କଳା ମସ୍ତବଡ ମଣିଷ ଦୁଇଜଣ ଖଟ ପାଖରେ ଆସି ଠିଆ ହୋଇଗଲେ। ତଡିତ ବେଗରେ ସିନେମା ର ରିଲ ଘୁରିଲା ପରି ବୁଢା ର ରିଲ ଘୁରିଗଲା ପଛକୁ, ଜୀବନ ପୂର୍ବର, ଜୀବନ ର ଦୃଶ୍ୟ ସବୁ ସେ ଦେଖିବାକୁ ଲାଗିଲା।

* * * * *

-- ଆଛା, ତେବେ ତୁ ଠିକ କରିଛୁ ମର୍ତ୍ତ୍ୟ କୁ ଯାଇ ଘେରେ ବୁଲି ଆସିବୁ? ...ସ୍ୱର୍ଗପୁରୀ ରେ ପରମାତ୍ମା ଏକ ଆତ୍ମା କୁ ପଗ୍ଚରିଲେ...

-- ହଁ, ଭଗବାନ।

-- କେଉଁ ରୂପ ନେବୁ ବୋଲି ଭାବିଛୁ?

-- ସେଠି ମଣିଷ ତ ଶ୍ରେଷ୍ଠ ଜୀବ। ତେଣୁ ମଣିଷ ଜନ୍ମ ନେବି।

-- କଣ କଣ କରିବାର ଅଛି, ସବୁ ମନେ ଅଛି ତ?

-- ହଁ, ଭଗବାନ।

-- ଠିକ ଅଛି ତେବେ....ତଥାସ୍ତୁ....

ଆଖି ବନ୍ଦ କରି ଖୋଲିଲା ବେଳକୁ ସ୍ୱର୍ଗ ର ଦ୍ୱାର ଖୋଲା। ଆତ୍ମା ଏବେ ବାହାରକୁ ଆସି ଠିଆ ହେଲା। ତାକୁ ହିଁ ଠିକ କରିବାର ଥିଲା କେଉଁ ବାପା ମା ଙ୍କ ଗର୍ଭ କୁ ସେ ବାଛିବ। ସେ ବାଛିଥିଲା ମର୍ଦ୍ଦରାଜ ପରିବାର କୁ। ମା ପେଟରୁ ଠିକ କରି ସାରିଥିଲା ଜୀବନ ଭିତରେ କଣ କଣ କରିବାର ଅଛି ବୋଲି।

କୁଆଁ କୁଆଁ ରାବ ଦେଇ ଯେତେବେଳେ ଭୂମିଷ୍ଠ ହେଲା, ସତରେ ଏ ଦୁନିଆଁ କୁ ଦେଖି ଆଚମ୍ବିତ ହୋଇ ଯାଇଥିଲା। କେତେ ସ୍ୱାର୍ଥପର ଏ ଲୋକ ମାନେ। ପୃଥିବୀ ର ଶ୍ରେଷ୍ଠ ଜୀବ ମଣିଷ। କିନ୍ତୁ ନା ଅଛି ଜିବେଦୟା ନା ଅଛି ଭଲ ପାଇବା। ଖାଲି ମୁଁ, ମୁଁ ଆଉ ମୋର, ମୋର ର ଚତ୍କାର। ଟିକେ ବଡ ହେଇଗଲେ ସେ ଶିଖେଇବ ଏ ଦୁନିଆଁ କୁ ନିସ୍ୱାର୍ଥପରତା,

ଭଲ ପାଇବା ଏମିତି ଆହୁରି କେତେ କଣ। ଏମାନେ ନିର୍ବୋଧ ଗୁଡାକ ସବୁ। କଣ ପାଇଁ ଆସି କଣ କରୁଛନ୍ତି। କେମିତି ମାୟା ଭିତରେ ପଶି ରହି ପାରୁଛନ୍ତି? ଏବେ ତ ଛୁଆ ଅଛି। ପାଟି ବି ଖୋଲିନି ତା'ର। ସେ କଣ ଶିଖେଇ ପାରିବ ଏସବୁ ଏମାନଙ୍କୁ?? ବଡ ହେଉ ହେଉ ସେ ଭୁଲି ଯାଇଥିଲା ଏ ସବୁ। ନିଜେ ଟାଣି ହୋଇଯାଇଥିଲା ମାୟା ଭିତରକୁ। ମୁଁ, ମୋର ଭିତରେ ହଜି ଯାଇଥିଲା ସେ।

* * * * *

ଏବେ ମରଣ ବେଳେ ମନେ ପଡୁଛି। କେତେ କାମ ତାକୁ କରିବାକୁ ଥିଲା। ଏବେ କରୁଛି କଣ? କରିଛି କଣ?? ମଇଁଷି ପରି କାଳିଆ ଲୋକ ଦି ଟା ତା'କୁ ନେବାକୁ ଆସିଛନ୍ତି। ମର ଶରୀର ପଡି ରହିଲା ଶେଯ ଉପରେ। ଆତ୍ମା ବାହାରି ଗଲା। ଶରୀର ରୁ ବାହାରିଲା ପରେ ଉଶ୍ୱାସ ଲାଗୁଥିଲା ତାକୁ। ଦେହ ହାତ ର ପୀଡା ନଥିଲା। ଖୁଁ ଖୁଁ କାଶ ବି ବନ୍ଦ ହୋଇଯାଇଥିଲା। ଆସ୍ତେ ଆସ୍ତେ ବାହାରକୁ ଆସିଲା ସେ। ଏବେ ସେ ନିଜେ ନିଜେ ଉଠି ତାଙ୍କ ସହ ଚାଲିବାକୁ ଲାଗିଲା। କେଜାଣି କାହିଁକି ଥରେ ପଛକୁ ଚାହିଁବାକୁ ଇଛା ହେଲା ତା'ର....

ଏ ଦୁନିଆଁ ରୁ ଶରୀର ଛାଡି ସାରିଲା ପରେ ଆତ୍ମା ପାଖରେ କିଛି ସମୟ ଥାଏ। ଯେଉଁଠି ସେ ଦେଖି ପାରିବ, କିଛି ସମୟ ପୂର୍ବରୁ ମାୟା ଲଗେଇଥିବା, ବାପା, ମା, ବନ୍ଧୁ , ବାନ୍ଧବ, ସାଙ୍ଗ ସାଥୀ, ପାଖ ପଡୋଶୀ ମାନଙ୍କ ପ୍ରକୃତ ରୂପ। ମାୟା ଭିତରେ ଥିଲାବେଳେ ସେ ପ୍ରାୟ ଅନୁଭବ କରିଛି ମୁହଁ ଉପରେ ଥିବା ମୁଖା ଟିକୁ। କିନ୍ତୁ ଏବେ ସେ ଖାଲି ରେ ବି ଦେଖି ପାରିବି ପ୍ରକୃତ ରୂପ ଦୁନିଆଁ ରେ ଥିବା ସବୁ ଲୋକଙ୍କର।

ସେ ବି ଦେଖିବାକୁ ଲାଗିଲା। ଛଳନା ର ମୁଖା ସବୁ କୁ ସେ ସ୍ପଷ୍ଟ ଭାବେ ଦେଖି ପାରୁଥିଲା। କିଏ ଉପରେ ଉପରେ ଛାତି ବାଡେଇ କାନ୍ଦୁଥିଲା ତ କିଏ ବୁଢା ଗଲା ଭଲ ହେଲା ବୋଲି କହୁଥିଲା। ସେ ଦେଖି ପାରୁଥିଲା, ତା ସହ ସଂଶ୍ଲିଷ୍ଟ ସବୁ ଲୋକଙ୍କୁ, ସେମାନଙ୍କ ବାହାର ଆଉ ଭିତର ଚେହେରା ସବୁକୁ। ଛି....ଏତେ ଘୃଣ ଏମାନଙ୍କ ମନରେ.....

ମଣି, ମକର୍, ନାତି ଓ ଅନ୍ୟ ବନ୍ଧୁ ବାନ୍ଧବ ମାନେ ତା'ର ମର ଶରୀର କୁ କୋକେଇ ରେ ବାନ୍ଧି ଶ୍ମଶାନ ନେଇ ଯାଉଥିଲେ। ଯେଉଁ ଘର ଦିନ ତା ର ଥିଲା, ଛାତି ଫୁଲେଇ ଏଇଟା ମୋ ଘର ବୋଲି କହୁଥିଲା, ସେଇ ଘରେ ଗୋବର ପାଣି ପକେଇ ସଫା କରି ଭୂତ କଳଇବାର ବିଧି ଚାଲିଥିଲା।

ମୁହଁ ବୁଲେଇ ଚାଲିବାକୁ ଲାଗିଲା ସେ....କୁଆଡେ? ମନେ ପଡିଯାଉଥିଲା ପୁଣି ଫେରି ଯିବାକୁ ହେବ, ପରମାତ୍ମାଙ୍କ ପାଖକୁ, ଯେଉଁଠୁ ସେ ଆସିଥିଲା। କନ୍ତୁ କଣ କହି ମୁହଁ ଦେଖେଇବ? ତାକୁ ଆସିବା ପୂର୍ବରୁ ଯାହା କୁହାଯାଇଥିଲା, ସେସବୁ ସେ ଭୁଲିଗଲା? ସେତକ ତ ମାନ ନଥିଲା, ବାକ ନିୟମ ବିରୁଦ୍ଧ କାମ ବି ସେ କରିବାକୁ ପଛେଇ ନଥିଲା। କେତେ ପାପ କରିଛି ସେ। ମାୟା ଭିତରେ ରହି ଅନ୍ଧ ହୋଇ ଯାଇଥିଲା। ମୁଁ, ମୋର ବ୍ୟତୀତ ଆଉ କଛି ଦେଖି ନଥିଲା ସେ। ଏବେ କଣ ଜବାବ ଦେବ? ?

* * * *

ଜନ୍ମ ପରେ ପରେ ତା ନାଁ ରଖା ଯାଇଥିଲା ଜିତୁ। ଜିତୁ ମର୍ଦ୍ଦରାଜ। ବାପା ଜମିଦାର। ସେ ଜମିଦାର ଘର ର ଏକୋଇରବଳା। ଉପରେ ଦୁଇ ଭଉଣୀ। ଛୋଟ ବେଳୁ ହିଁ ଏ ଅହଂକାର ତା ମନ ରେ ବସା ବାନ୍ଧିଥିଲା। ନିମ୍ନ ଜାତି କମ୍ବା ମଳ ମୁଣ୍ଡିଆ ଛୁଆଙ୍କ ସହ ସେ ମିଶିବାକୁ ଭଲ ପାଉ ନଥିଲା। ସ୍କୁଲ ରେ ସମାସ୍କନ୍ଦ ପିଲା ନହେଲେ ସାଙ୍ଗ ହେଉ ନଥିଲା। ତା ସହ ଦୁଷ୍ଟାମୀ ବହୁତ କରୁଥିଲା। ଆଜି ପଥର ମାରି କାହାର ତାଡି (ଖଜୁରୀ ରସ) ହାଣ୍ଡି ଭାଙ୍ଗିଲାଣି ତ କାଲି କେଉଁ ବୁଢ଼ୀ କୁ ରାସ୍ତା ରୁ ତଳକୁ ପେଲି ଦେଲାଣି। ଆଜି କାହା କୁଟା (ପାଳ) ଗଦା ରେ ନିଆଁ ଲଗେଇ ଦେଲାଣି ତ କାଲି କେଉଁ ଦରିଦ୍ର ପିଲାକୁ ପିଟି ସାର୍ଟ ପେଣ୍ଟ ଚରି ଆସିଲାଣି। ଏ ଭିତରେ ତା ମନରେ ଗର୍ବ ବସା ବାନ୍ଧି ସାରିଥିଲା। ସେ ମର୍ଦ୍ଦରାଜ ଘର ଛୁଆ। ଜମିଦାର। ସମସ୍ତେ ତା କଥା ଶୁଣିବେ। ସେ କାହା କଥା ବି ଶୁଣିବନି। ସାହସ ଆହୁରି ବଢ଼ି ଯାଇଥିଲା, ଯେଉଁଦିନ ପିଲାଙ୍କ କଳ ଭାଙ୍ଗିବାକୁ ଆସିଥିବା ମାଷ୍ଟ୍ରକୁ ସେ ହାତ ଉଠେଇଥିଲା। ବାପା ପିଠି ଥାପୁଡ଼େଇ କହିଥିଲେ, ତୁ ହିଁ ଠିକ ଜମିଦାର ହେବୁ। ତା ପରଠୁ

କେବେ ବିଦ୍ୟାଳୟ କୁ ନଯାଇ ମଧ୍ୟ ସେ ଦଶମ ପରୀକ୍ଷା ରେ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହେଇଥିଲା ।

କଲେଜ ରେ ନାଁ ଲେଖେଇଲା ପରେ ସବୁ ଯେମିତି ତା ଗୋଡ଼ ତଳେ ଥିଲେ। କେବେ କେଉଁ ଝିଅ କୁ କମେଣ୍ଟ ମାରିବା ଠୁ ଆରମ୍ଭ କରି, ପିଲାଙ୍କୁ ପିଟିବାର ଘଟଣା ତା ପାଇଁ ସବୁଦିନଆଁ ହୋଇଗଲା। କଲେଜ ର ଝିଅ ମାନେ ତା ପାଇଁ ଖେଳନା ଥିଲେ। ଭଲ ପାଇବାର ବାହାନା କରି କେତେ ଝିଅଙ୍କ ଜୀବନ ସେ ନଷ୍ଟ କରିଥିଲା ତା ର କୌଣସି ହିସାବ ନଥିଲା।

କଲେଜ ସରିବା ପରେ ଗାଁ ରେ ସେ ଜମିଦାର ହୋଇ ସାରିଥିଲା। ବାପା ଆର ପୁର କୁ ଯାଇ ସାରିଥିଲେ। ମା ବୁଝେଇ ବୁଝେଇ ଥକ ଯାଇଥିଲା। ବାହାବେଦୀ ରୁ ସେ ଗୋଟେ ଝିଅ କୁ ଉଠେଇ ଆଣିଥିଲା ଆଉ ଏ ବିଷୟ ରେ କେହି ପୋଲିସ କଂପ୍ଲେନ ଦେବାକୁ ବି ସାହସ କରି ନଥିଲେ। ଚନ୍ତା ରେ ମା ଗ୍ଲିଯାଇଥିଲା ଆରପୁର କୁ।

ବାହାଘର ପରେ ବି ପ୍ରକୃତି ବଦଳ ନଥିଲା ତା'ର। ଘରେ ସ୍ତ୍ରୀ କୁ ବାଡେଇବା ଠୁ ଆରମ୍ଭ କରି ମଦ ନଶା ରେ ଋତିଅଧରେ ଯା ତା ଘରେ ପଶିବାକୁ ସେ ତା ଅଧିକାର ବୋଲି ଧରି ନେଇଥିଲା। ଗାଁ ଲୋକ ଅତିଷ୍ଠ ହୋଇ ଯାଇଥିଲେ। ପ୍ରଥମ କରି ଝିଅ ହେବାରୁ, ସ୍ତ୍ରୀ କୋଳ ରୁ ଝିଅ କୁ ଛଡେଇ ନେଇ, ଅନାଥ ଆଶ୍ରମ ରେ ରଖେଇ ଥିଲା। ପଛ କୁ ପଛ ପୁଅ ଦୁଇଟି ପାଇ ଶାନ୍ତ ହେଲେ ବି, ପୁଅ ମାନଙ୍କୁ ନଜ ପରି କରି ଗଢି ତୋଳଥିଲା। ପୁଅ ମାନେ ବଡ ହୋଇଯିବାପରେ, ବାପ ପୁଅ ଏକାଠି ବସି ଘରେ ମଦ ପିଇବାରେ ଲାଜ ସରମ ନଥିଲା। ଗରିବ ଋଷୀ ମାନଙ୍କଠୁ ଜମି ଛଡେଇ ନଜ ନାଁ ରେ କରିବାରେ ସେ ତା ଜମିଦାରୀ ବୋଲି ଭାବୁଥିଲା। କେତେ ଭୁଲ ସେ କରିଛି, କେତେ ପାପ ଅର୍ଜିଛି, ଆଜି ମନ ବିତୃଷ୍ଣା ରେ ଭରି ଗଲେବି, ସବୁ ପାର୍ଥିବ ଜିନଷ ଛାଡି, କେବଳ ପାପତକ ମୁଣ୍ଡେଇ ସେ ଗ୍ଲିବା ରେ ଲାଗିଥିଲା। ଗୋଟେ ପରେ ଗୋଟେ ପାପ ମୁହଁ ସାମ୍ନା କୁ ଆସି ତାକୁ ମନେ ପକେଇ ଦେଉଥିଲେ ସେଦିନ ଗୁଡିକ। ଏବେ ସେ ଲାଜ ରେ ସଢ଼ି ଯାଉଥିଲା। ପରମାତ୍ମାଙ୍କୁ କଣ ଉତ୍ତର ଦେବ ସେଇ କଥା ଭାବୁ ଭାବୁ ସେ ସ୍ୱର୍ଗ ର ଦ୍ୱାର ପାଖରେ ପହଞ୍ଚି ସାରିଥିଲା।

* * * *

ସ୍ୱର୍ଗର ଦ୍ୱାର ତ ଫିଟି ନଥିଲା ତା ପାଇଁ, କାରଣ ପାପର ଭାର ଥିଲା ତା ମୁଣ୍ଡ ଉପରେ । ମୁଣ୍ଡ ଉପରେ ପାପର ଭାର ଥିଲେ ସ୍ୱର୍ଗ କୁ ଅନୁମତି ମିଳେନାହିଁ । ଆତ୍ମା ସବୁ ପାପ ର ପ୍ରାୟଶ୍ଚିତ କରି ସାରିବା ପରେ ହିଁ ଭିତରକୁ ଯାଇ ପାରିବ । କିନ୍ତୁ ଭଗବାନ ଆସି ଅପେକ୍ଷା କରିଥିଲେ ତାକୁ, କିଛି ପ୍ରଶ୍ନ ର ଉତ୍ତର ପାଇଁ....

-- ଆସିଗଲ?

-- ହଁ, ଆଜ୍ଞା!! ମୁଣ୍ଡ ତଳକୁ କରି କହିଲା ସେ।

-- ଯେଉଁ କାମରେ ଯାଇଥିଲ, ତାହା କରିକି ଆସିଛ?

-- ଚୁପ ରହିଲା ସେ.....

-- ମୋ ପାଖରେ ତୁମ ପୁରା ପାପ ପୁଣ୍ୟ ର ହିସାବ ଅଛି। ତୁମର ପାପ ଅନୁସାରେ ପୁଣି ତୁମକୁ ମର୍ତ୍ତ୍ୟ ରେ ଜନ୍ମ ନେବାକୁ ପଡିବ ଓ ପାପ ର ପ୍ରାୟଶ୍ଚିତ କରିବାକୁ ପଡିବ। ଜାଣିଛ ତ?

-- ହଁ, ଆଜ୍ଞା।

-- ତେବେ ପ୍ରାୟଶ୍ଚିତ କେମିତି କରିବ? କେଉଁ ଜନ୍ମ ନେବ ବୋଲି ଭାବିଛ?

ଏବେ ସେ ଚିନ୍ତା କରିବାକୁ ଲାଗିଲା। କେଉଁ ଜନ୍ମ ନେବ ସେ? ଯେ କୌଣସି ଜନ୍ମ ନେଲେ ବି ତା ପାପ ଭାର ଏତେ ଶୀଘ୍ର କମିବ ବୋଲି ଆଶା ନାହିଁ। ଯେ କୌଣସି ପ୍ରାଣୀଯୋନି ରେ ଜନ୍ମ ନେଲେ ବି ବହୁତ ଗୁଡ଼େ ପାପ ହେତୁ ତାକୁ କେତେ ହଜାର ବର୍ଷ ଲାଗିଯିବ ପାପକ୍ଷୟ ପାଇଁ ଜଣାନାହିଁ। ତେବେ? ଗୋଟିଏ ରାସ୍ତା ତାକୁ ଦେଖାଗଲା। କିନ୍ତୁ ରାସ୍ତା ବହୁତ କଠିନ। ଜୀବନ ସାରା ଗୋଟିଏ ଜାଗାରେ ଠିଆ ହୋଇ ରହିବାକୁ ପଡିବ। ଉପରେ କିଏ ଏକ, ଦୁଇ କଲେ ବି ତାକୁ ସାଦରେ ଗ୍ରହଣ କରିବ। କାହା ଉପରେ ରାଗିବାର କୌଣସି ଅଧିକାର ତା'ର ରହିବନି। ଯିଏ ବି ଯାହା ଗାଳିଦବ ତା ସହ କରି ପାରିବ। ଆଉ ମୂଳ କଥା ହେଲା, ବୁଢା ହେବା ପୂର୍ବରୁ ଯଦି ମରି ଯାଏ ତେବେ ପାପ ଭାର ଅଳ୍ପ କମିବ। ବୁଢା ହୋଇ ମରିଗଲେ କିମ୍ବା ପ୍ରାକୃତିକ ମୃତ୍ୟୁ ରେ ହିଁ ଏକାବେଳେ ପଚାଶ ପ୍ରତିଶତ ପାପଭାର କମିବାର ଉଦାହରଣ ଅଛି....କିନ୍ତୁ ଏତେ କଷ୍ଟ ସେ ସମ୍ଭାଳି ପାରିବ ତ? ପୁଣି ଏବେ ମର୍ତ୍ତ୍ୟ ରେ ଏ

ମଣିଷ ମାନେ ଯେମିତି, ତାକୁ ବୁଢା ହେବାଯାଏଁ ବଞ୍ଚିବାକୁ ଦେବେ ତ? ନଜେ ମଣିଷ ଥିବାବେଳେ ଏମିତି କେତେ ଗଛ କାଟିଛି ସେ। ତେବେ ୟା ବ୍ୟତୀତ ଆଉ ଯେ କୌଣସି ଜନ୍ମ ନେଲେ ପାପ କମେଇବା ଲାଗି ହଜାର ହଜାର ବର୍ଷ ଲାଗି ଯାଇ ପାରେ। ତେବେ ସେ ଗଛ ଜନ୍ମ ନେବା ପାଇଁ ନଷ୍ପତ୍ତି ନେଲା।

-- ଆଜ୍ଞା ଗଛ ଜନ୍ମ ନେବି।

-- କଷ୍ଟ ସହି ପାରିବ ତ?

-- ପ୍ରାଣପଣେ ଚେଷ୍ଟା କରିବି ଆଜ୍ଞା

-- ତଥାସ୍ତୁ....

ପୃଥିବୀ ପୃଷ୍ଠ କୁ ଆସି ସେ ଅପେକ୍ଷା କଲା ମଞ୍ଜି ମାନଙ୍କର ଅଙ୍କୁରୋଦଗମ ପାଇଁ କନ୍ତୁ..... ମଞ୍ଜି ଅଙ୍କୁରୋଦଗମ ହେବା ପୂର୍ବରୁ କଛି ଗଛ ମଣିଷ ମାନଙ୍କ ଶିକାର ହୁଅନ୍ତି। ତାଙ୍କୁ ବିନା କାରଣ ରେ ଓପାଡ଼ି ଦିଆ ଯାଏ । କଛି ଛୋଟ ଛୋଟ ହେଲା ପରେ ମଣିଷଙ୍କ ଶିକାର ହୁଅନ୍ତି। କଛି ବୁଢା ବେଳକୁ ଶିକାର ହୁଅନ୍ତି। ଏମାନଙ୍କର ବଞ୍ଚିବା, ମରିବା ସବୁ ମନୁଷ୍ୟ ଉପରେ ନର୍ଭର କରେ। କଛି ଲୋକ ବଡ ବଡ ବୃକ୍ଷ ମାନଙ୍କୁ ବି ଧରାଶାୟୀ କରି ପକାନ୍ତି। କେବେ ରାସ୍ତା ଚଉଡା କରିବାର ବାହାନାରେ କେବେ ଅବା ଗ୍ରେଇ କାଠ ବିକ୍ରି ପାଇଁ।

* * * * *

ଗଛ ର ଜନ୍ମ ଟିଏ ନେବାକୁ ତାକୁ ବହୁତ ବର୍ଷ ଅପେକ୍ଷା କରିବାକୁ ହେଲା। ତା ପୂର୍ବରୁ ବହୁତ ଆତ୍ମା ଲାଇନ ଲଗେଇଥିଲେ । କଛି ଆତ୍ମା ତ ଥରେ ଜନ୍ମ ନେଇ ପାପର ପ୍ରାୟଶ୍ଚିତ କଲାବେଳେ ମଝିରୁ ଜୀବନ ତ୍ୟାଗ କରି ଅଳ୍ପ ପ୍ରାୟଶ୍ଚିତ ପରେ ଆଉ ଥରେ ଲାଇନ ରେ ଥାନ୍ତି। ଏସବୁ ଦେଖୁ ଦେଖୁ ହୋସ ଉଡି ଯାଉଥାଏ ତା'ର । ଉପରକୁ ଗୁହିଁ ପରମାତ୍ମା କୁ ମନେ ପକାଉଥାଏ ସେ..., "ହେ ପ୍ରଭୁ ଆଉ କେତେଦିନ? ? ଏ ଭିତରେ ଶହ ଶହ ବର୍ଷ ଅତିକ୍ରମ କରି ଗ୍ଲିଥାଏ....

--- x---

ସମସ୍ତଙ୍କୁ ଅନୁରୋଧ:- ତେବେ ଚାଲନ୍ତୁ, ଆଜିଠୁ ସାବଧାନ ହେବା । ଗଛ କଟା ବନ୍ଦ କରିବା। କମ ସେ କମ ନିଜ ପାଇଁ, ଆମ ଉତ୍ତର ପୁରୁଷଙ୍କୁ ଏ ବିଷୟ ରେ ଅବଗତ କରିବା । ନିଜ ସ୍ୱାର୍ଥ ପାଇଁ ହେଲେବି ଯା ଦ୍ୱାରା କିଛି ପୂର୍ବ ପୁରୁଷ ଉପକୃତ ହେବେ । ପୂର୍ବ ପୁରୁଷ ଙ୍କୁ ଶୀଘ୍ର ରୁ ଅତିଶୀଘ୍ର ତାଙ୍କ ପାପରୁ ମୁକ୍ତି ଦେବାକୁ ଚେଷ୍ଟା କରିବା। କିଛି ନୂଆ ଗଛ ଲଗେଇବା ସହ ଗଛ ର ଯତ୍ନ ନେବା। ସବୁ ଗଛ କୁ ଆମ ନିଜ ପୂର୍ବ ପୁରୁଷ ଭଳି ମାନିବା। ଗଛଟିଏ, ନିଜେ ନିଜେ ମରିବା ଯାଏଁ ତାକୁ ନ କାଟି ବଞ୍ଚିବାକୁ ଦେବା।

ଆମ ଜୀବନ କାଳ ଭିତରେ ଆମେ ଶହ ଶହ, ହଜାର ହଜାର ପାପ କରୁଛେ। କିଏ ଜାଣେ, କାଲି ସକାଳୁ ଆମକୁ ବି ଏମିତି ପ୍ରାୟଶ୍ଚିତ କରିବାକୁ ପଡିବ, ଆଉ ଗଛ ଭାବେ ଜନ୍ମ ନେବାକୁ ଆମକୁ ବି ଶହ ଶହ, ହଜାର ହଜାର ବର୍ଷ ଅପେକ୍ଷା କରିବାକୁ ପଡିବ....

ପଢନ୍ତୁ, ମଜା ନିଅନ୍ତୁ ଓ ମତାମତ ଦିଅନ୍ତୁ....ଜୟ ଜଗନ୍ନାଥ । ଧନ୍ୟବାଦ...

ଖଲାରୀ, ଅନୁଗୁଳ, ଓଡିଶା
Subal.mohapatra@gmail.com



# ପ୍ରତୀକ୍ଷାର ଶେଷ ବିନ୍ଦୁ



ଭାସ୍କର ଚନ୍ଦ୍ର ଖଣ୍ଡା

ଜାଣିଛିତ ସିଏ ଚାଲିଯିବ ଦିନେ
ଦିନେ ଚାଲିଯିବ ଆଶା
ଅନ୍ୱେଷଣରତ ତଥାପି ତ ସିଏ
ନିରାଶାରେ ଖୋଜେ ଆଶା

ସମୟର ଚକ ଯାଏ ଗଡି ଗଡି
ସଫଳ ବିଫଳ ଢେଉପୋରେ ଚଢି
କୂଳକୁ ପହଞ୍ଚି ହୋଇଥାଏ କ୍ଷୟ
ରଖେନା ତା ମନେ ଜୟ ପରାଜୟ

ଦୁର୍ବିସହ ସେଇ ଜୀବନର ଭାଷା
ଛାଡି ଯାଏ ଯେବେ ପ୍ରଗତିର ଆଶା
ବିସ୍ମୃତିରେ ସିନା ଜୀଇଥାଏ ସିଏ
ହେଲେ ସଂକୁଚିତ ମୃତକ ପରାୟେ

ଶେଷ ପର୍ଯ୍ୟାୟରେ ପହଞ୍ଚାଇ ପାଦ
ଚାଖିଥାଏ ସିଏ ଜୀବନର ସ୍ୱାଦ
ଯୌବନ ଢେଉର ଭଙ୍ଗା ଦିନେ ଆସେ
ବାର୍ଦ୍ଧକ୍ୟଟା ତା'ର ଉଙ୍କି ମାରି ବସେ

ଶେଷ ହୁଏ ଯେବେ ବଞ୍ଚିବାର ଆଶା
ଧିରେ ଧିରେ ମାଡି ଆସଇ ନୈରାଶ୍ୟ
ମାନ ନେଇ ସେଇ ପ୍ରଭୁଙ୍କର ଇଛା
ସବୁ କାମନା ତା ପାଲଟଇ ତୁଚ୍ଛା

ମାନବିକତାର ବାର୍ତ୍ତାବହ ହୋଇ
ସ୍ୱାଭିମାନ ରଙ୍ଗେ ଯାଉ ସେ ରଙ୍ଗେଇ
ଜୀଇଥାଏ ସିନା ଏ ମହୀ ଧାମରେ
ବାହୁଡେତ ଦିନେ ଅଭିନୟ ପରେ

ଜୀଇବାର ସ୍ୱାଦ ଶେଷ ବିନ୍ଦୁ ତା'ର
ଅନ୍ଧାର ଭିତରେ ଆଲୋକର ସ୍ୱର
ଅନ୍ୱେଷଣ କରି ସେ ସ୍ୱପନର ତାନ
ପୂର୍ଣ୍ଣ ହେଉ ତା'ର ସଫଳ ଜୀବନ

ଭାସ୍କର ଚନ୍ଦ୍ର ଖଣ୍ଡା
ଆଲ୍ହାବାଦ ବ୍ୟାଙ୍କ, ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com

# କୁହେଳି



ସାଗରିକା ମହାନ୍ତି

ସମୟର ନିବିଡ଼ ଆଲିଙ୍ଗନରେ ଅଣନିଶ୍ୱାସୀ ହେଇପଡ଼ିଲି ବୋଲି ତ ଛାଟିପିଟି ହେଇ ଧାଇଁ ଆସିଲି ତୁମ ଭୂଚକ୍ରକୁ ।
ଖୁବ ସହଜରେ ତୁମେ ଆବୋରି ନେଲ, ମୋ ଉଡ଼ନ୍ତା ଡେଣାକୁ ତୁମ ଶୀତଳ ପରଶରେ ।
ଜନ୍ମରୁ ମୃତ୍ୟୁ ଯାଏ ଖଞ୍ଜି ଦେଲ ଏକ ଅବାସ୍ତବ ସ୍ୱପ୍ନର ଚକ୍ରବ୍ୟୂହ ।
ଦିଗରୁ ଦିଗନ୍ତ ଯାଏ ଭରିଦେଲ ଇନ୍ଦ୍ରଧନୁର ସପ୍ତରଙ୍ଗ ।

ତାପରେ ବିରତି, ସବୁଠି ସ୍ୱପ୍ନର କୁହେଳି ।
ତୁମେ ବି ଦିଶିଲ ଟିକେ ଝାପ୍ସା ।

ଏବେ ଅତୀତର ପ୍ରତ୍ୟେକ ଫର୍ଦ୍ଦରେ ତୁମକୁ ଖୋଜିବା ଆଗରୁ ଆଖି ବୁଜି ଖୋଜି ନିଏ ତୁମ ନିଖୋଜ ଅକ୍ଷାଂଶକୁ ।
ଭାବନାର ଅନ୍ତରାଳରେ ଧସେଇ ପଶି ଆସେ କିଛି ଅଲୋଡ଼ା ସ୍ୱପ୍ନର ଅବଶେଷ ।
ମୁଁ ଅନୁମତି ଦେବାର ବହୁ ପୂର୍ବରୁ କବ୍ଜା କରିନିଏ ମୋ ପ୍ରିୟ ଅତୀତର
ବିଶେଷାଙ୍କ ଉପରେ ।
ସୂଚପତ୍ର ସବୁ ଓଲଟା ପାଲଟା ହେଇଯାଏ ଝଡ ପରର ସହର ପରି ।
ପୃଷ୍ଠଭୂମିରୁ ଝରୁଥାନ୍ତି ଶବ୍ଦସବୁ, କାକର ପରି ଅବା ଶ୍ରାବଣର ଟୋପା ପରି ।
ଯେମିତି ବି ହେଉ, ସେମାନେ ସବୁ ଲାଗନ୍ତି ଖୁବ ଆପଣାର,
ଠିକ ମୋ ପ୍ରିୟାର ସ୍ୱେଦ ପରି ।

ନବୀ ମୁମ୍ବାଇ, ମହାରାଷ୍ଟ୍ର



# ଲେଉଟାଣି

ଡ.ସୌମ୍ୟ ରଞ୍ଜନ ମିଶ୍ର

କେହି ମୋତେ ଖୋଜିନାହିଁ ଆଜି

ଯେହେତୁ ମୁଁ ନଦା ବେପରୁଆ

ସାଲିସ୍ ମୋ ପାଦତଳେ ଥୁଆ

ହାରି କରି ଗ୍ଭହେଁନା ମୁଁ ଜିତିବାକୁ ବାଜି ।

ଏମିତି ବି ହାରଜିତ୍ ର କଛି ମାନେ ନାହିଁ ଏଠି

ଫମ୍ପା କପକୁ ଜାବୁଡି

ଜିତିବାର ଯେତେ ଅଭିନୟ କଲେ ବି

ଶୂନ୍ୟତାରେ ଭରିଛି ବଇଠି ।

କନ୍ତୁ କେବେନା କେବେ ତ ତମସା ହଟିବ

ତାମସାର ଅନ୍ତ ହେବ

ହଁ, ହଁ, ମୋର ବି ସମୟ ଆସିବ

କଏ ଦିନେ ନଶ୍ଚେ ମୋତେ ବି ଖୋଜିବ ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡା, ଓଡିଶା।

# ଏମିତି କେମିତି ହେଲା



ଶାନ୍ତିଲତା ମିଶ୍ର

"ମୋ ବାପାଟା ନହାତି ଲୋଭିକୁ କଞ୍ଜୁସ୍ । ମତେ ଏକ ଧନୀ ଘରେ ବିବାହ କରି ଦେଇ କେଡେ ଖୁସି ହେଉଛି ।" ଏମିତି ଘର ବର ଭାଗ୍ୟରେ ଥିଲେ ମିଳେ । ତା ଝିଅ କେତେ ତପସ୍ୟା କରିଥିଲା କେଜାଣି । ଚାରିଆଡ କହି ବୁଲୁଛି, ତା ଭାଗ୍ୟ ସାଂଗକୁ ତା ଝିଅର କ ଭାଗ୍ୟ ।

ବାପାର ଚାରିଟା ଝିଅ ଖାଲି, ପୁଅ ନଥିଲେ ସେଥି ପାଇଁ ତା ମନରେ ସବୁବେଳେ ଦୁଃଖ ଥିଲା । ଯଥା ଅଯଥାରେ ଘରେ ପାଟି ତୁଣ୍ଡ କରେ । ବୋଉ ଉପରେ ଗର ଗର ହୁଏ । ମା'କୁ ଝିଅ, କୋଉ କାମକୁ ନୁହଁନ୍ତି । ଆଜି କନ୍ତ ଶତ ଜିହ୍ୱା ହୋଇ କହି ବୁଲୁଛି, ଝିଅ ଜନ୍ମ କରିଥିବାରୁ କ ଭାଗ୍ୟ ତାର ସତେ ।

ଗଲା ମାସରେ ତାର ବାହାଘରଟା ସାରିଦେଇ ବୋଉକୁ ଧରି ବାପା ତୀର୍ଥ ଭ୍ରମଣରେ ଯାଇଛି । ଝିଅ "ପଦ୍ମା" କୁ ଜନ୍ମ ଦେଇଥିବାରୁ ସେ ନଜକୁ ବହୁତ ଭାଗ୍ୟବାନ ବୋଲି ମନେ କରୁଛି । ଭଗବାନଙ୍କ ଅପାର କରୁଣାରୁ ଏସବୁ ହେଇଛି ବୋଲି ବାପାର ଧାରଣା । ଭଗବାନ କାହିଁକି ଏପରି କୁକର୍ମ କରିବାକୁ ଯିବେ ଭଲା । ସବୁ ତାରି ସେଇ ବାପାର କାମ ଏସବୁ । ଝିଅ ପଦ୍ମାକୁ ଏତେ ବଡ ଧନୀ ଘରେ ବାହା ଦେବା କ ଦରକାର ଥିଲା । ସେ ତ ଜଣେ ମାମୁଲି ଲୋକ । ମାସକ ଆମଦାନୀ ମାସ ଶେଷ ପୂର୍ବରୁ ଶେଷ । ଯେତେ ଖେଣ୍ଟି ଖାଣ୍ଟି ଚଳ । ଯେତେ ଶାଗ ପଖାଳ ଖାଅ । ଯେତେ ଚର୍ ଲୁଗାକୁ ଦଶ ଥର ସିଲେଇ କରି ପିନ୍ଧ, ଯୋଉ ନଅଣ୍ଟକୁ ସେଇ ନଅଣ୍ଟ ।

ବଡ ଦୁଇ ଝିଅଙ୍କୁ ଯେଉ କଷ୍ଟରେ ବାହା ଦେଇଛି ସେଇ ଜାଣେ । ତୃତୀୟ ଶ୍ରେଣୀ ପାଠରୁ ସେମାନଙ୍କର ଡୋରି ବନ୍ଧା ହୋଇଥିଲା । ସେମିତି ତାରି ପରି ଯାହିତାହିଆ ଘରେ ଦେଇଥିଲା ଝିଅ ଦି ଜଣଙ୍କୁ । ଦିନେ ଖାଇଲେ ଦି ଦିନ ଉପାସରେ ସେମାନଙ୍କ ଦିନ ଯାଉଛି । ତା ସାଙ୍ଗକୁ ସ୍ୱାମୀଙ୍କ ତାଡନା ମାଡ ଗାଳ ବି ସହିବାକୁ ପଡୁଛି । କନ୍ତୁ ତୃତୀୟ ଝିଅ ପଦ୍ମା ହାଇସ୍କୁଲ ଶେଷ କରିଛି ଏ ବର୍ଷ । ବାପାର ଦୟାରେ କନ୍ତୁ ନୁହେଁ । ପିଲାବେଳେ ଭଲ ପାଠ ପଢୁଥିଲା ସେ । ସ୍କଲରସିପ୍ ପାଉଥିଲା ବୋଲି କଛି ବାଟ ଗ୍ଭଲିଗଲା । କଲେଜ ଯିବାକୁ ଇଛା ଥିଲେ ବି ସାହାସ ନାହିଁ କ ସମ୍ବଳ ନାହିଁ ।

ସେଥିରେ ବି ବାପା ଶହେଥର ଧମକେଇ ସ୍କୁଲ ନ ଯିବାକୁ କହେ । କନ୍ତୁ ପଦ୍ମାର ଜିଦି ହିଁ ଜିଦି ସେ ପାଠ ପଢିବ ଗ୍ଭକରୀ କରିବ । ଶିକ୍ଷକ ମାନଙ୍କୁ ବାପା କଥା କହିଦିଏ । ଶିକ୍ଷକ ମାନେ ଆସି ବାପାଙ୍କୁ ବୁଝେଇ ତାକୁ ସ୍କୁଲ୍ ଛାଡିବାକୁ କୁହନ୍ତି । ବଡ ଦୁଇ ଭଉଣୀଙ୍କ ପରି ସେ ଦୁର୍ଦଶାରେ ପଡିବନ । ତା ଜିଦି ଆଗରେ ବାପର ଜିଦି ଅନେକ ସମୟରେ ହାର୍ ମାନଛି । ପିଲାବେଳୁ ସେ ବଡ ଦୃଢମନା ଓ ସତ୍ ସାହାସି ଥିଲା । ବୋଉ ଉପରେ ବାପାର ଦୌରାତ୍ମ୍ୟ ଦେଖି ତାର ବେଳେ ବେଳେ ଅସହ୍ୟ ହୁଏ । ମାଡ ଗାଳକୁ ଖାତିର ନକରି ପାଟି ଖୋଲି ବାପାକୁ ଜବାବ୍ ଦିଏ । ଧିରେ ଧିରେ ଏପରି ଭ୍ବେ ସାହାସ ତାର ବଢି ଯାଇଥିଲା ।

କନ୍ତୁ ଯେତେବେଳେ ଜଗମୋହନ ବାବୁଙ୍କ ଘରୁ ତାଙ୍କ ବଡ ପୁଅ ସୌମିନ୍ଦ୍ର ସାଙ୍ଗେ ତାର ବାହା ଘର ପ୍ରସ୍ତାବ ନେଇ ବୋଉର ଦୂର ସଂପର୍କୀୟ ଭାଇ ଶିବ ମାମୁଁ ଆସି ଦେଇଥିଲେ । ବାପା ବୋଉ ଆଖି ବୁଜି ବାହାଘର କରିଦେବା ପାଇଁ ରାଜି ହୋଇଗଲେ । କଛି ଆଗ ପଛ ବିଗ୍ଭର ନକରି ବାହାଘର ପାଇଁ କଥା ଦେଇଦେଲେ । ପଦ୍ମାର କୌଣସି କଥାକୁ ଗୁରୁତ୍ୱ ଦିଆଗଲାନ । କାହିଁକି ଏତେ ବଡ ଘରୁ ଯେ ପ୍ରସ୍ତାବ ଆସିଛି ତାଙ୍କ ପରି ଜଣେ ସାଧାରଣ ପରିବାର ର ଝିଅ ପାଇଁ କେହି ସେ ବିଷୟରେ ଭାବିବାକୁ ରାଜି ହେଲେ ନାହିଁ । ସୁଯୋଗଟା ଯେପରି ହାତରୁ ଖସି ନ ଯାଉ ଲୋଭି ବାପା ଖାଲି ଠାକୁରଙ୍କୁ ଡାକ ଗ୍ଭଲିଲା । ବୋଉ ବି ତାଙ୍କ ସାଥିରେ ହଁ ରେ ହଁ ମିଳେଇ ଗ୍ଭଲିଲା । ପଦ୍ମା ତାଙ୍କ କଥା ନଶୁଣିଲେ ବୋଉ ବିଷ ଖାଇ ପ୍ରାଣ ଦେଇଦେବ ବୋଲି ଧମକେଇଲା । ଶେଷରେ ବୋଉ ବି ଧମକେଇବାକୁ

ପଢେଇଲାନ । ଯିଏକ ତାରି ସପକ୍ଷରେ ସବୁବେଳେ ସ୍ୱର ଉତ୍ତୋଳନ କରେ । ଏଇ ଗ୍ରଗ ଅଭିମାନରେ ଗ୍ରଜି ହେଇଗଲା ପଦ୍ମା ।

ବାହାଘରଟା ଖୁବ୍ ଧୁମ୍ଧାମରେ ହେଇଗଲା । ଏମିତି ବାହାଘର ତାଙ୍କ ଇଲାକାରେ କେହି କେବେ ଦେଖି ନଥିଲେ । ଯାହା ହେଲା ସବୁ ପୁଅ ଘର ତରଫରୁ । ତାଙ୍କ ଘର ତରଫରୁ କଛି ନୁହେଁ । ଝିଅ ଘରର ଭୋଜିଭାତ ଖର୍ଚ୍ଚ ବି ସେମାନେ ଉଠେଇଲେ । ହଁ ଏସବୁ ଭାଗ୍ୟ କେତେ ଲୋକଙ୍କୁ ମିଳେ । ଖୁସି ଲାଗୁଥିଲେ ବି ମନରେ ଖଟକା କଛି ଲାଗୁ ଥାଏ ପଦ୍ମାକୁ । ସମସ୍ତେ ଆସି ପ୍ରଶଂସା କରି ଦେଇ ଯାଉଥାନ୍ତି ତାର ଭାଗ୍ୟ ନୁହେଁ ତ ସୌଭାଗ୍ୟକୁ । ବାପା ବୋଉଙ୍କ ଗୋଡ ତଳେ ଲାଗୁ ନଥାଏ । ଖୁସିରେ ସେମାନେ ଗଦ ଗଦ ।

ହଁ ଯେ ! ଏବେ ଯୋଉ ସବୁ ଡ୍ରାମା ହେବ ଆଗକୁ, ତାକୁ ପଦ୍ମା ହିଁ ଏକୁଟିଆ ସମ୍ମୁଖିନ ହେବ। ବାପା ବୋଉ ତ ନୁହେଁ, କ ଏଇ ସାଇ ପଡିଶା ବନ୍ଧୁ ବାନ୍ଧବ ବି ନୁହଁନ୍ତି । ତେଣୁ ସେମାନଙ୍କ ଖୁସି ବା ଦୁଃଖର କଛି ମୂଲ୍ୟ ନାହିଁ ।

ଶ୍ୱଶୁର ଘରେ ପାଦ ଦେଉ ଦେଉ ଆଖି ତାର ଝଲସି ଉଠିଲା । ଏମିତି ଘର ଏମତି ସାଜସଜ୍ଜା ସେ ଚଳଚିତ୍ରରେ ଦେଖିଛି କନ୍ତୁ ବାସ୍ତବ ଜୀବନରେ ନୁହେଁ । ଏମାନେ କଣ ଧନୀ ବୋଲି ଧନୀ ବାପରେ ତିନ ମହଲା କୋଠାରେ ଅଠର ବଖରା ଘର । ଆରମ୍ଭ କୋଉଠି ଶେଷ କୋଉଠି ଜାଣିବା କଷ୍ଟ । କନ୍ତୁ ତାକୁ ବୋହୂ କରି ଆଣିବା ପଛରେ କ ରହସ୍ୟ । ସେଇଟା ସେ ଜାଣିବାକୁ ଗ୍ରହୁଁଥିଲା । ହଁ ସେ ଗୋଟିଏ କଥା ଜାଣେ ଯେ ସେ ଅସାମାନ୍ୟା ସୁନ୍ଦରୀ ବୋଲି ସମସ୍ତେ କୁହନ୍ତି । ବୋଉ ବି ଅନେକ ଥର କାନ୍ଦେ କହେ "କଣ ତୁ ପାପ କରିଥିଲୁ ଯେ ଏପରି ଘରେ ଜନ୍ମ ପାଇଲୁ । ତୁ ତ ରଜା ମହାରାଜା ଘରେ ଜନ୍ମ ହେବାର ଥିଲା । ସେମାନେ ତୋର ମୂଲ୍ୟ ଦେଇଥାନ୍ତେ । ଏ ଘରୁ ଲୁହ ବ୍ୟତୀତ ଆଉ କଣ ପାଇବୁ ।"

ଖାଲି ରୂପକୁ ଦେଖି ଜଣେ ବାହା ହେବାକୁ ରାଜି ହୋଇ ଯିବା ବିବେକୀର କାର୍ଯ୍ୟ ନୁହେଁ ସେ ଜାଣେ । ଆଉ କଛି ଉଦେଶ୍ୟ ବି ଥାଇ ପାରେ । ଏମାନଙ୍କୁ ସୁନ୍ଦରୀ ଝିଅର ଅଭାବ ହେବାର କାରଣ ତ ସେ ଖୋଜି ପାଉନ । ଘରର ଲୋକ ମାନଙ୍କୁ ସେ ଦେଖି ବାକୁ ବିଶେଷ ପାଉନ ଯାହା ସଂଗେ ସେ ମନ ଖୋଲି କଥା ବାର୍ତ୍ତା ଟିକେ ହୋଇ ପାରନ୍ତା । ଖାଲି "ସନା' ଓ "ବନା' ସେ ଘରେ କାମ କରୁଥିବା ଦୁଇ ଜଣ ଲୋକ ତା ଭଲ ମନ୍ଦ ପଗ୍ଭରି ବୁଝୁ ଥାନ୍ତି । ଖାଇବା ନ ଖାଇବା ଠୁ ଆରମ୍ଭ କରି ଆଉ ସବୁ ପଯ୍ୟର୍ନ୍ତ ।

ଘରର ଅନ୍ୟ ମାନେ କାହାନ୍ତି । କାହାକୁ ତ ସେ ଦେଖୁନ । କେହି ତାକୁ ଆସି ଆଦର ବା ଅଭ୍ୟର୍ଥନା କରୁ ନାହାଁନ୍ତି । ଏ କ ଘର । ସେ ପରା ଜାଣେ ଏ ବଡ ଲୋକ ମାନଙ୍କ ମିଜ୍ଞାସ ଭ୍ଭରି ଖଟା ଜମା ମିଠା ନୁହେଁ । ସେ ସେଇଥି ପାଇଁ ପୂର୍ବ ମନା କରୁଥିଲା ଏ ଘରେ ବାହା ହେବ ନାହିଁ ବୋଲି । ବୋଉ ଟା ଆତ୍ମହତ୍ୟା କରିବ ବୋଲି ଯଦି ଧମକେଇ ନଥାନ୍ତା, ସେ କଦାଚତ୍ ଏଠି ବିବାହ କରିବାକୁ ରାଜି ହୋଇ ନଥାନ୍ତା । ଏବେ ଆଉ କଣ । ଯାହାଙ୍କୁ ସେ ବିବାହ କଲା ସେ କେମିତିକା ଲୋକ । ତାର କଣ ଉଦେଶ୍ୟ ପଦ୍ମାକୁ ବିବାହ କରିବା ପଛରେ ।

ଗ୍ଭରି ଦିନ ହେଲାଣି ଘରେ ବନ୍ଧୁ ବାନ୍ଧବଙ୍କ ଭିଡ ଥିଲା । ସେମାନେ ସବୁ ଯିଏ ଯୁଆଡେ ଗ୍ଭଲି ଗଲେଣି । ତା ପରେ ଦିନେ ସ୍ୱାମୀ ସୌମିତ୍ର ଆସି କହିଦେଇଗଲେ । ଏ ଘର ଆଜି ଠାରୁ ତୁମର । ଭଲ ମନ୍ଦକୁ ଆଦରି ନେଇ ଏ ଘରର ଦାୟିତ୍ୱ ତୁଲେଇବ । ଧିରେ ଧିରେ ସେ ଜାଣିଗଲା ଯେ ସ୍ୱାମୀ ସୌମିତ୍ରର ଗୋଟିଏ ଗୋଡ ଅଚଳ । ସେଥିରେ ଅପରେସନ୍ କରା ଯାଇ କୃତ୍ରିମ ଗୋଡଟିଏ ଲଗା ଯାଇଛି । ବିଶେଷ ଗ୍ଭଲବୁଲ କରିପାରନ୍ତି । ନହାତି ଦରକାର ପଡିଲେ ଅଳ୍ପ ଗ୍ଭଲନ୍ତି । ନଚେତ୍ ଦାଣ୍ଡ ପଟର ଅଫିସ୍ ଘରେ ସବୁବେଳେ ରୁହନ୍ତି । ଆଶା ବାଡିର ଆଶ୍ରୟ ବି ବେଳେ ବେଳେ ନଅନ୍ତି ।

ବାପା ବା ଶ୍ୱଶୁର ରୁହନ୍ତି ତଳ ମହଲାରେ । ଦାଣ୍ଡ ପଟେ ତାଙ୍କର ଦୁଇ ବଖରା ଅଲଗା ଘର ଅଫିସ୍ ଘର ଠାରୁ ଅଳ୍ପ ଦୂରରେ । ବୋଉ ବା ଶାଶୁ ରୁହନ୍ତି ଦ୍ୱିତୀୟ ମହଲାରେ । ଆଉ

ବାଳୁଙ୍ଗା ଭାଇ ଦିଇଟା ରୁହନ୍ତି ତୃତୀୟ ମହଲାରେ । ଆଉ ତାର ଶୋଇବା ଚଳବା ଘର ସବୁ ପ୍ରଥମ ମହଲାରେ । ରୋଷେଇ ଘର ବି ପ୍ରଥମ ମହଲାରେ । ସେ ଘରେ କାହା ସହିତ କାହାର ସଂପର୍କ ନାହିଁ । ସମସ୍ତଙ୍କ ମୁହଁ ବିପରୀତ ଦିଗକୁ । ଘରର ପରିସ୍ଥିତିକୁ ନେଇ ସ୍ୱାମୀ ତାଙ୍କର ଭିଷଣ ଦୁଃଖି । ଘରର ବଡ ପୁଅ ସେ କେବଳ ନୁହଁନ୍ତି, ଅସହାୟ ସତ୍ତ୍ୱେ ଦାୟିତ୍ୱବାନ ବି ଅଟନ୍ତି । ବାପା ବୋଉଙ୍କର ମନାନ୍ତରର କାରଣ ସେ ଜାଣନ୍ତିନ । ଘରର ଅବହେଳା, ଅଯତ୍ନ, ଅନାଦର ଯୋଗୁ ପୂର୍ବଜଙ୍କ ଘର କ୍ରମଶଃ ପତନର ରୂପ ଧାରଣ କରିବାକୁ ବସିଲାଣି ।

ସାନ ଭାଇ ଦୁଇଟା ଙ୍କର ଘର ସହିତ କୌଣସି ସଂପର୍କ ନାହିଁ । କେବଳ ରାତିରେ ଶୋଇବା ଓ ଖାଇବା ପାଇଁ ଆସନ୍ତି । ଶ୍ୱଶୁର ମଦ ଓ କଛି ମାଦକ ଜିନଷ ସେବନର ଆଶ୍ରୟ ନେଇ ଦି ରାତି ଶୋଇ ରୁହନ୍ତି । ଶାଶୁଙ୍କର ଠାକୁର ପୂଜାରେ ଦିନ ଯାଏ । ସେ ଏକାକୀ ରହିବାକୁ ଭଲ ପାଆନ୍ତି । କାହାରି ସଂଗେ ବିଶେଷ ଯୋଗାଯୋଗ ତାଙ୍କର ନାହିଁ । ଦୁର୍ବଳ ଶରୀର ତାଙ୍କର ବିଶେଷ କୁଆଡେ ଚାଲ ବୁଲ କରିବାକୁ ଭଲ ପାଆନ୍ତିନ । ଏଇ ହେଉଛି ଏକ ଉଦ୍ଭଟ ପରିବାର ।

ଏବେ ପଦ୍ମା ଜାଣିଲା ତାର ଏ ଘରେ ବିବାହର କାରଣ । ଶିବ ମାମୁଁ ବୋଉର ବହୁ ଦୂର ସଂପର୍କୀୟ ଭାଇ । ଏ ଘରର ଗୁମାସ୍ତା ଭାବରେ ଆଗରୁ କାମ କରୁଥିଲେ । ଏବେ ବୁଢା ହୋଇ ଯିବା ପରେ କାମରୁ ଅବ୍ୟାହତି ନେଇଛନ୍ତି । ସେ ଏ ଘରକୁ ଓ ଘରର ଲୋକଙ୍କୁ ଭଲ ଭାବରେ ଚହ୍ନିଥିଲେ ଓ ଏ ପର୍ଯ୍ୟନ୍ତ ସବୁ ସମ୍ଭାଳ ନେଇଥିଲେ । ସେ ଜଗମୋହନ ବାବୁଙ୍କ ବାପାଙ୍କ ଅମଳରୁ ଦଶ ବର୍ଷ ବୟସରୁ ଏଠି କାମକରି ଆସିଛନ୍ତି । ଆଜି ଏ ଘରର ବରବାଦ ତାଙ୍କର ସହିବା ଅସମ୍ଭବ । ତେଣୁ ତାଙ୍କରି ପ୍ରରୋଚନାରେ ଏ ବାହାଘର ହେଲା ।

ସୌମିତ୍ରଙ୍କର ଶାରୀରିକ ଅକ୍ଷମତା ସତ୍ତ୍ୱେହେଁ ସେ ଭଲ ମଣିଷ ଥିଲେ ଓ ଘର ପାଇଁ ଭାବୁଥିଲେ । କନ୍ତୁ କଛି କରି ପାରୁ ନଥିଲେ । ତାଙ୍କୁ ଯେ କଏ ଜଣେ ବିବାହ କରିବ ଏ କଥା ସେ ସ୍ୱପ୍ନରେ ଭାବି ନଥିଲେ । ଦୀର୍ଘ ପଅଁଷଠି ବର୍ଷ ହେବ ଏ ଘରର ଲୁଣ ଖାଇଥିବା

ଶିବ ବାବୁ ଜଣେ ଗରିବ ଘରୁ କନ୍ଯା ଯୋଗ୍ୟ ବୋହୁର ସନ୍ଧାନରେ ଥିଲେ । ଯିଏକ ଅନାୟସରେ ଏ ଘରକୁ ସମ୍ଭାଳି ପାରିବ । ପଦ୍ମାକୁ ଦେଖିଲା ପରେ ତାଙ୍କ ମନ ଯେମିତି ଚାହୁଁଥିଲା ସେମିତି ମିଳିଗଲା ଭାବି ଖୁସିରେ ବିହ୍ଵଳ ହୋଇଯାଇଥିଲେ । ଜଗମୋହନ ବାବୁଙ୍କ ସମାସ୍କନ୍ଦ ବଡ ଘରୁ ଝିଅ ଆଣିଥିଲେ ସେ ଦି ଦିନ ରେ ଛାଡି ଚାଲିଯିବାର ସମ୍ଭାବନା ଯଥେଷ୍ଟ ଥିଲା । ପଦ୍ମା ପରି ଝିଅଟିଏ ଆସିଲେ ତାର ଆଉ ଗତ୍ୟାନ୍ତର ନଥିବ ଅନ୍ୟ କୁଆଡେ ଯିବାକୁ ।

ସୌମିତ୍ର ପଦ୍ମାର ଫଟ ଦେଖି ରୂପରେ ମୁଗଧ୍ ହୋଇ ଯାଇଥିଲେ । ତାଙ୍କୁ ଆଉ କଛି ଦିଶି ନଥିଲା । ଆଗ ପଛ କଛି ନ ଭାବି ତତକ୍ଷଣାତ୍ ଶିବ ବାବୁଙ୍କ କଥାରେ ରାଜି ହୋଇ ଯାଇଥିଲେ । ସେହି ଶିବ ବାବୁ ଓ ଘରର ଅନ୍ୟାନ୍ୟ କର୍ମଚାରୀଙ୍କ ଦ୍ଵାରା ହିଁ ବିବାହ କାମ ସଂପର୍ଣ୍ଣ ହୋଇଥିଲା ଘରର ସଦସ୍ୟ ମାନଙ୍କ ଦ୍ଵାରା ନୁହେଁ । ତଥାପି ଘରର ସମସ୍ତ ସଦସ୍ୟ ପଦ୍ମାକୁ ଦେଖି ଖୁସି ହୋଇ ଯାଇଥିଲେ । ଯଦିଓ ମିଳତ ଭାବରେ ନୁହେଁ । ତେବେ ଯେଝା ବାଟରେ ଯିଏ ।

ଏ ଏକ ଅଡୁଆ ସୂତା । ଏହାର ଆଦି ଅନ୍ତ ଖୋଜିବା ଭାରି କଷ୍ଟ । କଏ ସିନା ଘରେ ରହିଲେ ସେ କାହାକୁ କଣ ପଚାରନ୍ତା । ବୋହୁ ହୋଇ ଏ ଘରକୁ ଆସିବାର ମାସେ ହୋଇଗଲାଣି । କେମିତି ତା ଦିନ ବିତୁଛି ସିଏ ଜାଣେ । ବାପା ବୋଉ ବି ଯାଇଛନ୍ତି ତୀର୍ଥ କରି ଏତିକ ବେଳକୁ ନଚେତ୍ ଘରେ ଯାଇ ଟିକେ ବୁଲି ଆସନ୍ତା । ତାଙ୍କୁ ତ ଝିଅ ବାହା ଦେଇ ଟଙ୍କା ମିଳିଲା, ଟଙ୍କା କଛି ଖର୍ଚ୍ଚ ହେଲାନ ହାତରୁ, ତେବେ ତୀର୍ଥ କରିବାକୁ ଯିବେନ ବା କାହିଁକ । ସାନ ଭଉଣୀ ଟା ଘରେ ଏକା ଅଛି । ଚାଲିଗଲେ କଛି ମନ୍ଦ ହୁଅନ୍ତାନ, ସେଠି ଖାଇବାକୁ ନଥାଉ ପିନ୍ଧିବାକୁ ନଥାଉ କନ୍ତୁ ଏପରି ଝାମେଲା ନଥିଲା । ଏ ବନ୍ଧନ ନଥିଲା । ମୁକ୍ତ ଆକାଶର ମୁକ୍ତ ବିହଙ୍ଗି ସେ ଥିଲା ।

ସକାଳୁ ଉଠିଲା ମାନେ ମୁଣ୍ଡ ଓ ମନ ଭାରାକ୍ରାନ୍ତ । ସ୍ଵାମୀ ସପ୍ତାହେ ଖଣ୍ଡେ ଘରେ ରହିଲେ ତାପରେ ସକାଳୁ ଉଠି ଖିଆପିଆ କରି କୁଆଡେ ଯାଆନ୍ତି ଯେ ଆସନ୍ତି ରାତିକୁ । ସେ ଯେ

ଯାଇ ଦା  ପଟେ ଥିବା ଅଫିସ୍ ଘରେ ରୁହନ୍ତି ତାକୁ ଜଣା ନଥିଲା । ସେ ଘରଟା ବିଭିନ୍ନ ଭାଷାର ବହିରେ ଭର୍ତ୍ତି । ଦିନ ଯାକ ପଢା ପଢି କଛି ଲେଖା ଲେଖିରେ ନଜକୁ ବ୍ୟସ୍ତ ରଖନ୍ତି । ନାମ ସହିତ ଚେହେରା ବି ବେଶ୍ ସୌମ୍ୟ କନ୍ତୁ ଭାରି ଉଦାସ ଚେହେରା । ଅଳ୍ପ କଥା କୁହନ୍ତି ।

ଶିବ ମାମୁଁ ମଝିରେ ମଝିରେ ଆସି କଛି କଛି ଉପଦେଶ ଦେଇଯାଆନ୍ତି କେବଳ । ବାର୍ଦ୍ଧକ୍ୟ ଯୋଗୁ ସେ ବି ବେଶୀ ଯାଇ ଆସି ପାରନ୍ତନ । ତାଙ୍କଠୁ ଅଧିକ କଛି ଆଶା କରା ଯାଇ ପାରେନା । ତାଙ୍କରି ଉପଦେଶକୁ ପାଥେୟ କରି ସେ ଗୃରିଆଡେ ଆଖି ବୁଲାଇଲା କପରି ସହଜରେ ସମସ୍ତଙ୍କ ସହ ମିଳମିଶି ଚଳହେବ ।

ନାଃ ଚଳବା ପରି କଛି ସହଜ ସରଣୀ ସେ ପାଉ ନାହିଁ । ଗୋଟିଏ ସମସ୍ୟାକୁ ସମାଧାନ କରିବାକୁ ଭାବିଲା ବେଳକୁ ଦଶଟା ସମସ୍ୟା ଆସି ବାଟ ଓଗାଳୁଛନ୍ତି । ସବୁ ଚନ୍ତା ଧାରା ଏବେ ଓଲଟ ପାଲଟ । ଏଠାରୁ ଗୃଲି ଯିବାକୁ ମନ ଛଟପଟ ହେଲାଣି । ତାର ଦରକାର ନାହିଁ ଏ ବନ୍ଦୀ ଜୀବନ । ମୁଠାଏ ଭଲରେ ଖାଇବା, ପିନ୍ଧିବା, ରହିବା ପାଇଁ ବାପା ତାକୁ ଏପରି ବିକ୍ରି କରିଦେବାଟା ଠିକ୍ ହୋଇନାହିଁ । ବାପ ଘରକୁ ଫେରି ଯିବାକୁ ଇଛା ହେଲେବି ବାପାର ମୁହଁ ଗୃହିଁବାକୁ ତାର ଜମା ଇଛା ନାହିଁ । ଏକ ଛଟପଟ ଭରା ଜୀବନ ଯେ ତା ପାଇଁ ଆଗକୁ ଅପେକ୍ଷା କରିଛି ସେ ଏବେଠୁ ଜାଣିଗଲାଣି ।

ସେଦି ସକାଳୁ ମନଟା ଭାରି ଭାରି ଲାଗୁଛି । ଶେଯରୁ ଉଠିବାକୁ ମୋଟେ ଇଛା ହେଉନ । ତୁମେ କେତେବେଳେ ଶୋଉଛ କେତେବେଳେ ଉଠୁଛ କେହି କେବେ ତଦାରଖ କରନ୍ତିନ କ ପ୍ରଶ୍ନ ପଗ୍ଡରନ୍ତିନ ସେ ଘରେ । ସନା ବନା ଦୁଇ ଭାଇ ପନ୍ଦର ବର୍ଷ ହେଲାଣି ସେ ଘରେ କାମ କରୁଛନ୍ତି ସେଇ ଶିବ ମାମୁଁ ତାଙ୍କୁ ଏଇଠି କାମ ଦେଇଥିଲେ । ସେଇଦିନୁ ସେମାନେ ଏ ଘରର ଏକରକମ ମାଲିକ କହିଲେ ବି ଚଳେ । ତାଙ୍କ ମନ ଇଛାରେ ସବୁ କାମ କରନ୍ତି । ସକାଳୁ ଉଠି ମୁଠାଏ କଛି ରାନ୍ଧେଇ କରି ଟେବୁଲ୍ ଉପରେ ଥୋଇ ଦିଅନ୍ତି ପୁଅ ମାନଙ୍କ ପାଇଁ । ପୁଅ ମାନେ ତାଙ୍କ ଇଛା ହେଲେ ଖାଆନ୍ତି, ନ ଖାଆନ୍ତି ବା ବାହାରେ ଯାଇ

ଖାଆନ୍ତି କେହି ଖବର ନଅନ୍ତିନ। ଶାଶୁ ଶ୍ୱଶୁର ଓ ସୌମିତ୍ରଙ୍କ ପ୍ରକୋଷ୍ଠରେ ଯାଇ ସେମାନଙ୍କୁ ଖାଇବାକୁ ଦେଇ ଆସନ୍ତି ।

ଶାଶୁ ଶ୍ୱଶୁରଙ୍କ ଦେଖାରଖା କରିବାକୁ ତାଙ୍କ ପାଇଁ ଦୁଇଜଣ ଅଲଗା ଲୋକ ଅଛନ୍ତି । କେବଳ ଟଙ୍କା ନେଉଛନ୍ତି କାମ ଆଉ କଛି ନୁହେଁ । ଘରେ ଗୁମାସ୍ତାଙ୍କୁ ମିଶାଇ ଛଅ ଜଣ ଅଛନ୍ତି କାମ କରିବାକୁ । ସେମାନେ ଖାଇ ପିଇ ବେଶ୍ ଆନନ୍ଦରେ ଅଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟ ବେଶ ପୋଷାକ ପରିବାର ଲୋକ ମାନଙ୍କ ଠାରୁ ଯେଥଷ୍ଟ ଭଲ । ଯେଝା ବାଟରେ ଯିଏ ଟଙ୍କା ପଇସା ଲୁଟି ଗ୍ଲଲିଛନ୍ତି । ଘରର ଆମଦାନୀ କହିଲେ ସେମାନଙ୍କର ଆଉ ଦୁଇଟା ଦୁଇ ମହଲ୍ ଘର ସବୁ ଭଡା ଲାଗିଛି । ସେଇ ଟଙ୍କାରେ ପରିବାର ଚଳେ । ଜମି ବାଡି ବଗିଚ୍ଚାରୁ ବି ଫଳପରିବା ଯଥେଷ୍ଟ ମିଳେ । କଛି ଘରେ ଖର୍ଚ୍ଚ ହୁଏ ବାକ ସବୁ ବଜାରକୁ ଯାଏ ବିକ୍ରି ପାଇଁ । କନ୍ତୁ ସେ ଟଙ୍କା ସବୁ କୁଆଡେ ଯାଏ କେହି ଜାଣେନା । ଶିବ ମାମୁଁଙ୍କ ପରେ ନୂଆ ଗୁମାସ୍ତା ବାବୁଙ୍କର ଏ ସବୁ ଦାୟିତ୍ୱ । ସେ କନ୍ତୁ ନଜ ପକେଟ ଗରମ ରଖିବାରେ ବ୍ୟସ୍ତ ।

ପଦ୍ମା ଜାଣିଗଲାଣି ଏ ଚକ୍ରବ୍ୟୁହ୍ୟରୁ ତାର ମୁକ୍ତି ନାହିଁ । ଏଠାରେ ହଜାର ସମସ୍ୟା ସତ୍ୱେ ଓ ପ୍ରାଚୁର୍ଯ୍ୟତା ବି ପ୍ରଚୁର । ବାପ ଘରେ ଖାଇବା ଅଭାବରୁ ସେମାନଙ୍କୁ କେତେ ଥର ଉପାସ ରହିବାକୁ ପଡିଛି । ପାଖ ପଡିଶାଙ୍କ ବାଡିରୁ ଫଳମୂଳ ଗ୍ଲେରି କରି ପେଟ ପୁରଣ କରିବାକୁ ପଡିଛି । ନୂଆ ପୋଷାକ ପାଇଁ ଗୋଟେ ଯୁଗ ଅପେକ୍ଷା କର । ତାକୁଇ ଧୋଇ ଶୁଖେଇ ପିନ୍ଧ । କେତେଥର ଓଦା ଲୁଗା ପିନ୍ଧି ସେ ସ୍କୁଲ ଯାଇ ଶର୍ଦ୍ଦି କାଶ ଭୋଗିଛି ତାର ହିସାବ ନାହିଁ । ଏଠି କନ୍ତୁ ଯେତେବେଳେ ଯାହା ଇଛା ଖାଅ ସେଥିରେ ପଦେ କେହି ବାରଣ କରିବାକୁ ନାହାଁନ୍ତି । ପିନ୍ଧିବାକୁ ଗହଣା ଗାଣ୍ଠିରୁ ଆରମ୍ଭ କରି ଶାଢି ପଯ୍ୟର୍ନ୍ତ ଯାହାକୁ ଯେତେ।

ତେଣୁ ପଳାୟନ ପନ୍ଥା ଟା ସମିଚୀନ ହେବ ନାହିଁ । ତା ବ୍ୟତୀତ ତା ଲୋଭି ବାପା କଣ ଏ କଥା ସହିବ । ତାକୁ ଯେମିତି ସେମିତି ହେଉ ଘରୁ ବିଦା କରିଦେବ । ତା ବାପ ମା' ତାଙ୍କ

ଚଉଦ ଜନ୍ମରେ ଏତେ ସଂପତି ବାଡି ଦେଖି ନଥିବେ । ପଦ୍ମା ଯୋଗୁ ସେମାନେ ଏବେ ଘରେ ଆରାମରେ ବସି ଖାଇ ପାରିବେ । ସାନ ଝିଅଟାକୁ ଭଲ ଘରେ ବାହା ବି ଦେଇ ପାରବେ । ତେଣୁ ଏ ଘରୁ ଗୋଡ କାଢିବା କଥା ମନରୁ ବାହାର କରିଦେଇ ପରିସ୍ଥିତିର ମୁକାବିଲା କରିବାକୁ ଅଣ୍ଟା ଭିଡିଲା । ଯଦିଓ କୋଉଠୁ ଆରମ୍ଭ କରିବ ବା କପରି କରିବ ତାକୁ ଜଣା ନ ଥିଲା, ତଥାପି ସୁଯୋଗର ଅପେକ୍ଷାରେ ରହିଲା ସେ । ତା ବ୍ୟତୀତ ଆଉ ବିକଳ୍ପ କଣ ଥିଲା ଯେ।

ଏ ଘରକୁ ଆସିବାର ଛଅମାସ ହୋଇ ଗଲାଣି । ତିନ ଥର ଯାଇ ବାପ ଘରୁ ବୁଲି ଆସିଲାଣି ଗାଡିରେ । ସକାଳୁ ଯାଇ ସଂଧ୍ୟାରେ ଆସିଛି କେବଳ । ବାପ ମା' ବେଶୀ ସମୟ ରଖିବାକୁ ଇଛା କରନ୍ତିନ । ତାଙ୍କ ହାବ ଭାବରୁ ସେ ଜାଣିନଏ । କନ୍ତୁ ଯେତେବେଳେ ପଡୋଶୀ ମାନେ ତାର ଗାଡିରେ ବସି ଆସିବା ଓ ଏପରି ସାଜସଜ୍ଜାରେ, ଯେତେବେଳେ ପ୍ରଶ୍ନିଳ ଓ ଉତ୍ସୁକ ଦୃଷ୍ଟିରେ ତାକୁ ଗୃହାଁନ୍ତି ତା ମନ ଭିତରେ କଛି ଗୋଟେ ଗ୍ୱଣୀ ଗ୍ୱଣୀ ଭାବ ସେ ଅନୁଭବ କରେ । ତାକୁ ଏପରି ସମ୍ମାନସୂଚକ ଦୃଷ୍ଟିରେ ଆଗରୁ କେହି କେବେ ଦେଖୁ ଥିଲେ । ମନ ଭିତରେ ଏକ ଅହେତୁକ ଅଦମ୍ୟ ଖୁସି, ଲାଳସା ଓ କାମନା ଶାଖା ପ୍ରଶାଖା ମେଲାଇ ଦୃଢ ରୂପରେ ଠିଆହୋଇ ସବୁ ଝଡର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେଇ ଯାଉଥିଲେ । ଦୈନ୍ୟହୀନ ବାପ ଘର ଟା ଆଖିଭିତରେ କଛି ପଡିଯିବାର ତୀବ୍ର ଯନ୍ତ୍ରଣା ଅନୁଭବ କରିବାକୁ ଦେଉଥିଲା । ସେ ପୁଣି ଫେରି ଆସୁଥିଲା ଶ୍ୱଶୁର ଘରକୁ ।

ସେଦିନ ଉପର ମହଲାରୁ କଛି ଗୋଟେ ଶବ୍ଦରେ ପଦ୍ମା ଦୌଡିଗଲା ଉପର ଘରକୁ । ଶାଶୁ ବାରଣ୍ଡାରେ କଗ୍ୱଡି ହୋଇ ପଡିଛନ୍ତି ଆଉ ଉଠି ପାରୁ ନାହାଁନ୍ତି । ତାଙ୍କର ଦେଖାରଖା କରୁଥିବା ଧରମା ମା' ବଗିଗ୍ୱକୁ ଯାଇ ଥିଲା ଫୁଲ ପାଇଁ । ଫେରିନ ଏଯାଏ । କୌଣସି କାରଣରୁ ଶାଶୁ ବାରଣ୍ଡାକୁ ଏକା ଏକା ଆସି ଗୋଡ ଖସି ପଡି ଯାଇଛନ୍ତି । ପଦ୍ମା ଦୌଡି ଯାଇ ତାଙ୍କୁ ଉଠେଇ ଘର ଭିତରକୁ ନେଇ ଶେଯ ଉପରେ ଶୁଆଇ ଦେଇ ଘଷା ଆଉଁଶା କରିବାକୁ ଲାଗିଲା । ପାଣି ପିଇବାକୁ ଦେଲା । ଭଲ ଲାଗୁଛି କ ନାହିଁ ଓ କେଉଁଠି ଯନ୍ତ୍ରଣା ହେଉଛି ପଗ୍ୱରି ବୁଝିଥିଲା । ନଜ କୋଳରେ ଶାଶୁଙ୍କ ମୁଣ୍ଡକୁ ରଖି ମୁଣ୍ଡ ସାଉଁଳେଇବାକୁ

ଲାଗିଲା । ଶାଶୁଙ୍କ ପଡି ଯାଇଥିବାର ଯନ୍ତ୍ରଣା ଜନତ ଉଁ ଆଁ ବନ୍ଦ ହୋଇ ଗଲାଣି । ସେ ଏବେ ଚୁପ୍ ଚାପ୍ ଛୋଟ ପିଲା ପରି ପଦ୍ମାର ଗୋଡରେ ମୁଣ୍ଡ ରଖି ଆଖିବୁଜି ପଡି ରହିଛନ୍ତି ।

ପଦ୍ମା ପୂର୍ବରୁ ଅନେ ଥର ଏକାକୀ ଲାଗିଲେ ଉପର ଘରକୁ ଆସିଛି ଶାଶୁଙ୍କ ସଂଗେ ଗପସପ କରିବାକୁ, ପରାମର୍ଶ ବା ଉପଦେଶ ମାଗିବାକୁ । ଅନେକ ଥର ଆସି ମୁଣ୍ଡିଆ ବି ମାରିଛି । କନ୍ତୁ ସେ ମୁହଁ ଖୋଲି କେବେ କଛି କୁହନ୍ତି ନ । ଇସାରାରେ ସେଠାରୁ ଚାଲିଯିବାକୁ କୁହନ୍ତି ମାତ୍ର । ସେ ଏକାକୀ ରହିବାକୁ ପସନ୍ଦ କରନ୍ତି । କେବେ ଠାରୁ ସେ ଏ ଅକଥ୍ୟ ଯନ୍ତ୍ରଣାର ଶୀକାର ହୋଇ ଭିତରେ ଭିତରେ ସଢି ମରୁଛନ୍ତି କେହି ତାର ସଠିକ୍ ଉତର ଦେଇ ପାରୁ ନାହାଁନ୍ତି । ସ୍ୱାମୀଙ୍କ ଅବହେଳା, ଅଦେଖା, ଅଜଣା ଭାବ ତ ତାର ଏକ ମୁଖ୍ୟ କାରଣ ନଶ୍ଚୟ । କନ୍ତୁ ଘର, ସଂସାର ପ୍ରତି ଏ ବିତସ୍ପୃହ ଭାବ କାହିଁକ ?

ଶାଶୁ ଆଖିବୁଜି ପଡିରହିଛନ୍ତି ସତ କନ୍ତୁ ତାଙ୍କ ଆଖିରୁ ଦୁଇଧାର ଲୁହ ଗଡି ଚାଲିଛି । ପଦ୍ମା ତା ଲୁଗା କାନରେ ଯେତେ ପୋଛି ଚାଲିଛି ସେ ଲୁହ, ସେତେ ବୋହି ଚାଲୁଛି । ଏ ଶୁଷ୍କ ଆଖି ଦିଟାରେ ଏତେ ଯେ ଲୁହ ଥିଲା ପଦ୍ମା ଭାବି ଥିଲା । ତାର ଧାରଣା ଥିଲା ସେ ହୃଦୟ ଯେତିକ ଶୁଷ୍କ ସେ ଆଖି ଦିଟା ତାଠାରୁ ଆହୁରି ଶୁଷ୍କ । କନ୍ତୁ ଆଜି ସେ ଧାରଣା ତାର ଭୁଲ୍ ପ୍ରମାଣିତ ହୋଇଛି । ଶାଶୁ ତାଙ୍କୁ କୌଣସି ଇସାରା କରି ଚାଲି ଯିବାକୁ ଆଜି କହୁନାହାଁନ୍ତି । ବରଂ ସେ ତାଙ୍କ ପାଖରେ ଏପରି ବସିଥିବାରୁ ସେ ମନ ମଧ୍ୟରେ ବେଶ୍ ଖୁସି ହେଉଥିଲା ପରି ଲାଗୁଛି । ପଦ୍ମା ବି ଭାରି ଖୁସି, ଦୀର୍ଘ ଏତେ ଦିନ ପରେ ଶାଶୁ ତାକୁ ଆପଣେଇବାକୁ ଚାହୁଁଛନ୍ତି ।

ସେ ପୁରା ଦି ଟା ଶାଶୁଙ୍କ ପାଖରେ ରହିଲା । ତା ପର ଦି ସକାଳୁ ଉଠି ଫୁଲ ତୋଳ ତାକୁ ଗୁନ୍ଥି ମାଳା କରି ଶାଶୁଙ୍କ ଠାକୁର ମୂର୍ତ୍ତିଙ୍କୁ ପିନ୍ଧେଇଦେଲା । ଶାଶୁ କଛି ବାରଣ ବି କଲେନ । ବସି ଭଜନ ବି ଗାଇଲା । ଶାଶୁ ଶୁଣି ବହୁତ ଖୁସି ହେଲା ପରି ଲାଗିଲା । କଛି କହିଲେନ ସତ ତା ମୁଂକୁ ଆଉଁସି ଦେଲେ । ଏବେ ପ୍ରତ୍ୟେକ ଦିନ ଶାଶୁଙ୍କ ସେବାରେ ତାର ଦିନ

ଯାଏ । ତାର ବି ସମୟ ବିତେ ଶାଶୁଙ୍କର ବି । ପରିବାରର ଜଣେ ସଦସ୍ୟକୁ ତ ସେ ଖୁସି କରି ନିଜ ହାତରେ ରଖି ପାରିଲା ।

ବାଲୁଙ୍ଗା ସେ ଦିଅର ଦିଟାଙ୍କୁ ବାଟକୁ ଆଣିବାକୁ ପଡିବ । ତେବେ ଯାଇ ଏ ଘର ବାଟକୁ ଆସିବ । ଶାଶୁ ଆସ୍ତେ ଆସ୍ତେ ତାଙ୍କ ପ୍ରକୋଷ୍ଠରୁ ବାହାରି ବାହାରକୁ ଆସି ଚଲାବୁଲା କଲେଣି । ତା ସଙ୍ଗେ କଥା ବାର୍ତ୍ତା ବି ଆରମ୍ଭ କରିଦେଲେଣି । ପାଞ୍ଚ ମିନଟ ନ ଦେଖିଲେ ଡାକ ପକାଉଛନ୍ତି । ଖୁସି ରେ ଗୋଡ ତଳେ ଲାଗୁନ ପଦ୍ମାର । ସେ ଭାବି ନଥିଲା ଏତେ ସହଜରେ ଏ ସମସ୍ୟାର ସମାଧାନ ହୋଇଯିବ ବୋଲି ।

ଶାଶୁଙ୍କ ଠାରୁ ଆଶ୍ୱାସ ପାଇ ସେ ଦିଅର ମାନଙ୍କ ରୁମକୁ ଯାଇ ତାଙ୍କ ଅଲଗା ଲୁଗାପଟାକୁ ସଜାଡା ସଜଡି କରି ରଖିଦିଏ । ଘରକୁ ସଫା ସୁତୁରା କରି ସଜେଇ ଦିଏ । ପ୍ରଥମେ ହୁଏତ ସେମାନଙ୍କୁ ଭଲ ଲାଗିଲାନ । କିଛି ନ କହିଲେ ବି ତାଙ୍କ ରୁମ ବନ୍ଦ କରି ଦେଇ ବାହାରକୁ ଯାଉଥିଲେ । ଆସିଲା ଦିନ ରୁ ସେମାନେ କେବେ ତାକୁ ଭାଉଜ ବୋଲି ଡାକ ନାହାଁନ୍ତି କି ସେ ସମ୍ମାନ ବି ତାକୁ ଦେଇ ନାହାଁନ୍ତି ।

କିନ୍ତୁ ଶାଶୁଙ୍କ ପ୍ରଶ୍ରୟ ପାଇ ସେ ନିତି ଦିନ କାମରୁ ଓହୋରୁ ନଥିଲା । ସେମାନଙ୍କ ଲୁଗାପଟା ସଫା କରିବା ଇସ୍ତ୍ରୀ କରିବା ପ୍ରଭୃତି । ସେମାନଙ୍କ ମନ ପସନ୍ଦ ଖାଇବା ସନା ବନାଙ୍କୁ ପଗ୍ଚରି ନିଜେ ରୋଷେଇ କରି ନିଜେ ସେମାନଙ୍କ ରୁମରେ ନେଇ ଦେଇ ଆସେ । ଆସ୍ତେ ଆସ୍ତେ ସେମାନେ ଥ୍ୟାଙ୍କ୍ୟୁ କରି କଥା ବାର୍ତ୍ତା ଆରମ୍ଭ କଲେଣି । ଘରକୁ ଶିଘ୍ର ଆସିବା ଏକାଠି ବସି ମୁଭି ଦେଖିବା । ମୁଭି ଦେଖି ଥଟ୍ଟା ପରିହାସ ହସା ହସି ଦ୍ୱାରା ପରସ୍ପରକୁ ଜାଣି ଗଲେଣି ।

ପଦ୍ମା ଜାଣିଥିଲା ଏମାନେ ସମସ୍ତେ ମଣିଷ କିନ୍ତୁ ସ୍ନେହ ଶ୍ରଦ୍ଧା ଅଭାବରୁ ଅବାଟକୁ ଗ୍ଚାଲିଯାଇଥିଲେ । ଏବେ ପଦ୍ମା ସେମାନଙ୍କର ସେଇ ଦୁର୍ବଳତାକୁ ଜାଣିପାରି ତାକୁହିଁ ମରାମତି କରିବାରେ ଲାଗିଗଲା । ଏବଂ ସଫଳ ବି ହେଲା । ଶାଶୁଙ୍କ ହସ କଥାବାର୍ତ୍ତା ଚଳ

ଚଞ୍ଚଳତାରେ ଖୁସି ହୋଇ ଶ୍ୱଶୁର ବି ମଦ ପିଆରୁ ଓହୋରି କିଛି ସମୟ ଭିତର ଘରକୁ ଆସିଲେଣି ବାହାର ଘର ଛାଡି ।

ସେଦି ଶ୍ୱଶୁରଙ୍କ ଜନ୍ମ ଦି ଥିଲା ଶାଶୁ କହିଲେ । ସକାଳୁ ଉଠି ପଦ୍ମା ତାଙ୍କ ମନ ପସନ୍ଦ ଖାଦ୍ୟ ପିଠା ପଣା କରି ସେଦିନ ସମସ୍ତଙ୍କୁ ନିମନ୍ତ୍ରଣ କଲା । ଏପରିକି ଶ୍ୱଶୁରଙ୍କ ସାନ ଭାଇ ଓ ତାଙ୍କ ସ୍ତ୍ରୀ ପିଲା ମାନଙ୍କୁ ବି । ସମସ୍ତେ ଏକାଠି ବସି ଖାଇଲେ । ବହୁ ହସ ଖୁସି ସେମାନଙ୍କ ପିଲା ବେଳ କଥା ସବୁ ଆଲୋଚନା ଚାଲିଲା ।

ଶ୍ୱଶୁରଙ୍କ ଖୁସି କହିଲେ ନ ସରେ । ତାଙ୍କ ସାନ ଭାଇର ପରିବାର କେହି ବି ପଦ୍ମା ଆଉ ସୌମିତ୍ରଙ୍କ ବାହାଘରକୁ ଆସି ପାରି ନଥିଲେ । ଗୁମାସ୍ତା ଶିବ ମାମୁଁ ତ ବାହାଘରର ସବୁ ଆୟୋଜନ କରିଥିଲେ । ସେ ଶିବ ମାମୁଁଙ୍କୁ ଡାକଥିଲା ଆଜି ଖାଇବାକୁ କିନ୍ତୁ ତାଙ୍କର ଅସୁସ୍ଥତାର କାରଣରୁ ସେ ହସ୍ପିଟାଲରେ । ପଦ୍ମାର ଅନୁରୋଧରେ ସମସ୍ତେ ମିଶି ହସ୍ପିଟାଲ ଯାଇଥିଲେ ଶିବ ମାମୁଁଙ୍କୁ ଦେଖିବାକୁ । ଶିବ ମାମୁଁ ସମସ୍ତଙ୍କୁ ଏକାଠି ଦେଖି ଆଶ୍ଚର୍ଯ୍ୟ । ଏକ ପ୍ରଶ୍ନିଳ ଦୃଷ୍ଟିରେ ସେ କେବଳ ଚାହିଁ ରହିଲେ । ଶାଶୁ ମୁହଁ ଖୋଲିଲେ କହିଲେ, "ବୁଝିଲ ଶିବୁ ଏ ସବୁ ତୁମର ପ୍ରଚେଷ୍ଟା, ଆମକୁ ଏପରି ସୁନା ଚାନ୍ଦ ଧରେଇ ଦେଇ ଥିବାରୁ । ତାହାରି ଉଜ୍ଜ୍ୱଳ କିରଣରେ ଆମେ ସମସ୍ତେ ଆଜି ଉଦ୍ଭାସିତ" ।

ଶିବ ମାମୁଁ ଇସାରାରେ ପଦ୍ମାକୁ ପାଖକୁ ଡାକଲେ । "ତୁ ପରଶମଣି ମୁଁ ଜାଣିଥିଲି ସେଥି ପାଇଁ ତତେ ତୋର ଅନିଚ୍ଛା ସତ୍ୱେ ଏ ପ୍ରସ୍ତାବ ନେଇ ତୁମ ଘରକୁ ଯାଇଥିଲି । ତୋ ବୋଉ ମତେ ସବୁ କହିଛି । କିନ୍ତୁ ତୁମ ସମସ୍ତଙ୍କ ମଙ୍ଗଳ ପାଇଁ ମତେ ଏପରି ନିର୍ଣ୍ଣୟ ନେବାକୁ ପଡିଲା । ଦୁଇଟି ଯାକ ପରିବାର ଲାଭବାନ ହେବେ ଏ ସଂପର୍କରେ ବୋଲି ଆଶା ଥିଲା । ମତେ କ୍ଷାମା ଦେବୁ ଯଦି ମୁଁ କିଛି ଭୁଲ କରିଥାଏ । ମୋର ଯିବା ବେଳ ହେଲା । ସବୁ ଦାୟିତ୍ୱ ଏବେ ତୋର ।" ଦୁଇଦିନ ପରେ ଶିବ ମାମୁଁ ଶେଷ ନିଶ୍ୱାସ ନେଲେ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଓଜସ୍ୱୀ ଓଡ଼ିଆ ଭାଷା



ରାଜଶେଖର ସି. "ଚମା"

ଅତି ପ୍ରାଚୀନ ଆମରି ଓଜସ୍ୱୀ ଓଡ଼ିଆ ଭାଷା,
ବର୍ଣ୍ଣନାତୀତ ଯାହାର ପରିଭାଷା।

ଶାସ୍ତ୍ରୀୟ ଭାଷା ପରିଚୟ ପାଇଁ ପାଇଛି ଯୋଗ୍ୟତା,
ଅପୂର୍ବ ହେତୁ ନାହିଁ କୌଣସି ବୋଲି ସହିତ ଯାହାର ପ୍ରତିଯୋଗିତା।

ସ୍ୱଭାଷାରେ ସଂଚାର ହେଉ ସମସ୍ତଙ୍କର ସମ୍ଭାଷଣ,
ଆମ ସମସ୍ତଙ୍କର ସଂକଳ୍ପ ଦ୍ୱାରା ନିରନ୍ତର ରହିବ ଓଡ଼ିଆର ପୋଷଣ।

ସମସ୍ତେ ଦିଅନ୍ତୁ ଓଡ଼ିଆ ଭାଷାକୁ ମହତ୍ତ୍ୱ,
ଚିରକାଳ ପାଇଁ ସଂରକ୍ଷଣ କରିବା ଯାହାର ଅସ୍ତିତ୍ତ୍ୱ।

ପ୍ରବାହ ହେଉ ଆମ ଭିତରେ ହୋଇ ଗାମିନୀ
ରହୁ ସଦୈବ ମାତୃଭାଷା ଅନନ୍ତ ଜୀବନବାହିନୀ।

ମାଁଙ୍କ ଭାଷା ଜଣାଅଜଣା ସନ୍ଧିର ସେତୁ,
ପ୍ରୟାସ ଚାଲିଥାଉ ଓଡ଼ିଆ ଭାଷା ବିକାଶ ହେତୁ।

ଓଡ୍ର ବାକ୍ର ଶବ୍ଦ ସମ୍ପଦ ବହୁ ପରିମଳ,
ବିଭିନ୍ନ ଗ୍ରନ୍ଥନିଧି ଯୋଗୁଁ ଓଡ଼ିଆ ହୋଇଛି ବିମଳ।

ଉତ୍କଳ ଜନନୀ କରୁଛନ୍ତି ଓଡ଼ିଆ କହିବାକୁ ସମସ୍ତଙ୍କୁ ଅହ୍ୱାନ,
ଓଡ଼ିଆ ଜାତିରୁ ଆସିଛନ୍ତି ଅନେକ ବିଦ୍ୱାନ।

ନିଜ ଭାଷାର ସୁରକ୍ଷାପାଇଁ ଆଣିବା ଚେତନା,
ନହେଲେ ଭୋଗିବାକୁ ପଡିବ ପରଭାଷା ନିୟନ୍ତ୍ରଣର ନିର୍ଯ୍ୟାତନା।

ଓଡ଼ିଆ ଭାଷା ଓଡିଶାର ଅଭିବୃଦ୍ଧିର ଇନ୍ଧନ,
ଯାହାର ଉନ୍ନତିପାଇଁ ବ୍ୟବହାର ନିୟମରେ ଆବଶ୍ୟକ ସଂଶୋଧନ।

ଅଛନ୍ତି ଓଡ଼ିଆ ସଂସ୍କୃତିରେ ବହୁ ମାର୍ଗଦର୍ଶୀ,
ତାଙ୍କ ଅମୂଲ୍ୟ ବଚନ ଅତ୍ୟନ୍ତ ମର୍ମସ୍ପର୍ଶୀ।

ଆମ ଭାଷା ଆମପାଇଁ ଅତୁଲ୍ୟ ଅରବିନ୍ଦ,
ସରସ ସାହିତ୍ୟ ସୁରମ୍ୟ ସଂଗୀତ ଯାହାର ମଧୁର ମକରନ୍ଦ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଅଛି ବହୁସମ୍ପଦ,
ଅନୁଭବ କରିଲେ ମିଳିବ ଅଲୌକିକ ଆନନ୍ଦ।

chvrajasekhar@gmail.com

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା
vedantimagazine@gmail.com and editor.vedantimagazine@gmail.com

# ବିରହିଣୀର କଥା
# ମୋ କଲମରେ



ସତ୍ୟବ୍ରତ ସାହୁ

କାହିଁକି କେଜାଣି ବରଷା ଆସିଲେ ତମ କଥା ମନେ ପଡିଯାଏ,

ବର୍ଷାରେ ନଭିଜି ଆଖିର ଲୁହରେ ପଣତ ମୋ ଓଦା ହୋଇଯାଏ ।୧।

ଏ ବରଷା ଆଜି ସାଜିଛି ବଇରୀ ନିଃସଙ୍ଗେ ବିତୁଛି ବେଳ,

ତମ ସ୍ମୃତି ତେଣୁ ଆଖିରେ ତୋଳୁଛି ଲୁହର ମହାସାଗର,

ବରଷା ବୁଝେନା ବିରହିଣୀ ଭାଷା

ସ୍ମୃତି ଚିତ୍ରପଟ୍ଟ ଆଙ୍କିଦିଏ ।

କାହିଁକି କେଜାଣି.....( ୧)

ବରଷାର ଛିଟା କାଗଜର ଡଙ୍ଗା ଅତୀତକୁ ଆଣେ ଡାକି,

ହେଲେ ସେ ବୁଝେନା ଅତୀତ ସାଥୀଟି ଅବେଳେ ଦେଇଛି ଠକି,

ନରିମାଖି ମନ ସଜାଏ ସପନ

ବରଷା ଯେବେ ମୋ ତନୁଛୁଏଁ ।

କାହିଁକି କେଜାଣି....( ୨)

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ଅଫେର୍‌ ବେଳ



ରାଜେଶ ପୂଜାରୀ

ଥର ଥର ମନେ ପଡ଼େ ମୋର
ଦୁଷ୍ଟାମିରେ ଭର୍‌ ପିଲ୍‌ ବେଳ,
କୁଆଡ଼େ ଗଲ୍‌ ସେ' ହସ ଖୁସି
ଧୂଳ ଖେଳ ସାଙ୍ଗସାଥୀ ମେଳ !

କ'ଏ କଲ୍‌ ଗ୍ବେରୀ ହୁଏ ଝୁରି
ପ୍ରଶନ୍ନତା ମୋ ଅଚନ୍ତନୀୟ ,
ଶୟନ ସପନ ଭୋଜନ ଗମନ
ନିର୍ଭୟ ସ୍ୱଚ୍ଛନ୍ଦ ଶାନ୍ତିମୟ !



ମିଠା ମିଠା ସେଇ ଚଗଲ୍‌ମି
ଅତୁଳତ ସର୍‌ଗରେ ଭର୍‌,
କେମିତି ପାଶୋରି ପାରିବି ମୁଁ
ସଞ୍ଚିତ ଥିବ ଜୀବନ ସାର୍‌ ।

ଖର୍‌ ବର୍ଷା ଶୀତ ସବୁ ଭଲ ମିତ
ମିଳେ ସବୁ ଇଚ୍ଛିତ ଦରବ,
ଥିଲି କା' ଜହ୍ନ ଥିଲି କା' ତାର୍‌
ହୁଏ ଭାରି ଗର୍ବ ଅନୁଭବ ।

ସମୟ ସୁଅରେ ଗଲା ତ ଭସି
ସ୍ନେହ ଶରଧାର ବାଲିଘର,
ସ୍ୱାଧିନ ବିହଙ୍ଗ ହେବାକୁ ଗ୍ଭହିଁଲି
ନଜାଣି କ' ଏତେ ଭୟଙ୍କର ।

ଅଳ୍ପଦିନ ଡେଣା ମେଲି ଉଡ଼ିଲି
ସୁଖର ସୁନ୍ଦର ନଭ ତଳେ,
ଅଦିନ ଝଡ଼ରେ ପଡ଼ିଲି ଲୋଟି
ଶୁଷ୍କତରୁ ପ୍ରାୟ ମରୁଥଳେ ।

ଜୀବନର ସତ୍ୟ ଉପଲବ୍ଧ କରି
ସ୍ମୃତିଧାରେ ଖୋଜେ ପିଲାବେଳ,
ସେ' ବେଳକୁ ବାହୁଡ଼ି ଯିବାକୁ ମୁଁ
ଅନଶ୍ଚିତ ସ୍ୱପ୍ନେ ହୋଇ ଭୋଳ ।

ହେଲେ ଉଷୁନା ଧାନ କ' ଗଜା
ହୋଇଅଛି ଅବା ହେବ କେବେ,
ଆଖିରୁ ଝରିବ ଅବିରତ ଲୁହ
ଅଫେରା ବେଳ ହସିବ ଯେବେ ।

କୁଶମେଲ, ଝାରସୁଗୁଡା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଗ୍ଭହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# କ୍ଷୁଦ୍ର ଗଳ୍ପ

# ମାଡଖିଆ



ଶଶଧର ମହାପାତ୍ର

ଏଇ କଛିଦିନ ତଳେ ଅଫିସରେ ନୀରୋଳାରେ ବସି ଗାଁ କଥା ଓ ବୋଉ କଥା ଭାବୁଥିଲି । ସେଦିନ ଥିଲା ସାବିତ୍ରୀ ଅମାବାସ୍ୟା । ମୋ' ବୋଉର ଶ୍ରାଦ୍ଧ ଦିବସ । ଆଜିକୁ ୩୫ ବର୍ଷରୁ ଊର୍ଦ୍ଧ ହେବ ଗାଁ ଛାଡି ଆମେରିକା ଆସିଲିଣି । ବୋଉ ସଂସାର ଛାଡି ୪୮ ବର୍ଷ ହେଲା ସ୍ୱର୍ଗକୁ ଚାଲି ଗଲାଣି । ଦିନକର ଘଟଣା ମନେ ପଡି ଯେତେ ହସ ଲାଗିଲା, ସେତିକ ଦୁଃଖ ମଧ ଲାଗିଲା । ମୁଁ ତୃତୀୟ ଶ୍ରେଣୀରେ ସେତେବେଳେ ପଢୁଥାଏ । ଆଜି ମୋତେ ୬୫ ବର୍ଷ ହେଲାଣି । ମୋ' ପିଲାବେଳର କଥା । ଏ' ଏକ ବାସ୍ତବ ଘଟଣା । ମୋ' ସାଙ୍ଗରେ ଆମ ଗାଁ ହରିଜନ ସାହିରୁ ପିଲାଟିଏ ମୋ' କ୍ଲାସରେ ପଢୁଥିଲା । ତା' ଡାକ ନାଁ "ଦୁଃଶା' । ଭଲ ନାଁ "ଦୁଃଶାସନ ଯେନା' । ସେତେବେଳେ ଗାଁ ସାରା ଘରେ ଘରେ ଅଭାବ । ବିଲବାଡିରେ ଚାଷବାସ କରି ଗାଁ ଲୋକେ ଭରଣପୋଷଣ କରନ୍ତି । ହରିଜନମାନଙ୍କର ବିଲବାଡି ବିଶେଷ କଛି ନଥିଲା । ସବୁଦିନ ଅନ୍ୟ ଲୋକଙ୍କ ବିଲବାଡିରେ ମୂଲଲାଗି କି ଭାଗ ଚାଷକରି ଚଳନ୍ତି । ଦିନରେ ତିନ ବେଳା ଖାଇବାକୁ ମିଳବା ସେମାନଙ୍କ ପକ୍ଷରେ କଷ୍ଟକର । କେତେବେଳେ ଖାଇବାକୁ ମିଳଲା ତ କେତେବେଳେ ଖାଡା ଉପାସ । ସେତେବେଳେ ହରିଜନ ସାହିରେ ବେଶୀ ପିଲା ଜନ୍ମ କରୁଥିଲେ କାରଣ ବେଶୀ ମଣିଷ ଗୋଟିଏ ପରିବାରରରେ ଥିଲେ ମୂଲ ଲାଗି ବେଶୀ ଟଙ୍କା ରୋଜଗାର କରିପାରିବେ । ଘର ଚଳବାକୁ ସୁବିଧା ହେବ । ଦୁଃଶା ତା' ବାପା- ମା'କୁ କାମ ଧନ୍ଦାରେ ସାହାଯ୍ୟ କରେ, ତେଣୁ ପାଠ ପ୍ରତି ବିଶେଷ ଧାନ ଦେଇପାରୁ ନଥିଲା । ତାକୁ ଏଥିପାଇଁ ଦୋଷ ଦେବା ଅନ୍ୟାୟ ହେବ । ଘରର ଚଳାଚଳ ଭଲ ନଥିବାରୁ ପାଠ ପଢିବାକୁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେଉଥିଲା ।

ମୋର ମନେ ଅଛି ସେ' ହୋମଓ୍ୱାର୍କ କରିକି ନେଉ ନଥିବାରୁ ସାର୍ ବିଗିଡନ୍ତି । ସେତେବେଳେ ଆମ ଶ୍ରେଣୀ ଶିକ୍ଷକ ଥିଲେ "ଶତୃଘ୍ନ ସାହୁ' । ଆମ ଗାଁକୁ ଲାଗିଛି ତାଙ୍କ ଗାଁ । ତାଙ୍କ ଘର ଆମ ଘରଠୁ ବେଶୀ ଦୂର ନୁହେଁ । ପ୍ରାୟ ସବୁଦିନ କେଉଁଠି ନା କେଉଁଠି ଦେଖା ହେଇଯାଏ ସାର୍‌ଙ୍କ ସହ । ବାରମ୍ବାର କ୍ଲାସରେ ସହପାଠୀମାନଙ୍କ ସାମ୍ନାରେ ସାର୍‌ଙ୍କଠୁଁ ମାଡ ଗାଳି ଖାଇ ତାକୁ ମଧ୍ୟ ଲାଜ ଲାଗୁଥିଲା । ଦିନେ ସିଏ ମୋତେ ଏକ ପ୍ରସ୍ତାବ ଦେଲା । ପ୍ରସ୍ତାବଟି ଥିଲା ଏମିତି ଯେ ମୁଁ ତାକୁ ସମସ୍ତ ହୋମଓ୍ୱାର୍କରେ ସାହାଯ୍ୟ କରିବି ଓ ସେ' ପ୍ରତିବଦଳରେ ଭଲ ମିଠା ବରକୋଳି ଆଣି ଦେବ । ମୋ' ପିଲା ମନକୁ ଏ' ପ୍ରସ୍ତାବ ବେଶ୍ ଛୁଇଁଗଲା । ମୁଁ ଖୁସିହେଇ "ହଁ' ମାରିଲି । ଏମିତି ଦିଆନିଆ ଚାଲିଥାଏ ।

ଦିନେ ଶନିବାର ହେଇଥାଏ । ଶନିବାରରେ ଅଧାଦିନ ସ୍କୁଲ । ବିଲରୁ ଧାନ କଟାକଟି ଓ ବୁହାବୋହି ସରିଯାଇଥାଏ । ସ୍କୁଲ ଛୁଟି ହେଇଗଲେ ଆମେ ବିଲବାଟେ ହିଡ ଉପରେ ଚାଲିଚାଲି ଆସିଯାଉ ବେଶୀ ବାଟ ରାସ୍ତା ନବୁଲି । ବର୍ଷାଦିନେ କିନ୍ତୁ ବେଶୀ ବୁଲିବୁଲି ସ୍କୁଲକୁ ଯିବାକୁ ଓ ଆସିବାକୁ ପଡିଥାଏ କାରଣ ସବୁଆଡେ ପାଣି । ଖରାଦିନେ ଅଧା ବାଟ କମିଯାଏ । ହିଡରେ କୋଇଲିଖିଆ କଣ୍ଟାଗଛ ଥାଏ । ତେଣୁ ବାଟ ଚାହିଁଚାହିଁ ସାବଧାନ ହେଇ ଆସିବା କଥା । ପାଦରେ କାହାର ଯୋତା ନଥିଲା । ବେଳେବେଳେ ଯେତେ ସାବଧାନ ହେଲେବି ଗୋଡରେ କଣ୍ଟା କେମିତି ପଶିଯାଏ କି ଗୋଡ ମୋଡି ହେଇଯାଏ । ପାଟିରୁ "ବୋଉଲୋ' ଶବ୍ଦଟିଏ ଆପେଆପେ ସ୍ୱତଃପ୍ରବୃତଃ ବାହାରି ଆସେ । ବୋଧ୍ୟୁଏ ସେ' ଶବ୍ଦ ଉଚ୍ଚାରଣରେ ପୀଡା ଆପେଆପେ ଅଧା କମିଯାଏ । ହିଡ ଗୁଡିକ ସରୁସରୁ, ତେଣୁ ବାଲାନ୍‌ସ୍ କରି ଚାଲିବାକୁ ପଡେ । କଣ୍ଟା ପଶିଥିଲେ ଘରକୁ ଯାଇ ସେଫ୍‌ଟି ପିନ୍ ରେ କାଢିଦିଏ ବୋଉ । ଗୋଡ ମଚକି ଯାଇଥିଲେ ଘରକୁ ଯାଇ ସେକ ଦିଆଯାଏ ଟିକିଏ ଆରାମ ଲାଗିବାକୁ । ଆମ ଗାଁରେ ପହଞ୍ଚିଲା ଠିକ୍ ପୂର୍ବରୁ ଛୋଟ ପଡିଆଟିଏ । ପଡିଆର ଗୋଟିଏ କୋଣକୁ ଛୋଟ ଲଣ୍ଡା ଓସ୍ତ ଗଛଟିଏ । ମଲ୍‌ମଲ୍ ହେଉଥାଏ ସେ' ଗଛଟି । ପାଖରେ ଗାଁ ଶ୍ମଶାନ । ସେହି ପଡିଆକୁ "ଢିଙ୍କିଶାଳୀ' ପଡିଆ ବୋଲି କହନ୍ତି । ସେ' ନାଁରେ ସମସ୍ତେ କାହିଁକି ଡାକନ୍ତି ତାହା ଏକ ଅଲଗା କାହାଣୀ । ଗାଁ ଲୋକଙ୍କଠୁ ଶୁଣିଛି ଯେ କେତେ ପୁରୁଷ

ତଳେ ଲୋକମାନେ ହଇଜା, ବସନ୍ତରେ ମରି ଯାଉଥିଲେ । ସେତେବେଳେ ଲୋକମାନେ ଅଜ୍ଞ ଥିଲେ । ଠାକୁରାଣୀ ବିଜେ କରିଛନ୍ତି ବୋଲି କହୁଥିଲେ । ଲୋକମାନେ ଭାବୁଥିଲେ ଯେ ଠାକୁରାଣୀ ଅସନ୍ତୁଷ୍ଟ ହେଲେ ଗାଁରେ କିଛି ଲୋକଙ୍କର ଜୀବନ ନେଉଥିଲେ । ସେତେବେଳେ ଢିଙ୍କିରେ ସମସ୍ତେ ଧାନ କୁଟୁଥିଲେ । ଧାନକୁଟା ମେସିନ୍ ନଥିଲା । କାଳେ ଢିଙ୍କି ଶବ୍ଦ ଶୁଣିଲେ ଠାକୁରାଣୀଙ୍କ ନିଦ୍ରା ଭାଙ୍ଗିଯିବ ଓ ସିଏ ରାଗିଯିବେ ଓ ରାଗିଲେ ଲୋକଙ୍କ ଜୀବନ ନେଇଯିବେ ତେଣୁ ଗାଁବାଲା ଗାଁଠାରୁ ଅନତି ଦୂରରେ ଥିବା ସେହି ପଡିଆରେ ଢିଙ୍କିଟିଏ ପକେଇ ଧାନ ସେଠି କୁଟୁଥିଲେ । ସେଥିପାଇଁ ସେ' ପଡିଆଟିକୁ "ଢିଙ୍କିଶାଳୀ' ପଡିଆବୋଲି କହୁଥିଲେ । ଏ' କଥା କମ୍ବଦନ୍ତୀ ଭଳି ଲାଗେ । କେତେ ସତ କେତେ ମିଛ କିଏ କହିପାରିବ ?

ଶନିବାର ଦିନ ସ୍କୁଲ ଛୁଟିପରେ ଘରକୁ ଫେରିବା ବାଟରେ ସେ' "ଢିଙ୍କିଶାଳୀ' ପଡିଆରେ ବସି ଦୁଃଶାସନ ମୋ' ଖାତାରୁ ଅଙ୍କ ଟିପୁଥିଲା ଓ ମୁଁ ବରକୋଳି ଖାଇ ମଜା ନେଉଥିଲି । ସେ' ବାଟ ଦେଇ ଶତ୍ରୁଘ୍ନ ସାର୍ ସେତେବେଳେ ଯାଉଥିଲେ ଓ ଆମେ ଘରକୁ ନଯାଇ ସେଠି ବସିବାର ସେ' ଦେଖିଦେଲେ । ସାର୍ ଛୁଟି ପରେ ତାଙ୍କ ଘରକୁ ଯାଇ ଘରୁ ଫେରି ସେ' ବାଟରେ କୌଣସି କାମପାଇଁ କେଉଁଆଡେ ଯାଉଥିଲେ । ଆମେ ଆମ କାମ ଧନ୍ଦାରେ ଏତେ ବ୍ୟସ୍ତଥିଲୁ ଯେ ସାର୍‌ଙ୍କୁ ଦୂରରୁ ଦେଖି ପାରିନଥିଲୁ । ଆମ ପାଖ ଦେଇ ଗଲାବେଳେ କେବଳ ଦେଖିଲୁ । ସାର୍‌ଙ୍କୁ ଦେଖି ଦେହରୁ ରକ୍ତ ଶୁଖିଗଲା ଯେମିତି । ଆମେ ଦିହେଁ ସେଦିନ ଜାଣି ଯାଇଥିଲୁ ଯେ ସୋମବାର ଦିନ କ୍ଲାସରେ ସାର୍ ନିଶ୍ଚୟ ପଚାରିବେ । ସତରେ ସେଇଆ ହିଁ ହେଲା । ସାର୍ ସୋମବାର ଦିନ ପ୍ରଥମରେ ମୋତେ ପଚାରିବାରୁ ମୁଁ ସତ ମାନିଗଲି । ସବୁ କହିଲି । ସାର୍ ଦିହିଁକୁ ପିଟିଲେ । ମାଡ ଖାଇବା କଥା ଘରେ ବୋଉ ପାଖରେ ପହଞ୍ଚିଗଲା । ମୋର ବଡ ଭଉଣୀ ପଞ୍ଚମ ଶ୍ରେଣୀରେ ସେହି ସ୍କୁଲରେ ପଢୁଥିଲା । ମୁଁ ସ୍କୁଲରେ ମାଡ ଖାଇଛି ବୋଲି ବୋଉକୁ କହି ଦେଇଥିଲା । ଏ' ଥିଲା ମୋ' ସ୍କୁଲ ଜୀବନରେ ପ୍ରଥମ ଓ ଶେଷ ମାଡଖିଆ ।

ବୋଉ କ'ଣ ପାଇଁ ସ୍କୁଲରେ ମାଡ ଖାଇଲିବୋଲି ଡାକ ପଗ୍ଭରିବାରୁ ମୋ' ପାଟିରୁ ହଠାତ୍ ବାହରି ଆସିଲା - " ସେ' ଶଳା "ଦୁଃଶା' ଯୋଗୁ ମୁଁ ଆଜି ମାଡ ଖାଇଲି । "ଶଳା" ଶବ୍ଦଟି ମୋ' ପାଟିରୁ ଶୁଣି ବୋଉ ଭୀଷଣ ରାଗିଗଲା । ଏତେ ଜୋର୍ ରେ ରାଗି ଯିବାର ଦେଖି ମୁଁ ସ୍ତବ୍ଧ ହେଇଗଲି । କହିଲା - "କରେ ! ସେ' ତୋ' ଶଳା ହେବ ? " । ଚୂଲୀ ଜଳବାପାଇଁ ପଡିଥିବା ଜାଳରୁ ତା' ହାତରେ ବାଡି ଖଣ୍ଡେ ଶୀଘ୍ର ଉଠାଇ ଆଣିଲା । ସେ' ବାଡିଟିରେ ମୋତେ ପିଟିବାକୁ ଆରମ୍ଭ କଲା । ମୁଁ ବିକଳରେ ଘର ଅଗଣାରେ "ବୋଉଲୋ' "ବୋଉଲୋ' କହି ଦୌଡୁଥାଏ, ସେ' ମୋ' ପଛେପଛେ ଦୌଡି ପିଟି ଗ୍ଭଲିଥାଏ । ସେ' ନଛୋଡ ବନ୍ଧା । ଶେଷରେ ବାଡିଟି ଭାଙ୍ଗିଗଲା । ତଥାପି ତା' ରାଗ ଶାନ୍ତ ପଡିନଥିଲା । ମୋତେ କାନଧରି ଏକଗୋଡିକଆ କରି ଛିଡା ହେବାକୁ କହିଲା । ମୁଁ ଛିଡା ହେଲି । ସେ' ମୋ' ପାଖରେ ଛିଡା ହେଇଥାଏ । ଗୋଡ ଟିକଏ ଖସିଗଲେ ଓ ତଳେ ଲାଗିଗଲେ ପିଠିରେ ଦି' ବିଧା ଦେଉଥାଏ । ମୋ' ଆଖିରୁ ଲୁହ ଧାରଧାର ହେଇ ବହୁଥାଏ । ତଥାପି ତା' ରାଗରେ ପୂର୍ଣ୍ଣଚ୍ଛେଦ ପଡିନଥାଏ । ଏମିତି ରାଗିବାର ମୁଁ କେବେ ଦେଖିନଥିଲି । ଏକ ଗୋଡିକଆ ପରେ କାନ୍ଥକୁ ଡେରିହୋଇ ଚଉକ ହେଇ ବସିବାକୁ କହିଲା । ମୁଁ ଚଉକ ହେଇ ବସିଲି । ଗୋଡରେ ଆଣ୍ଠୁଗଣ୍ଠିରେ ବହୁତ ଯନ୍ତ୍ରଣା, ଭୀଷଣ ଘୋଳାବିନ୍ଧା ହେଉଥାଏ । ଗୋଡ ଖସିଗଲେ ପୁଣି ପିଠିରେ ଥାପଡ ବସୁଥାଏ । ଏବେ ସେ' ମାଡ କଥା ମନେ ପଡିଲେ ଦେହ ଶୀତେଇ ଯାଏ । ଶେଷରେ ରାଗ ଶାନ୍ତ ହେବାରୁ କହିଲା - "ଆଉ କେବେ ସେ' ଶବ୍ଦ ବ୍ୟବହାରକରି କାହାକୁ ଗାଳି ଗୁଲଜ କରିବୁ? " । ମୁଁ ନାହିଁ କହିବାରୁ ସେ' ମୋତେ ଛାଡିଦେଇ ତା' କାମରେ ଲାଗିଲା । ଏ' ବୃଦ୍ଧ ବୟସରେ ସେ' ଛାଟମାଡ ଖାଇଥିଲେ ହୁଏତ ସେତେ କଷ୍ଟ ହେଇନଥାନ୍ତା । କନ୍ତୁ, ସତ କହିବାକୁ ଗଲେ ସେ' କଅଁଳ ବୟସରେ ବହୁତ ବାଧିଥିଲା । ମୁଁ ସେଦିନ ମନେ ମନେ ଶପଥ ନେଇଥିଲି ଯେ ଭୁଲରେ ସେ' ଶବ୍ଦ କେବେ କାହାରିପାଇଁ ଭଲରେ ହେଉ କ ରାଗରେ ହେଉ ବ୍ୟବହାର କରିବି ନାହିଁ । ସେହି ସ୍କୁଲରେ ମୁଁ ଶିଶୁ ଶ୍ରେଣୀରୁ ଏକାଦଶ ପର୍ଯ୍ୟନ୍ତ ପାଠ ପଢିଲି । ମୋ' ଖିଆଲରେ ସ୍କୁଲରେ କେବେ

ଆଉ ମାଡଖାଇ ନଥିଲି । ସେ' ଥିଲା ମୋ ପ୍ରଥମ ଓ ଶେଷ ମାଡଖିଆ । ଏ' ମୋ ପାଇଁ ବଡ ଶିକ୍ଷଣୀୟ ଥିଲା ।

ବୋଉ ସାବିତ୍ରୀ ଅମାବାସ୍ୟା ଦିନ ୧୯୭୦ ମସିହାରୁ ଆମକୁ ଛାଡି ଚାଲି ଗଲାଣି । ଯେତିକି ଶାସନ କରିବାକୁ ଜାଣିଥିଲା, ତାଠାରୁ ବହୁତ ବେଶୀ ଭଲ ପାଇବା ମଧ୍ୟ ଜାଣିଥି । ମୋ' ବୋଉ ଓ ବାପା ପରସ୍ପରଙ୍କୁ ଭଲପାଇ ସେ' ସମୟରେ ବାହା' ହେଇଥିଲେ । ତେଣୁ ଭଲପାଇବା କ'ଣ ସେ, ନିଶ୍ଚୟ ଭଲଭାବେ ଜାଣିଥି । ଏତେ ପୁଣି ଭଲ ପାଇବା ? ଭବିଷ୍ୟତରେ ଭଲ ମଣିଷଟିଏ ହେବାକୁ ଆମ କାନରେ ମନ୍ତ୍ର ଫୁଙ୍କିଲାଭଳ ଫୁଙ୍କି ମନ୍ତ୍ର ଦେଉଥି । ସମ୍ମାନ ଦେବା ଓ ସମ୍ମାନ କେମିତି ପାଇବାକୁ ହୁଏ ଶିଖେଇଥି । ମୁଁ ବେଳେବେଳେ ଭାବି ଆଶ୍ଚର୍ଯ୍ୟ ହୁଏ ଯେ ସେ' ଜଣେ ସାଧାରଣ ନାରୀ ନା ଦେବୀଟିଏ ? ମୋ' ବାହା' ଘର ୧୯୮୩ ମସିହାରେ ହେଲା । ସିଏ ନଥି । ବହୁତ ଆଗରୁ ଚାଲି ଯାଇଥିଲା । ବଞ୍ଚିଥିଲେ କେତେ ଖୁସି ହେଇଥାନ୍ତା ବିଚାରୀ ! ମୋର ଦୁଃଖ ଯେ ମୋ' ପୁଅ, ଝିଅ ଦୁହେଁ ତାକୁ ଦେଖିବାକୁ ସୁଯୋଗ ପାଇଲେନ । ମୋ' ସ୍ତ୍ରୀ ଡାକ ନାଁ "ମୀରା" । ସେ' ଭାଇ ଭଉଣୀମାନଙ୍କ ଭିତରେ ବଡ । ତା' ତଳେ ଗୋଟିଏ ଭାଇ ( ତୁଷାର) ଓ ଦି' ଭଉଣୀ । କାହା ସହିତ କଥାବାର୍ତ୍ତା ହେଲାବେଳେ କଥା ପ୍ରସଙ୍ଗରେ ତୁଷାରକୁ ମୁଁ "ଶଳା" ନକହି "ମୀରା"ର ସାନଭାଇ ବୋଲି ସମ୍ବୋଧନ କରିଥାଏ । ଆଜି ମଧ୍ୟ ସେ' ଶବ୍ଦ ଉଚ୍ଚାରଣ କରିବାକୁ ଜିଭ ଲେଉଟାଏ ନାହିଁ, ବୋଉ । ସତ କହିବାକୁ ଗଲେ, ଏ' ଦୁଇ ଅକ୍ଷରରେ ଗଢା ଶବ୍ଦଟି କଥା କଥାକରେ ବାରମ୍ବାର ସର୍ବସାଧାରଣଙ୍କ ଦ୍ୱାରା ବ୍ୟବହାର କରାଯାଇଥାଏ । ବୋଉକୁ ମୁଁ ସେତେବେଳେ ବୁଝାଇପାରିନଥିଲି ଯେ ଏ' ଭାଷା ସେତେ ଖରାପ ନୁହେଁ । ବୋଉ ବୋଧେହୁଏ ଏ' କଥା ଶୁଣି ଆଜି ସ୍ୱର୍ଗରେ ଖୁସି ହେଉଥିବ, ଟିକଏ ହସୁଥିବ ? କିନ୍ତୁ ଏହାତ ସତ କଥା । ସେ' ନିଶ୍ଚୟ ତା' ନିଜ ଶାସନ ଓ ଭଲପାଇବା ବଳରେ କିଛି ଭଲ ମଣିଷ ସୃଷ୍ଟି କରି ଦେଇଯାଇଛି ।

କିନ୍ତୁ, ବୋଉ ! ଆଜି ମୁଁ ମନେ ପକେଇ ସେକଥା ହସୁଛି, ହସୁହସୁ ଟିକଏ ଭାବପ୍ରବଣ ହେଇ ଏହା ଭିତରେ ଦି'ଟୋପା ଲୁହ ବି ଗାଲଦେଇ ଖସି ଆସି ତଳେ ପଡି ଗଲାଣି ।ଦୁଃଖ

ପ୍ରକାଶ କରୁଛି ଯେ ସେ' ଭାଷା ମୋ'ର ଆଦୌ ବ୍ୟବହାର କରିବାର ନଥିଲା । ଆଜି ମୁଁ ଓ ଦୁଃଶାସନ ଦିହେଁ ବଞ୍ଚିଛୁ, ବୋଉ ! କିନ୍ତୁ, ଦୁଃଶାସନକୁ ମୁଁ କେବେ କହିପାରିନାହିଁ ଏଯାଏ ଯେ ମୁଁ ତା' ପ୍ରତି ଏମିତିକା ଭାଷା ପ୍ରୟୋଗକରି ତାକୁ ଗାଳ ଦେଇଥିଲି ଓ ସେଥିପାଇଁ ବହୁତ ମାଡ, ଗାଳ ଖାଇଛି ବୋଲି , ମୋତେ ଉଚିତ୍ ଶାସ୍ତି ମିଳଯାଇଛି ବୋଲି ।

( ଏ' ମୋର "ବଡବୋଉ', ଯାହାଙ୍କଠୁ ମାଡଖାଇବା କଥା କହିଲି । ଆମ ଘରେ "ବାପା', "ବୋଉ', "ବଡବାପା' ଓ "ବଡବୋଉ' । ବାପାଙ୍କ ତଳେ ଦିଓଟି ସାନ ଭଉଣୀ । ଆମର ଯୌଥ ପରିବାର । ମୁଁ ଜନ୍ମହେଲା ବେଳକୁ ମୋ' ପିଉସୀ ଦିହେଁ ବିବାହ କରି ସାରିଥିଲେ । ବଡବୋଉଙ୍କର ପୁଅଟିଏ ଜନ୍ମହେଇ ଅଳ୍ପ ସମୟ ରହଣି ପରେ ମରିଯାଇଥି । ତା' ପରେ ତାଙ୍କର ଆଉ ପିଲାପିଲି ହେଇନଥିଲା । ମୁଁ ଜନ୍ମ ହେଲାପରେ ମୋତେ ମୋ "ବଡବାପା' ଓ "ବଡବୋଉ'ଙ୍କ ହାତରେ ଟେକି ଦେଇଥିଲେ । ସେମାନେ ମୋତେ ପୁଅ କରି ନେଇଥିଲେ । କାଳେ ତାଙ୍କ ମନରେ କଷ୍ଟ ହେବ ବୋଲି ମୋ' ବାପା, ବୋଉ ସେମାନଙ୍କୁ "ବଡବାପା' ଓ "ବଡବୋଉ' ବଦଳରେ "ବାପା' ଓ "ବୋଉ' ଡାକିବାକୁ ଶିଖେଇଥିଲେ । ମୋ' ଭାଇ ଓ ଭଉଣୀମାନେ ମଧ୍ୟ ସେହି ଡାକରେ ଡାକୁଥିଲୁ । ମୋତେ ଜନ୍ମ ଦେଇ ବାବା "ବୋଉ' ୧୯୮୬ ମସିହାରେ ଓ "ବାପା' ୧୯୯୧ ମସିହାରେ ସଂସାରରୁ ବିଦାୟ ନେଲେ । ଆମ ଗାଁରେ ଅନ୍ୟ ଘର ମାନଙ୍କରେ "ବଡବାପା' ଓ "ବଡବୋଉ' ଡାକଥାନ୍ତି । "ବୋଉ' ବଞ୍ଚିଥିଲା ବେଳେ ମୁଁ ଏ' ପ୍ରଶ୍ନ ପଚାରିବାରୁ ସେ' ଉତ୍ତର ଦେଇଥିଲା ଯେ "ବଡବାପା' ଓ "ବଡବୋଉ'ଙ୍କ ମନରେ କଷ୍ଟ ନଦେବାକୁ ସେମାନେ ଏମିତି ନିଷ୍ପତ୍ତି ନେଇଥିଲେ ବୋଲି । ସତରେ, କେଡେ ବଡ ତ୍ୟାଗର ନମୁନା !)

( ଏହା ଏକ ବାସ୍ତବ ଘଟଣା ଉପରେ ଆଧାରିତ )

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବିକାଶ ପଥେ!



ହିମାଂଶୁ ଭୂଷଣ ଜେନା

ଆମେ ସବୁ ବିକଶିତ ଇଲ୍‌କାରେ ରହୁଛୁ

ବିକାଶର ଗୀତ ଗାଉଛୁ

ବିକାଶର ପଥେ ଅଣନଶ୍ୱାସୀ ହୋଇ ଧାଉଁଛୁ

ଫଳ କଛି କଛି ପାଉଛୁ

ସ୍ୱାଧୀନତାର ବହୁ ବର୍ଷପରେ ବଡ କଷ୍ଟରେ

ଗୁରୁପ୍ରିୟା ସେତୁ ବାନ୍ଧିଛୁ

ଆମେ ପର୍‌ ବିକାଶ ପଥରେ ଧାଉଁଛୁ

ସର୍ବଶିକ୍ଷା- ଶିକ୍ଷା ଅଧିକାର ଆପଣେଇଛୁ

ମଧ୍ୟାହ୍ନ ଭୋଜନ, ମାଗଣା ପୋଷାକ ସହ

ଆଉ କେତେ କଣ ଦେଉଛୁ


ଗୁଣାତ୍ମକ ଶିକ୍ଷା ରେ ଦିବାସ୍ୱପ୍ନ

ଉତ୍କଳ- ଉତ୍ଥାନରୁ ପାଇଛୁ

ଶିକ୍ଷକର ଦାନା ମାରି କେତେ ନୂଆ

ଗୋଷ୍ଠୀ ଗଢୁଛୁ

ସ୍ୱବଲମ୍ବୀ ପର୍‌ ହେଉଛୁ!



ନଗଡାର ଲଙ୍କା "କୁସୁମା"ରେ ଧୋଇଛୁ
ଆମରି ଭାଷା, ଆମ ସ୍ୱାଭିମାନ ଖାଲି
ଭାଷଣରେ ଦେଉଛୁ
ଧାଡିଏ ଓଡିଆ ଲେଖିବାବେଳକୁ
କେତେଥର ଝାଳ ପୋଛୁଛୁ
ଆମେ ପରା ବିକାଶ ପଥରେ ଧାଇଁଛୁ ॥

ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନଆଳ, ଯାଜପୁର


ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ତୁମ ଗାଁ



ପ୍ରଶାନ୍ତ କୁମାର ନାଥ

ଆଖିରେ ଆଙ୍କିଛି ଛବି ମୁଁ ତୁମରି
ମନରେ ଲେଖିଛି ନାଆଁ
ମୋତେ ଏବେ ବେଶି ଆପଣାର ଲାଗେ
ପ୍ରିୟାଗୋ ତୁମରି ଗାଆଁ।
ତୁମ ଗାଆଁ ବିଲ ପାହାଡ଼ ଝରଣା
ଆମ୍ବତୋଟା ନଈତୁଠ
ତୁମ ଗାଁ ମଶାଣୀ ତୁମ ଗାଁ ଭଷାଣି
ତୁମରି ମନ୍ଦିର ମଠ।
ତୁମ ଗାଁ ପଡିଆ ତୁମ ଗାଁ ଗଢିଆ
ତୁମ ଗାଁ ପୂଜା ପରବ
ତୁମ ଗାଆଁ ଶୀତ ତୁମ ଗାଁ ବସନ୍ତ
ଲାଗୁଛି ଭରି ଗରବ।
ତୁମ ଗାଆଁ ରାତି ତୁମ ଗାଁ ସକାଳ
ତୁମ ଗାଁ ଶୀତ କାକର
କେଜାଣି କାହିଁକି ତୁମ ଗାଆଁ ଏବେ
ଲାଗୁଛି ବେଶି ନଜର।



ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର

# ମୁଁ ତ ମୋର ନୁହେଁ



ସୁସ୍ମିତା ମହାପାତ୍ର

ମୋ ରୂପ ବି ତା' ର,
ମୋ ରଙ୍ଗ ବି ତା' ର,
ମୋ ଭାଷା ବି ତା' ର,
ମୋ ନଶା ବି ତା' ର,
ସେଇ ଅଦ୍ୱିତୀୟ ସ୍ରଷ୍ଟା,
ମୋତେ ସର୍ଜନା କରିଛି ଯିଏ,
ମୁଁ ଯେ ତା'ର ଗୋଟାପଣେ
ମୋ ଆତ୍ମାଠୁ ବି ଆତ୍ମୀୟ ସିଏ,
ମୁଁ ତ ମୋର ନୁହେଁ ॥



କାହିଁ ତା' ଇଶାରା ବିନା ମୁଁ ତ
ଉତାରି ପାରେନା ବୀଜଟିଏ,
ସଜାଡି ପାରେନା ସଂସାର କ
ଅଧରେ କା' ର ମାଖି ପାରେନା
ତୃପ୍ତ ହସ ଖିଏ ! !

ମୋ ଦୁଃଖ ତା' ର,
ମୋ ସୁଖବି ତା' ର,

ମୋର ଯାବତୀୟ ଭଲମନ୍ଦ
ହାନିଲାଭ ତା' ର,
ମୁଁ ହାରିଛି ଯାହା ବା ଜିଣିଛି ଯାହା,
ସବୁ ହିସାବ ନିକାସର ଚଠା
ତା'ଠି ରହେ,
ମୁଁ ତ ମୋର ନୁହେଁ ॥

କେବଳ ଭକ୍ତି ମୋର,
ଭ୍ରବ ମୋର,
ଆଶା ମୋର,
ଭରସା ବି ମୋର,
ଖାସ୍ ସେଇଥିପାଇଁ ତ
ଶରଧା ଡୋରିରେ ତା' ର
ବନ୍ଧା ମୁଁ ଥାଏ ॥ ॥

କୋଏଲ ନଗର, ରାଉରକେଲା, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଖଟା ମିଠା



ସୁଲୋଚନା ପଟ୍ଟନାୟକ

ଏ କଡ ସେ କଡ ହୋଇ ହୋଇ ରାତି ପ୍ରାୟ ପାହିବାକୁ ଗଲାଣି । ସୁଷମା ଦାଣ୍ଡ ଘରକୁ ଯାଇ ସୋଫାରେ ବସିଲା । କଅଣ କରିବ କିଛି ସ୍ଥିର କରି ପାରୁ ନ ଥାଏ । ଘରର ନିର୍ଜନତା ଖାଇ ଗୋଡାଉ ଥାଏ । ଶୂନ୍ୟତାକୁ ଦୂର କରିବାକୁ ଟିଭି ଦେଖିବାକୁ ସ୍ଥିର କଲା । ଏତେ ରାତିରେ କେଉଁ ପ୍ରୋଗ୍ରାମ ହେଉଥିବ ତାର ଧାରଣା ନାହିଁ । କିନ୍ତୁ କିଛି ତ ଚାଲିଥିବ ! ମଣିଷର ସ୍ୱର ଶୁଣିବାକୁ ତାର ଖୁବ ଇଚ୍ଛା ହେଉଥିଲା । ଜୀବନଟା ଏକୁଟିଆ ବିତାଇବାର ପଚଶ ବର୍ଷ ବିତିଗଲାଣି । ତଥାପି ବେଳେ ବେଳେ ନୀରବତା, ନିର୍ଜନତା, ନିଶୁନତାର ଜୀବନ କଷ୍ଟ ଦିଏ । ସେ କଷ୍ଟର ତୀବ୍ରତା ସମୟ ସମୟରେ ଆବଶ୍ୟକତାରୁ ଅଧିକ ମନେ ହୁଏ । ମନକୁ ବୁଝାଇବାରେ ସିଏ କେବେ ସଫଳ ହୋଇ ନାହିଁ । ଆଜି ସେ କଥା କିଛି ନୂଆ ନୁହେଁ, ଆଜି ବି ଯେ ସଫଳ ହେବ ସେ ଆଶା ମଧ ନାହିଁ ।

ସୁଷମାର ଛୋଟ ଘରଟିଏ । ଘରକୁ ପ୍ରବେଶ କଲେ ପଡେ ଛୋଟ ବୈଠକ ଖାନା । ସେଠି ପଡିଛି ସୋଫା ସେଟ୍‌ଟିଏ । ସୋଫା ବୋଲି, ତିନି ଟିକିଆ, ଦୁଇ ଟିକିଆ ଆଉ ଜଣେ ବସିବା ପରି ବ୍ୟବସ୍ଥା ଥିବା ଓସାରିଆ ଚଉକି କହିଲେ ଭୁଲ ହେବ ନାହିଁ । ଏକୁଟିଆ ବସିବା ଚଉକିଟିରେ ଝୁଲିବାର ସୁବିଧା ଅଛି । କିନ୍ତୁ ସୁଷମା ସବୁବେଳେ ତିନିଟିକିଆ ସୋଫାର ଡାହାଣ କଡରେ ବସେ । ସେଠି ବସିଲେ ଟିଭି ଭଲରେ ଦିଶେ ଆଉ ଝରକା ଭିତରୁ ବାହାରଟା ବି ଭଲ ଦିଶେ । ଖରା ଦିନେ ନାଲି କ୍ରେପ ମରଟିଲ୍ ଗଛରେ ଫୁଲ ଭର୍ତ୍ତି ହୋଇ ଆହୁରି ମନୋମୁଗ୍ଧକର ଦେଖା ଯାଏ । ଆଜି ଝରକା ଦେଇ ସିଏ ଆକାଶର

ଚନ୍ଦ୍ରିମାକୁ ଦେଖୁଥିଲା । ଆଜିର ଘନ ନୀଳ ଆକାଶ ପ୍ରାୟ କଳା ଅନ୍ଧାର ଦିଶୁଛି । ଆକାଶରେ ସିଏ ଖୋଜୁଛି ତା' ପରି ଏକୁଟିଆ ବୁଲୁଥିବା ଜହ୍ନଟିକୁ । ଏ ଦିଗରୁ ସେଦିଗକୁ ଯିବା ପାଇଁ ଚବିଶ ଘଣ୍ଟା ଲାଗିଲେ ମଧ୍ୟ କେବେ ବି ଆଉ କିଛିର ପ୍ରୟାସ କରେ ନାହିଁ ସିଏ । ହୁଏତ ଦିନେ ଦିନେ ରୂପ କ୍ଷୀଣ ହୋଇଯାଏ, କିନ୍ତୁ ପ୍ରତିଦିନର କର୍ତ୍ତବ୍ୟ ପାଳନରେ ତାର ହେଳା ନାହିଁ । ଆଜି ଝରକା ଫାଙ୍କରୁ ଆଉ ଜହ୍ନ ଦେଖା ଯାଉନ । ଉପରକୁ ଉଠି ଗଲାଣି ବୋଧହୁଏ । ଜହ୍ନକୁ ଦେଖିବ ବୋଲି ସିଏ ବାହାରକୁ ଆସିଲା । ପୋର୍ଟିକୋ ତଳେ ଠିଆ ହୋଇ ଆକାଶକୁ ଚାହିଁଲା । କେଉଁଠି ବାଦଲ ତଳେ ଜହ୍ନ ଛପି ଯାଇଛି । ଅବା କେଉଁଠି ବାଦଲ ସହ ସିଏ ଲୁଚକାଳି ଖେଳୁଛି । ତାରା ମାନେ କଏ କେଉଁଠି ଆଖି ମିଟିକା ମାରୁଛନ୍ତି । ଖାଲି ଆଖିରେ ଅନେକ ଦେଖା ଯାଉ ନାହାନ୍ତି ତାକୁ । ଯିଏ ଯାହା କାମରେ ବ୍ୟସ୍ତ । ସୁଷମା ଘର ଭିତରକୁ ଫେରିଲା । କବାଟକୁ ଆସ୍ତେ ଭିତରୁ ବନ୍ଦ କଲା । ଘର ପୂରା ପୂରି ଅନ୍ଧାର ନ ହେବା ପାଇଁ ଦାଲାନରେ ଥିବା ଧିମା ବିଜୁଳିବତୀକୁ ଲଗାଇଲା । କବାଟ ଉପରର କାଚ ଦେଇ କ୍ଷୀଣ ଜହ୍ନାଲୋକ ଘର ଭିତରକୁ ପ୍ରବେଶ କରୁଥିଲା । ବିଜୁଳିବତୀ ବା ଜହ୍ନାଲୋକ କଏ ଘରକୁ ଆଲୋକିତ କରୁଥିଲା ବାରି ହେଉ ନଥିଲା । ସୁଷମା କ୍ଷଣେ ଅନ୍ୟମନସ୍କ ଭାବେ ଠିଆ ହେଲା । ଦେଖିଲା ଦୂରରୁ ଏକୁଟିଆ ଜହ୍ନଟିଏ ତାକୁ ଅନାଇଛି । ମନେ ହେଉଛି ଯେମିତି ସିଏ ତାର ଛାଇ ପରି ତାର ପାଖ ଛାଡୁନ । ଧରିବାକୁ ଇଚ୍ଛା ହେଲେ ବି ଧରି ପାରୁନ । ନହେଲେ ଆଜିର ନିର୍ଜନ ରାତିର ଶୂନ୍ୟତାକୁ ଦୂର କରିବା ପାଇଁ ତାକୁ ସିଏ ନିଶ୍ଚୟ ଡାକନ୍ତା । ଏକାଠି ସାଥୀ ହୋଇ ବସନ୍ତେ, ଦୁଃଖ ସୁଖ ହୁଅନ୍ତେ । ମନ ଖୋଲି ପଦେ ଅଧେ କଥା ବି କରନ୍ତେ । ଏ ସବୁ ଖାଲି ସ୍ୱପ୍ନର କଥା । ସୁଷମା ଆଉ କିଛି ନ ଭାବି ଶୋଇବା ଘରକୁ ଫେରିଲା । ଦେଖିଲା ବେଳକୁ ସତେ ଯେମିତି ତାକୁ ନ ପଚାରି, ତା' ଆସିବା ପୂର୍ବରୁ ଘର ଭିତରକୁ କଏ ଆସି ଯାଇଛି । ଜହ୍ନ ଆସି ବସି ଯାଇଛି ଖଟ ଉପରେ । ଝରକା ଖୋଲା ରହିଛି । ଉପରର ଅଧା ଝରକା ଦେଇ ସିଏ ଆସି ଯାଇଛି । ଭଲ ଲାଗିଲା ସୁଷମାକୁ । ମନକୁ ମନ କହିଲା, ଯାହା ହେଉ ତାକୁ ଆଉ ଡାକିବାକୁ ପଡିଲାନ । ଖୁସାମତ କରିବାକୁ ପଡିଲାନ । ଏକୁଟିଆ ଜୀବନର ଅଧୁରା କାହାଣୀକୁ ଶୁଣାଇବାର ଉପକ୍ରମ କରିବାକୁ ବି ପଡିଲା ନାହିଁ । ଝରକା ଦେଇ ଦେଖିଲା ।

ଫାଳକଆ ଜହ୍ନଟିଏ ବତିଶ ଦାନ୍ତ ମେଲାଇ ହସୁଛି । ସାଙ୍ଗ ହେବାକୁ ହାତ ବଢାଇଛି । ସୁଷମା ହାତ ବଢାଇଲା । କଥା କେଉଁଠୁ ଆରମ୍ଭ କରିବ ଭାବି ପାରିଲାନ । ଅନେକ ଦିନ ହେଲା କାହା ସହ ମନ ଖୋଲି କଥା ହେବାର ମନେ ବି ପଡୁନ । ବୋଧହୁଏ ଆଜିକାଲି ତାର କଛି ମନେ ରହୁନ । ଏ ଭିତରେ ପଚଶ ବର୍ଷ ବିତି ଯାଇଛି । ଆମେରିକାରେ ରହିବାର ପଚଶ ବର୍ଷ ହୋଇଗଲାଣି । ସମୟ ଗଲା କୁଆଡେ ?

ସୁଷମାକୁ ହାଲିଆ ଲାଗି ଆସିଲାଣି । ପୁଣି ସକାଳୁ ଉଠି କାମକୁ ଯିବାକୁ ପଡିବ । ଭାବିଲା ଏ ଚନ୍ତା ତ ଅସରନ୍ତି । ଗ୍ଲିଥିଲେ ଗ୍ଲିଥିବ । ସାମନାରୁ ତକଆଟାକୁ ଭିଡି ଆଣିଲା । ପଛକୁ ଫୋପାଡି ଦେଇ ଗଡି ପଡିଲା ଖଟରେ । ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଲା ନାହିଁ ସୁଷମା । ଦେହକୁ ଘୋଷାରି ନେଇ ମୁଣ୍ଡକୁ ତକଆ ଉପରେ ଦେଲା । ଭାବିଲା ମୁଲାଏମ୍ ତକଆ ଉପରେ ମୁଣ୍ଡ ଦେଲେ ହୁଏତ ନଦ ଆସିଯିବ । କନ୍ତୁ ତା' ହେଲା ନାହିଁ । କଡ ଲେଉଟାଇଲା ସୁଷମା । କେତେବେଳେ ସକାଳ ହୋଇଗଲାଣି । ସ୍ୱଚ୍ଛ ସୂର୍ଯ୍ୟ କରଣ ବାହାରେ । ଖୋଲା ନୀଳ ଆକାଶ । ଝରକାର ଉପସ୍ଥିତି ଅନୁସାରେ ଏ ଯାଏଁ ସୂର୍ଯ୍ୟାଲୋକ ଘରକୁ ପଶି ପାରିନାହିଁ । ସିଏ ଅଳସ ଭାଙ୍ଗିଲା । ଶୋଇବା ଘର ଭିତରକୁ ଗାଧୁଆ ଘର । ଘର ପିନ୍ଧା ଚଟିଟାକୁ ନଦ ମଳ ମଳ ହୋଇ ଘୋଷାରି ପିନ୍ଧି ଗାଧୁଆ ଘରେ ନଜର ନତ୍ୟ କର୍ମ ସାରିଲା । ନାଲି ଖୋଳରେ ଥିବା କଲଗେଟ ପେଷ୍ଟ ନେଇ ଦୁଇ ମିନଟ ବ୍ରସ କଲା । ଆମେରିକା ଆସି ପ୍ରଥମେ କଲଗେଟ ପେଷ୍ଟ ଦେଖି ସିଏ ଚମକ ପଡିଥିଲା । ଭାବିଲା ଯାହା ହେଉ କଲଗେଟ ପେଷ୍ଟ ହେଉ ପଛେ ଭାରତ ସହ ଏମାନଙ୍କର ବଣିଜ ସଂପର୍କ ରହିଛି । ଏବେ ବି ସିଏ କଲଗେଟ ପେଷ୍ଟ ଛଡା ଆଉ କୌଣସି ପେଷ୍ଟ ବ୍ୟବହାର କରେ ନାହିଁ । ନୂଆ ନୂଆ ଆସିଲା ବେଳେ ନଜର ପରିଚତ ଦ୍ରବ୍ୟଟିଏ ଦେଖିଲେ ସୁଷମା ଖୁବ୍ ଖୁସି ହେଉଥିଲା । ଏବେ ଅନେକ ଜିନଷ ଦେହ ସୁହା ହୋଇଗଲାଣି । ତଥାପି ଭାରତରେ ତିଆରି ଜିନଷଟିଏ ତାକୁ ନଶ୍ଚୟ ଆକର୍ଷିତ କରିଥାଏ । ଭାରତରେ ତିଆରି ବ୍ଲାଉସଟିଏ ପିନ୍ଧିଲେ ତାକୁ ଭଲ ଲାଗେ । କହିଁକ ଭଲ ଲାଗେ ପଗ୍ଚରିଲେ ହୁଏତ ସିଏ ତାର କାରଣ କହି ପାରିବ ନାହିଁ ।

କେତେ ଜିନଷ ବିନା କାରଣରେ ଭଲ ଲାଗିଥାଏ । ସିଏ ଏ ବିଷୟରେ କାହାକୁ ପଗ୍ଭରିନ ବା ତାକୁ ବି କେହି ପଗ୍ଭରି ନାହାନ୍ତି ।

ଆଜିର ସକାଳଟା ମୁଲାଏମ୍ ମନେ ହେଉଛି । ମନ ଖୁବ ଖୁସି ଅଛି । କେମିତି ଦିନ ସରିବ, ପାଞ୍ଚଟା ବାଜିବ, ସିଏ ଅପେକ୍ଷା କରି ପାରୁନ । ଆଜି ସୁବ୍ରତ ଭ୍ଭରତରୁ ଫେରିବା କଥା । ତାଙ୍କୁ ଆଣିବାକୁ ଯିବ ବୋଲି ପଗ୍ଭରିଥିଲା । ସିଏ ମନା କଲେ । ବାଟ ଘାଟ କଥା । କାଳେ ଫ୍ଲାଇଟ୍ ଡେରି ହେବ ବା ରଦ୍ଦ ହେବ, ତାକୁ ଅଯଥା ଅପେକ୍ଷା କରିବାକୁ ପଡିବ, ଗ୍ଭତି ବି ହୋଇ ଯାଇପାରେ, ଏଇ ସବୁ କାରଣ କହି ସିଏ ତାକୁ ମନା କରିଥିଲେ । ସୁବ୍ରତ ଭ୍ଭରତକୁ ତିନ ସପ୍ତାହ ପାଇଁ ଯାଇଥିଲେ । ଟିକେଟ୍ ବଦଳାଇ ଆଉ ସପ୍ତାହେ ସିଏ ଅଧିକ ଦିନ ରହିବେ ବୋଲି ଆସିବା ଦିନ ଘୁଞ୍ଚାଇ ଦେଲେ । ସୁଷମା ସେଥିରେ ଆଦୌ ମନ ଖରାପ କରି ନଥିଲା । ଭ୍ଭରତ ଗଲେ ସମସ୍ତଙ୍କୁ ସେଇଆ ଭଲ ଲାଗି ପାରେ । ଭ୍ଭଇ ଭଉଣୀ, ସାଙ୍ଗ ସାଥୀ ଆଉ ନଜ ଜନ୍ମ ଭୂମିରେ ସମୟ କଟାଇବାକୁ କାହାକୁ ବା ଭଲ ନ ଲାଗିବ ? ଏ ସବୁ ଚନ୍ତାକୁ ଦୂରେଇ ସୁଷମା କାମକୁ ବାହାରିଲା । ଆଜି ଲଞ୍ଚ ନେବାକୁ ଇଛା ହେଲାନ । ଗ୍ଭତି ପାଇଁ ସ୍ନେଷେଇ କରି ରଖିବାକୁ ବି ଇଛା କଲାନ । ଖାଲି ଚଞ୍ଚଳଆ ଲଗୁଥାଏ । କେଉଁଥିରେ ମନ ଲାଗୁ ନ ଥାଏ । ଯେମିତି କଏ ମନ୍ତ୍ର କରି ଦେଇଛି ସୁଷମାକୁ । ଏ ପଇଁଗ୍ଭଳସ ବର୍ଷ ଭିତରେ ଏ ଭଳ ଅନୁଭୂତି ହୋଇ ନଥିଲା ସୁଷମାର । ବୟସ ବଢିବା ସଙ୍ଗେ ସଙ୍ଗେ ଅନେକ ପରିବର୍ତ୍ତନ ହେବାରେ ଲାଗିଛି ତାର । ମନକୁ ଅଳ୍ପ ବୟସରେ ଯେତିକ ସଂଜତ କରିପାରିଥିଲା, ଆଜି ଯେମିତି ମନେ ହେଉଛି, ସମୟର ଧକ୍କାରେ ସଂଜମର କବଚ ସବୁ ଢୁଗୁଳ ଯାଇଛି । ମନ କେମିତି ଏକ ଅଜଣା ବନ୍ଧନରୁ ମୁକୁଳ ଆସିବାକୁ ଚେଷ୍ଟା କରୁଛି, ମୁକ୍ତି ପାଇବାର ନଶାରେ ଅମାନଆ ହେଉଛି । ପ୍ରଜାପତିଟିଏ ହୋଇ ଡେଣାମେଲି ପୃଥିବୀକୁ ନୂଆ କରି ଦେଖିବାର ପ୍ରୟାସ କରୁଛି ।

ସମୟର ପଦକ୍ଷେପ ବାଲିରେ ମିଶି ଯାଉଛି । ...

ସୁବ୍ରତ ଭାରତ ଆସି ଦିଲ୍ଲୀରେ ଓହ୍ଲାଇଥିଲେ । କାରଲବାଗରେ ହୋଟେଲ ରୟାଲ ତାଜରେ ତିନିଦିନ ରହିବାକୁ ବୁକ୍ କରିଥିଲେ । ଚବିଶ ଘଣ୍ଟା ଯାତ୍ରାର କ୍ଳାନ୍ତି ଦୂରେଇବାର ଏ ଚେଷ୍ଟା ତାଙ୍କୁ ସାହାଯ୍ୟ କରିବ ନିଶ୍ଚୟ । ଏଇଠି ଆନୀ ସହ ଦେଖା ହେବାର ବନ୍ଦୋବସ୍ତ ହୋଇଥିଲା ଆଗରୁ । ଆନୀ ଆମେରିକାନ ଏଆରଲାଇନ୍ସ ଫ୍ଲାଇଟରେ ଆସିଥିଲା । ଆଲଗା ଅଲଗା ଅସିବାର କାରଣ ଆନୀକୁ ଠିକ ସମୟରେ ଛୁଟି ମିଳି ନ ଥିଲା । ଯାହା ହେଉ, ଆନୀ ଆସି ଏଆରପୋର୍ଟରୁ ହୋଟେଲକୁ ଫୋନ କରି ତା ଆସିବା ବିଷୟ ଜଣାଇ ଦେଇଥିଲା । ହୋଟେଲ ଗାଡି ଯାଇ ଆନୀକୁ ନେଇ ଆସିଲା । ଆନୀ ହୋଟେଲରେ ପହଞ୍ଚିବା ପରେ ସୁବ୍ରତର ଖୁସି କହିଲେ ନ ସରେ । ଯେମିତି ଗୋଡ- ହାତରେ ଡେଣା ଲାଗିଛି । ପ୍ରଥମରୁ ଦିଲ୍ଲୀ ବୁଲିବା ପୂର୍ବରୁ ଆଗ୍ରା ଯାଇ ତାଜମହଲ ଦେଖି ଆସିଲେ ଆନୀର ଭାରତ ଆସିବାର ପ୍ରଧାନ କାରଣ ପୂର୍ଣ୍ଣ ହୋଇଯିବ ଆଉ ତାପରେ ଯେଉଁଠିକି ଗଲେ ବି ଚଳିବ, ସେଇଆ ଭାବି ସେମାନେ ଟାକ୍ସିଟିଏ ଠିକ କଲେ । କିନ୍ତୁ ଟାକ୍ସି ଡ୍ରାଇଭରର ମତରେ ଆଗ ଫତେପୁର ସିକ୍ରି ଯାଇ ସେଠୁ ତାଜମହଲ ଦେଖିବାଟା ଭଲ ହେବ ବୋଲି ସେମାନେ ସେଥିରେ ରାଜି ହେଲେ ଓ ତା କଥା ଅନୁସାରେ ଯୁଆଡେ ଗଲେ ଠିକ ହେବ ଭାବି ନିଶ୍ଚିତ ହୋଇ ଗାଡିରେ ବସିଲେ । ଡ୍ରାଇଭରକୁ ତା ନାଁ ପଚାରି ବୁଝିଲେ - ସିଏ ସିକ୍ରିର ବାସିନ୍ଦା ଓ ପାଞ୍ଚ ବର୍ଷ ହେଲା ଟାକ୍ସି ଚଲାଉଛି ବିଶେଷ କରି ଟୁରିଷ୍ଟ ମାନଙ୍କ ପାଇଁ । ମୋଗଲ ରାଜୁତି ସମୟ ଯେମିତି ତାର ମୁଖସ୍ତ । ନାଁ ତାର ରାଜକିଶୋର, ଲୋକ ଶ୍ରଧାରେ ରାଜୁ ବୋଲି ଡାକନ୍ତି । ସୁବ୍ରତ ରାଜୁ କଥାରେ ସହମତ ଥିଲା । ଦୁଇ ବର୍ଷ ତଳେ ସିଏ ଠିକ୍ ସେଇଆ କରିଥିଲା । ଫତେପୁର ସିକ୍ରିର କାରୁକାର୍ଯ୍ୟ ତାକୁ ଖୁବ ଭଲ ଲାଗିଥିଲା । ଲୋକ ହସିବେ ବୋଲି ସିଏ କାହା ଆଗରେ ପ୍ରକାଶ କରି ନଥିଲା କିନ୍ତୁ ତାଜମହଲ ଠାରୁ ଫତେପୁର ଦୂର୍ଗ ତାକୁ ବେଶୀ ଭଲ ଲାଗିଥିଲା । ଏପରିକି ଦୁର୍ଗର ଗୋଟିଏ ଦୁଆର ପାଖରୁ ଠିଆ ହେଲେ ଦୂରରୁ ତାଜମହଲ ଖୁବ ପରିସ୍କାର ଦେଖା ଯାଏ । ଧଳା ମାର୍ବଲ ପଥରର ଉପର ଗୋଲାକାର ଟୋପ ରାତିରେ ବି ପରିସ୍କାର ହୋଇ ଜହ୍ନ ଆଲୁଅରେ ଝଲସୁ ଥାଏ । କଳା ଚାତୁର୍ଯ୍ୟରେ ଦୁହେଁ ଦୁହିଁଙ୍କ ସ୍ଥାନରେ, ଦୁଇ ପରିପ୍ରେକ୍ଷିରେ ପ୍ରସିଦ୍ଧ । ମୋଗଲ ରାଜା ସାହାଜାହାନ ଆଉ ଆକବରଙ୍କ ଅନୁକମ୍ପାର ଫଳକ ଆଜି ବି ଭାରତକୁ ବିଦେଶୀ ଦର୍ଶକଙ୍କୁ

ଆକର୍ଷିତ କରୁଛି । ସାହାଜାହାନଙ୍କର ପତ୍ନୀପ୍ରେମର କାହାଣୀ ଏକ କବରସ୍ଥାନକୁ ଇତିହାସରେ ଲିପିବଦ୍ଧ କରିପାରିଛି ଏବଂ ଆଜି ଭାରତ ସରକାରଙ୍କର ଏକ ଅମୂଲ୍ୟ ନଧିରେ ପରିଗଣିତ ହେଉଛି । ଗାଇଡ଼ଠାରୁ ଭାରତର ଇତିହାସ ଶୁଣି ଆନୀର ଦେହରେ ଏକ ପୁଲକର ସଂଚାର ହେଉଥିଲା । ଅନ୍ୟମନସ୍କ ହୋଇ ସିଏ କେତେବେଳେ ସୁବ୍ରତ ହାତ ଧରି ଚାଲିଛି ଜାଣିପାରିନାହିଁ । ହାତରେ ହାତ ମିଳାଇ ଦୁହେଁ ଖାଲି ପାଦରେ ଚାଲିଲାବେଳେ ପାଦ ତଳରେ ଅନୁଭବ ହେଉଥିବା ସୂର୍ଯ୍ୟ କିରଣର ତାପ କେତେବେଳେ ଦେହକୁ ଛୁଇଁ ଯାଇଛି ତାହା ଦୁହେଁ ଜାଣି ପାରିନାହାନ୍ତି । ଆନୀକୁ ଭଲ ଲାଗୁଛି । ସୁବ୍ରତର ଛତିରେ ନୂଆ ସ୍ପନ୍ଦନ ଖେଳ ଯାଉଛି । ଜୀବନର ଅର୍ଦ୍ଧାଧିକ ବୟସ ଯେ ବିତି ଗଲାଣି ତାହା ଯେମିତି ଉଭୟଙ୍କ ଉପଲବ୍ଧିର ବାହାରେ । ସେଦିନ ଦୁଇଟି ସ୍ଥାନ ବୁଲି ସେମାନେ ହୋଟେଲକୁ ଫେରି ଆସିଲେ । ହୋଟେଲରେ ଗୋଟିଏ ରୁମରେ ସେମାନେ ରହିବାର ବନ୍ଦୋବସ୍ତ ଥିଲା । ଆନୀ ଭାରତୀୟ ଖରା ଖାଇ ହାଲିଆ ହୋଇ ଖଟରେ ଗଡିପଡିଲା । ସୁବ୍ରତ ବି ଆଉ ବାହାରକୁ ନ ଯାଇ ରୁମ୍‌କୁ ଖାଇବା ମଗାଇ ନେବ ବୋଲି କହିଲା । ଖାଇବା ବରାଦ କରିବା ପୂର୍ବରୁ ଆନୀ ଆସି ସୁବ୍ରତ ପାଖରେ ବସିଲା, ତା ହାତକୁ ହାତରେ ନେଇ କହିଲା, "ସୁବ୍ରତ, ତାଜମହଲ ଦେଖିବା ପରେ ମନ କହୁଛି ତୁମକୁ ସତ କଥାଟିଏ କୁହନ୍ତି, ଶୁଣିବ ? ସୁବ୍ରତର ଆଖି ଆନୀର ଆଖିକୁ ଦେଖୁଥିଲା, ଦେଖୁଥିଲା ଆନୀର ଭଲ ପାଇବା ଯେମିତି ଉଛୁଳି ଆସୁଛି । ସିଏ ଆନୀକୁ କୋଳକୁ ନେଇ କହିଲା, "ମୁଁ ତୁମକୁ ଭଲ ପାଏ ଆନୀ" । ଆନୀ ଉତ୍ତରରେ "ମୁଁ ମଧ୍ୟ" କହି କାନ୍ଦି ପକାଇଲା । ଦୁହେଁ ଦୁହିଁଙ୍କର ବାହୁ ବନ୍ଧନରେ ବନ୍ଦି ହୋଇଗଲେ କିଛି ସମୟ ପର୍ଯ୍ୟ !

ପର ଦିନ ସକାଳକୁ ସେମାନଙ୍କର ଯୋଜନା ବଦଳି ଗଲା । ଉଭୟେ ଠିକ କଲେ ପୁଣି ଥରେ ସେମାନେ ତାଜମହଲ ଯିବେ । ଲାଲ କିଲ୍ଲା ଯିବାର ଯୋଜନା ଆଉ ଥର ପାଇଁ ରହିଲା । ସେଠି ପହଞ୍ଚି ଆଉ ଗାଇଡ୍ ନେବା ଦରକାର ପଡିଲା ନାହିଁ । ତାଜମହଲର ଖୋଲା ମାର୍ବଲ ଚଟାଣରେ ବସି ଦୁହେଁ ଦୁହିଁଙ୍କୁ ବାହା ହେବାର ପ୍ରସ୍ତାବ ଦେଲେ ଓ ଦୁହେଁ ରାଜି ହୋଇ ଫେରିଲେ । ଦିଲ୍ଲୀରୁ ମୁଦିଟିଏ କିଣି ଆନୀକୁ ଦେବ ବୋଲି ଚାନ୍ଦିନିଚୌକକୁ ଗହଣା

ଦୋକାନକୁ ଯିବାକୁ ନିର୍ଦ୍ଦେଶ ଦେଲା ସୁବ୍ରତ । ବ୍ୟାଙ୍କ ଷ୍ଟ୍ରିଟର କଣରେ ଥିବା ଦୋକାନରୁ ଛୋଟ ମୁଦି ଟିଏ କିଣି ସେମାନେ ହୋଟେଲ ଫେରି ଆସିଲେ । ହୋଟେଲରୁ ଦୁହେଁ ଦୁହିଁଙ୍କ ଘରକୁ ଏ ଖୁସି ଖବରଟା ଜଣାଇ ଦେଲା ପରେ ସୁବ୍ରତ ଭାବିଲା, ଏ ଖୁସି କଥା ସିଏ ସୁଷମାକୁ ଡାକି ନ କହିଲେ ନିଶ୍ଚୟ ଖରାପ ହେବ । କିନ୍ତୁ କେଉଁଠୁ କଥା ଆରମ୍ଭ କରିବ ଜାଣି ନ ପାରି ସିଏ ତାକୁ ଇମେଲ କରି ଜଣାଇବବୋଲି ଠିକ କଲା । ବାକି ସବୁ ଦେଖା ହେଲେ କହିବ ବୋଲି ଭାବିଲା । ଇମେଲଟା ପାଇବାର ଶବ୍ଦ ଫୋନରୁ ଜଣା ପଡିବାରୁ ସୁଷମା ଖୁବ ତର ତର ହୋଇ ଉଠି ଦେଖିଲା । ସୁବ୍ରତ ଠାରୁ ଚିଠି ଆସିଛି ଦେଖି ତାର ଆଖିରୁ ନିଦ କୁଆଡେ ଗ୍ଲିଗଲା । ଚିଠିର ବିଷୟ ବସ୍ତୁ ଜାଣିବା ପରେ ମନରେ ଏକ ଖଟା-ମିଠାର ଅନନ୍ୟ ସ୍ୱାଦ ପାଇ ସିଏ ନିଜେ ନିଜକୁ ଆଶ୍ଚର୍ଯ୍ୟ ହୋଇ ବିଶ୍ଳେଷଣ କରୁଥିଲା ଆଉ ଇ- ମେଲର ଉତ୍ତର ପାଇଁ ଶବ୍ଦ ଖୋଜୁଥିଲା ।

କ୍ରମଶଃ.....

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଜାତିବାଦ ଛାଡ଼ି ସରବେ ହସିବା ଭାରତ ମାତାର କୋଳେ....



ସନ୍ତୋଷ ପଟ୍ଟନାୟକ

ମୁକ୍ତାକାଶେ ଦେଖ ଲହରେ ତିରଙ୍ଗା
ବଖାଣେ ଗୌରବ ଗାଥା
ଭାତୃପ୍ରୀତି ଆମ ବନ୍ଧା ପଡ଼ିଅଛି
ହୃଦୟେ ଲାଗିଛି ବ୍ୟଥା....

ସ୍ୱାଧୀନ ହୋଇଲା ଦେଶ ସିନା ଆମ
ହଟିଛି ବିଦେଶୀ ଦାଉ
ଜନତା ଅନ୍ତରେ ଏବେବି କଷଣେ
ଭାଙ୍ଗୁଛି ଲହଡି ଢେଉ....

ଅନ୍ୟାୟ ଅନୀତି ସବୁଠି ଚାଲିଛି
ଲୁଟୁଛି ସ୍ୱଦେଶୀ ନେତା
ବିରୋଧୀ ଶାସକ କୋଳାକୋଳ ଏଠି
ଭକୁଆ ଖାଲି ଜନତା....

କର୍ଣ୍ଣପାତି ଶୁଣ ମାତାର ବେଦନ
ଜାଗି ଉଠ ଭ୍ରାତୃଗଣ
ଭାବନାହିଁ ମନେ ଶିଖ୍, ବୁଦ୍ଧ, ଜୈନ
ହିନ୍ଦୁ ଅବା ଖ୍ରୀଷ୍ଟିଆନ୍....

ହାତେ ହାତ ଛନ୍ଦି ହୁଅହେ ଏକାଠି
ବିଜୟ ଧ୍ୱଜାର ତଳେ
ଜାତିବାଦ ଛାଡ଼ି ସରବେ ହସିବା
ଭାରତ ମାତାର କୋଳେ....

ଗଞ୍ଜାମ, ଓଡିଶା



# ପୂର୍ବରାଗ

ମୂଳରଚନା ( ବଙ୍ଗଳା) : ହିନ୍ଦୋଳ ଭଟ୍ଟାଚାର୍ଯ୍ୟ
ଓଡିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ରାଧା ଏକ ଅନୁଭୂତି, ସୁଜାତା-

ଯଶୋଧାର ନଥିଲେ ସେମିତି

ମୁଁ ତ ଝରିପଡେ ଗଛର ପତ୍ର ପରି ଏକା ।

କିଏ ମୋତେ ପାଣି ଦିଏ ପୁଣି ସେତେବେଳେ?

ଅଭିମାନ କରିଛି ଶ୍ରାବଣ ?

ବେରୁଆଁବାରୀ, ନୟାଗଡ, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# ମୁଁ ଆଜି ବି ଆଶାବାଦୀ



କାର୍ତ୍ତିକ ପାଣିଗ୍ରାହି

ସେଦିନ ଖୁବ ଖାଁ ଖାଁ ଲାଗୁଥିଲା
ଆମ ଗାଁ ପ୍ରଦର୍ଶନୀ ପଡ଼ିଆ..
ସକାଳର ଗହଳ ଚହଳ
ଡାକବାଜି ଯନ୍ତ୍ରରେ
ବନ୍ଦେ ମାତରଂର ସୁମଧୁର ସଙ୍ଗୀତ
ଅତିଥିମାନଙ୍କର ଆକାଶ କଇଁଆ
ତୋଳ ଆଣିବାର ବୃଥା ଆସ୍ଫାଳନ..
ଜାତୀୟ ସଙ୍ଗୀତର ତାଳେ ତାଳେ
ପିଲାଙ୍କ ପ୍ୟାରେଡ଼...

ସବୁକିଛି ଫିକା ପଡ଼ିଯାଇଥିଲା
ପ୍ରଦର୍ଶନୀ ପଡ଼ିଆ ପଛପଟେ
ସଦ୍ୟ ଦୁଷ୍କର୍ମର ଶିକାର ହୋଇଥିବା
ଜଣେ କିଶୋରୀର ଶବ ପାଖରେ..
ତା ପାଖରେ ଗୁମୁରି ଗୁମୁରି କାନ୍ଦୁଥିଲା
ଶିଶୁ ଯୌନବିରୋଧୀ ଆଇନଟା..
ବସ୍ତା ବସ୍ତା ଟେଣ୍ଟ କନାରେ ପଡ଼ିଆ ସଜ୍ଜିତ
କିନ୍ତୁ ମୁକୁଳା ପଡ଼ିଥିଲା ଦୁଷ୍କର୍ମ ପିଡ଼ିତା..
ସମସ୍ତେ ଜଳୁଥିଲେ

କିଛି ଲୁହରେ...କିଛି ଲହୁରେ
ଲାଜରେ ତିରଙ୍ଗା ବି ନଇଁ ଯାଇଥିଲା
କିଛି ସମୟ ଚୁଚୁ..ଗୃଗୃ..ଉହୁ...ଆହା

ତାପରେ...
ସବୁକିଛି ଚରିଚରିତ
ସମସ୍ତଙ୍କ ପାଇଁ ଏହା ଥିଲା
ଏକ ସ୍ୱାଧୀନତା ପରବର୍ତ୍ତୀ ଦୁର୍ଘଟଣା..
ବାସ୍...
ଶୁଭୁଥିଲା ଦୁଷ୍କର୍ମୀର ଠୋ ଠୋ ହସ
ଶୁଭୁଥିଲା ଆଇନର ନିଷ୍ପ୍ରଭ ସ୍ୱର
"ନାବାଳିକା ଦୁଷ୍କର୍ମକାରୀଙ୍କୁ ଫାସୀଦଣ୍ଡ"



ମୁଁ ଏବେ ବି ବସିଛି ତିରଙ୍ଗା ପତାକା ତଳେ
ମୋ ଦେଶର ସ୍ୱାଭିମାନକୁ ନେଇ
ମୋ ଦେଶର ଐତିହ୍ୟର ପ୍ରତୀକକୁ ନେଇ
ମୁଁ ଆଜି ବି ଆଶାବାଦୀ
ମୋ ମା ଭଉଣୀଙ୍କର ଅସ୍ମିତାକୁ ନେଇ
ସେମାନଙ୍କ ପାଇଁ ଆଉ ଏକ
ସ୍ୱାଧୀନତା ସଂଗ୍ରାମର ଆଶାକୁ ନେଇ
ଯାହାର ରଥୀ ସେମାନେ
ଆଉ ସାରଥୀ ବି ସେମାନେ...
କାରଣ କଥାରେ ଅଛି ପରା
"ନିଜେ ନ ମଲେ ସ୍ୱର୍ଗ ଦେଖିହୁଏନି"



# ବର୍ଷା ଆଉ ସେ

ପ୍ରକାଶ ସାହୁ

କଲେଜ ଗେଟ ଖୋଲି ବାହାରକୁ
କଛି ବାଟ ଗଲା ପରେ କେଉଁଠି ଥିଲା
କେଜାଣି ଝିପ ଝିପ ବର୍ଷା ଝରିଗଲା।
ଧୀର ପବନ ସହିତ ଡାଳ ପତ୍ର ର
ଦୋଳ ଖେଳ ଭିତରେ ।
ମୁଣ୍ଡ ରେ ରଖିଦେଲି ଫିଜିକ୍ସ ର
ନୋଟ କୁ ଧାଇଁ ଧାଇଁ ପଶିଗଲି
ଅଳ୍ପ ଦୁରେ ଥିବା ଗୁ ଦୋକାନ କୁ।

"ଓଃ ଏମିତି ବେଳ ରେ ବର୍ଷା"
"ମୋ ବହିସବୁ ଭିଜି ଗଲା"
"ମୁଁ ଏବେ କେମିତି ଯିବି ଯେ"
ଶୁଭୁଥିଲା ଏପରି କାହାର ମଧୁର ସ୍ୱର
କାହାର ? ଏ କଣ୍ଠ ଶୁଣିଲା ପରି ଲାଗୁଛି।
ଦୋକାନ ରେ ପ୍ରଥମ ରୁ,
ଠିଆହୋଇ ମୁଣ୍ଡ ରେ ଓଢଣା ଟାଣି,

କେତେ ଟାହି ଟାପର୍ ଓଢଣା ,

ଭିତରେ କେତେ ଫିସ ଫିସ କଥା।

ଶବ୍ଦ ନାହିଁ କାହାର,

ନା ଗାଡି ର ନା ପକ୍ଷୀ ର,

ସମସ୍ତେ ଚୁପଗୁପ,

ହେଲେ ଚୁପ ରହିନ ଏ ବର୍ଷା।

ପତଳା ଅନ୍ଧାର ଘୋଡାଇଛି ଆକାଶ,

ଘୋଡାଇଛି ରାସ୍ତା ଏବଂ ପଡିଆ।

ପାଦ ରେ ଘୁଙ୍ଗୁର ବାନ୍ଧି,

ଝୁମ ଝୁମ ନାଚୁଛି ଏହି ବର୍ଷା।

କନ୍ତୁ ସେ ବୁଝିପାରୁନ ତାର କଅଁଳଆ

ମନ କଥା ଓହୋ ଏବେ ବୁଝିଲି।



ବର୍ଷା ବୋଧେ ଗ୍ହୁଁଛି ସେ ଏଠି ରହୁ,

ଆଉ ମୁଁ ବି ରୁହେ ଆମ ଦୁହିଁଙ୍କର,

ପହିଲି ଦେଖା କରେଇବା କୁ,

ଗ୍ହୁଁଛି କ ଏହି ବର୍ଷା?

ତା ମୁଣ୍ଡ ରୁ ଓଢଣା ଟା ଖସି ଯାଆନ୍ତା କ,

ଗୋଟେଇ ଆଣି କଲେଜ ନର୍ବାଚନ କାର୍ଡ,

ଡଙ୍ଗା ଟିଏ କରି ଭସାଇ ଦିଅନ୍ତି।

ପିଚୁ ରାସ୍ତା ରେ ଛୁଟୁଥିବା ସୁଅ ରେ

ନ ହେଉ ଫର୍ଦ୍ଦା ନ ଛାଡୁ ଏହି ବର୍ଷା।
ଏମିତି କଳା ବାଦଲ ଥାଉ ଆକାଶ ରେ,
ଝରୁ ଥାଉ ବର୍ଷା, ମଧୁର କଣ୍ଠ ଧାରୀ,
ମନ ର ମଣିଷ କୁ ନ ଦେଖିବା ଯାଏ।

ଅନେକ ଚେଷ୍ଟା ପରେ କଛି କହିବାକୁ,
ବାହାନା ଖୋଜୁ ଖୋଜୁ ଭାବିଲି,
ଫିଜିକ୍ସ ର ପୂର୍ବ ବିଷୟ ରେ ପଗ୍ଧରନ୍ତି,
ତା ଅଧା ଭିଜା ମୁହଁ କୁ ଦେଖିବାକୁ।
ଗୋଟାପଣେ ଥରୁ ଥିଲା ସେ,
ତା ପତଳା ଶରୀର ରେ ବର୍ଷା ର,
ଝିଟା ଆକାଶ ର ତାରା ପରି,
ଛାଉଣୀ ହୋଇ ଯାଇଥିଲା।

ଏମିତି ଭାବୁ ଭାବୁ...
ବର୍ଷା ର ରିଂମ ଝୁଂମ ଶବ୍ଦ,
ଥମି ଥମି ଆସୁଥିଲା।
ଏବେ ହୁଏତ ସେ ଓଢଣା ଟାଣିଦେବ,
ତା ର ମୁହଁ କୁ ମୁଁ ଦେଖିଦେବୀ।
କଛି କ୍ଷଣ ର ଉତ୍କଣ୍ଠା ମଉଳଯିବ।
କନ୍ତୁ ଏ ସୁନ୍ଦର ଦୁନଆ ର ଛବି,
ଲିଭିଯିବ ପାହାଡ଼ ପରି ଦୁଃଖ ,

ଆସି ଯିବ ମୋ ଆଖି ସାମ୍ନା କୁ,
ପଶ୍ଚ ଶାଳ ପତ୍ର, ଅଳଆ ନର୍ଦ୍ଦମା,
ପେଁ ପାଁ ଗାଡି ର ଶବ୍ଦ ସବୁକ ଛି,
ଉଭେଇ ଯିବ କେତୋଟି ମୁହୁର୍ତ ରେ।
ଏକ ସୁନ୍ଦର ମନଲୋଭା ପ୍ରକୃତିର ଦୃଶ୍ୟ।
ଝୁମି ଝୁମି ଫେରିଯିବ ବର୍ଷା।
ତା ଘୁଙ୍ଗୁର ଶବ୍ଦ ମିଶିଯିବି ଆକାଶ ରେ,
ମୁଁ ପୁଣି ଗ୍ଭଲିବି ଏକ ମୁହାଁ ହୋଇ।

ଆଉ ସେ? ?
ତାକୁ ଜଣା ନାହିଁ କଛି।
ବର୍ଷା ଟା ଛାଡି ଗଲା ପରେ,
ଅଧା ଭିଜା କଲେଜ ୟୁନିଫମ ସହିତ,
ଓଦା ରାସ୍ତା ରେ ଖୋଜିବ,
ଦୂର ରେ ଦିଶୁଥିବା ତା ପାହାଡିଆ ଗାଁ କୁ,
ପୁନଚ ବର୍ଷା ର ସମ୍ଭାବନା ହେତୁ,
ମୁଣ୍ଡ ରୁ ଓଢଣା ନ କାଢି,
ଖୁସି ମନ ରେ ଗୁଣୁ ଗୁଣୁ ହୋଇ,
ମୋତେ ଏକା କରି ଗ୍ଭଲିଯିବ ସେ.....

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ଝିଅ ଘିଅ



ଡକ୍ଟର ବିଜ୍ଞାନୀ ଦାସ

ରାତି ୭ଟା ବାଜିଲାଣି । ଶୀତଦିନରେ ରାତି ଖୁବ୍ ଶୀଘ୍ର ଆରମ୍ଭ ହୋଇଯାଏ । ଖରାଦିନେ ଏ ସମୟକୁ ଅପରାହ୍ନ କୁହାଯାଇପାରନ୍ତା । ହେଲେ ଏବେ ଅନ୍ଧାର ଘୋଟିଆସିଲାଣି । ତଥାପି ଲୋପାର ଦେଖାନାହିଁ । ସ୍କୁଲ୍ ତ ଛୁଟି ହେବଣି କେତେବେଳୁ, ଯଦି କଛି ସ୍କୁଲ୍ ପରବର୍ତ୍ତୀ ଅତିରିକ୍ତ କାର୍ଯ୍ୟ ଥିବ, ତେବେ ସେସବୁ ବି ସରିବଣି; ହେଲେ ଏତେବେଳ ଯାଏ କୋଉଠି ଅଛି ସିଏ ? ବିଶେଷତଃ ଲୋପା ଗାଡି ନେଇ ସ୍କୁଲ୍ ଯିବା ଦିନରୁ ଅନୁରାଧାଙ୍କର ପ୍ରତିଦିନ ଚନ୍ତା । ସ୍କୁଲ୍‌ବସରେ ଯିବାଆସିବା ଠିକ୍ । ଯଦି କଛି ସ୍କୁଲ୍ ପରବର୍ତ୍ତୀ କାର୍ଯ୍ୟକ୍ରମ ରହେ, ତେବେ ଅନୁରାଧାଙ୍କୁ କ ଆକାଶଙ୍କୁ କାମରୁ ଶୀଘ୍ର ଫେରି ତାକୁ ରାଇଡ୍ ଦେବାକୁ ପଡେ । ସେ ସମସ୍ୟା ଏବେ ଆଉ ହେବନ । ହେଲେ ପିଲାଟା ଏତେବେଳ ପର୍ଯ୍ୟନ୍ତ ଗଲା କୁଆଡେ ?

ଅନୁରାଧା ବାଇଆଣୀ ହୋଇଯିବେ କ ସତେ ? ମନକୁ ପାପ ଛୁଇଁଲା । ଲୋପାର ଡ୍ରାଇଭିଙ୍ଗ୍ ଶିଖିବା ପୂର୍ବରୁ ତା' ସହିତ ଓରିଏଣ୍ଟେସନ୍ କ୍ଲାସରେ ବସି ସିଏ କେତେ ଭିଡିଓ ଦେଖିଛନ୍ତି; ସାମାନ୍ୟ ସାମାନ୍ୟ ତ୍ରୁଟି ପାଇଁ କେତେ ବଡବଡ ଦୁର୍ଘଟଣା ଘଟୁଛି । ତାପରେ ଆଜିକାଲିଆ ପିଲାମାନେ ଅନେକ ଖାମଖିଆଲି । ଭଗବାନଙ୍କ ଦୟାରୁ ଲୋପା ଭଲରେ ଥାଉ । ଆକାଶ ଏପର୍ଯ୍ୟନ୍ତ କାମରୁ ଫେରିନାହାନ୍ତି । ଅନୁରାଧାଙ୍କ ଆଶଙ୍କା ଜନତ ଏ ତୀବ୍ର ମନୋଭାବକୁ ସାଷ୍ଟାମ କରିବାକୁ ବି କଛି ନାହିଁ ।

ଆଉ ରାଷେଇବାସ କଛିରେ ମନ ଲାଗିଲାନ । ପିଲାଟା ଫୋନ୍ କରି ଟିକେ ଜଣେଇଦିଅନ୍ତା ହେଲେ, ସେଇଟା ବି ନାହିଁ । ଆଜିକାଲି ସ୍କୁଲରେ ବି ଯାବତୀୟ ନାହିଁ ନଥିବା କଥା ହେଉଛି । ଶିକ୍ଷକ ସହିତ ଛାତ୍ରୀମାନେ ପ୍ରେମ ସମ୍ବନ୍ଧରେ ଲିପ୍ତ ହୋଇ ଘରଛାଡି ଗ୍ଲାଲି

ଯାଉଛନ୍ତି । ଏମିତି କ ଶିକ୍ଷୟିତ୍ରୀ ମାନେ ମଧ ନିଜ ପୁଅ ବୟସର ଛାତ୍ରମାନଙ୍କ ସହିତ ଅନୈତିକ ସଂପର୍କ ରଖୁଛନ୍ତି । ଏଭଳ ସନ୍ଧିକ୍ଷଣ ମୁହୂର୍ତ୍ତରେ ସ୍କୁଲ୍ ଯାଉଥିବା ପିଲ୍ମାନଙ୍କ ପାଇଁ ବାପା, ମାଙ୍କର ଚନ୍ତା କେବଳ ବାପା, ମା ହିଁ ବୁଝିପାରିବେ, ଆଉ କେହି ନୁହେଁ ।

ଠିକ୍ ରାତି ଆଠଟାରେ ଫେରିଲ୍ ଲୋପା । ଦେହରେ ଜୀବନ ପଶିଲ୍ ଅନୁରାଧାଙ୍କର । କବାଟ ଖୋଲି ଲୋପା ଯେତେବେଳେ ଘରେ ପଶିଲ୍, ଅନୁରାଧା ପଚ୍ଚରିଲେ, "ଏତେ ଡେରି କାହିଁକି ହେଲ୍ ?"

"ମୁଁ ମାଟ୍ ଆଉ ଜେନଫର୍‌ଙ୍କୁ ତାଙ୍କ ଘରେ ଛାଡି ଆସିଲି । ଆମେ ସବୁ ମାଥ୍ ଅଲିଂପିଆଡ୍ ପ୍ରାକ୍ଟିସ୍ କରିବା ପାଇଁ ରହିଥିଲୁ ।"

"ସେମାନଙ୍କର କଣ ଗାଡି ନଥିଲ୍ ?"

"ନା ।"

"ଭଲ କଥା, ତତେ ଗାଡି ଦିଆଗଲ୍ ଯେ ତୁ ଏମିତି ସମସ୍ତଙ୍କୁ ଆଣିବୁ, ଛାଡିବୁ । ତାହେଲେ ତୋ ହୋମ୍‌ୱାର୍କ କେତେବେଳେ କରିବୁ ? ନିଜପାଇଁ ସମୟ ନାହିଁ । ତାଙ୍କ ବାପା, ମା କଣ ସେମାନଙ୍କୁ ସ୍କୁଲ୍ ଯାଇ ଆଣିପାରି ନଥାନ୍ତେ ?"

"ତାଙ୍କର ଅସୁବିଧା ଥିଲ୍ । ତମେ ଏତେ ରାଗୁଛ କାହିଁକି ?"

"ତୁ ବି ଟିକେ ଫୋନ୍ କରି ଜଣେଇଲୁନ । ଜାଣିଛୁ, ମୁଁ କେତେ ଟେନ୍‌ସନରେ ଥିଲି । ତତେ ଡାକଲେ ବି ଫୋନ୍ ଧରୁନଥିଲୁ ।"

"ମୁଁ ତ ମିଟିଙ୍ଗ୍ ସମୟରେ ଫୋନ୍ ବନ୍ଦ କରିଦେଇଥିଲି । ତାପରେ ଡ୍ରାଇଭିଙ୍ଗ୍ କରୁଥିଲି, ସେଥିପାଇଁ ଫୋନ୍ ଧରୁନଥିଲି ।"

କଣ ଆଉ ଯୁକ୍ତି କରିବେ ଅନୁରାଧା ? ଆଜିକାଲି ପିଲ୍ଙ୍କୁ ଯୁକ୍ତିରେ ପାରିହେବନି । ତେଣୁ ତା' ସହିତ ଆଉ ଯୁକ୍ତି ନକରି ତା' ପାଇଁ ଖାଇବାର ବ୍ୟବସ୍ଥା କରିବାକୁ ରୋଷେଇଘରକୁ ଗଲେ ।

ଲୋପା ଜାମାପଟା ବଦଳାଇ ତଳକୁ ଆସିଲା । ସିଏ ପ୍ୟାଣ୍ଟ୍ରି ରୁମ୍‌ରୁ କଛି ବିସ୍କୁଟ୍ ଆଣି ଖାଇଲା ଓ ବିଜ୍ଞାନ ହୋମ୍‌ୱାର୍କ ସାରି ରାତ୍ରିଭୋଜନ କରିବ ବୋଲି କହି ତା' ରୁମ୍‌କୁ ଚାଲିଗଲା।

ଲୋପା ସେମାନଙ୍କର ଗୋଟିଏ ବୋଲି ଝିଅ । ନା ଆଗକୁ, ନା ପଛକୁ । ଅନୁରାଧା ଓ ଆକାଶଙ୍କର ଅଲିଅଳ ଝିଅ ସିଏ । କେତେବେଳେ ଅନୁରାଧା ବରଂ ଲୋପାକୁ ଦି, ଚାରିପଦ ଗାଳ ଦିଅନ୍ତି, ହେଲେ ଆକାଶ ତାକୁ ମୁଣ୍ଡରେ ବସେଇଥାଆନ୍ତି । ସେ ଲୋପା ଆଜି ବଡ ହୋଇଛି । ହେଲେ ଏପର୍ଯ୍ୟନ୍ତ ତାର ବାହାଘରର ବନ୍ଦୋବସ୍ତ ହୋଇପାରିନ । ସେଇ ଗୋଟିଏ ଚନ୍ତା ଅନୁରାଧାଙ୍କର । ଆକାଶ ତ ସବୁବେଳେ ଖୁସି । "ଆରେ, ସମୟ ହେଲେ ସିଏ ବଳେ ତା' ଜୀବନସାଥୀ ବାଛିବନ ? ତାପରେ ତା ସାଙ୍ଗସାଥୀ ତ କେହି ବାହାହୋଇନାହାନ୍ତି । ତମେ ଅଯଥାଟାରେ କାହିଁକ ଚନ୍ତା କରୁଛ ? "

ପିଲାଟାକୁ ଭାରତୀୟ ସଂସ୍କୃତିରେ ବଢାଇଥିଲେ ସେମାନେ । ତେଣୁ ସ୍କୁଲରେ ସିଏ ପ୍ରେମଠାରୁ ଦୂରରେ ରହିଲା । ଯଦିଓ ତାର ସାଙ୍ଗମାନେ ସମସ୍ତେ ଗୋଟିଏ ଗୋଟିଏ ବୟ୍‌ଫ୍ରେଣ୍ଡ୍ ଧରି ବୁଲୁଥିଲେ, ଲୋପା ବାପା, ମାଙ୍କ ଚାପରେ ମନକୁ ନୟନ୍ତ୍ରିତ କରୁଥିଲା । ପ୍ରମରେ ସିଏ ଯାଇଥିଲା ଗୋଟିଏ ଭାରତୀୟ ପଞ୍ଜାବୀ ପିଲା ସହିତ । ସେଥିରେ ବି ଅନୁରାଧା ଏତେ ଅସନ୍ତୁଷ୍ଟ ଥିଲେ ଯେ, ସେଇଥିପାଇଁ ବୋଧହୁଏ ଲୋପା ଆଉ ସେ ପିଲା ସହିତ ଅଧିକ ସଂପର୍କ ବଢେଇନଥିଲା ।

"ଇଏ କ ଅସଭ୍ୟ ସଭ୍ୟତା ଲୋ ମା ! ଛାତ୍ରଛାତ୍ରୀ ମାନେ ପାଠ ପଢିବେ ନା ବୟ୍‌ଫ୍ରେଣ୍ଡ୍, ଗାର୍ଲଫ୍ରେଣ୍ଡ୍ ହୋଇ ସମୟ ନଷ୍ଟ କରିବେ ? "

"ବୟ୍‌ଫ୍ରେଣ୍ଡ୍, ଗାର୍ଲଫ୍ରେଣ୍ଡ୍ ହୋଇକ କଣ ପାଠ ପଢିହେବନ ? " - ଲୋପା ଯୁକ୍ତି କରେ ।

"କେମିତି ? ବୟ୍‌ଫ୍ରେଣ୍ଡ୍, ଗାର୍ଲଫ୍ରେଣ୍ଡ୍ ବେଶି ପାଖେଇ ରହିଲେ ଭୁଲ୍ ହୋଇଯିବନ । ଝିଅ, ଘିଅ । ଘିଅ ଯେମିତି ନିଆଁ ପାଖରେ ରହିଲେ ତରଳ ଯାଏ, ସେମିତି ପୁଅମାନଙ୍କର ଅତି

ହକଟତର ହେଲେ, ଝିଅମାନେ ତରଳ ଯାଇ ଭୁଲ୍ କରିବସିବେ । ବାହାଘର ପୂର୍ବରୁ ଝିଅମାନେ ପୁଅମାନଙ୍କ ଠାରୁ ସବୁବେଳେ ଦୂରେଇ ରହିବା ଉଚତ ।''

'"ସେଇଟା ଠିକ୍ ନୁହେଁ ।''

"ଅଲ୍‌ବତ ଠିକ୍ । ପୁଅମାନଙ୍କ ସହିତ ଦୂରତା ରକ୍ଷା କରିବୁ ।''

କଣ ବା' କହିବ ଏ ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ? ପୁଅ, ଝିଅଙ୍କୁ ସାଙ୍ଗ ହୋଇ ପ୍ରୋଜେକ୍ଟ୍ କରିବାକୁ ଦେବେ । ଲୋପା ଓ ମାଟ୍‌କୁ କେତେ ଗୁଡିଏ ପ୍ରୋଜେକ୍ଟ୍ ସେମାନେ ମିଶିକରି କରିବା ପାଇଁ ଦିଅନ୍ତି । ସେତେବେଳେ ଅନୁରାଧାଙ୍କ ରକ୍ତଗ୍ରୁପ ବଢିଯାଏ । ସ୍କୁଲ୍‌କୁ ଯାଇ ବିରୋଧ କରିବାକୁ ଇଚ୍ଛା ହୁଏ । ଆକାଶ ବାରଣ କରନ୍ତି । "ଏ ଦେଶରେ ରହି ତମେ ଏମିତି ଗାଁ ଚୁଡା ଭଳ ବ୍ୟବହାର କରନ । ନହେଲେ ଝିଅଟା ଆମର ବାଚ୍ଛନ୍ଦ ହୋଇଯିବ । କେବେ ଭାବିଛ, ଏ ସବୁ ତା' ଭବିଷ୍ୟତ ଉପରେ କ ପ୍ରଭାବ ପକେଇବ ? ''

"ସେ ମାଷ୍ଟର ମାନଙ୍କର ମୁଣ୍ଡରେ କଣ ଏତିକ ପଶୁନ ଯେ ବଢିଲା ପୁଅଝିଅଙ୍କୁ ଏମିତି ସଂଯୁକ୍ତ ପ୍ରୋଜେକ୍ଟ୍ ଦେବା ଉଚତ ନୁହେଁ ବୋଲି । ସେମାନେ ସାଙ୍ଗ ହୋଇ ପ୍ରୋଜେକ୍ଟ୍ କରୁକରୁ ଯଦି କଛି ଭୁଲ୍ ହୋଇଯାଏ, ତେବେ ? ''

ଲୋପା ବି ବାପାଙ୍କ ସହିତ ମିଶିଯାଏ । "ଆଚ୍ଛା ମାମା, ତମେ କଣ ଜାଣନ ଯେ, ପୁଅ ସହିତ ପ୍ରୋଜେକ୍ଟ୍ କରିବା ଯେମିତି ବିପଦଜନକ ହୋଇପାରେ, ଝିଅ ସହିତ ପ୍ରୋଜେକ୍ଟ୍ କରିବା ବି ସେମିତି ବିପଦଜନକ ହୋଇପାରେ । ତମେ କଣ ଚାହୁଁଚ, ତମ ଝିଅ ପୁଅକୁ ବାହା ନହୋଇ ଝିଅକୁ ବାହାହେବ ? ''

ଅନୁରାଧାଙ୍କ ପାଖରେ ଆଉ ଜବାବ ନଥାଏ । ଏବେ ତ ସବୁ ନ ଦେଖିବା କଥା ଦେଖିବାକୁ ମିଳୁଛି; ନ ଶୁଣିବା କଥା ଶୁଣିବାକୁ ମିଳୁଛି । ମଣିଷଙ୍କ ରଙ୍ଗଢଙ୍ଗ କେତେ ରକମର ବଦଳୁଛି ।

ଯାହାହେଉ, ଭଲରେ ଭଲରେ ଲୋପାର ହାଇସ୍କୁଲ୍ ସରିଗଲା । କଲେଜ ଗଲାବେଳେ ବି ସେମିତି କେତେ ଆଶଙ୍କା । ଘରଛାଡି ଆସବାବ୍‌ପତ୍ର ଧରି ଡର୍ମରୁମ୍‌କୁ ସ୍ଥାନାନ୍ତରିତ କରିବା ବେଳେ ସାଙ୍ଗରେ ଯାଇଥିଲେ ଅନୁରାଧା । ଲୋପାର ରୁମ୍ ଚାରି ମହଲା ଉପରେ ଥିଲା । ସେ ଚତୁର୍ଥ ମହଲାର ଲିଫ୍‌ଟ୍‌ରୁ ବାହାରିଲା ବେଳକୁ ସେଠି ଦଳେ ପୁଅପିଲା ବସି ଲବିରେ ଗପ କରୁଛନ୍ତି । ଶୁଣୁଶୁଣୁ କଣନା ସେ ମହଲାର ଗୋଟିଏ ପାଖ ଝିଅମାନଙ୍କ ରହିବା ପାଇଁ, ଆଉ ଗୋଟିଏ ପାଖ ପୁଅମାନଙ୍କ ରହିବା ପାଇଁ । ଓଡିଶାରେ ହେଉ କ ଭାରତର ଅନ୍ୟ କେଉଁ ରାଜ୍ୟରେ ହେଉ, ପୁଅ, ଝିଅ ମାନଙ୍କର ହଷ୍ଟେଲ୍ ସବୁ ଅଲଗା ଅଲଗା । ଏମିତି ଏକା ମହଲାରେ ରହିଲେ, ଝିଅମାନଙ୍କର ପୁଅମାନଙ୍କ ସହିତ ତ ଅବାଧ ମିଳାମିଶା କରିବାର ସୁଯୋଗ ରହିବ । ଏ ବଢିଲା ଝିଅଗୁଡା କେମିତି ସୁରକ୍ଷିତ ରହିବେ ତେବେ ? ମନ ଜମା ମାନୁନଥାଏ । ଆକାଶ ସାହସ ଦେଲେ । "ଏଠି କାହିଁ କେତେବର୍ଷରୁ ଏମିତି ଚଳଣି ରହିଛି । କେତେକେତେ ବ୍ୟାଚ୍‌ର ପିଲା ପାଠପଢି ଏମିତି ଭାବେ ରହି ଗ୍ରାଜୁଏଟ୍ କରିସାରିଲେଣି । ତମେ କାହିଁକି ବ୍ୟସ୍ତ ହେଉଛ । ଅନ୍ୟ ଝିଅମାନେ ବି ତ ରହୁଛନ୍ତି ।"

ଠାକୁରଙ୍କ ଭରସାରେ ଝିଅକୁ ସେଦିନ ଛାଡି ଆସିଥିଲେ ଡର୍ମରୁମ୍ ରେ । ସେତେବେଳେ ବୁଝିଥିଲେ ଅନୁରାଧା, ବାପା, ବୋଉ ତାଙ୍କ ବାହାଘର କାହିଁକି ଏତେ ଶୀଘ୍ର କରିଦେଇଥିଲେ । ଏମିତି କ ଏମ୍.ଏସ୍.ସି.ରେ ଫାଇନାଲ୍ ପରୀକ୍ଷା ଦେବାକୁ ବି ଛାଡିନଥିଲେ । ଆକାଶ ସେତେବେଳେ ପି.ଏଚ୍.ଡି. ସାରି ଆମେରିକାରୁ ଓଡିଶା ଯାଇଥାନ୍ତି । ତାଙ୍କ ମାଉସୀ ପ୍ରସ୍ତାବ ଦେଇଥିଲେ ଓ ପନ୍ଦରଦିନ ଭିତରେ ବାହାଘର ହୋଇଯାଇଥିଲା । ବହୁତ କାନ୍ଦିଥିଲେ ଅନୁରାଧା, "ବୋଉ, ତୁ ଟିକେ ବାପାଙ୍କୁ ବୁଝା, ମୋର ସବୁ ସାଙ୍ଗ ମାନେ ଏମ୍.ଏସ୍.ସି. କରିବେ । ମୁଁ କେବଳ କେତିକଟା ଦିନ ପାଇଁ ବି.ଏସ୍.ସି. ହୋଇ ରହିଯିବି ।"

ବୋଉ ତାକୁ ବୁଝେଇଥିଲା, "ପାଠ ପଢି କଣ ଚାକରି କରିବୁ ? ସେକଥା ତ ହେବାର ନାହିଁ । ତେବେ ଏତେ ପାଠ ପଢି କାହିଁକି କଷ୍ଟ କରିବୁ ? ଝିଅ ଘିଅ । ତୋ ବାହାଘର ନହେଲା ପର୍ଯ୍ୟନ୍ତ ଆମର ଚନ୍ତା ରହିବ । ଦେଖିଲୁ ତ ସରିତାର କଣ ଅବସ୍ଥା ହେଲା ? ସେଇଦିନରୁ ତୋ ବାପା ଭଲରେ ଶୋଇପାରୁନାହାନ୍ତି । ତୁ ବୁଝିଯା ।"

ସେମାନଙ୍କ ପଡୋଶୀରେ ରହୁଥିବା ସରିତା ଅପା ତାଙ୍କ ପ୍ରେମିକଙ୍କ ସହିତ ଘରଛାଡି ଗ୍ଲଲିଯାଇଥିଲେ । ସେଇଦିନରୁ ଅନୁରାଧାଙ୍କ ବାପା, ମା ଚିନ୍ତିତ ରହୁଥିଲେ । ସେଥିରେ ତେଲ ମାରିବାକୁ ଆହୁରି ଅନେକ ଲୋକ ଜୁଟିଯାଇଥିଲେ । "ଝିଅ, ଘିଅ । ସେଥିରେ ପୁଣି ପୁଅମାନଙ୍କ ସହିତ ଏକାଶ୍ରେଣୀରେ ବସି ପଢୁଛନ୍ତି, ମିଳାମିଶା ତ କରୁଥିବେ । ପାଖାପାଖି ହେଲେ ତରଳ ଯିବେନ । ଯୋଗ୍ୟ ବରପାତ୍ର ମିଳଲେ, ଯେତେଶୀଘ୍ର ବାହାଘର ହୋଇଯିବ, ସେତେ ଶୀଘ୍ର ମୁକ୍ତି ।"

ଅନୁରାଧା ସେମିତି ରହିଗଲେ । ତାଙ୍କ ସାଙ୍ଗମାନେ ଆଜି କେତେକେତେ ବଡ ପୋଜିସନରେ ସବୁ ଅଛନ୍ତି, କିଏ କଲେଜ୍ ପ୍ରିନ୍ସିପାଲ୍ ତ କିଏ ଓ.ଏ.ଏସ୍. ଅଫିସର୍ । କିଏ ବୈଜ୍ଞାନିକ, ତ କିଏ ପ୍ରଫେସର୍ । କେବଳ ତା' ପାଇଁ "ଝିଅ, ଘିଅ" ଲାଗୁହେଲା ।

ହେଲେ ଏବେ ଅନୁରାଧା ବୁଝିପାରୁଛନ୍ତି । ନିଜେ ମା' ହେବା ପରେ ନିଜ ମା'ର ମନ ତାଙ୍କ ସାମନାରେ ଉନ୍ମୁକ୍ତ ହୋଇଯାଇଛି । ଏବେ ତାଙ୍କର ଚିନ୍ତା, ଲୋପାର ବାହାଘର କେମିତି ହୋଇଯାଉ । ତାହେଲେ ତାଙ୍କ ଚିନ୍ତା ଯିବ । ହେଲେ ଲୋପା ବଡ ସ୍ୱତନ୍ତ୍ର ମନର ଝିଅ । ସିଏ ସିନା ବାପାଙ୍କ ଆଗରେ ପ୍ରତିବାଦ କରି ମୁହଁ ଖୋଲି ନଥିଲେ, ଲୋପା କଣ ଚୁପ୍ ହୋଇ ବସିବା ଝିଅ । ସିଏ ନିଜେ ଠିକ୍ ନକଲେ, ଏମିତି ପ୍ରସ୍ତାବ ମାଧ୍ୟମରେ ତା' ପାଇଁ ପାତ୍ର ଜୁଟେଇହେବନି । ସିଏ ଯଦି କାହାକୁ ମନୋନୀତ କରିବ, ତେବେ ଯାଇ ତାର ବାହାଘର ହୋଇପାରିବ ।

ଆକାଶ କିନ୍ତୁ ଏ ଦିଗରେ ଖାମଖିଆଲି । ସିଏ ଯୁକ୍ତି ବାଢନ୍ତି, "ଆରେ, ଲୋପାର ସାଙ୍ଗମାନେ ତ କେହି ବାହା ହୋଇନାହାନ୍ତି, ତମେ କାହିଁକି ଏମିତି ବ୍ୟସ୍ତ ହେଉଛ ? ଅପେକ୍ଷା କର ।"

"ତମକୁ ଜଣାପଡୁନି । ତାକୁ ଆସି ସତେଇଶି ବର୍ଷ ହେବ । ମତେ ସତେଇଶି ହେବାବେଳକୁ, ମୁଁ ସାତବର୍ଷର ଛୁଆର ମା' ହୋଇସାରିଥିଲି । ମନେ ପଡୁଛି ?"

"ସେ ସମୟ ଅଲଗା ଥିଲା । ଏ ସମୟ ଅଲଗା । ଜମା ଚିନ୍ତା କରନି । ଯେଉଁକଥା ଯେତେବେଳେ ଘଟିବାର ଥିବ, ସେକଥା ସେତେବେଳେ ଘଟିବ ।"

ଅନୁରାଧା ମନକୁ ବୁଝାଇ ପାରନ୍ତିନ । ତାଙ୍କୁ ଡରଲାଗେ । କାଳେ ଚୌଧୁରୀବାବୁଙ୍କ ଝିଅ ରାଣୀ ଭଳି ସିଏ ଅବିବାହିତା ରହିଯିବ ? ରାଣୀକୁ ଆସି ପଇଁରୀଳଶି ବର୍ଷ ହେଲାଣି । ଏ ପର୍ଯ୍ୟନ୍ତ ବାହାହୋଇନ ।

ଅନୁରାଧାଙ୍କର ଗୁଜୁରାଟୀ ସାଙ୍ଗ ସୋନାଲ୍ ଝିଅର ବାହାଘର ଥିଲା । ସୋନାଲ୍ ଓ ତାର ପରିବାର ଆଗେ ମେରୀଲାଣ୍ଡ ରେ ରହୁଥିଲେ; ଅନୁରାଧାଙ୍କ ପଡୋଶୀ ଥିଲେ । ତାପରେ ସେମାନେ ମିଚଗାନ୍ ଚାଲିଗଲେ । ବାହାଘର ମିଚଗାନ୍‌ରେ ହେଉଥିଲା । ସେଠି ସେମାନଙ୍କ ଖାଇବା ଟେବୁଲରେ ଆଉ ଚାରିଜଣ ଦଂପତି ବସିଥିଲେ । ସେମାନଙ୍କ ମଧ୍ୟରୁ ସମସ୍ତେ ତାଙ୍କର ଚହ୍ନା ଥିଲେ, କେବଳ ଗୋଟିଏ ଦଂପତି ନୂଆ ଥିଲେ । ସେମାନେ ଗୁଜୁରାଟରୁ ଆସିଥାନ୍ତି । ଏମିତି ପରିଚୟ ଆଦାନପ୍ରଦାନ ହେଉହେଉ ଅନୁରାଧା ଜାଣିବାକୁ ପାଇଲେ ବିନଙ୍କୁ । ବିନଙ୍କର ମାମୁଁ ଝିଅ ଭଉଣୀ ରିନ ଅନୁରାଧାଙ୍କର କଲେଜରେ ସାଙ୍ଗ ଥିଲା । ବିନ ଜେ.ଏନ୍.ୟୁ. ଦିଲ୍ଲୀରେ ପଢୁଥିବା ବେଳେ ଲଭ୍‌ମ୍ୟାରେଜ୍ କରିଛି ଜଣେ ଗୁଜୁରାଟୀ ସାଥୀଙ୍କୁ । ସେଇ ହିସାବରେ ସିଏ ସୋନାଲ୍‌ର ସଂପର୍କୀୟ । ସଂପର୍କର ଏ ଲମ୍ବା ହିସାବ କରି ସମସ୍ତେ ଆମୋଦିତ ହେଲେ । ଏ ପୃଥିବୀ ଯେ କେତେ ଛୋଟ, ସେକଥା ଭାବୁଥିଲେ । ସେତିକି ବେଳେ ଆସିଲା ଗୋଟିଏ ଯୁବକ । ବିନ ତାକୁ ପରିଚତ କରାଇଦେଲେ, "ମୋ ପୁଅ କମଳେଶ, ଏବେ ନଉଜର୍ସୀରେ ରହୁଛି । ଆମେ ବାହାଘର ପରେ ତା' ପାଖରେ କିଛିଦିନ ରହିବୁ ।"

କମଳେଶ ଅନୁରାଧାଙ୍କୁ ନମସ୍କାର କଲା, ତାପରେ ତା' ନିଜ ଟେବୁଲ୍‌କୁ ଫେରିଗଲା ।

ଅନୁରାଧା ବିନଙ୍କୁ କହିଲେ, "କୋଉଠି ରହୁଛି ? ମୋ ଝିଅ ବି ତ ସେଇଠି ଚାକରି କରୁଛି । ମୁଁ କହିବି ମୋ ଝିଅକୁ, ତମକୁ ଦେଖା କରିବ ।"

"ବହୁତ ଭଲକଥା । ମୁଁ କମଳେଶକୁ କହିବି, ଆମକୁ ତା' ଘରକୁ ନେଇଯିବ ।" - ବିନ ବହୁତ ଖୁସି ହୋଇ କହିଲେ ।

ବିନ ପୁଣି ପଚାରିଲେ, "ଝିଅ କଣ ତା' ଫ୍ୟାମିଲି ସହିତ ରହୁଛି ?"

"ନା, ସିଏ ଏପର୍ଯ୍ୟନ୍ତ ବାହା ହୋଇନ । ଏକା ରହୁଛି, ଆପାର୍ଟମେଣ୍ଟ ରେ । ଗୁକରି କରୁଛି ଗୋଟିଏ ଔଷଧ କଂପାନୀରେ ।" - ଅନୁରାଧା ଜଣେଇଲେ ।

ଅନୁରାଧା ଓ ବିନ ଏମିତି କଥାରେ ମଜିଗଲେ ଯେ, ସମୟ ଜଣାପଡିଲାନ । ସତେ ବହୁତ ଦିନର ଚହ୍ଲା । ରିନର ଭଲମନ୍ଦ ପଗ୍ଚରିଲେ ଅନୁରାଧା । ତା' ବିଷୟରେ ବହେ ଗପିସାରି ରିନର ଭାଇ, ଭଉଣୀ ସମସ୍ତଙ୍କ ବିଷୟରେ ଗପିଗଲେ ବିନ । ସେମାନେ ବହୁତ ସାଙ୍ଗ ହୋଇଗଲେ । ଶେଷରେ ପଗ୍ଚରିଲେ ଅନୁରାଧା, "କମଳେଶ କଣ ବିବାହିତ ?"

ବିନ ମୁଣ୍ଡରେ ହାତ ଦେଇ କହିଲେ, "ନାଇଁ ମ । ତାକୁ କହିକହି ଆମେ ଥକଗଲୁଣି । କେତେ ଭଲଭଲ ପ୍ରସ୍ତାବ ବି ହାତରୁ ଗଲେଣି । ହେଲେ ସିଏ ଲଭ୍ ମ୍ୟାରେଜ୍ କରିବ । ସେଇଟା ତାର ଇଚ୍ଛା । ତେଣୁ ସେ ଲଭ୍ କେତେବେଳେ ହେବ, କେମିତି ହେବ, କିଏ ଜାଣେ? ଏପର୍ଯ୍ୟନ୍ତ ତ ହୋଇନ । ଆମର ତ କିଛି ପ୍ରତିବାଦ ନାହିଁ । ଗୋଟିଏ ପୁଅ, ଯାହା ତାର ଖୁସି କରିବ ।"

ଅନୁରାଧା ମନେମନେ ସେଇଠି ଜଗନ୍ନାଥଙ୍କୁ ପ୍ରାର୍ଥନା କରିଦେଲେ । "ଏ କମଳେଶ ସହିତ ଲୋପାର ସଂଯୋଗ କରେଇଦିଅ ପ୍ରଭୁ । ବହୁତ ଭଲ ହୁଅନ୍ତା ।"

ଅନୁରାଧା ନିମନ୍ତ୍ରଣ କଲେ, "ତମେ ତ ନିଉଜର୍ସୀରେ ରହୁଛ । ହେଲେ ଡିସି ବୁଲିବାକୁ ଯଦି ଆସିବ, ଆମ ଘରେ ରହିବ ।"

ବିନ ଖୁସି ହେଲେ ।

ଅନୁରାଧାଙ୍କୁ ବିନ ବହୁତ ଭଲ ଲାଗୁଥିଲେ । ଭଲ, ଖୁସିବାସିର ସ୍ତ୍ରୀ ଲୋକଟିଏ । ସେମାନଙ୍କର ସମ୍ବନ୍ଧ ହେଲେ ବହୁତ ଭଲ ହୁଅନ୍ତା ।

ବାହାଘର ପରେ ସମସ୍ତେ ନିଜନିଜ ଘରକୁ ଫେରିଆସିଥିଲେ । ଅନୁରାଧା ଲୋପାକୁ ବିନ ବିଷୟରେ ଜଣେଇଥିଲେ, କହିଥିଲେ, ତାଙ୍କୁ ନେଇ କୁଆଡେ ଟିକେ ବୁଲେଇ ଆଣିବାକୁ କି ନେଇ ହୋଟେଲରେ ଖୁଆଇବାକୁ । ଲୋପା ସେ ବିଷୟରେ ବହୁତ ଭଲ । ମାମା ଓ

ପାପାଙ୍କର ସାଙ୍ଗମାନଙ୍କୁ ସମ୍ମାନ କରେ ସିଏ । ତେଣୁ ସେ ସପ୍ତାହ ଶେଷରେ ଶନିବାର ଦିନ ବିନି ଓ ତାଙ୍କ ସ୍ୱାମୀଙ୍କୁ ନେଇ ସିଏ କୁଆଡେ ଷ୍ଟାଚୁ ଅଫ୍ ଲିବର୍ଟି ବୁଲେଇ ଆଣିଥିଲା । ଫୋନ୍ କରି ଲୋପାର ଭୂରି ପ୍ରଶଂସା କରୁଥିଲେ ବିନି । "ବଢିଆ ଝିଅଟିଏ ପାଇଛ ତମେ । ଗୋଟିଏ ରତ୍ନ ।"

କମଳେଶ ସେମାନଙ୍କୁ ନାଏଗ୍ରା ଇତ୍ୟାଦି ନେଇ ବୁଲେଇ ଆଣିଥିଲା । ଲୋପା ସେମାନଙ୍କୁ ଗୋଟିଏ ଶନିବାରରେ ଓ୍ୱାସିଂଟନ୍ ଡିସି ବୁଲେଇବାକୁ ନେଇଆସିଥିଲା । ସେମାନେ ଅନୁରାଧା ଓ ଆକାଶଙ୍କ ଘରେ ରହିଲେ । ମିଶିକରି ଓ୍ୱାସିଂଟନ୍ ଡିସି ବୁଲିବାକୁ ଗଲେ । ବହୁତ ଭଲଲାଗିଲା ।

ସେବର୍ଷ ଥ୍ୟାଙ୍କ୍ସ ଗିଭିଙ୍ଗ୍ ରେ କମଳେଶକୁ ନିମନ୍ତ୍ରଣ କରିଥିଲେ ଅନୁରାଧା । କମଳେଶ ଗୋଟିଏ ଦିନ ପାଇଁ ଆସିଥିଲା । ତାକୁ ସୋନାଲ୍ ବି ଡାକଥିଲା ତା' ଝିଅ, ଜ୍ୱାଇଁଙ୍କ ସହିତ ପରିବାରର ଗ୍ରାଣ୍ଡ୍ ମିଳନୀ ପାଇଁ । ହେଲେ ସେଇ ଗୋଟିଏ ଦିନରେ କମଳେଶକୁ ଅନେକ ବୁଝିପାରିଥିଲେ ଅନୁରାଧା । ବହୁତ ସମ୍ଭ୍ରାନ୍ତ ଓ ସୁଶୀଳ ସ୍ୱଭାବର ପିଲା ।

ସମୟ କାହାକୁ ଅପେକ୍ଷା କରେନି । ଦେଖୁଦେଖୁ ଶୀତଦିନ ସରିଆସୁଥିଲା । ମାର୍ଚ୍ଚମାସ ହୋଇଗଲା । ମେରୀଲାଣ୍ଡ ରେ ତଥାପି ଶୀତ ଲାଗି ରହିଥିଲା । ହୋଲି ପାଇଁ ଘରେ ଗୋଟିଏ ପାର୍ଟି ରଖିଥିଲେ ଅନୁରାଧା । କଛି ସାଙ୍ଗସାଥୀଙ୍କୁ ଡାକଥିଲେ । ଲୋପା ବି ଆସିଥିଲା ।

ସମସ୍ତେ ଖାଇ ବସିଛନ୍ତି । ମଜାମଜା କଥା କହି ହସୁଛନ୍ତି । ହଠାତ୍ ସମସ୍ତଙ୍କୁ ସ୍ତବ୍ଧ କରି ସେଠି କେଉଁଠୁ ଆସି ସମସ୍ତଙ୍କ ମଝିରେ ବସିପଡିଲା କମଳେଶ । ଲୋପା ସେତେବେଳେ ଖାଇବାକୁ ବାଢୁଥିଲା । କମଳେଶ ତା' ପାଦତଳେ ବସି ପ୍ରପୋଜ୍ କଲା, "ଲୋପା, ଏଠି ସମସ୍ତଙ୍କ ଆଗରେ ମୁଁ ତମକୁ ପଚାରୁଛି ମୋର ପ୍ରିୟତମା ହେବ ତ ତମେ ।"

ସମସ୍ତେ ଅବାକ୍ ହୋଇ ଚାହିଁଥାନ୍ତି । ଲୋପା "ହଁ" କହିଲା । କମଳେଶ ମୁଦି ପିନ୍ଧେଇଦେଲା ।

ଅନୁରାଧା ବି ଚମକପଡିଲେ । କମଳେଶ ଆସିଲା କୁଆଡୁ ? ପୁଣି ସଂପର୍କ ଆରମ୍ଭ ହେଲା କେବେ, କେତେବେଳେ ?

ଏସବୁ ଏତେ ଶୀଘ୍ର ? ସଂପର୍କ ସବୁ ଏମିତି ହୁଏ ? ହଠାତ୍ ଆକସ୍ମିକ ଭାବେ, ଯେମିତି ଆକାଶରୁ ଖସିପଡିବା ଭଳ, ପୁଷ୍ପ ବରଷିବା ଭଳ, ପ୍ରେମ ଏମିତି କେଉଁଠୁ ଆସି କାହା ଜୀବନରେ ପ୍ରବେଶ କରିଯାଏ । ହଠାତ୍ ଥୁଣ୍ଟା ଗଛ ପଲ୍ଲବୀତ ହୋଇଯାଏ; ଫୁଲ ଫୁଟି ଯାଏ, ବାସ ମହକଯାଏ ।

ସେମିତି ହିଁ ହେଲା । ପ୍ରକୃତିରେ ସିନା ବସନ୍ତ ଆସିନଥିଲା, ହେଲେ ଲୋପାର ଜୀବନରେ ବସନ୍ତ ଆସିଗଲା । ସେ ବସନ୍ତ କେବଳ ଲୋପା ଜୀବନରେ ନୁହେଁ, ଅନୁରାଧା ଓ ଆକାଶଙ୍କ ଜୀବନରେ ବି ବାସ ଚହଟାଇଦେଲା ।

ଅନୁରାଧା ଆଖି ମୁଦି ସେଇ ବାସ୍ନାକୁ ଆଘ୍ରାଣ କରିବାକୁ ଲାଗିଲେ ।

ସମସ୍ତେ ତାଳମାରି ଲୋପା ଓ କମଳେଶଙ୍କୁ "କନ୍‌ଗ୍ରାଚୁଲେସନ୍‌ସ୍ କହୁଥିଲେ ।

ରଦରେ୍‌ଫର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା


ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଆମ୍ଭର ଗଣିତ....



ସ୍ମିତା ତ୍ରିପାଠୀ

ଆମ୍ଭ ର ଆତ୍ମୀୟତା ବୁଝୁ ବୁଝୁ
କେତେ ଯେ ମୁହୂର୍ତ୍ତ ବିତି ଯାଏ..
ତଥାପି ମିଶାଣ, ଫେଡାଣ, ହରଣ, ଗୁଣନ
ବୁଝିବାକୁ ବାକ ରହିଯାଏ ॥
ଆମ୍ଭର ଭେକ ବୁଝୁ ବୁଝୁ
ବୟସ ସରିଯାଏ..
ମନ ର ଭେକ ସେ ତ
ମନ ରେ ରହିଯାଏ ॥
ଜୀବନ ରେ ହରଣ ରେ
ଭାଗ ନେଇ ବି
ଛିଡେନ ଭାଗଫଳ ॥
ଗୁଣନ ରେ ଗୁଣି ଗୁଣି
ହେଇଯାଏ ଜୀବନର ସମୟ ॥
ମିଶାଣ ତ କହେ ମିଶେଇ ଦେ
ତୋ ସୁଖ ଦୁଃଖ ସବୁ..
ଫେଡାଣ କହେ ଫେଡି ଦେ
ତୋ ଜୀବନ କାଳ ସବୁ ॥
ନାସ୍ତିକ ଯେ ଦୁଃଖରେ ଫେଡି ହେଇ ହେଇ
ସାରିଦିଏ ସବୁ ସୁଖ
ଜୀବନର ଶେଷ ମୁହୂର୍ତ୍ତ କୁ




ଆମ୍ଭା ସହ ଗୁଣି ଗୁଣି ହେଇଯାଏ ଆସ୍ତିକ ॥
ଆମ୍ଭର ବିଳାପ ବୁଝିବାକୁ
ନ ଥାଏ ମୁହୂର୍ତ୍ତ ଟିଏ..
ଉପରେ ଥାଇ ଜଗା କଷୁଥାଏ
ହରଣ କ ଗୁଣନ ର ଅଙ୍କଟିଏ ॥
ଆମ୍ଭର ଚତ୍କାର ନଶୁଭେ କାହାକୁ
ନିଜ ବ୍ୟତୀତ କଏ ନ ଶୁଣିପାରେ..
କ ସାଙ୍ଗ ସାଥି ରଖିଛୁ ତୁହି
ହେଇଯିଉ ତୁ ଭାଗଶେଷ ଜୀବନର ହରଣ ରେ ॥
ଶେଷ ହେଇଯିବ ତୋ ଗୁଣନ
ମଶାଣୀ ଭୂଇଁ ରେ..
କ ଦେଖେଇ ହଉ ନିଜ ସମ୍ପତ୍ତି
ମିଶି ଯିବ ତୋ ଦେହ ପାଉଁଶ ରେ ॥
ଆଜିଠୁ ରଖ ତୋ ହରଣ ଗୁଣନ
ମିଶାଣ ଫେଡାଣ ..
କର ତୋ ଜୀବନ ର
ପ୍ରତି ମୁହୂର୍ତ୍ତ ସମାଜ ସେବା ରେ ଦାନ ।

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଦରଦୀ କୃଷକ ବନ୍ଧୁ



ଅମ୍ବିକା ସ୍ୱାଇଁ

ଗୃଷୀକୂଳ ଅଟେ ଆମ ସମାଜର

ଦରଦୀ ସେବକ ବନ୍ଧୁ

ତାହାରି ହାତର ଯାଦୁର ସ୍ପର୍ଶରେ

ଗଢୁଛେ ଆମେ ସିନ୍ଧୁ ॥

ଲହୁ ଲୁହ ଦେଇ କେତେ କଷ୍ଟ ସହି

ଖଟୁଥାନ୍ତି ଗ୍ରତିଦିନ

କୋଟି, କୋଟି ଜନ ଭରୁଛନ୍ତି ପେଟ

ଖାଇ ଯେ ତାଙ୍କରି ଦାନ ॥

ପ୍ରକୃତି ତାଣ୍ଡବେ କ୍ଷତ ନଷ୍ଟ ହେଲେ

ଆଖିରୁ ଗଡାନ୍ତି ଲୁହ

ସହି ହୁଏ ନାହିଁ ଦେଖିଲେ ଆଖିରେ

ଦରଦୀ ବନ୍ଧୁର କୋହ ॥

କେତେବେଳେ ପୁଣି ଆତ୍ମହତ୍ୟା କରି

ହରାଇ ଦିଅନ୍ତି ଜୀବନ


ପରିବାର ତାର କାନ୍ଦି ଝୁରୁଥାନ୍ତି

ଆଖିରୁ ଗଡାଇ ଅଞ୍ଜନ ॥

ଗୃଷୀଭାଇ ଆମ ଜୀବନର ମୂଲ୍ୟ

ଏକଥା ଭୁଲିବା ନାହିଁ
ତାଙ୍କରି ଦାନରେ ଅୟସ କରୁଛେ
ସେ ଆମ ଆତ୍ମାର ଭାଇ ॥
ଚାଷୀଭାଇ ଯଦି ଚାଷ ନ କରନ୍ତା
ଯେତେ ପଇସା ଥିଲେ ବି ପାଶେ
ଖାଦ୍ୟ ମିଳନ୍ତାନ ପେଟ ପୁରନ୍ତାନ
ସଭିଁ ମରନ୍ତେ ଭୋକ ଉପାସେ ॥
ତାଙ୍କ ପ୍ରତି କେବେ ହେଳା କରିବାନ
କରିବା ତାଙ୍କୁ ସନମାନ
ଚାଷୀ ଭାଇ ଆମ ଖାଦ୍ୟର ଭଣ୍ଡାର
ରଖନ୍ତି ଆମ ଜୀବନ ॥

ଭୁବନେଶ୍ୱର



# ବୁଢା ଦେହୁରୀର କେତୋଟି କଥା ( ଶିମିଳପାଳ ଜଙ୍ଗଲ)



ଅଶୋକ ବିଶ୍ୱାଳ

ଗାଁ ରେ ବସିଗଲି କିଛି ସମୟ, ଗାଁର ଦେହୁରୀ, କାଉ ଦେହୁରୀ ତାର ନାଁ, ମୋ ଅନୁରୋଧରେ ଗାଇ ଉଠିଲା ତାର ଭକ୍ତି ଗୀତ, ଅନେକ ଶବ୍ଦ ମୁ ଭଲ ଭାବେ ଶୁଣି ପାରୁ ନଥିଲି, ବୁଢାର ଶବ୍ଦ ଅନେକ ଅସ୍ପଷ୍ଟ ଥିଲା, ବୁଢା ଓଡିଆରେ ଗୀତ ଗାଉଥିଲା, କେତେକ ଶବ୍ଦ ଶୁଣି ପାରୁନଥିଲି ଠିକ ଭାବେ ।

ସିରି ରାମ ରାମ ରଜା
ବଡ ଜୟ ରାମ ରଜା..
ଶୀତଳ ବଉଳ ମୂଳେ ଦଣ୍ଡେ ବିଶିରାମ
ପକେଇ ଦିଅ ଭଇଁଚ ପିଢା
ବସିବେ ବଡାମ ବୁଢା ନା
………………ସାରୀ ଶୁଆ ଭଜୁଅଛି
…… ମାଙ୍କଡା ପଥର …….
ବଡାମ ବୁଢୀ ସରଧା……….
ସକଳେ କୁଟୁମ୍ବ ……..

ବୁଢା ଦେହୁରୀର ସ୍ୱର ଲମ୍ବି ଯାଉଥିଲା, ସ୍ୱରରେ ‘ଅ’ ଉପରେ ଜୋର ପଡୁଥିଲା । ବୁଢା ଗାଉଛି ବଡାମ ଠାକୁରର ମହିମା, କିଏ ଏହି ଠାକୁର, କଣ ତାର କାହାଣୀ । ବୁଢାକୁ ମୁଁ ଅନାଇଲି, ଆଖିରେ ମୋର ଆଖିଏ ପ୍ରଶ୍ନ । ଅନ୍ୟମାନେ ବୁଢାକୁ ଘେରି ବସିଥିଲେ । ପତଳା କଳା ଲୋକଗୁଡିଏ, ଦେହରେ ସାମାନ୍ୟ ବସ୍ତ୍ର, ଗୃହାଣୀରେ ନରୀହତା, ଭାଷାରେ ସାବଲୀଳତା । ସେ ବୁଢା କହୁଥିଲା, ମୁଁ ଶୁଣୁଥିଲି ତନ୍ମୟ ହୋଇକରି । ସେ କାହାଣୀ

ସରୁ ନଥିଲା, ପ୍ରାୟ ଏକ ଘଣ୍ଟାରୁ ଅଧିକ ଧରି କାହାଣୀ ବଖାଣି ଗ୍ଭଲିଥିଲା । ଲୋକମାନେ ତନ୍ମୟ ହୋଇ ଶୁଣି ଗ୍ଭଲିଥିଲେ ।

ଗଣଶ୍ୱର ରଜା କାହାଣୀ

ବଡାମ ରଜାଙ୍କ ଷୋଳ ପୁଅ, ଗୋଟିଏ ଝିଅ, ବଡ ପୁଅ ଗଣଶ୍ୱର ରଜା, ଆଉ ପୁଅମାନେ ହେଲେ ଦେବେଶ୍ୱର ରାଜା, ନ୍ୟାୟଶ୍ୱର ରାଜା, ପଶ୍ଚିମ ଜଟ ଇତ୍ୟାଦି, ଝିଅ ନାମ ହେଲା ସାହାଣା ସୁନ୍ଦରୀ । ସବୁ ପୁଅ ବାହା ହୋଇ ଯାଇଥିଲେ, ବଡ ପୁଅ ପାଇଁ କନିଆ ମିଳୁ ନଥିଲା । ଗଣଶ୍ୱର ରଜା ବଡ ଶିକାରୀ । ବଡାମ ରାଜା ଶିମିଳପାଳ ବୁଲି ଯାଇଥାନ୍ତି, କେଉଁଠି କାଉ ଟିଏ, କୋଇଲିଟିଏ, ମାଙ୍କଡଟିଏ ଦେଖିଲେନି, ବଡ ଜୀବ ତ ଦୂରର କଥା । କହିଲେ, ମୋର ଏତେ ବଡ ଶିମିଳପାଳ ଜଙ୍ଗଲ, ପଶୁ ଟିଏ ନାହାନ୍ତି, ପକ୍ଷୀଟିଏ ନାହାନ୍ତି, କିଏ ଚଣ୍ଡାଳ ତାଙ୍କୁ ମାରଦେଲା । ବୁଢୀକୁ ଆସି କହିଲେ ଦୋଷୀକୁ ଦଣ୍ଡ ଦେବା ଦରକାର, ବୁଢୀ ହଁ ମାରିଲା ।

ଦିନେ ବହୁତ ଖୋଜିଲା ପରେ ଦେଖିଲେ ଗଧୀଟିଏ, ଖୁରାଣ୍ଟି ଟିଏ ଲୁଚକରି ଖୋଲରେ ପଶିଛନ୍ତି । ବୁଢା ତାଙ୍କ ଉପରେ ପାହାଡ ଭଳି ପଥର ଜମାକଲେ, ଶିକାରୀ ଜୀବଙ୍କୁ ଦେଖିପାରବନି । ଗଣଶ୍ୱର ରଜା ଫେରୁଥାନ୍ତି, ତଙ୍କର ଆଖି ଭାରି ତେଜ, ସେ ପଶୁ ଦୁଇଟିକୁ ଠାବ କଲେ ଆଉ ଶର ବିନ୍ଧିଲେ, ଦୁଇଟି ପଶୁ ମରି ଶୋଇଲେ । ପୁଅ ବଡ ଖୁସିରେ ଦୁଇ ଶିକାର ଧରି ଘରେ ପହଞ୍ଚିଲେ, ବାପକୁ କହିଲେ କଟାକଟି କରି ରଖ, ଗାଧେଇ ଆସି ଖାଇବ । ବଡାମ ବୁଢା ଦେଖିଲେ ସେ ଲୁଗ୍ଭଇଥିବା ସେହି ଜୀବ ଦୁଇଟି, ପୁଅକୁ ବହୁତ ଗାଳ ଦେଲେ, ଏତେ ବଡ ଜଙ୍ଗଲକୁ ପଦା କରୁଛି । ପୁଅକୁ ଦେଶାନ୍ତର ଦଣ୍ଡ ଦେଲେ ।

ଗଣଶ୍ୱର ରଜା ଘର ଛାଡି ବାହାରି ଗଲେ । ବାଟରେ ଭାଇ ମାନଙ୍କ ଘର ପଡିଲା, ସେଠି ଖାଇ ବିଶ୍ରାମ ନେଲେ, ପଗ୍ଭରିବାରୁ କହିଲେ ସେ ଶମ୍ବରକୁ କାଣ୍ଡ ବିନ୍ଧିଛନ୍ତି, ତାର ପିଛା କରୁଛନ୍ତି । ଏମିତି ଯାଉ ଯାଉ ଯାଇ ଦେବସ୍ଥଳୀ ରଜା ଦେଶରେ ପହଞ୍ଚିଲେ । ସେଠି ନଜର ଶର ସନ୍ଧାନ ଯୋଗୁ ରାଜ୍ୟ ହାସଲ କଲେ । ଅନେକ ବର୍ଷ ବିତି ଗଲା । ବଡାମ

ବୁଢୀ ବ୍ୟସ୍ତ ହୋଇପଡିଲା, ବୁଢାକୁ ବଡ ଝିଙ୍ଗାସିଲା, ତେଣୁ ବୁଢା ପୁଅକୁ ଖୋଜି ବାହାରିଲା, ଆଉ ପୁଅକୁ ପାଇଲା । ପୁଅ ସେତେବେଳକୁ ବିରାଟ ରଜା, ବିରାଟ ମନ୍ଦିର କରିଥାଏ । ଶର ମାରି ବାପ ପାଇଁ ଝରଣା ତିଆରି କଲା, ବାପ ପାଣି ପିଇଲା । ପୁଅକୁ ଘରକୁ ଫେରାଇ ଆଣିଲା ।

ବଡାମ ବୂଢା ପୁଅ ପାଇଁ କନ୍ୟା ଦେଖି ବାହାରିଲା, ଶେଷରେ ଜଣାଗଲା ଗେଣ୍ଡୁମନ ରଜାଙ୍କର ଘରେ ଉପଯୁକ୍ତ କନ୍ୟା ଅଛି । ଦୁଇ ରଜାଙ୍କ ଭିତରେ ବହୁତ ଶତ୍ରୁତା, ତେଣୁ ବଡାମ ବୂଢା ବାବାଜୀ ବେଶ ହୋଇ ଗଲା, ଗେଣ୍ଡୁମନ ରଜାଙ୍କ ଦେଶରେ ପହଞ୍ଚିଲା । ସେ ଏକାଥରକେ ୧୬ ଭରି ଗଞ୍ଜେଇ ଟାଣିବାର ଦେଖି ରଜାଙ୍କ ପାଇକ ମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଗେଣ୍ଡୁମନ ରଜା ବାବାଜୀଙ୍କୁ ଦରବାରକୁ ଡକାଇଲେ, ବୁଢା ମନ କଳବା ପାଇଁ ନିଜର ପରିଚୟ ନଦେଇ ସେଇଠୁ କହିଲେ ଯେ ବଡାମ ରଜାଙ୍କର ଏକ ଯୋଗ୍ୟ ପୁଅ ଅଛି, ସେ ଗେଣ୍ଡୁମନ ରଜାଙ୍କ ଘରେ ବାହା ହେବା ପାଇଁ ମନେ କରୁଛନ୍ତି । ଗେଣ୍ଡୁମନ ରଜା ରାଗରେ ନିଆଁ ହୋଇଗଲେ, କହିଲେ

ଶିମିଳପାଳଆ, କାଠ ଫାଳଆ
ରାତି ପାହିଲେ ମାଙ୍କଡ ଘୁଅ ମାଡନ୍ତି
ମାଙ୍କଡ ମୁହଁ ଗୃହାନ୍ତି ।।

ଏମିତିଆ ବଂଶରେ ସେ ଝିଅ ଦେବେନି, ଯଦି ବଡାମ ରଜାଙ୍କୁ ପାଆନ୍ତି ତେବେ ତଳ କଣ୍ଟା ଉପର କଣ୍ଟା ଦେଇ ଶୂଳ ଦେବେ । ଏମିତିଆ କଥା ଶୁଣି ବୁଢା ଫେରି ଆସିଲେ, ବୁଢୀ ଆଉ ପୁଅକୁ ସବୁ କଥା କହିଲେ । ଗଣଶ୍ୱର ରଜା ସେଉଠୁ ଗେଣ୍ଡୁମନ ରଜାଙ୍କର ବହପ ଭାଙ୍ଗିବାକୁ ଠିକ କଲେ । ଡମ ପାଖକୁ ଯାଇ ପାଛିଆ ବୁଣିବା ଶିଖିଲେ, ମୋଚ ପାଖକୁ ଯାଇ ଚମଡା କାମ ଶିଖିଲେ । ଦେହରେ ପଶୁ ଚମ ପକାଇ ବାହାରିଲେ, ଦେହ ସାରା ପୋକ ଭଣ୍ଣୁ ଭଣ୍ଣୁ, ଗନ୍ଧରେ ପାଖ ପଶି ହେଉନି, ପୂଜ ପୋକ ଝରୁଚ । ଏମିତି ବେଶରେ ଯାଇ ଗେଣ୍ଡୁମନ ରଜାଙ୍କ ରାଜ୍ୟରେ ପହଞ୍ଚିଲେ । ସେଠି ନିଜର ପାଛିଆ, ଡାଲା ବିକଲେ, ତାଙ୍କର କାମ ଦେଖି ସମସ୍ତେ ତାଙ୍କ ଜିନିଷ କିଣି ନେଉଥାନ୍ତି । ରଜା ଘରେ ଖବର ପହଞ୍ଚିଲା, ଡକରା ଆସିଲା, ତାଙ୍କୁ ଦେଖି ସମସ୍ତେ ଥୁ ଥୁ କଲେ । ସେ ରାଜ୍ୟରେ ଗୋଟିଏ

ଗଣ୍ଡା ମାଡିଥାଏ, କେହି ପାରୁ ନଥାନ୍ତି । ରାଜା ଘୋଷଣା କଲେ ଯିଏ ସେ ଗଣ୍ଡାକୁ ମାରିବ, ତାକୁ ନିଜ ଝିଅ ଦେବେ । ଗଣଶ୍ୱର ରଜା ତ ବଡ ଶିକାରୀ, ଏକା ଶରରେ ଗଣ୍ଡାକୁ ମାରିଦେଲେ ।

ପାଇକ ମାନେ ଯାଇ ରାଜାଙ୍କୁ କହିଲେ, ରାଜା ଦେଖିଲେ ମୋଚଟା, ଦେହ ସାରା ପୋକ ଭିଣ୍ଣୁ ଭିଣ୍ଣୁ, ଗନ୍ଧରେ ପାଖ ପଶି ହେଉନି, ପୂଜ ପୋକ ଝରୁଚ, କମିତି ଝିଅ ଦେବେ । କିନ୍ତୁ ସତ୍ୟ କରିଛନ୍ତି ।

ସତ୍ୟ ସତ୍ୟ ହରିବଂଶ ପୋଥି ସତ୍ୟ
ସତ୍ୟ ସତ୍ୟ କାଳଗାଇ ପେଠି ସତ୍ୟ
ସତ୍ୟ ଯେ ମେଞ୍ଚାଣ କରିବ
ଛାତି ଫାଟି ପ୍ରାଣ ଯିବ ।।

ଗେଣ୍ଡୁମନ ରାଜା ଗଣଶ୍ୱର ରଜାଙ୍କୁ ଝିଅ ଦେଲେ, କିନ୍ତୁ ନିଜର ମନ୍ତ୍ରୀ ସେନାପତିଙ୍କୁ କହିଲେ ମୋଚକୁ ମାରି ଝିଅକୁ ଛଡାଇ ଆଣିବ । ସେମାନେ ସୈନ୍ୟବଳ ସହ ଆସିଲେ, ଗଣଶ୍ୱର ରଜା ସମସ୍ତଙ୍କୁ ହରାଇ ତାଙ୍କ ନାକ କାନ କାଟିଦେଲେ । ମନ୍ତ୍ରୀ ସେନାପତି ଲହୁ ଲୁହାଣ ହୋଇ ଫେରିଗଲେ, ନିଜ ରାଜାଙ୍କୁ କହିଲେ । ସେଉଠୁ ଗେଣ୍ଡୁମନ ରାଜା ନିଜେ ଯୁଦ୍ଧ କରିବାକୁ ଆସିଲେ । ଗଣଶ୍ୱର ରଜା ସହଜରେ ତାଙ୍କୁ ହରାଇ ଦେଲେ, ନିଜ ଘୋଡାର ପଛରେ ବାନ୍ଧିଦେଲେ, ଘୋଡା ଦୌଡାଇଲେ । ଗେଣ୍ଡୁମନ ରାଜା ଲହୁ ଲୁହାଣ ହୋଇଗଲେ, ରକ୍ଷାକର, ରକ୍ଷାକର ରଡି ଦେଉଥାନ୍ତି । ତାଙ୍କୁ ବଡାମ ରାଜାଙ୍କ ପାଖରେ ହାଜର କଲେ । ଗେଣ୍ଡୁମନ ରାଜା ନିଜର ହାର ମାନିଲେ ଆଉ ବାହାଘର ଠିକ ଭାବେ ହେଲା । ବଡାମ ରାଜାଙ୍କ ଖ୍ୟାତି ବଢିଲା, ଗଣଶ୍ୱର ରଜାଙ୍କ ଖ୍ୟାତି ବଢିଲା ।

ଏତେ ଲମ୍ବା କାହାଣୀ, ବୁଢାଟି ଭଲ ଭାବେ କହି ଗ୍ଲିଥିଲେ , ମୁଁ ବ୍ୟସ୍ତ ହୋଇ ପଡୁଥିଲି । କାହାଣି ସରୁନଯେ । ଖଡିଆ ମାନଙ୍କର ସେ କାହାଣି ଗୁଡିକ ବହୁତ ବହୁତ ଲମ୍ବା, ରାତି ପାଇଯିବ କାହାଣି ସରିବନି । ଜ୍ଞାନ ଏକ ପୁରୁଷରୁ ଆଉ ଏକ ପୁରୁଷକୁ ଏମିତି ଆସି

ଥାଏ। କେଉଁଠୁ ପାଇଲେ ଏମାନେ ଏତେ ଲମ୍ବା କାହାଣୀ ? ଏତେ ପାତ୍ର, ଏତେ ଭୂମିକା ? ସବୁ ପ୍ରହେଳକାମୟ ଥିଲା ଯେମିତି ।

ଦକ୍ଷିଣେ ଶମୀ ବୃକ୍ଷ, ଅଛି ନକଟ
ତା ପାଖେ କୁଶଭଦ୍ରା ନଦୀ ବୁହଇଗ
ଭ୍ରି ଉଚ୍ଛାଟ
ନାଟକୁ ଶୁଭ୍ଦିଶେ
ଗ୍ଭଲୁଣି କୁଶଗ, ପାଇ ପୁଣ୍ଡରୁଗ, ଭ୍ରି ଉଚ୍ଛାଟ
ପାଟ ମନ୍ଦାଇ
ଦେଲି ତୁ ପାଉଥାଉ, ନତି ତୁ ପାଉଥାଉ
ଛେଳ କୁକୁଡାଗ, ଛେଳ କୁକୁଡା
ପାଟ ମନ୍ଦାଇ ।।
- - - -

ମୁଁ ଏ ଗୀତରୁ କଛି ବୁଝିପାରୁ ନଥିଲି, କଣ ଦର୍ଶାଉଥିଲା ଗୀତ, ମୁଁ ଜାଣିପାରୁ ନଥିଲି । ଆଗରେ ଥିଲା ଏକ ବଡ ଘାସ ପଡିଆ, ମୟୁରଟିଏ ନଜର ପୁଛ ଖୋଲି ଦେଇଥିଲା, କେତେ ଯେ ବର୍ଣ୍ଣ ସେଥିରେ, ଶିମିଳପାଳର କୃଷ୍ଣ ଦିଗବଳୟରେ ଆଜି ବର୍ଣ୍ଣର ସମ୍ଭାର ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ଅଟଳ ବିହାରୀ



ଅନାମ ଚରଣ ସାହୁ

ଅଟଳ, ଅଚଳ ସମ ପ୍ରତିଭୂତ
ମୋ ଦେଶ ମାଟିର ବୀର
ସାହସ ଶଉର୍ଯ୍ୟ ତପନ ସମାନ
ସଂସାରେ ହୋଇଲ ବର ।
ମରଣଶୀଳ ଏ ଶରୀର ତୁମର
ଇହଧାମ କଲ୍ ତ୍ୟାଗ
କୋଟିଏ ହୃଦୟେ ବିରାଜିତ ତୁମେ
ନାହିଁ କଳଙ୍କର ଦାଗ ।
ଭାରତ ମାତାର ମୁଖ ଦିଶେ ମ୍ଳାନ
ଛଡାଇ ନେଇଛ ହସ
ନୟନରୁ ନୀର ଝରେ ଅବିରତ
ଅମଳିନ ଖ୍ୟାତି ଯଶ ।
ଦେଶ ଜାତି ଲାଗି କାରାବାସ ଭୋଗୀ
ପୁଣ୍ୟ କଲ ଅରଜନ
ତାହାରି ସେବାରେ ମନପ୍ରାଣ ଢାଳି
ମୋହିନେଲ ଜନମନ ।
ନେତାଙ୍କ ମଧ୍ୟରେ ତୁମେ ଅଟ ଶ୍ରେଷ୍ଠ
ସର୍ବଦଳ ଦିଏ ମାନ
ରାଜା ରାମ ସମ ତୁମ ରାଜଧର୍ମ
ଅଟ ଭାରତ ରତନ ।
ବନ୍ଧୁଙ୍କର ବନ୍ଧୁ ଅରିଙ୍କର ଅରି

ଦେଖାଇଲ କରି କାମ
କାରଗିଲ ଜୟ ମୋ ଦେଶ ଅଜୟ
ଇତିହାସେ ଲେଖା ନାମ ।
ପୋଖରାନ ଠାରେ ଅତି ଗୋପନରେ
ପରୀକ୍ଷିତ ପରମାଣୁ
ସ୍ତବ୍ଧ ସାରା ବିଶ୍ୱ ମୁଖେ ବୀର ହସ
ବିଜ୍ଞାନୀ ବିଜୟୀ ଯେଣୁ ।
ମାନସ ସନ୍ତାନ ସ୍ୱର୍ଣ୍ଣ ଚତୁର୍ଭୁଜ
ସର୍ବଶିକ୍ଷା ଅଭିଯାନ
ଗୋଟିଏ ଦେଶର ଗୋଟିଏ ଟିକସ
ବୁଦ୍ଧି ତୁମ ବିଚକ୍ଷଣ ।
ତୁମେ ଗଲାପରେ ନୀରବ ନିଶ୍ଚଳ
ନସ୍ତୁରେ ବଦନେ କଥା
ଅଶ୍ରୁଳ ବିଦାୟ ଘେନାକର ଆମ
କୋଟି ହୃଦୟରେ ନେତା ।
ହେ ଅଟଳ ଘେନ କୋଟି ନମସ୍କାର
ଆକୁମାରୀ ହିମାଳୟ
ଅନ୍ଧାରୀ ଘରର ଦୀପ ଲିଭିଗଲା
ବିଧି ହୋଇଲା ନିର୍ଦ୍ଦୟ ।
ବାକି ରହିଅଛି ଅନେକ ସପନ
ରାତି ଯାଉଅଛି ସରି
ବିନତି ଜଣାଉ ବେନି କର ଯୋଡି
ଆଉଥରେ ଆସ ଫେରି ।



ବିଭୁତିପୁର, କାକଟପୁର, ପୁରୀ

# ଅପରିଚତା



ବିଭୁତି ରଞ୍ଜନ ପାଣିଗ୍ରାହୀ

ଥିଲା କେହି ଜଣେ ଅପରିଚତ

କନ୍ତୁ ପରିଚୟ ଠୁ ଅଧିକ ଥିଲା ଅପରିଚତ

କେବେ ହସ ରେ କେବେ ପ୍ରେମ ରେ କେବେ ସାଙ୍ଗ ରେ

ତ ଆଉ କେବେ ଲୁହ ରେ

ସିଏ ପରିଚତ

କେବେ ତ ଆଖିରେ ମନ ଛବି ତ

କେବେ ତା ହୃଦୟ ସ୍ପନ୍ଦନେ ମନ ନାଁ

କେବେ ନ ଚହ୍ନୀବାର ବାହାନା ତା ମନେ ତ

ଆଉ କେବେ ପୁଣି ଯୁଗ ଯୁଗ ର ମିତ

ଓଠେ ତା ହସ ଭରି ସ୍ମିତ

ପ୍ରଶ୍ନ ସାଗରେ ପୂରିତ ତା ନେତ

ସେଇଁଲାଗି ପ୍ରଶ୍ନ ତା ମନେ ଅଶୁମାରି

କନ୍ତୁ ପଗ୍ଚରିବା ଲାଗି ସାହସ ପାଉନ ଧରି

କାହିଁକି ନା ସିଏ ଅପରିଚତ

ପରିଚୟ ର ଡୋରି ସିଏ କେଉଁଥିରେ ବାନ୍ଧିଚ

ତାହା ମୋଁ କଳନା ବାହାରେ

ପ୍ରେମ ଅବା ସମ୍ପର୍କ ବନ୍ଧୁତ୍ୱ ର ବି ହେଇପାରେ

କନ୍ତୁ ଶେଷ ସେଇ ଉକ୍ତି ଆଜିବି ମନେ

ଥିଲ୍ କଏ ସେ ଅପରିଚତ

ନା ସିଏ ଏକ ଗୀତ

ପରିଚୟ ଠୁ ବି ଅଧିକା ଇଏ

ନାକ ମୋଁ ସ୍ୱପ୍ନ ର ମିତ.......

ବ୍ରହ୍ମପୁର, ଗଞ୍ଜାମ

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ସଦସ୍ୟ ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ଅଭିଯୋଗ



ଅଶୋକ କୁମାର ପଧାନ

ପରମାତ୍ମା ଅଟୁ ପ୍ରଭୁ ତୁହି
ପୃଥ୍ୱୀ ଲୋକେ ଜନ୍ମ ମନୁ ହୋଇ
ପର୍ଷୁରାମ ରାମ କୃଷ୍ଣ ତୁହି
ପ୍ରଭୁ ଯୀଶୁ ବୁଦ୍ଧ ଦେହ ବହି
        ପାଳୁଛୁ ସୃଷ୍ଟି ତୁହି
ପାଳନ କର୍ତ୍ତା ତୁ ସାଇ ହୋଇ ॥

ପ୍ରଣାମୁଛି ମୂର୍ଖ ପାଦେ ତୋର
ପ୍ରଣାମ ଘେନଟି ହେ ଈଶ୍ୱର
ପ୍ରବେଶିଲେ ଯେ ତୋହରି ଦ୍ୱାରେ
ପ୍ରହାରନ୍ତି ତୋହରି ବେତାଳେ
        ପାଗଳ ପ୍ରାୟେ କହି
ପାଦେ ପ୍ରହାରନ୍ତି ମୂର୍ଖ ସେହି ॥

ପରାୟେ ଦୁଃଖୀ ଦରିଦ୍ର ମୁହିଁ
ପୂଜା ନିମନ୍ତେ ପାଉଣା କାହିଁ
ପୃଥ୍ୱୀଲୋକେ ଦେଇ ଜନ୍ମ ମୋର
ପ୍ରଭୁ କଲୁତୁ କେଡେ ଅବିଚାର

ପ୍ରାଣ ଘେନ ମୋହର
ପାଳନ କର୍ତ୍ତା ହେ ପ୍ରଭୁ ଈଶ୍ୱର ॥

ପ୍ରାୟେ ଦେଖି ବହୁ ଅତ୍ୟାଚାର
ପିଣ୍ଡେ ହୃଦେ ନାହିଁ ଧୈର୍ଯ୍ୟମୋର
ପ୍ରାଣ ହାରିବାକୁ ହୁଏ ମନ
ଭାବେ ପୁଣି ଏ ଯେ ପାପେ ଗଣ୍ୟ
ପଥ ଯେ କଣ୍ଟକତ
ପ୍ରାଣ ଘେନ ନପାରେ ପଥିକ ॥



ପୁଷ୍ପ ପ୍ରାୟେ ବୋଲନ୍ତି ଯେ ଶିଶୁ
ପୁଷ୍ପ ହୃଦେ ଦିବ୍ୟମାନ ଯୀଶୁ
ପବିତ୍ର ନିର୍ମଳ ତାଙ୍କ ହୃଦ
ପୃଷ୍ଟେ ବୋଲନ୍ତି ଯେ କୁମୁଦ
ପୂଜାର୍ଚ୍ଚନେ ଲାଗନ୍ତି
ପାପପୂଣ୍ୟ ପ୍ରାୟେ ନଜାଣନ୍ତି ॥

ପାପପୁଣ୍ୟ ଭରା ଏ ଜଗତେ
ପୁଷ୍ପ କ୍ଷୟ ହୁଏ ବିଷ ମୁଖେ
ପୁଷ୍ପ ପ୍ରାୟେ ଜୀବ ଯେ ଶିଶୁର
ପାପ ମୁଖେ ସେ ହୁଏ ଆହାର
ପ୍ରତିରୋଧ ପରାୟେ
ପାରେନା ବାଲ୍ୟାବସ୍ଥା ସମୟେ ॥

ପେଟର ସେ କାରୁଣ୍ୟ ଚକ୍ାର
ପ୍ରାୟେ ତୃଷ୍ଣା ପକ୍ଷୀ ଗୃତକର
ପ୍ରାଣଘେନ ସେ କରେ ବିହାର
ପର୍ୟେ ନଦିଶେ ଜଳଧର
ପ୍ରତିକ୍ଷା କରି ଦିନ
ପାଏ ସେ ଅମୃତର ସନ୍ଧାନ ॥

ପଶୁତ୍ୱ ଭର୍ ଏହି ଜଗତେ
ପ୍ରାଣଘେନ ପ୍ରତିକ୍ଷା ଯେ କେତେ
ପିପାଶୁ ନମନ୍ତେ କାହିଁ ନୀର
ପଦ ପ୍ରଖ୍ୟାଳନ୍ତି ଧନୀକର
ପର୍ୟେ ଅବିଗ୍ଧର
ପ୍ରତାରଣା ଯେ ପ୍ରଭୁ ତୋହର ॥

ପରଂବ୍ରହ୍ମ କାଳେ ଅଟୁ ତୁହି
ପଦ୍ମନାଭ ନଭେ ଅଛୁ ବହି
ପିଣ୍ଡ କରୁଛି ଅର୍ପଣ
ପ୍ରସ୍ଫୁଟିତ କର ଦୁଃଖୀମନ
ପୂନର୍ବାର ହୋଇଣ
ପର୍ୟେ ଅମାବାସ୍ୟାର ଜହ୍ନ ॥

ଗିଧମାଲ, ଢୁଙ୍ଗୁରିପାଲି, ସୋନପୁର

# ଅସହିଷ୍ଣୁ



ପ୍ରତିଭା ପ୍ରିୟଦର୍ଶିନୀ

ପ୍ରେମରେ ଥିଲାଯାଏ ନିଜ ସାଥି ଟି ପାଇଁ ଏକପ୍ରକାର ଏକଗୁଟିଆ ପଣ, ମୋର ମୋର ଭାବ ଅଧିକାଂଶ ଙ୍କ ଭିତରେ ଥାଏ। ଦୁନିଆ ଯେତେ ଭାଷଣ ଦେଉ ଯେ, "ଯାହାକୁ ପ୍ରେମ କର, ତାକୁ ମୁକ୍ତ ଛାଡିଦିଅ। ତୁମର ହେଇଥିଲେ ଫେରି ଆସିବ। ଆଉ ନଫେରିଲେ ବୁଝିନେବ ସେ କେବେ ତୁମର ନଥିଲା।" ସତେକି ଏତେ ସହଜ ଏମିତି ଭାବିବା ଆଉ ଏ କଥା କୁ ନିଜ ପ୍ରେମ କାହାଣୀ ରେ ପ୍ରକୃତରେ ବଞ୍ଚିବା !!!

ଏମିତିକା ଆଉ ଗୋଟେ ଆଦର୍ଶ କଥନ, "ପ୍ରେମିକ/ ପ୍ରେମିକା ମୋର ହେଉ କି ନହେଉ, ଯାହା ସଙ୍ଗେ ରହୁ, ସେ ଖୁସି ରେ ରହୁ, ସୁଖ ଭୋଗୁ।" ସତେକି ଏମିତି ହୁଏ ? ପ୍ରତ୍ୟାଖ୍ୟାତ/ ପ୍ରତାରିତ ହୋଇଥିବା କିମ୍ବା କରିଥିବା ମଣିଷଟି ନିଜ ଭୂତପୂର୍ବ ସାଥି ଟିକୁ ଆଉ କାହା ସଙ୍ଗେ ସୁଖରେ ଦେଖିଲେ ମନତଳେ ଈର୍ଷା ଓ ପ୍ରତିଶୋଧ ର ଭାବନା ଟେ ରୁଗୁରୁଗୁ ହୁଏ ସ୍ୱତଃ। କେହି କେହି ତାକୁ ବିଷ ଭଳି ପିଇଯାଆନ୍ତି, ଆଉ କେହି ଫରକ ପଡୁନି ବୋଲି ଅଭିନୟ କରନ୍ତି। ହେଲେ ସେ ରୁଗୁରୁଗୁ ହେବାଟା ଥୟ।

ଏଇ ଯେମିତି ନୀଲମ୍, ଆଜି ଯେଉଁ କାଣ୍ଡ ଟି ଘଟେଇଛି, ୧୪ ବର୍ଷ ତଳେ ସେ କଥା ହୁଏତ କଳ୍ପନା କରି ନ ଥିବ। ପଢିବା ବେଳେ କଲେଜ ରେ ଏତେ ସୁନ୍ଦରୀ ଝିଅ ଥିବା ବେଳେ ନିଲେଶ ଙ୍କ ଭଳି ମୋଷ୍ଟ ୱାଣ୍ଟେଡ୍ ଯୁବକ ତାକୁ ପ୍ରେମ କରିନଥାନ୍ତେ। ନୀଲମ୍ ଦେଖିବାକୁ ଅସୁନ୍ଦରୀ ନୁହେଁ, କିନ୍ତୁ ତାକୁ ସୁନ୍ଦରୀ ରେ ଗଣିବା ଭଳି କିଛି କାରଣ ବି ନଥିଲା। କେବଳ ତା ଖୋଲା ମିଜାଜ୍ ଓ ଆଧୁନିକ ପରିପାଟୀ ବ୍ୟତୀତ। ନିଲେଶ ଙ୍କୁ ନେଇ କେତେ ଝିଅ ସ୍ୱପ୍ନ

ଦେଖନ୍ତି। କଲେଜରେ ସବୁଠୁ ଭଲ ଛାତ୍ର, ମଧ୍ୟବିତ୍ତ ପରିବାର ର ଏକମାତ୍ର ପୁତ୍ର। କାମଦେବ ଙ୍କୁ କ୍ଷଣିକ ଈର୍ଷା ଦେବା ଭଳ ରୂପ। ସାଙ୍ଗ ସାଥୀଙ୍କ ଚ୍ୟାଲେଞ୍ଜ ରୁ ଆରମ୍ଭ ହୋଇଥିଲା ନୀଲମ୍ ସହିତ ସମ୍ବନ୍ଧ। କଥା ଥିଲା, ତାକୁ ବିଶ୍ୱାସ ଦିଆଇବେ ଯେ ସେ ତାକୁ ପ୍ରେମ କରନ୍ତି ଓ ପରେ ସତ କହି ଘଟଣା ର ଯବନିକା ପକାଯିବ। ହେଲେ ନିଲେଶ ଙ୍କ ବିବେକ ବାଧା ଦେଲା ପ୍ରେମ ଭଳ ଏତେ ସୁନ୍ଦର ଭାବ କୁ ନେଇ ଖେଳିବା ପାଇଁ। ନୀଲମ୍ ସହ ମଜା ମସ୍ତିରେ ଯୋଡିଥିବା ସମ୍ପର୍କ କୁ ସେ ଅନ୍ତରଦେଇ ଗ୍ରହଣ କଲେ। ନୀଲମ୍ ପାଇଁ ଏହା କୌଣସି ଗଡ଼ ଜିତିବା ଭଳ ଥିଲା। କୁମାରୀ ବୟସରେ ଏମିତି ପ୍ରେମ ଆଉ ପ୍ରେମିକ ଟେ ପାଇବା ପରୀ କଥା ସତ ହେବା ପରି ନିଶ୍ଚୟ।

ନିଲେଶ ଖୁବ ସ୍ନେହରେ ନାଲି ଚୁଡ଼ି ମୁଠାଏ କିଣି ଦେଇଥିଲେ ପ୍ରଥମ ଭାଲେଣ୍ଟାଇନ ଡେ ରେ। ଏଇ ଦିନଟା ଅବିବାହିତ ଙ୍କ ପାଇଁ ସାବିତ୍ରୀ ବ୍ରତ ଯେମିତି। ସେଇ ଚୁଡ଼ି ରୁ ଦୁଇ ପଟ ସବୁବେଳେ ଥାଏ ନୀଲମ୍ ହାତରେ। ତୃତୀୟ ବର୍ଷ ଭାଲେଣ୍ଟାଇନ ଡେ, ଖୁବ ଖୁସିରେ ପାଳନ କଲେ ଦୁହେଁ। ପ୍ରେମରେ ମାତି, ଏ ଭିତରେ ନିଲେଶ ଙ୍କ ପାଠପଢ଼ାରେ ଅବନତି ଆସିଥାଏ ସାମାନ୍ୟ। ଭାଲେଣ୍ଟାଇନ ଦିନ ହିଁ ନୀଲମ୍ କହିଲା,"ଆଉ ଆମେ ବେଶୀ ମିଶିବାନି। ଏସବୁ ଯୋଗୁ ମୋ ପାଠପଢ଼ା ନଷ୍ଟ ହେଉଛି ( ସେ ସେମିତି ବି ଆଭରେଜ ଷ୍ଟାଣ୍ଡର୍ଡ ର) । ତୁମେ ସିନା ଭଲ ଷ୍ଟୁଡେଣ୍ଟ ଯେ ସମ୍ଭାଳ ନେବ ଆଗାମୀ ସେମିଷ୍ଟର ରେ। ମୋର ତ ବ୍ୟାକ ରହିଗଲା। ବାପା ଏମିତି ରେ ବାହାଘର ଖୋଜିବା ଆରମ୍ଭ କରିଦେବେ। ମୁଁ ଫସିଯିବି ତୁଚ୍ଛା ରେ।" ନିଲେଶ ବି ମାନି ନେଲେ ଏ ସର୍ତ୍ତ। ୩-୪ ମାସ ଧରି ଖୁବ କ୍ୱଚିତ ଏକାଠି ସମୟ ବିତାନ୍ତି। ସେ ବି ମାତ୍ର କେଇ ମିନଟ। ନୀଲମ୍ ସବୁବେଳେ ତରତରରେ ଆସେ ଆଉ ଚାଲିଯାଏ। ପ୍ରେମ ମନସ୍କ ଆଦୌ ଲାଗେନି ସେ। ତଥାପି ପାଠପଢ଼ା ଚାପ କୁ କାରଣ ଭାବି ନିଜକୁ ବୁଝାଇନଥାନ୍ତି ନିଲେଶ।

ପରୀକ୍ଷା ସରିବା ର ଦୁଇ ଦିନ ପରେ ବି ଏତେଥର ଡାକି ଡାକି ଦେଖା ହେବାକୁ ଆସୁ ନଥାଏ ନୀଲମ୍। ଏବେ ସାଙ୍ଗ ମାନେ କୁହନ୍ତି, କାଳ ତୋ ମୁହଁରେ କଳା ବୋଲିଦେଲା ଭାଇ।

ନଲେଶ ସେ ସବୁକୁ କାନ ଦିଅନ୍ତିନ। ହଠାତ ସପ୍ତାହେ ପରେ ଦ୍ୱୀପହରେ ଫୋନ କରି ଦେଖା କରିବା ପାଇଁ ଡାକଲା ନୀଲମ୍। ଏଇ କଲ କୁ କେତେଦିନୁ ଅପେକ୍ଷା କରିଥିଲେ ନଲେଶ। ପ୍ରସ୍ତୁତ ହୋଇ ଗଲାବେଳେ ହଷ୍ଟେଲ ମାନକୁ କହି ତୋଳନେଲେ ଗୋଲାପି ଗୋଲାପ କଢ଼ି ଟେ। ପହଞ୍ଚିବା ପରେ ପାର୍କର କଣମୁଣ୍ଡ ରେ ଥିବା ସେଇ ପରିଚତ ସିମେଣ୍ଟ ବେଞ୍ଚ ରେ ବସିଗଲେ।ଏଇ ଜାଗା ଟା ସାକ୍ଷୀ ତିନବର୍ଷ ହେଲା। ପହଞ୍ଚିଲା ନୀଲମ୍, ତା ହାତରେ ବେଶ ବଡ଼ ପ୍ୟାକେଟ ଟେ। ଏତେଦିନ ତରସେଇ ଥିବାରୁ ମାନେଇବା ପାଇଁ ଏ ଉପହାର ନେଇ ଆସିଛି ଭାବି ମନେ ମନେ ଟିକେ କୁରୁଳ ଉଠିଲେ ନଲେଶ।

ପାଖରେ ଠିଆ ହେଲା ନୀଲମ୍। ପ୍ରେମ ତ ଦୂର, ତା ମୁହଁ ଟା କେମିତି ଅତିଶୟ ରୁକ୍ଷ ଆଉ ନର୍ଦ୍ଦୟ ଦିଶୁଥିଲା। ନଲେଶ ଙ୍କ ହାତକୁ ଧରି ଜୋର କରି ଲଦିଦେଲା ସାଙ୍ଗରେ ଆଣିଥିବା ପ୍ୟାକେଟ ଟା। ବାସ ଏତିକ କହିଲା, "କ୍ଷମା କରିବ ନଲେଶ, ମୁଁ ଆଗରୁ କହିପାରିଥାନ୍ତି ମାତ୍ର ପରୀକ୍ଷା ପୂର୍ବରୁ ତୁମକୁ ଭାବ୍ରାକ୍ରାନ୍ତ କରିବାକୁ ଗ୍ଡହୁନଥିଲି। ତୁମେ ପ୍ରେମରେ ପଡିବା ପରେ ତୁମ ପାଠପଢା ନମ୍ନଗାମୀ। ଏମିତିରେ ଭବିଷ୍ୟତ ରେ ତୁମେ କଣ ଉପାର୍ଜନ କରିବ ସେ ନେଇ ସହଜେ ଅନୁମାନ କରିହୁଏ। ତେବେ ମୁଁ ଏ ସମ୍ପର୍କରୁ ତୁମକୁ ମୁକ୍ତ କରୁଛି। ତାହା ଦୁହିଁଙ୍କ ପାଇଁ ଭଲ। ଏମିତି ବି ଗତ ସରସ୍ୱତୀ ପୂଜା ଦିନହିଁ ମୁଁ ନଜକୁ ଆଉଜଣଙ୍କୁ ସମର୍ପି ସାରିଛି। ସେ ସବୁ ଖୁବ ଅକସ୍ମାତ ଘଟିଯାଇଥିଲା। ତେବେ ସେ, ସମସ୍ତ ଘଟଣାର ଉତ୍ତରଦାୟ ନେଇ ମୋତେ ବିବାହ କରିବାକୁ ଘରେ ପ୍ରସ୍ତାବ ଦେଇଥିଲେ। ବିବାହ ବି ସ୍ଥିର ହୋଇ ସାରିଛି। ଏଇ ପ୍ୟାକେଟ ରେ ତୁମର ସବୁତକ ସନ୍ତକ ଅଛି। ମୁଁ ଆସୁଛି।" କଥା ସାରି ସେ ମୁହଁ ଫେରାଇ ଗ୍ଲିଗଲା। ନଲେଶ ଦେଖୁଥିଲେ, ତା ହାତରେ ସେ ନାଲି ଚୁଡ଼ି ପଟେ ପଟେ ନଥିଲା। ଥିଲା ଗୋଟେ ଦାମୀ ପଥରବସା ବ୍ରେସଲେଟ। ରଙ୍ଗରୁ ଲାଗୁଥିଲା ପଥରଟା ବୋଧେ ନୀଲମ୍।

ପ୍ୟାକେଟ ଧରି ଫେରିଲେ ହଷ୍ଟେଲ। ଅନିଚ୍ଛା ସତ୍ତ୍ୱେ ଖୋଲିଲେ। ଭିତରେ ଥିଲା ବଳକା ନାଲି ଚୁଡ଼ି ତିନି ପଟ, ଏକାଠି ଯାଇଥିବା ସିନେମା ଟିକେଟ ସବୁ, ଭାଲେଣ୍ଟାଇନ ଡେ ରେ ଦେଇଥିବା ଉପହାର ଆଉ କିଛି ଚଠି ସହିତ ଦେବୀଙ୍କ ପାଖରେ ପୂଜା କରି ଆଣିଥିବା କଙ୍କଣ ଦୁଇଟି। ନିଜ ଭିତରେ ଭାଙ୍ଗି ଯାଉଥିଲା ଅନେକ କିଛି। ଭିତରୁ କେହି ବିଦ୍ରୋହ କରି କହୁଥିଲା , "ନୀଲମ୍ କୁ ହୀରା ଭାବେ କି ମାଣିକ, ସେ ଯାହାବି ହେଲେ ପଥର ଖଣ୍ଡେ।"

ଏଇ ଭିତରେ ବିତିଯାଇଛି ଅନେକ ଭାଲେଣ୍ଟାଇନ ଡେ। ବିତି ସରିଛି ପ୍ରାୟ ଦେଢ଼ ଦଶନ୍ଧି। ଧନ ଓ ସମ୍ପତ୍ତି ସାଙ୍ଗକୁ ପ୍ରତିପତ୍ତି ଓ ପତିଆରା ରେ ପ୍ରାଚୁର୍ଯ୍ୟ ପୂର୍ଣ୍ଣ ଜୀବନ ଆଉ ଦୁଇ ଦୁଇଟି ପୁତ୍ର ସନ୍ତାନ କୁ ନେଇ ଗର୍ବିତ ଗୃହିଣୀ ଆଉ ଧନାଢ୍ୟ ସୋସିଆଲାଇଟ ହୋଇ ସାରିଛି ନୀଲମ୍। ନିଲେଶ ବି ଶେଷ ବର୍ଷ କଠିନ ପରିଶ୍ରମ କରି ପାସ କଲେ, ବିଦେଶ ରେ ଫେଲୋସିପ ପାଇ ପଢିଲେ ଆଉ ଏବେ ଖୁବ ବଡ଼ କମ୍ପାନୀ ରେ ବଡ଼ ପଦବୀ ସାଙ୍ଗକୁ ପ୍ରଚୁର ଅର୍ଥ ରୋଜଗାର କରିଛନ୍ତି। ହଁ, ଝିଅ ମାନଙ୍କ ଉପରୁ ଭରଷା ହରେଇ ବାହା ହୋଇ ନାହାନ୍ତି କେବଳ। ସୋସିଆଲ ମିଡିଆ ଆଉ ପୁରୁଣା ସାଙ୍ଗଙ୍କ ଗ୍ରୁପ ଯୋଗୁ ପୁଣିଥରେ ସାମ୍ନା ସାମ୍ନି ହେଲେ ନିଲେଶ ଓ ନୀଲମ୍। ଉଭୟ ଖୁବ ସହଜ ଜଣା ପଡନ୍ତି। କିନ୍ତୁ ସେଇ ରୁଗୁରୁଗୁ ଟା ଦୁହିଁଙ୍କ ଭିତରେ ଥାଏ। ନିଲେଶ ତାକୁ ନ ପାଇ ଅନ୍ୟକୁ ବାହା ହୋଇନାହାନ୍ତି ବୋଲି ମନେମନେ ଗର୍ବ ଅନୁଭବ କରିବା ବେଳକୁ ତାଙ୍କ ବେପରୁଆ ସ୍ୱଚ୍ଛନ୍ଦ ଜୀବନ ଦେଖି ଈର୍ଷା ର ଟିକି ଝୁଲଟେ ଦିକ୍ ଦିକ୍ ହେଉଥାଏ ନୀଲମ୍ ଛାତି ତଳେ। ତାଙ୍କୁ ଅପାରଗ କହି ଆଡେଇ ଦେଇଥିବା ନୀଲମ୍ କୁ ନିଜ ପାରିବାପଣ ଦେଖେଇବାକୁ ଖୁବ ଇଚ୍ଛା ହୁଏ ନିଲେଶ ଙ୍କର।

ଗ୍ରୁପ ବାହାରେ ବ୍ୟକ୍ତିଗତ କଥା ବାର୍ତ୍ତା ଆଳରେ ଜାଣିଶୁଣି ନୀଲମ୍ ଖେଂଚ ଦିଏ ଅତୀତରେ ତା ସହିତ ଭୋଗିଥିବା ପ୍ରେମିକ ଜୀବନର କିଛି କିଛି ଅଲଗା ସ୍ମୃତି। ସେ ଜାଣେ ନିଲେଶ ଙ୍କୁ ଦଂଶେ ସେ ସବୁ, କିନ୍ତୁ ତାକୁ ଅଜବ ଗୋଟେ ସୁପିରିଅରିଟି କମ୍ପ୍ଲେକ୍ସ ର ଆନନ୍ଦ ମିଳେ। ନିଲେଶ ବି ଖୁବ କଟାକ୍ଷ କରନ୍ତି। ପରୋକ୍ଷ ରେ ଶୁଣାନ୍ତି ପ୍ରତାରିକା ପ୍ରେମିକା କୁ ଅନେକ

କଛି। ଏସବୁ କଥା ସେଇ ଅସହିଷ୍ଣୁତା ର ନିଆଁ ଝୁଲଟାକୁ ଫୁଙ୍କି ଦେଉଥିଲା ଯେମିତି। ପୁରୁଣା ସାଙ୍ଗଙ୍କ ଗ୍ରୁପରେ ନଲେଶ ଙ୍କ କଟାକ୍ଷ ଆଉ ବନ୍ଧୁ ମାନଙ୍କ ବ୍ୟଙ୍ଗ ରେ ତା ଭିତର ଅସହିଷ୍ଣୁତା ପ୍ରତିଶୋଧ ପରାୟଣତା ରେ ପରିବର୍ତ୍ତିତ ହୋଇସାରିଥିଲା। ସେଥିପାଇଁ ଏ କାଣ୍ଡ କରିଛି।

ସ୍ୱାମୀଙ୍କୁ ବିଶ୍ୱାସ କରାଇ ନେଇଥାଏ ନୀଲମ୍। ନଲେଶ ଙ୍କ ସହିତ କଛି ଦିନ ଖୁବ ସ୍ନେହରେ କଥା ହେଉଥାଏ ଘଣ୍ଟା ଘଣ୍ଟା ଧରି। ପୁରୁଣା ପ୍ରେମିକା ପାଖରେ ମନ ତଳର ସାଇତା ପ୍ରେମ ତକ ପୁଣି ଉକୁଟି ଉଠୁଥାଏ ନଲେଶ ଙ୍କ ଭିତରେ। ପୁରୁଷ ଟିଏ ଯେତେ ବପୁଶାଳୀ, ବଳଶାଳୀ ହେଉପଛେ, ନାରୀ ପାଖରେ ଆତ୍ମସମର୍ପଣ କରିପାରେ ଦୁର୍ବଳ ମୁହୂର୍ତ୍ତରେ। ଆଉ ନାରୀଟି ଯଦି ପୁରୁଣା ପ୍ରେୟସୀ, ଏ ସମ୍ଭାବନା ଆଉଟିକେ ବଢିଯାଏ। ଠିକ ସେଇଆ ହେଲା। କଥାରେ କଥାରେ ଅନ୍ତରଙ୍ଗତା ଦେହଭୋଗ ଯାଏ ପ୍ରସାରିଗଲା। ନୀଲମ୍ ସତର୍କତା ର ସହିତ ମାପିଚୁପି ଶବ୍ଦ ପ୍ରୟୋଗ କରୁଥାଏ, ଆଉ ନଲେଶ ପୁଣିଥରେ ମାୟା ର ମୋହରେ ଖୋଲି ଦେଉଥାନ୍ତି ଦେହ ମନର ସମସ୍ତ ଅତୃପ୍ତ ଅବଦମିତ ଇଚ୍ଛା ମାନଙ୍କୁ। ବାସ୍, ସେଇ କଥାବାର୍ତ୍ତା, ଯାହା ଗ୍ରନ୍ଥିର ନିରୋଳା ଅନ୍ଧାର ଭିତରେ ଶବ୍ଦରେ ଶବ୍ଦରେ ବିବସ୍ତ୍ର ହୋଇଥିଲା, ସେ ସବୁତକ ଫୁଙ୍ଗୁଳା କରି ଠିଆ କରେଇଥିଲା ନୀଲମ୍, ସମାଜ ଆଗରେ ନଲେଶ ଙ୍କୁ ଅପଦସ୍ତ କରିବାକୁ। ଜିତାପଟ ର ଅଦ୍ଭୁତ ଗୋଟେ ପୁଲକ ରେ ନିଜ ବୁଦ୍ଧିକୁ ସାବାସୀ ଦେଉଥିଲା ସେ। ସେ ପୋଷ୍ଟ ଟି ଏମିତି କାଇଦା ରେ ପ୍ରସ୍ତୁତ କରିଥାଏ ଯେ, ପଢିବା ଲୋକକୁ ଲାଗିବ, କାମୁକ ପ୍ରେମିକ ଜଣଙ୍କ ନିଜ ଏକାନ୍ତ ଜୀବନକୁ ଭୋଗିବା ପାଇଁ ଏବେବି ପୂର୍ବତନ ପ୍ରେମିକା ପାଖରେ ନିଜକୁ ବାନ୍ଧିଦେଇ ତା ଅନୁଗ୍ରହ ଲୋଡୁଛି। ଏକା ସମୟରେ ଦୟା, ଘୃଣା, ତିରସ୍କାର ଓ ଅପରାଧବୋଧ ଅନୁଭବ କରିବେ ନଲେଶ। ନିଜର ସମସ୍ତ ପୁରୁଣା ବନ୍ଧୁ, ଓ ନଲେଶ ଙ୍କୁ ଜାଣିଥିବା ଲୋକଙ୍କ ସହିତ ନଲେଶ ଙ୍କୁ ବି ଟ୍ୟାଗ କରିଥାଏ। ଚତୁରତାର ସହିତ ସ୍କ୍ରୀନସଟ ଗୁଡ଼ାକରେ ନଲେଶ ଙ୍କ ନାଁ ଓ ଛବି କୁ ଏତିକି ଲୁଚେଇଥାଏ ଯେମିତି ତାଙ୍କୁ ଚିହ୍ନିଥିବା ଲୋକେ ଠିକ ଚିହ୍ନିବେ। ତାହା ହିଁ ହେଲା। ଖୁବ ବଡ଼ ଇସୁ ହେଲା। ଭଦ୍ର ମହିଳା ନିଜ ବିଶାଳ ହୃଦୟରୁ କ୍ଷମା ଦେବାର ଅଭିନୟ ବି କଲେ।

ସାଙ୍ଗ ମାନଙ୍କ ଭିତରେ ନଳେଶ ଙ୍କୁ ନେଇ କେହି ପରିହାସ କଲେ ତ ଆଉ କେହି ଅଭିଯୋଗ ଓ ନନ୍ଦା।

ଦିନ ବଢିବା ସହିତ କଥାଟା ଜୋର ଧରୁଥାଏ। ସାଙ୍ଗ ମାନେ କଲ, ମେସେଜ କରି ସମବେଦନା ଜଣାଉଥାନ୍ତି, ନୀଲମ୍ ର ପ୍ରତାରଣା ରେ ଦ୍ୱିତୀୟ ଥର ଶିକାର ହେଉଥିବା ଯୋଗୁ। ସେତିକବେଳେ ହଠାତ ପୁଅ ମାନଙ୍କ ଗ୍ରୁପରେ ମେସେଜ ପରେ ମେସେଜ ଆସିବାକୁ ଲ୍‌ଗିଲ୍। ସମସ୍ତେ ଖୁବ ଉତ୍ସାହ ସହିତ ନଳେଶ ଙ୍କୁ ଶୁଭେଚ୍ଛା ଜଣାଇଥିଲେ ନୀଲମ୍ ର ଗ୍ଭଲବାଜି ଧର୍ ପଡିଗଲ୍ ବୋଲି। ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା "Blue Angel Saved You"...

ଆଶ୍ଚର୍ଯ୍ୟ ହେଉଥିଲେ ନଳେଶ, ନଳାଞ୍ଜନା ଏ ସବୁ ଭିତରେ କୋଉଠୁ ଆସିଲ୍ !!! ପିଲ୍‌ଦିନ ରୁ ନଳାଞ୍ଜନା ତାଙ୍କ ପାଇଁ angel ଭଳ ଠିଆ ହୁଏ। ସମସ୍ତେ କୁହନ୍ତି ସେ କାଳେ ନଳେଶ ଙ୍କୁ ଖୁବ ଭଲପାଉଥିଲ୍ (ଏବେବି ପାଏ ବୋଧେ) । କନ୍ତୁ ନଳେଶ କେବେ ତା ଆଡେ ଦୃଷ୍ଟି ଦେଇ ନାହାନ୍ତି। ସେ ଝିଅଟା ବି ଚୁପଗ୍ଭପ ରହେ। ବେଶୀ ମିଶନ୍ତିନ କେହି ତା ସହିତ। ଏତେବର୍ଷ ପରେ ଏଇ ସୋସିଆଲ ମିଡିଆରେ ତା ସହିତ ଭେଟ। Orkut ହେଉ କ Facebook, ସେ ହିଁ ନଳେଶ ଙ୍କୁ ଖୋଜି ଖୋଜି ବନ୍ଧୁତ୍ୱ ଅନୁରୋଧ କରେ। ତାଙ୍କର ପ୍ରତିଟି ପୋଷ୍ଟରେ ସୁନ୍ଦର ମନ୍ତବ୍ୟ ଲେଖେ। ବେଳେ ବେଳେ ନଳେଶ ଙ୍କୁ ତା'ର ଏଭଳ କରିବା ଅଯଥା ବୋଝ ଭଳଆ ଲ୍‌ଗେ। ତେଣୁ ଫ୍ରେଣ୍ଡ ରଖି ନାହାନ୍ତି। ତଥାପି ସେ ନୟମିତ ତାଙ୍କ ପ୍ରୋଫାଇଲ ଦେଖେ। ଆଜିବି ଦେଖିଲ୍। ସେ ଆପତ୍ତିଜନକ ପୋଷ୍ଟ ଟା ବି ଦେଖିଥିବ। ନଳେଶ ନା ସେଥିରୁ ନଜକୁ untag କରିପାରୁଛନ୍ତି ନା ସେ ଅପମାନ ଦଂଶନ ସହି ହେଉଛି। ସେଇଥିରେ ସେ ଯେଉଁ ମନ୍ତବ୍ୟ ଦେଇଛି ତାକୁ ପଢିବା ପରେ କଥିତ ପୁରୁଷ ଟିକୁ ନନ୍ଦା କରିଥିବା ଅନେକ ନଜ ମନ୍ତବ୍ୟ ଡିଲିଟ କରିଦେଲେଣି। ସାଙ୍ଗ ମାନେ କହିଲେ ଶୀଘ୍ର ଯାଇ ଦେଖେ, ନହେଲେ ନୀଲମ୍ ନଜେ ଡିଲିଟ କରିଦେବ ସେ ପୋଷ୍ଟ।

ନିଳେଶ ଦେଖିଲେ, ନିଳାଞ୍ଜନା କେତେ ସହଜରେ ଧରିପକେଇ ଦେଇଛି ନୀଲମ୍ ର ଛଳ। ଶବ୍ଦ ଚୟନ, ଦୁଇଟି ବାକ୍ୟ ବିନିମୟ ଭିତରେ ସମୟ ବ୍ୟବଧାନ ଓ ସାମାନ୍ୟ ମାନବିକ ମନସ୍ତତ୍ୱ ଆଧାରରେ ଖୁବ ସହଜରେ ଉଖାରି ଦେଇଛି ନୀଲମ୍ ର ମନ୍ଦ ଉଦ୍ଦେଶ୍ୟ। ତା ମନ୍ତବ୍ୟ ପଢି ଲାଗୁଥିଲା ସେ ନିଳେଶ ଙ୍କୁ ତାଙ୍କ ନିଜଠୁ ବେଶୀ ଭଲ ବୁଝେ। ତାଙ୍କ ଶବ୍ଦ ପଛର ଭାବକୁ ସଠିକ ଚିହ୍ନିପାରେ। ଏଇ ଝିଅକୁ ଆଉ ତା ଅଯାଚିତ ଆତ୍ମୀୟତା କୁ କେତେ ହତାଦର କରିଛନ୍ତି ସେ। ହେଲେ ସେ ନିର୍ବିକାର। ତାଙ୍କ ପ୍ରତି ସମର୍ପିତ ପ୍ରେମିକା ସଭିଏଁ।

ନିତି ଶୁଭ ସକାଳ, ଶୁଭରାତ୍ରି ସହିତ ଦିଅଁ ଦେବତା ଙ୍କ ଫୋଟୋ ପଠାଏ ବୋଲି ଢେର ଦିନୁ ବ୍ଲକ କରିଥିବା ନିଳାଞ୍ଜନା ର ନମ୍ବର କୁ ଜାଗ୍ରତ କରି ମେସେଜ କଲେ ନିଳେଶ। ଲେଖିଥିଲେ, "ଧନ୍ୟବାଦ ମୋ Blue Angel। ସତରେ ଦେବୀ ଟେ ହୋଇ ଆଜି ମୋ ସମ୍ମାନ ବଞ୍ଚେଇଦେଲ। ତୁମ ପ୍ରତି କରିଥିବା ଅବିଚାର ଲାଗି କ୍ଷମା କରିଦିଅ, Love you" ସେପଟୁ ନିଳାଞ୍ଜନା ର ଉତ୍ତର ଆସିଲା, "ନିଳେଶ, ମୋତେ ଯାହା ଠିକ ଲାଗିଲା ମୁଁ କଲି। ତୁମ ଜାଗାରେ ଅନ୍ୟ କେହି ଥିଲେ ବି କରିଥାନ୍ତି। କୃତଜ୍ଞତା କୁ ସମ୍ମାନ ବା ସ୍ନେହ ର ପୁଟ ଦିଅନି। ମୁଁ ତୁମ ଉପେକ୍ଷା ସହିବାରେ ଅଭ୍ୟସ୍ତ ହେଇଗଲିଣି। ବ୍ଲକ କରିଦିଅ ପୁଣିଥରେ। ଯେବେ ମନରୁ ସ୍ନେହ ଉକୁଟିବ ମୋ ଲାଗି ସେବେ କଥା ହେବା। ଏତେବର୍ଷ ଅପେକ୍ଷା କଲି, ଆଉ ଯେତେ ସମୟ ଲାଗିବ ଲାଗୁ, ଅପେକ୍ଷା କରିବାକୁ ମୁଁ ପ୍ରସ୍ତୁତ।"

ଉତ୍ତର ପଢେଇ ନିଳାଞ୍ଜନାର ଆଉ ଉତ୍ତର ପାଇବା ପରେ ନିଳେଶ ଙ୍କ ମନତଳ ରୁଗୁରୁଗୁ ହେଉଥିଲା। ଈର୍ଷା ବା ପ୍ରତିଶୋଧ ନୁହେଁ, ବେଳେବେଳେ ଦୀର୍ଘ ପ୍ରତୀକ୍ଷାର ସୁଖଦ ଅନ୍ତ ବି ଗୋଟେ ମିଠା ରୁଗୁରୁଗୁ ଜନ୍ମାଏ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

# ମୋ ସ୍କୁଲ ଅଭିଯାନ



ଶ୍ରୀ ଡମ୍ବରୁଧର ବାଗ

'ଅ' ଡାକ ଦିଏ ହାତଠାରି ତତେ
ଆ ମୋ ପାଖକୁ ଆ ।
ଆଜି ଯାଏ ଯାହା ରୋଜଗାର ତୋର
ମୋତେ କହି ଦେଇ ଯାଆ ।
ପିଲାଟି ଦିନରୁ ମୋ କୋଳରେ ବସି
ପଢୁଥିଲୁ କେତେ ପାଠ ।
ମନେ ନାହିଁକିରେ ତୋ ପିଲାଦିନରେ
ଥିଲୁ ତୁରେ ଭଲ ଛାତ ।
ବର୍ଣ୍ଣ ପରିଚୟ କରାଇଥିଲି ମୁଁ
ଶିଖାଇଲି କଥା କେତେ ।
ଗୁଣନ ହରଣ ଯୋଗ ବିୟୋଗରେ
ସିଦ୍ଧ ହସ୍ତ ଥିଲୁ ସତେ ।
ଏବେ ତୁ ରହିଲୁ ବିଭିନ୍ନ କ୍ଷେତ୍ରରେ
ସଫଳ ଲଭିଲୁ କେତେ ।
ବଡ ହେଲାପରେ ତୋ ବିଦ୍ୟାଳୟକୁ
ଭୁଲି ଗଲୁକିରେ ସତେ ।
ଆ ମୋ ପାଖକୁ ବସିକି ମୋ କୋଳେ
ଦେଖି ଯାଆ ମୋତେ ଥରେ ।
ଲୋଡା ଅଛି ମୋତେ ତୋତେରେ ମୋ ଧନ
ତୋ ପାଇଁ ମୁଁ କେତେ ଝୁରେ ।
ଦେଖୁଛି ସପନ ତୋ ପାଇଁ ଅନେକ



ତୋର ଭବିଷ୍ୟତ ପାଇଁ ।
ପରିସ୍ଥିତି ମୋର ସାଂଘାତିକ ଆଜି
ଟିକେ ବୁଝିବୁ କି ନାହିଁ।
ଚାଲିଛି ରାଜ୍ୟରେ ମୋତେ ହେଜିବାକୁ
ମୋର ସ୍କୁଲ ଅଭିଯାନ ।
ତୁ ଯଦି ଟିକେ ସାମିଲ ହୁଅନ୍ତୁ
ଖୁସି ହୁଅନ୍ତା ମୋ ମନ ।
ଶୁଣିଛି ମୁଁ ଆଜି ତୁ ତ ହେଲୁଣି
ଜଣେ ବଡ କାରିଗର ।
ସମାଜର ତୁହି ହିତରେ ଲାଗିଛୁ
ମନ ଦେଇ ନିରନ୍ତର ।
ଯେଉଁଠି ତୁ ଅଛୁ ଭଲରେ ରହିଥା
ଈଶ୍ୱର ହେବେ ତୋ ସାହା ।
ଦୁଃଖ ଦେବୁ ନାହିଁ ମନରେ କାହାର
ଦୁଃଖୀଙ୍କୁ କରିବୁ ଆହା ।
ଏତିକି କହୁଛି ଧନ ବୋଲି ତତେ
ବୁଝିବୁ ନିଶ୍ଚେ ମୋ କଥା ।
ତୋର ଛୋଟ ଭାଇ ପିଲାଛୁଆ ଏଠି
ଗାଉଥିବେ ତୋର ଗାଥା।
କହିବୁ ବୁଝାଇ ଜନ ସମାଜକୁ
ମୋ ସର୍ବ ବିକାଶ ପାଇଁ।
ମୋର ବିକାଶରେ ଦେଶର ବିକାଶ
ଏକଥା ଭୁଲିବୁ ନାହିଁ ।

ଶ୍ରୀ ଡମ୍ବରୁଧର ବାଗ, ଚପ୍ରିଆ, ଗୋଲାମୁଣ୍ଡା , କଳାହାଣ୍ଡି
ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗ୍ରୀଣ୍ଡୋଲ ।

# ଅବକାଶ ନାହିଁ

ପ୍ରଶାନ୍ତ କୁମାର ନାଥ

କେତେ ସମୟ ଆମେ ସାଙ୍ଗରେ ବଞ୍ଚିଛେ
କଛି ଶିଖିଲି ଆଉ କଛି ଶିଖାଇଲି
ନିଜ କର୍ମର ବାଡିକୁ
ସବୁ ମୌସୁମୀରେ ଧରିଥାଏ
ସଘଂର୍ଷର ତଳ- ଉପରେ
ଷାଠିଏ ବର୍ଷ ଯାଏଁ ବିତିଲା
ଏବେ ଶେଷ ନାହିଁ ଏଇ ଜୀବନର
ଆରମ୍ଭ ସ୍ୱପ୍ନରେ ବଞ୍ଚିବାର
ଅବକାଶ ନାହିଁ ସମ୍ପର୍କରେ
ମାତ୍ର ସମୟ ଅଟେ ସ୍ମୃତିରେ ବଞ୍ଚିବାର
ଆଶା ବି ଅଛି ଏବଂ ବିଶ୍ୱାସ ବି ଅଛି
ଏହି ସମ୍ପର୍କ ସର୍ବଦା ବଞ୍ଚିରହୁ
ଜୀବନର ପୃଷ୍ଠା ଶେଷ ନାହିଁ
ଏବେ ତ ରଚନା ବାକୀ ଅଛି ।

ଗୋବିନ୍ଦପୁର, ଟାଙ୍ଗୀ, କଟକ- ୭୫୪୦୨୩

# ବର୍ଷା



ଇଂ. ସାରଦା ପ୍ରସାଦ ପରିଡା



ନୁଆଁଣିଆ ଛପର ଟା
କେତେ ଆଉ ଯୁଝିଥାନ୍ତା

ସେଇ ଘର ;

ଯେଉଁଠି ଦିନରେ ଖରା
ରାତିରେ ତାରା

ସବୁ ଥାଇ ନଥିବା ର ଅନୁଭବ
ଠିକ ସେ ମତି ହରା
ତରୁଣୀ ଟା ପରି
ଅବୟବ କୁ ଢାଙ୍କିବାକୁ
କେଉଁ ଅବା ନଘା ତାର !

ତମେ ବର୍ଷା କୁ ଜୀବନ କହିପାର
ଅବା ଯାତନା
ହୁଏତ ଯାତନା ର ଭିନ୍ନ ନାମ
ଏ ଜୀବନ !

ଏପଟେ ସହର ର କଡେ କଡେ
ଉଛୁଳା ନଈର ସୁଅ

ଆଁ କରି ଗୃହଁ ବସିଛି
କ୍ଷଣକରେ ଗିଳ ବସିବ
ଏ ନାହି କଟା ଛୁଆ ଗୁଡାକୁ
ହାତ ଠାରି ଡାକ ନେଇ
ଅଥଳ ତା କୋଳ କୁ !!

ସେପଟେ ସହର ରେ
ଯନ୍ତ୍ରଣା ର ହା ହା କାର
ତଳ ବସ୍ତି କଥା ଫୁ
ବ୍ୟବସ୍ଥା ଉବୁଟୁବୁ !

ଅଟ୍ଟାଳିକା କୁ ଅଟ୍ଟହାସ୍ୟ
ସେ ବର୍ଷା ର

ମଦନ ରେ,
ତୋ ନୁଆଁଣିଆ ଗୃଳ କୁ
ତୁ ଆଶା ଭିଡ଼ିଛୁ !

କଛି ଫରକ ନାହିଁ
ଏ ସହର ର ଭାଗ୍ୟ
ଆଉ ତୋ
ଫଟା ଗୃଳ ଟା ଭିତରେ !!!!!

ଅଧ୍ୟାପକ, କୋଣାର୍କ ବିଜ୍ଞାନ ଓ କାରିଗରୀ ମହାବିଦ୍ୟାଳୟ, ଜଟଣୀ

# ହାତ

ମୂଳ ଫ୍ରାନ୍ସ- ମୋ ପାଁସା
ଅନୁବାଦ – ସୁଧାଂଶୁ ଶେଖର ଦ୍ୱିବେଦୀ


ସୁଧାଂଶୁ ଦ୍ୱିବେଦୀ

ମୋ ଜୀବନରେ ଏଭଳ ଏକ କାଣ୍ଡ ଘଟିଛି, ଯାହାର ରହସ୍ୟ ଏପର୍ଯ୍ୟନ୍ତ ଉଦଘାଟିତ ହୋଇପାରିନ। ମୁଁ ସେତେବେଳେ ଅଜାକଆରେ ମାଜିଷ୍ଟ୍ରେଟ୍ ଥାଏ, ସେଠି ପ୍ରାୟତଃ ଅନେକ କେସ୍ ପ୍ରତିଶୋଧ ପରାୟଣ ହୋଇଥାଏ। ପ୍ରତିଶୋଧର ନିଆଁ କେବେ କେବେ ଏମିତି ଉଗ୍ର ରୂପ ନିଏ ଯାହାଦ୍ୱାରା ପୁରା ବଂଶ ଓ ସଂପୂର୍ଣ୍ଣ ଅଞ୍ଚଳକୁ ବି ସର୍ବନାଶ କରି ଦେଉଥିଲା। ବଂଶାନୁକ୍ରମ ଚାଲୁଥିବା ଏହି ପ୍ରତିଶୋଧରେ ନିର୍ଦ୍ଦୋଷ ବୟସ୍କ ଲୋକ, ପିଲା ଓ ମହିଳାମାନେ ମରୁଥିଲେ।

ଦିନେ କେହିଜଣେ ମୋତେ କହିଲେ ଖାଡି ଅଞ୍ଚଳରେ ଜଣେ ଇଂରେଜ ବ୍ୟକ୍ତି ବଙ୍ଗଳା ଭଡାରେ ନେଇ ଫ୍ରେଞ୍ଚ୍ ଚାକର ସହ ଏକା ରହୁଛନ୍ତି। ସେ କେବେ ବି ବାହାରକୁ ବାହାରନ୍ତି ନାହିଁ। କେବଳ ବନ୍ଧୁକ ଚାଳନା ଓ ମାଛ ଧରିବାରେ ବହୁ ସମୟ ବ୍ୟସ୍ତ ରହନ୍ତି। ଲୋକମାନେ ତାଙ୍କ ବିଷୟରେ ବିଭିନ୍ନ ପ୍ରକାରେ ଅନୁମାନ କରି କୁହନ୍ତି ସେ ଜଣେ ଅପରାଧୀ, ଆଉ କେହି କେହି କୁହନ୍ତି ସେ ବ୍ରିଟେନର ଜଣେ ବହୁତ ବଡ ନେତା ଥିଲେ। ସଭିଏଁ ତାଙ୍କୁ ସାର୍ ଜନ୍ ରୋବେଲ ବୋଲି ଜାଣନ୍ତି। ତାଙ୍କ ସହ ବାର୍ତ୍ତାଳାପ କରିବାର ଅବସର ମୋତେ ସେତେବେଳେ ମିଳଲା, ଯେବେ ମୁଁ ତାଙ୍କ ସମ୍ମୁଖରେ ନିଜ ବନ୍ଧୁକ ଦ୍ୱାରା ଗୋଟେ ତିତ୍ତିରି ପକ୍ଷୀକୁ ମାରିଦେଲି। ସେହି ମୃତ ତିତ୍ତିରିକୁ ତାଙ୍କୁ ଭେଟି ଦେଇ କ୍ଷମା ଯାଚନା କଲି।

ସେ ବିନମ୍ରତା ସହ କ୍ଷମା ଯାଚନା ସ୍ୱୀକାର କଲେ। କିନ୍ତୁ ସେ ସୁସ୍ଥ- ସବଳ, ଖୁସ୍ ମିଜାଜ୍ ଥିବା ସତ୍ତ୍ୱେ ମୋ ସହ ଖୋଲାଖୋଲି ବାର୍ତ୍ତାଳାପ କରିବାକୁ ସଂକୋଚ କରୁଥାନ୍ତି। ସଂକୋଚତା ହାବଭାବ ଦେଖି ମୁଁ ତାଙ୍କର ଅତି ନିକଟତର ହେବାକୁ ପ୍ରୟାସ କଲି।

ଦିନେ ସଂଧ୍ୟା ସମୟରେ ମୁଁ ତାଙ୍କ ବଙ୍ଗଳା ପାଖ ରାସ୍ତାରେ ଯାଉଥିବା ବେଳେ ସେ ଚେୟାରରେ ବସି ପାଇପ୍ ଟାଣୁଥିବାର ଦେଖିଲି । ହାତ ହଲେଇ ଅଭିବାଦନ ଜଣେଇଲି । ସେ ମୋତେ ଭିତରକୁ ଆମନ୍ତ୍ରିତ କରି ପାଖ ଚେୟାରରେ ବସାଇଲେ ଓ ବିୟର ପିଇବାକୁ ଯାଚଲେ । ମୁଁ ବିନା ସଂକୋଚରେ ତାଙ୍କ ଆମନ୍ତ୍ରଣକୁ ସ୍ୱୀକାର କଲି । ବିୟର ପିଉ ପିଉ ସେ କହିଲେ, ଅନେକ ଦିନ ହେବ ଫ୍ରାନସ ଓ କୋର୍ସିଆରେ ରହିଛି । ଏ ଦୁଇଟି ଦେଶ ମୋତେ ଖୁବ୍ ଭଲ ଲାଗେ ।"

"ବିଶ୍ୱର କେଉଁ କେଉଁ ଦେଶ ଆପଣ ଭ୍ରମଣ କରିଛନ୍ତି? " ମୁଁ ପଗ୍ଭରିଲି ।

"ଭାରତ ଓ ଆମେରିକା ବ୍ୟତୀତ ଆଫ୍ରିକା ଦେଶ ସହ ମୁଁ ଭଲ ଭାବେ ପରିଚତ ।" ସ୍ୱତଃ ମୋ ପ୍ରଶ୍ନର ଜବାବ୍ ଦେଇ ଆଉଥରେ ସେ କହିଲେ, "ଏ ସବୁ ଦେଶରେ ମୋ ସହ ଖୁବ୍ ଏଡଭେଞ୍ଚର ହୋଇଥିଲା ।"

କନ୍ତୁ ସେଭଳ ଏଡଭେଞ୍ଚର ବିଷୟରେ ମୋତେ କଛି କହିଲେନ । ହଁ ଏତିକ କହିଲେ, ତାଙ୍କୁ ବାଘ, ହାତୀ, ଗରିଲା ଓ ହିପୋପଟାମସ୍ ଶିକାର କରିବାକୁ ଖୁବ୍ ଭଲଲାଗେ ।

"ଏ ସବୁ ଭୟଙ୍କର ଜୀବମାନଙ୍କୁ ଶିକାର କରିବା ସମୟରେ ଆପଣଙ୍କୁ ଭୟ ହୁଅନ୍ତ? " ପୁଣିଥରେ ମୁଁ ପଗ୍ଭରିଲି ।

"ନା- । ବରଂ ମୋର ଅନୁଭବ ମଣିଷଙ୍କଠାରୁ ବେଶୀ ଭୟଙ୍କର ଜୀବ କେହି ନାହାନ୍ତି ।" କହିବା ସହ ସେ ଜୋରରେ ହସି ଉଠିଲେ ।

ତାପରେ ସେ ବ୍ୟବହାର କରୁଥିବା ହତିଆର ବିଷୟରେ କହିବା ସହ ଯେଉଁଠି ସେସବୁ ଥିଲା ସେହି ସ୍ଥାନ ଦେଖେଇଲେ । ହାତିଆର ଦେଖେଇବା ବେଳେ ସେ ମୋତେ ଜଣେଇଲେ ବନ୍ୟ ଜୀବଙ୍କୁ ଶିକାର କରିବା ସହ ମଣିଷ ଶିକାର ବି ସେ କରିଛନ୍ତି ।

ଆମେ ଦୁହେଁ ଯେଉଁ ହଲ୍ ରେ ବସି ବାର୍ତ୍ତାଳାପ କରୁଥିଲୁ, ସେଇଠି ଗୋଟେ କୋଣରେ ରେଶମୀ କଳା ପରଦାଟେ ଓହଳଥାଏ । ପରଦାରେ ସୁନାରଙ୍ଗର ରେଖାଙ୍କିତ ଫୁଲ ଅଙ୍କା

ହୋଇଥାଏ । ବାରମ୍ବାର ମୋର ଧ୍ୟାନ ସେହି କଳା ପରଦା ପ୍ରତି ଆକର୍ଷିତ ହେଉଥାଏ । ପ୍ରକୃତରେ ପରଦା ପ୍ରତି ନୁହେଁ, ସେହି ପରଦା ଉପରେ ଟଙ୍ଗା ହୋଇଥିବା ଗୋଟେ ସଫା ପରିଷ୍କାର କଙ୍କାଳ ହାତ ଉପରେ କେନ୍ଦ୍ରିତ ଥାଏ । ଯାହାକ ଲୁହା ଜଂଜିର ଦ୍ୱାର୍ ପରଦା ସହ ବନ୍ଧା ହୋଇଥାଏ ।

ହାତ କାହାର? ଶେଷରେ ଜିଜ୍ଞାସା କଲି ।

"ଇଏ ମୋର ସବୁଠୁ ବଡ ଶତ୍ରୁର ହାତ । ମୁଁ ତାକୁ ଆମେରିକାରୁ ଆଣିଛି । ଖଣ୍ଡା ଦ୍ୱାର୍ ଏଇ ହାତକୁ ମୁଁ ତା ଶରୀରରୁ ଅଲଗା କରିଦେଇଥିଲି । ପୁଣି ଚକମକ ପଥର ଦ୍ୱାର୍ ତା ଚମଡାକୁ ଅଲଗା କରି ଗୋଟେ ସପ୍ତାହ ଖରାରେ ଶୁଖେଇ ରଖିଛି ।"

ହାତଟିକୁ ଦେଖିବାପରେ ଜଣା ଯାଉଥାଏ କୌଣସି ଅସାଧାରଣ ଶକ୍ତିଶାଳୀ ଲୋକର ହୋଇଥିବ ।

"ଲୋକଟି ଖୁବ୍ ଶକ୍ତିଶାଳୀ ହୋଇଥିବ? "

"ହଁ- । କିନ୍ତୁ ମୁଁ ତା ଠାରୁ ବେଶୀ ଶକ୍ତିଶାଳୀ ପ୍ରମାଣିତ ହେଲି । ତା ହାତ କାଟିବା ପୂର୍ବରୁ ଏଇ ଲୁହା ଜଂଜିରରେ ବାନ୍ଧି ଦେଇଥିଲି, ଯାହା ଆପଣ ଏବେ ଦେଖୁଛନ୍ତି ।

"କିନ୍ତୁ ଜଂଜିରର କଣ ଆବଶ୍ୟକତା ଥିଲା? "

"ବିନା ଜଂଜିରରେ ଏ ହାତ ପଳେଇଯିବା ପାଇଁ ଚେଷ୍ଟା କରୁଥିଲା" ।

ମୁଁ ଆଶ୍ଚର୍ଯ୍ୟରେ ସେହି ହାତକୁ ଓ ରେବେଲଙ୍କୁ ଦେଖୁଥାଏ । ସତରେ କଣ ଏ ଲୋକଟା ପାଗଳ ନା ମଜା କରୁଛି? ତା ପରେ ମୁଁ ତାଙ୍କ ସହ ଦୁଇ ତିନ ଥର ମିଶିଛି । ବାର୍ତ୍ତାଳାପ ମଧ୍ୟ କରିଛି ।

ଠିକ୍ ଗୋଟେ ବର୍ଷ ପରେ.....

ନଭେମ୍ବର ମାସର ଦିନେ ସକାଳେ ମୋ ଗୃକର ମୋତେ ନଦରୁ ଜଗେଇ କହିଲା, "ସାର ଜନ୍ ରେବେଲଙ୍କୁ ହତ୍ୟା କରାହୋଇଛି ।"

ଅଧଘଣ୍ଟାପରେ ପୋଲିସ୍ ଅଫିସରଙ୍କ ସହ ମୁଁ ରେବେଲଙ୍କ ବଙ୍ଗଳାରେ ଉପସ୍ଥିତ ଥାଏ । ଫ୍ରେଞ୍ଚ୍ ଗୃକରଟି କାନ୍ଦୁଥାଏ । ତା ପ୍ରତି ପୋଲିସର ସନ୍ଦେହ, କନ୍ତୁ ପଚରାଉଚୁରା ପରେ ଜଣାଗଲା ସେ ନର୍ଦ୍ଦୋଷ । ବହୁ ପ୍ରୟାସ ପରେ ମଧ୍ୟ ହତ୍ୟାକାରୀ କଏ ବୋଲି ପୋଲିସ ଜାଣିପାରୁ ନଥାଏ ।

ସାର୍ ରେବେଲ୍ ମୃତାବସ୍ଥାରେ ପେଟପଟେ ପଡି ରହିଥାନ୍ତି । ତାଙ୍କ ଫଟା- ଛିଣ୍ଡା ପୋଷାକରୁ ଜଣାପଡୁଥାଏ ହତ୍ୟାକାରୀ ସହ ସେ ଖୁବ୍ ସଂଘର୍ଷ କରିଛନ୍ତି । ପୋଲିସ ଡାକ୍ତର ଶବ ପରୀକ୍ଷା କରି କହିଲେ, "କେହି ତାଙ୍କ ଗଳା ଦବେଇ ହତ୍ୟା କରିଛି । ଗାଲରେ ପାଞ୍ଚଟି କଣା ହୋଇଛି, ଯହାକ କୌଣସି ଲୁହାକଣ୍ଟା ଦ୍ୱାରା କରାହୋଇଛି ।"

ମୁଁ ହଠାତ୍ ଚମକ ପଡିଲି । ହଲରେ ଥିବା ସେହି କଳା ପରଦାକୁ ଖୋଜିଲି, ଯେଉଁଠି ଲୁହା ଜଂଜିର ଦ୍ୱାରା କଂକାଳ ହାତଟିଏ ବନ୍ଧା ହୋଇଥିଲା । କନ୍ତୁ ସେତେବେଳେ ସେ ହାତଟି ସେଠାରେ ନଥିଲା ।

ଡାକ୍ତର ଶବ ଗାଲରୁ କଙ୍କାଳର ଭଙ୍ଗା ଆଙ୍ଗୁଠିଟିଏ ବାହାର କଲେ । ବଡ ଆଶ୍ଚର୍ଯ୍ୟ ପ୍ରକାର । ପ୍ରାୟ ମାସେ ହେବ ତା ମାଲିକ ଖୁବ୍ ଚନ୍ତାଶୀଳ ରହୁଥିଲେ । କେବେ କେବେ ରାତିରେ ଉଠି ଜଂଜିରରେ ବନ୍ଧା ହୋଇଥିବା କଙ୍କାଳର ହାତକୁ ହଣ୍ଟରରେ ନର୍ଦ୍ଦୁମ ପିଟୁଥିଲେ ।

ମୁଁ ମଧ୍ୟ ପୋଲିସକୁ ଉକ୍ତ ହାତ ସହ ସଂଶ୍ଳିଷ୍ଟ କାହାଣୀ ଜଣାଇଲି । ପୋଲିସ ସାରା ସହରରେ ସେହିଭଳି କଙ୍କାଳ ହାତକୁ ଖୋଜିଲେ । କନ୍ତୁ କୋଉଠି ହେଲେ ପାଇଲେନ ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# ଉଠ ଉଠ ରେ ବୀର ସନ୍ତାନ



ସାଗର ପ୍ରଧାନ

ଉଠ ଉଠ ତୁ ଆରେ ବୀର ସନ୍ତାନ
ସୁପ୍ତ ସିଂହ ସମ  ଶୋଇଛୁ ଆଜି
ଆଳସ୍ୟ ଆଜିତ ଅଙ୍ଗର ଭୂଷଣ
ଆଳସ୍ୟ ଯାଇଛି ମନ ଟା ଭିଜି।

ତୋ ପୁର୍ବ ପୁରୁଷ ବୀରତ୍ୱ ର ଗାଥା
ଯାଇଛି ଆଜି ତ ମନରୁ ହଜି
ସବୁ ଜାଣି ଶୁଣି ନୀରବେ ବସିଛି
ନକର୍ମା ଦର୍ଶକ ଆଜିତୁ ସାଜି।

ସମୟ ସ୍ରୋତରେ କରାଳ ନାଦରେ
ମାଆ ର ଗୌରବ ଯାଇଛି ହଜି
ଅଙ୍ଗରେ ତାହାର ପୂର୍ବ ଦିନ ନାହିଁ
ବସିଛି ବିରୂପା ନାରୀ ଟେ ସାଜି।

ତୋହର ଜନନୀ ବେଦନ କରୁଛି
ହଜିଛି ଗୌରବ ଅତୀତ ରାଜି
ଅନ୍ୟ ପାଶେ ସିଏ ଲାଞ୍ଛିତ ହେଉଛି
ପାଶେ ନାହିଁ ବୋଲି ଗୌରବ ରାଜି।

ଆସ ଆସ ସବୁ ଓଡିଆ ସନ୍ତାନ
କରିବା ସଭିଏ ଶପଥ ଆଜି
ଫେରାଇ ଆଣିବା ମାଆ ର ସମ୍ମାନ
ଅତୀତ ଅଭୁଲା ଗୌରବ ରାଜି।

ପଦାଦିଗି, ଗଞ୍ଜାମ



# ସାଥୀ



ହରେରାମ ପଣ୍ଡା

ସଂସାର ବୃକ୍ଷରେ ଦୁଇଗୋଟି ପକ୍ଷୀ
ଜଣେ ପତ୍ନୀ ଜଣେ ପତି,
ସୁଖ, ଦୁଃଖ ଅବା ଜ୍ୱାଳା ଯନ୍ତ୍ରଣାରେ
ଦୁହେଁ ଦୁହିଁଙ୍କର ସାଥୀ ॥
ପ୍ରେମ ଦି'ଅକ୍ଷର ଜଣା ନାହିଁ ତାଙ୍କୁ
ରଚନ୍ତି ଅମର ପ୍ରେମ,
ସେନେହ ପରଶେ ସଂସାର ତାଙ୍କର
ପାଲଟେ ବୈକୁଣ୍ଠ ଧାମ ॥
ଦୁହେଁ ସାଥୀ ହୋଇ ସଂସାର ବୋଝକୁ
ନେଉଥା'ନ୍ତି ସଦା ବୋହି,
ଆପଣା ସନ୍ତାନେ ଦେବାପାଇଁ ସୁଖ
ଦୁଃଖକୁ ଯାଆନ୍ତି ସହି ॥
ଜନମଦିନ ବା ବିବାହ ବାର୍ଷିକୀ
ଅବା ଭ୍ଲେଣ୍ଟାଇନ୍ସ ଦିନ,
କେବେ ଆସେ ଯାଏ ଜାଣିବି ନଥା'ନ୍ତି
ପାଳବାରେ ନାହିଁ ମନ ॥
ଶାଢ଼ୀ କ ଗହଣା ପାଇବାକୁ ପତ୍ନୀ
ପାଳେନ ସାବିତ୍ରୀ ବ୍ରତ,
ବ୍ରତ ଉପବାସ ସବୁ ନରର୍ଥକ

ଧରିଥିଲେ ପତି ହାତ ॥
ଦି'ପଦ କଥାରେ, ଟିକାଏ ହସରେ
ପ୍ରେମ ହୁଏ ଆଜିକାଲି,
ତାପରେ ବିବାହ କୋର୍ଟ କଚେରୀରେ
ନିଜ ପିତାମାତା ଭୁଲି ॥
ଭଲ ପାଇବା ତ ନଥାଏ ମନରେ
ଖାଲି କାମନା ବାସନା,
କାମନା ଲାଳସା ପଛରେ କେବଳ
ସନ୍ଦେହ ଓ ପ୍ରତାରଣା ॥
ଅଢ଼େଇ ଦିନରେ ମନ ଫଟାଫଟି
ଛାଡ଼ପତ୍ର ଦିଆନିଆ,
ଏଇଭଳି ପ୍ରେମ ଅଟେ କ୍ଷଣସ୍ଥାୟୀ
ଆଉ ଅଢ଼େଇ ଦିନିଆ ॥
ପ୍ରେମ ଅଟେ ସତ୍ୟ, ଶିବ ଓ ସୁନ୍ଦର
ପ୍ରେମ ଅଟେ ଚିରନ୍ତନ,
ଯାହାକୁ ଲଭିବା ପାଇଁ ଦେବତାଏ
ନିଅନ୍ତି ନର ଜନମ ॥
ମନ ସହ ମନ ମିଶିଗଲେ ଥରେ
ତହିଁରୁ ସେନେହ ଜାତ ,
ଜୀବନର ଶେଷ ଯାଏ ଚାଲୁଥିବ
ଜଣେ ଧରି ଆନ ହାତ ॥

କୁଆଁସ, ମେର୍ଦ୍ଧା କାଟିଆ ଛକ,
ଯାଜପୁର

# ମନ ରେ ତିକ୍ତତା ଭରିଗଲା ପରେ....



ପୁଷ୍ପିତା ଭୂୟାଁ

ସବୁବେଳେ ଜୀବନ ସରଳ ଓ ସହଜ ନଥାଏ । ଯେତେବେଳ ଜୀବନ ପାଲଟି ଯାଏ ବୋଝ, ସେତେବେଳେ ନା ଥାଏ ଖାଇବାରେ ଆଗ୍ରହ ନା ଥାଏ ପିନ୍ଧିବାରେ, ନା ଘର ସଜାରେ ନା ନିଜକୁ ସଜେଇ ହେବାରେ । କେଉଁଥିରେ ମନ ଲାଗେନା । କେବଳ ବଂଚ ରହିଥିବା ଜୀବନ ଗୁଡିକୁ କୈାଣସି ଉପାୟରେ କାଟି ଜୀବନ ର ଶେଷ ସମୟ କୁ ଅପେକ୍ଷା କରିବା ସାର ହୁଏ। ସେତେବେଳେ ଜୀବନ ପାଲଟି ଯାଏ ଅଭିଶାପ । ମନ କୁ ହାଲକା କରିବା ପାଇଁ କାହାକୁ ନିଜ ଦୁଖଃ ଜଣାଇଲେ ବି ମନ ହାଲକା ହୋଇ ପାରେନି । ଖାଲି ଏକାନ୍ତ ରେ ବସି ନିଜକୁ ଖୋଜିବାକୁ ଲୁହ ହୁଏ ଏକ ମାତ୍ର ସାହାରା। ସତେ ଯେପରି ଦୁଃଖ ସବୁ ଲୁହ ଆକାରରେ ବୋହି ଗଲେ ମନ ହାଲକା ହୋଇ ଯିବ । ଆଉ ମନରେ ଭରି ଅଭିମାନ ଆସେ ସେଇ ଭାଗ୍ୟବିଧାତାଙ୍କ ଉପରେ, ସେତେବେଳେ ମଣିଷ ସବୁ ଦୋଷ ଲଦି ଦିଏ ସେଇ ଭାଗ୍ୟ- ବିଧାତାଙ୍କ ଉପରେ। ମନ କୁ ବୁଝାଇ ଆଖିରୁ ନିଗୁଡୁ ଥିବା ଲୁହ ଭିତରେ ସେ ନିଜ ର ଅସ୍ତିତ୍ୱ ଖୋଜେ । କେଉଁଥିରେ ତ ଭଗବାନ ତାକୁ ଊଣା କରି ନଥିଲେ, ତେବେ ଏବେ କାହିଁକି ତା' ପ୍ରତି ଏତେ ଛଳନା କରୁଛନ୍ତି ଭଗବାନ।

ସ୍ୱାମୀ, ପୁଅ, ବୋହୂ ନାତି ରେ ପରିପୂର୍ଣ୍ଣ ତା'ର ସଂସାର । ସେମିତି ଦେଖିବାକୁ ଗଲେ ଭଗବାନ କେଉଁ ଥିରେ ବି ତାକୁ ଊଣା କରି ନାହାଁନ୍ତି। ଶ୍ୱଶୁର ଜମିଦାର ଥିଲେ ସେତେବେଳେ, ଏବେ ସିନା ସେ ପ୍ରଥା ଉଠି ଗଲାଣି । ଘରଦ୍ୱାର ଜମିବାଡ଼ି, ବାସପୋକରଣ କେଉଁଥିରେ କମ ନାହିଁ। କିନ୍ତୁ ଆଜିର ପରିସ୍ଥିତି ପାଇଁ ସେ କାହାକୁ ଦୋଷ ଦେବେ । ବାହାଘର ପରେ ଯିଏ ଦେଖୁ ଥିଲା ତାଙ୍କୁ ରାମସୀତାଙ୍କ ଯୋଡି କହୁ ଥିଲା ।

କେତେ ଖୁସିରେ ଦିନ କଟି ଯାଉଥିଲା। ଲୋକମାନଙ୍କ ର ଯିବା ଆସିବା ଲାଗି ରହୁ ଥିଲା । ଆଉ ସ୍ୱାମୀ ତ ଘଡିଏ ତାଙ୍କୁ ପାଖରୁ ଛାଡୁ ନଥିଲେ। ବୁଲାଇ ନେବା, ସିନେମା ଦେଖାଇ ନେବା, ହୋଟେଲ ରେ ଖୁଆଇବା କେଉଁଥିରେ ଊଣା କରୁ ନଥିଲେ ।

ଏବେ ସବୁ ଓଲଟି ଗଲାଣି । ସବୁ ଥାଇ ବି ମନର ଶାନ୍ତି ଯେ କେଉଁ ଦିନରୁ ପଥ କାଟି ଦୁରେଇ ଗଲାଣି ତାଙ୍କ ଠାରୁ। ଏତେ ବଡ଼ ଦୁନଆରେ ସେ ଯେମିତି ପୁରା ଏକା ହୋଇ ଯାଇଛନ୍ତି । ସ୍ୱାମୀଙ୍କ ବ୍ୟବହାର ଦିନକୁ ଦିନ ଅସହ୍ୟ ହେଇ ଯାଉଛି ନୀଳମାଙ୍କ ପକ୍ଷେ । ମଣିଷ କ'ଣ ସତରେ ଏମିତି ବଦଳ ପାରେ ! ପୁରୁଣା ଦିନର ସେ ମଣିଷ ଆଉ ଆଜିର ମଣିଷ ଭିତରେ ଏତେ ପାର୍ଥକ୍ୟ ! ଆଶ୍ଚର୍ଯ୍ୟ ହେଲେ ବି ସତ । ଯାହାକୁ ବିଶ୍ୱାସ କରିବାକୁ ସେ ବାଧ୍ୟ।

ଯେଉଁ ପିଇବା ଟା ଦିନେ ସୌଖିନ ରେ ଆରମ୍ଭ କରିଥିଲେ, ଏକ ସମ୍ଭ୍ରାନ୍ତ ବଂଶ ର ମାପ କାଠି ବୋଲି, ଏବେ ତାହା ଉଗ୍ର ଅସହ୍ୟ ରୂପ ନେଉଛି ଦିନକୁ ଦିନ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ନଜକୁ ସେଇ ବୋତଲ ଭିତରେ ବୁଡାଇ ରଖୁଛନ୍ତି । ତା'ର ପ୍ରତିବାଦ କରିବା ପାଇଁ ନା ସ୍ତ୍ରୀ ର ସାହସ ଅଛି ନା ପିଲାମାନଙ୍କର । ଆଉ ସେ ଯେତେବେଳେ ମଦ ନଶାରେ ଚୁର ହୋଇ ପାଟି କରିବା ଆରମ୍ଭ କରି ଦେଉଛନ୍ତି, ସେତେବେଳେ ତାଙ୍କୁ ସାମନା କରିବାର ସାହସ କାହାରି ନାହିଁ। ପିଲାମାନଙ୍କୁ ଅକଥା ରେ ଗାଳଗୁଲଜ କରିବାକୁ ବି ପଛାଉ ନାହାଁନ୍ତି । ଏତେ ସୁନ୍ଦର ପୁଅ ଦୁହିଁଙ୍କୁ ପାଇ ମଧ ତାଙ୍କର ଭାଷା ଏତେ କଦର୍ଯ୍ୟ। ପିଲାମାନେ ବଡ଼ ହେଲେଣି ବାହା ସାହା ହୋଇ ପିଲାର ବାପା ହେଲେଣି, ଭଲ ଗ୍ରକରି ବି କରୁଛନ୍ତି । ସେମାନେ ବାପାର ଏ ଭାଷା କୁ କପରି ସହ୍ୟ କରିବେ ? ବାପାର ଏପରି ରୂପ ତ ତାଙ୍କ କଳ୍ପନା ର ବାହାରେ । ଆଉ ସେ ତ ତାଙ୍କ ସାମ୍ନାରେ ପୋକ ମାଛି ଠାରୁ ବି ହୀନ। ଯେପରି ତାଙ୍କ ଉପରେ ସ୍ୱାମୀଙ୍କର ପୂର୍ଣ୍ଣ ଅଧିକାର। ସେ ତାଙ୍କ ସହିତ ଯେ କୌଣସି ପ୍ରକାରର ବ୍ୟବହାର କରିପାରିବେ । ତାଙ୍କୁ ଗାଳ ଦେବେ ତାଙ୍କୁ ମାରିବେ ତାଙ୍କ ଚୁଟି ଝିଙ୍କି ଦେବେ ଇତ୍ୟାଦି ସବୁ କଛି । ଏପରି ଅଧିକାର ତାଙ୍କୁ କଏ ଦେଲା ? ନୀଳମା ଙ୍କ ମନରେ ପ୍ରଶ୍ନ ଆସେ । ସ୍ତ୍ରୀ କଣ ସ୍ୱାମୀ ହାତରେ ଗୋଟେ କାଠର କଣ୍ଢେଇ। ସେ ତାକୁ

ଯେମିତି ଗୃହିଁବ ସେମିତି ନଚେଇବ ! ଆଉ ତା' ଜୀବନ ଡୋରି ଟା କଣ ତାଙ୍କ ହାତରେ ତା' ଜୀବନ ଟା ବି ନେଇ ପାରିବେ ?

ଦିନକୁ ଦିନ ତାଙ୍କ ପକ୍ଷେ ଏ ସବୁ ସହିବା କଷ୍ଟ କର ହୋଇ ଯାଉଛି । ବେଳେବେଳେ ଇଛା ହେଉଛି ଆଇନକାନୁନ ସବୁ କୁ ନଜ ହାତକୁ ନେଇ ଯିବାକୁ । କନ୍ତୁ ସେ ପାରୁ ନାହାଁନ୍ତି । ତାଙ୍କ ଆଖି ଆଗରେ ଭାସି ଯାଉଛି, ତାଙ୍କ ପିଲାଙ୍କର କୋମଳ ମୁହଁ ଗୁଡିକ । ଦିନେ କେତେ ଯତ୍ନ ରେ ସେମାନଙ୍କୁ ମଣିଷ କରିଥିଲେ । ଯେଉଁ ବାପା ଙ୍କୁ ସେମାନେ ଜୀବନ ଠାରୁ ଅଧିକା ଭଲ ପାଉଥିଲେ, ଏବେ ତାଙ୍କ ପ୍ରତି ସେମାନଙ୍କ ମନ ବିତୃଷ୍ଣାରେ ଭରିଗଲାଣି । ଭବିଷ୍ୟତ ରେ କ'ଣ ହେବ ନୀଳମାଙ୍କ ଧାରଣା ର ବାହାରେ । ମା' ଉପରେ ବାପାଙ୍କର ଅତ୍ୟାଗ୍ଚର ସେମାନେ ଆଦୌ ସହ୍ୟ କରି ପାରୁ ନାହାଁନ୍ତି। କେମିତି ବି କରିବେ କେତେ ଅଳ ଅର୍ଦ୍ଧଳ ସହି ମା' ସେମାନଙ୍କୁ ବଡ଼ କରିଛି। ମା' ର ପଣତ କାନ ତାଙ୍କୁ ସବୁ ଝଡ଼ଝଞ୍ଜା ରୁ ଦୂରେଇ ରଖିଛି । ଆଉ ଆଜି ମା' ଏମିତି ଏକ ପରିସ୍ଥିତି ରେ ପଡିଛି, ସେମାନେ କେମିତି ତାକୁ ଅବହେଳା କରି ପାରିବେ। ସେ ଯେ ତାଙ୍କ ମା, ଜନ୍ମଦାତ୍ରୀ ଜଗତ ଠାରୁ ବଡ଼।

କନ୍ତୁ ପିଲାମାନେ ଦିନକୁ ଦିନ ବାପାଙ୍କ ବ୍ୟବହାର ରେ ଅତିଷ୍ଠ ହୋଇପଡୁଛନ୍ତି । ତାଙ୍କ ପାଇଁ ସେମାନଙ୍କ ର ଚନ୍ତା ବଢି ଯାଉଛି । ସେମାନେ ନଥିଲା ବେଳେ କାଳେ କଛି ଅଘଟଣ ଘଟି ଯିବ କ ? ସେ ଏବେ ଏପରି ପରିସ୍ଥିତି ରେ ଛିଡା ହୋଇଛନ୍ତି, ନା ରହି ପାରୁଛନ୍ତି ନା ଛାଡିକରି କେଉଁଆଡେ ଯାଇ ପାରୁଛନ୍ତି। କୁଆଡେ ବି ଯିବେ ସ୍ୱାମୀ, ଘର, ପିଲାଛୁଆ, ସତେ ଯେମିତି ତାଙ୍କ ଗୋଡ ରେ ବେଡି ପଡି ଯାଇଛି । ସେ ହସଖୁସି ସବୁ ତାଙ୍କର ସ୍ୱପ୍ନ ହେଲାଣି। ଦିନ ଥିଲା କେତେ ଖୁସିରେ ତାଙ୍କ ସମୟ କଟୁଥିଲା ସ୍ୱାମୀ ପିଲାଙ୍କ ଗହଣ ରେ ।

ଏବେ ନାତିର ମୁହଁ ଟା ଆଖି ଆଗରେ ନାଚ ଯାଉଛି ନୀଳମାଙ୍କର। ହୃଦୟ ଖୋଲି ତାକୁ ଟିକେ ଗେଲ କରି ପାରୁ ନାହାଁନ୍ତି ତାଙ୍କ ପାଖ ରେ ରଖି । ତା'ର ସେ ଗୁଲୁଗୁଲିଆ କଥାକୁ ଉପଭୋଗ କରି ପାରୁନାହାନ୍ତି। ତା'ର ସେ ଚପଳ ଦୁଷ୍ଟାମି ଯାହା ସେ କରିପାରେ କେବଳ

ଜେଜେ ଓ ଜେଜେମା' ଙ୍କ ପାଖରେ, ସେଥିପାଇଁ ବି ସେ ସୁଯୋଗ ପାଉନ । ପ୍ରାୟ ମାମୁଁ ଘରେ ରହୁଛି । କେତେବେଳେ କେମିତି ବୁଲିବାକୁ ଆସୁଛି। କେମିତି ତାକୁ ପାଖରେ ରଖିବେ ସେ, ସ୍ୱାମୀଙ୍କର ଯେଉଁ ସ୍ୱଭାବ ହୋଇଛି ଏବେ, କେତେବେଳେ କେଉଁ କାଣ୍ଡ କରି ନ ବସିବେ କ'ଣ ବା ଗ୍ୟାରେଣ୍ଟି ଅଛି ? ଆଉ ସେ ଗୃହୁଁ ନାହାନ୍ତି କୋମଳ ହୃଦୟ ର ପିଲାଟା ସେସବୁ ସାମନା କରୁ । ଛୋଟ ପିଲାଟା ମନରେ ତା'ର କ ପ୍ରତିକ୍ରିୟା ହେବ ସେସବୁ କୁ ଦେଖି ?

ବେଳେବେଳେ ତାଙ୍କର ଇଚ୍ଛା ହେଉଛି ସ୍ୱାମୀଙ୍କୁ ନେଇ କେଉଁ ଏକ ଦୂର ବୃଦ୍ଧାଶ୍ରମ କ କେଉଁ ମଦ ନବାରଣ କେନ୍ଦ୍ରରେ ଛାଡି ଦେଇ ଆସିବାକୁ। କନ୍ତୁ ନଜର ସ୍ତ୍ରୀ, ପୁଅ, ବୋହୂ ଥାଉ ଥାଉ ଏହା କ'ଣ ସମ୍ଭବ ? ସେଠାରେ ତାଙ୍କ ଖବର କଏ ବୁଝିବ ? "ସେ ମୋ ପ୍ରତି ଅନ୍ୟାୟ କଲେ ବି ମୋ ମନ କଣ ତାଙ୍କ ପରି ହୋଇ ପାରିବ। ଏମିତି ଏକ ବନ୍ଧନରେ ଆମେ ବନ୍ଧା, ସମାଜ ର ଏ କ ବନ୍ଧନ ? "

ସେ ସ୍ୱାମୀଙ୍କର ସବୁ କାମ କରିବାକୁ କେବେ କୁଣ୍ଠା ବୋଧ କରନ୍ତିନ। ଖାଇବା, ଗ୍ଧ', ଜଳଖିଆ ସବୁ ଠିକ୍ ସମୟରେ ଯୋଗାଇ ଦିଅନ୍ତି। କେତେବେଳେ ମନ ହେଲେ ଖାଇବେ ପୁଣି କେତେବେଳେ ମନ ନ ହେଲେ ଖାଇବେନ । ଖାଇବା ରହି ରହି ଫୋପାଡା ହେବ। ଶୋଇବା ଘରର କବାଟ ସବୁବେଳେ ଆଉଜା ହୋଇ ରହୁଛି। ଘର ଭିତରକୁ କାହାର ପ୍ରବେଶ ନଷେଧ । ତାଙ୍କ ମନ ହେଲେ କବାଟ ଖୋଲି ବାହାରକୁ ଆସୁଛନ୍ତି, କଛି ମାଗୁଛନ୍ତି କ ବାଥରୁମ ଯାଉଛନ୍ତି, ପୁଣି ସେ ଘର ଭିତରେ ପସିଯାଉଛନ୍ତି। ନୀଳମା ନରବଦ୍ରଷ୍ଟା ପାଲଟିଛନ୍ତି ଯେପରି। କେବଳ ତାଙ୍କ ଗତିବିଧି ଉପରେ ନଜର ରଖିବା ତାଙ୍କ କାମ ହୋଇଛି। ପୁଅ ମାନଙ୍କୁ ଡର ଲାଗୁଛି ମା'କୁ ଏକା ତାଙ୍କ ପାଖରେ ଛାଡି ଯିବାକୁ। କନ୍ତୁ ପେଟ ପାଟଣା କଥା ବାହାରକୁ ନ ଗଲେ କ'ଣ କରିବେ। ଗ୍ଧକରି କରିଛନ୍ତି ସେମାନେ।

ସେଦିନ ସନ୍ଧ୍ୟା କେଡେ ଭୟାନକ ଥିଲା ନୀଳମାଙ୍କ ପାଇଁ ଭାବିଲେ ଦେହ ଥରି ଯାଉଛି ତାଙ୍କର। ଘର ଭିତରେ ଯେପରି ବାଦଲ ଫାଟି ବର୍ଷା ଓଜାଡି ଦେଇଥିଲା। ମଦ ନଶାରେ

ଚୁର ହୋଇ ନୀଳମାଙ୍କ ଚୁଟି ଧରି ଭିଡି ଆଣି ଆଉ ଗୋଟେ ବୋତଲ ଦେ ବୋଲି ଜିଦି ଧରିଥିଲେ ସ୍ଵାମୀ ତାଙ୍କର। ତାଙ୍କ ପାଖରେ ନାହିଁ ସେ କେଉଁଠାରୁ ଆଣିବେ ବୋଲି ଯେତେ କହିଲେ ବି ତାଙ୍କ ରାଗ ବଢିବାକୁ ଲାଗିଥିଲା, ଆଉ ତା ସହିତ ହତାହାତି ଆରମ୍ଭ କରିଦେଇଥିଲେ। ସେ ଯନ୍ତ୍ରଣା ସହି ନ ପାରି ନୀଳମା ସବୁ ତାକତ ଲଗାଇ ତାଙ୍କୁ ପେଲି ଦେଇ ନଜକୁ ଗୋଟେ ଘରେ ଆବଦ୍ଧ କରି ପୁଅ କୁ ଫୋନ ଲଗାଇଥିଲେ । ପୁଅ ସେଦିନ ବାପାର ଏ ରୂପ ଦେଖି ବେଶ ଭୟ ପାଇ ଯାଇଥିଲା । ସେ ଭୟ ତାର ଥିଲା ତାର ମା' ପାଇଁ।

ତାଙ୍କର ଇଛା ହେଉଥିଲା ସଙ୍ଗେ ସଙ୍ଗେ ପୋଲିସ କୁ ଡାକ ତାଙ୍କୁ ଥାନାରେ ପୁରାଇ ଦେଇଥାନ୍ତେ। "କନ୍ଦ" ପୁଣି ସେଇ କନ୍ଦରେ ସେ ଅଟକ ଯାଇ ଥିଲେ ସେଦିନ। ସାହି ପଡ଼ିଶା ସମସ୍ତେ ଜାଣିଗଲେଣି। ତାଙ୍କ ପାଟିରେ ଯେତେବେଳେ ଘର ଉଠୁଛି ପଡୁଛି ରାସ୍ତା ଯିବା ଲୋକ ବି ଘଡ଼ିଏ ଛିଡା ହୋଇ ଯାଉଛନ୍ତି ଏ ପ୍ରକାର ତାମସା ଦେଖିବାକୁ । କଥାରେ ଅଛି "ବଡ଼ ଘର ବଡ଼ ଗୁମର କଥା ।" ଏବେ ଦାଣ୍ଡରେ ଯାଇ ହାଟ ରେ ଗଡୁଛି। ବାହାରେ କାହାକୁ ମୁଁହ ଦେଖେଇ ହେଉନି। ରାସ୍ତାରେ ଗଲା ବେଳେ ଲୋକ ବୁଲି ବୁଲି ଗୁହୁଁଛନ୍ତି।

ନୀଳମା ଜାଣି ପାରୁନାହାଁନ୍ତି ନଜକୁ କଣ କହି ସାନ୍ତ୍ଵନା ଦେବେ, ଆଉ ପିଲାମାନଙ୍କୁ କଣ ବୁଝାଇବେ। ସେ ସେମାନଙ୍କ ପାଇଁ ଯେତିକ ବ୍ୟସ୍ତ ସେମାନେ ବି ତାଙ୍କ ପାଇଁ ସେତିକ ବିବ୍ରତ। କ ପ୍ରକାର ସଂସାର ଏଇଟା ତାଙ୍କର ? ମନଟା କେବଳ ହତାଶା ପଣ ରେ ସନ୍ତୁଳ ହୋଇଯାଉଛି ନୀଳମାଙ୍କର। ଏ ଦୁଖଃ କୁ ସେ କାହା ସହିତ ବାଣ୍ଟିବେ ? କେତେ ବା ଆଉ ଛଳନା କରି ଅଭିନୟ କରି ସ୍ଵାମୀଙ୍କ ପାଇଁ ଚୁଡି, ସିନ୍ଦୁର ପିନ୍ଧି ମା ମଙ୍ଗଳାଙ୍କ ପାଖରେ ମୁଣ୍ଡିଆ ମାରିବେ।

"ମୋ ସ୍ଵାମୀଙ୍କୁ ଘଣ୍ଟ ଘୋଡାଇ ରଖି ଥା ଲୋ ମା' ! " ଅନ୍ତର ର କୋହ କୁ କେତେ ବି ଗୁପି ରଖି ପାରିବେ ?

ମଣିଷ ଗ୍ଭହେଁ ଟିକଏ ସହାନଭୁତି, ଟିକଏ ଶ୍ରଦ୍ଧା ,ଯାହା ବଳରେ ସେ ନଜକୁ ସମର୍ପି ଦିଏ ସାଗ୍‌ ଜୀବନ । ଜୀବନ ସାଥୀର କେଇ ପଦ ମିଠା କଥା ତା ଜୀବନକୁ କରି ଦିଏ ଦୁର୍ଲଭ। ସେଥିରେ ତାକୁ ଯଦି କୁଡ଼ିଆ ଖଣ୍ଡେ ରେ ଶାଗ ପଖାଳ ବି ଖାଇକ ରହି ବାକୁ ପଡେ ତାହା ତାକୁ ଅମୃତ ତୁଲ୍ୟ ମନେ ହୁଏ, ଆଉ ତା ହୁଏ ଛ ତିଅଣ ନ ଭଜା ସଦୃଶ୍ୟ। କନ୍ତୁ ଯେଉଁ ଘରେ ଏ ସବୁର ଅଭ୍ବ, ସେ କୋଠା ଘର ଓ ମୋଟାମୋଟା ଗଦି ବି ଲ୍ଗେ ହଳାହଳ ବିଷ ସଦୃଶ୍ୟ ।

ଦମ୍ପତି ଓ ପିଲ୍ ଛୁଆଙ୍କୁ ନେଇ ଦାମ୍ପତ୍ୟ ଜୀବନ। ଆଉ ଯେତେ ବେଳେ ଜୀବନ ସାଥୀ ହୋଇଯାଏ ସମ୍ବେଦନହୀନ ଘାତକ ମଦୁଆ ସେତେବେଳେ ଅନୁଭବ ହୁଏ ପ୍ରଣାନ୍ତକ କଷ୍ଟ। ଏମିତି ଏକ କଷ୍ଟ ଯାହାକୁ ନା ଢ଼ୋକ ହୁଏ ନା ଓଗାଳ ହୁଏ।

ଏମିତି ଏକ ଜୀବନରେ ନୀଳମା ଛଟ ପଟ ହୋଇ ଜୀବନ ରୁ ମୁକ୍ତି ଗ୍ଭହୁଁଛନ୍ତି। ସ୍ୱାମୀଙ୍କ ଅବସ୍ଥା ବି ଭ୍ରି ଖରାପ ହୋଇ ଯାଉଛି ଦିନ କୁ ଦିନ ଏ ବିଷ କୁ ପାନ କରି। ବୟସ ସତୁରି ଉପରେ ହେଲ୍ଣି। ମଣିଷ ଦିନକୁ ଦିନ କ'ଣ...ରୁ କ'ଣ ହୋଇ ଗଲ୍ଣି। ଗ୍ଜା ପୁଅ ପରି ଚେହେଗ୍ ମାଟିରେ ମିସିଲ୍ଣି। ଏ ସବୁ ସ୍ୱକୃତ। କେଉଁ ଡାକ୍ତର ବି ଏହା ପାଇଁ ଔଷଧ ଦେଇ ପାରିବେନ। ନଜର ଯଦି ଚେଷ୍ଟା ନ ରହିବ, ଡାକ୍ତର କଣ ଦେବତା ପାଲଟି ଯିବେ? କାହା ଆଗରେ ନୀଳମା ନଜର ଦୁଃଖ କୁ ବ୍ୟକ୍ତ କରିବେ। କଥାରେ ଅଛି ଅଜାଗା ଘା ' କୁ ଦେଖି ହୁଏନ କ ଦେଖେଇ ହୁଏନ।

ଭଗବାନଙ୍କ ଉପରେ ଯେତେ ଅଭିମାନ କଲେ ବି ସେ ଭଗବାନ ଙ୍କୁ ଡାକ ଗ୍ଲିଛନ୍ତି ଦିନ ଗ୍ତି। ପ୍ରଭୁ କ'ଣ ଏହାର ପରିଣାମ, ଏହାର କ'ଣ କଛି ସମାଧାନ ନାହିଁ ? ଏ ପ୍ରକାର ପରିସ୍ଥିତି ରୁ ସେ କପରି ମୁକୁଳ ପାରିବେ। ସେ ଆତୁର ହୋଇ ବେଳେବେଳେ ଭଗବାନ ଙ୍କୁ ମିନତି କରୁ ଛନ୍ତି "ମୋତେ ଏ ହଳାହଳ ବିଷରୁ ତ୍ରାହି କର। କେଉଁ ଜନ୍ମ ର ପାପ ମୋତେ ଏ ଜନ୍ମ ରେ ଭୋଗ କରିବାକୁ ପଡୁଛି। ଶାନ୍ତି ଯେମିତି ମୋ ପାଖରୁ ବହୁତ ଦୂର କୁ ପଳେଇ

ଯାଇଛି।" ଗୋଟିଏ ପଚ୍ଚ ମାଛ ଗଡ଼ିଆ ପାଣିକୁ ଦୂଷିତ କଲା ପରି ଗୋଟାଏ ଲୋକ ତାଙ୍କ ଘର ର ସୁଖ ଶାନ୍ତି କୁ କଳୁଷିତ କରିଦେଇଛି।

ଆଶ୍ରମ ର ଦିନ ଗୁଡିକୁ ମନେ ପକାଇ ନୀଳମାଙ୍କ ଆଖି ଭରି ଆସିଲା ଓ କେତୋଟି ଉଷ୍ମ ଜଳ ବିନ୍ଦୁ ତାଙ୍କ ଚବୁକ ଦେଇ ବୋହିଗଲିଲା। ଭବିଷ୍ୟତ ତାଙ୍କୁ ଅନ୍ଧକାର ମୟ ଲାଗୁଛି, ଆଉ ଏ ପରିଣତ ବୟସରେ ଭଗବାନ ଙ୍କ ପାଖରେ ନିଜ କୁ ସମର୍ପଣ କରି ସେ ପିଲାମାନଙ୍କର ସୁଖ ସମୃଦ୍ଧି କାମନା କରୁଛନ୍ତି ଓ ସ୍ୱାମୀ ଯେତେ ତାଙ୍କୁ ଖରାପ ବ୍ୟବହାର କଲେବି ସ୍ୱାମୀଙ୍କ ଆରୋଗ୍ୟ କାମନା କରୁଛନ୍ତି ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା।

**"ବେଦାନ୍ତୀର ଅକ୍ଟୋବର ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ସେପ୍ଟେମ୍ବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"**

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ସଭଲପୁରି କବିତା
# ଗୁନର୍ ମହକ୍



ଆଶୁତୋଷ ମେହେର

ଉକଆ ଜନହ୍ କେ ଘଡେ ଛନେ ତ୍
ବାଦଲ୍ ସିନା ଦେସି ଢାଁକ
ଗୁନ୍ ଥିବା ଯଦି ଫୁଟବା ମହକ
ସେଟା କାଏଁ ରହେବା ଲୁକ ।
ଧୋବ ଫରଫର୍ ମଲୀ ଫୁଲ୍ ହେଲେ
ମହ୍ ମହ୍ ତାର ବାସ୍
ସୁରୁ ହେଲେ ବି ତ' ପାହାଡି ଝରନ୍
ଶୋଷ କେ କରସି ନାଶ୍ ।
ବାସନା ନେ ଥାଏ୍ ଫଲସା ଫୁଲର୍
ରଂଗ୍ ଘିଚୁଥିସି ଆଏଁଖ୍
କେନ୍ ନେଇଁ କେନ୍ ଗୁନ୍ ଗୁଟେ ଥିସି
ପ୍ରଭୂ କରିଥିସନ୍ ଲେଖ ।
ସେ ଗୁନେ ମହକେ ସଂସାର ହଁସବା
ମହକବା ଭୁରି ଭୁରି
ଗୁଟେ ଗୁଟେ ଗୁନେ ଫଲ୍ ବଗଲ୍ଲ ର୍
ବଢିଥିସି ଗିରି ଶିରୀ ।।
* ଇନେ ସରଲ୍*

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ମାତୃଭୂମି



ସାତ୍ତ୍ୱିକ ବହିଦାର

ଶତାବ୍ଦୀ ଶତାବ୍ଦୀ ଉତ୍ପୀଡ଼ନ ପରେ ଆମଦେଶ ହେଲା ସ୍ୱାଧୀନ
ଏ ମୁକ୍ତାକାଶ ଓ ଆଲୋକର ଧାର୍‌ର ଭିତ୍ତି ଅଟେ ବଳିଦାନ
ଅନ୍ତରୀକ୍ଷର ବୁକୁଚିରି, ଆଜି ମହାକାଶେ ଘୂରେ ଆମ ଗ୍ରଜୁତି
ଶତ୍ରୁଦେଶର ନାଲି ଆଖିଠାର, ଅଧୁନା ଭାରତ ସହୁନାହିଁ ମୁଣ୍ଡପାତି
ସାରା ବିଶ୍ୱେ ଭାରତୀୟ ଯନ୍ତ୍ରୀ, ଚକିତ୍ସକ ଓ ବିଜ୍ଞାନୀଙ୍କ ରହିଛି ଯଥେଷ୍ଟ ଚାହିଦା
ଯୁକ୍ତରାଷ୍ଟ୍ର ମର୍ମେ ମର୍ମେ ଜାଣିଛି, ଭାରତୀୟ ମାନବସମ୍ବଳ ନିଯୁକ୍ତିର ଫାଇଦା
ସାରା ବିଶ୍ୱେ ଅଦ୍ୱିତୀୟ ଅଟେ ଆମ କଳା, କାରିଗରୀ ଓ ମହନୀୟ ସଂସ୍କୃତି
ସଭିଏ ଭିଡ଼ିଲେ ଅଣ୍ଟା, ପୁଣି ଲଭିବା ଯେ ବିଶ୍ୱଗୁରୁ ପଦ ତିଳେହେଁ ନାହିଁ ଅତ୍ୟୁକ୍ତି
ସମସ୍ତ ବାହ୍ୟ ରାଷ୍ଟ୍ରଧନୀକ ଖୋଜନ୍ତି ଭାରତେ ଆଧାତ୍ମିକ ଚେତନା ଓ ଶାନ୍ତି
ତ୍ୟାଗର ତପୋବନ ଓ ଦେବଭୂମି ଯେ ଭାରତ, କୁଡ଼ିଆରେ ମିଳେ ଆତ୍ମତୃପ୍ତି
ଫିରିଙ୍ଗି ବିରୋଧେ ଲଢ଼ିଥିଲେ ସମସ୍ତେହେଁ ହିନ୍ଦୁ, ମୁସଲିମ, ଶିଖ ଓ ଇସାଇ
ସମ୍ପ୍ରତି ଧାର୍ମିକ ଠିକାଦାର ବେନି ଭାଇଙ୍କୁ ଭିଡାନ୍ତି, ଧାର୍ମିକ ଭାବନାର ଦୁହାଇଦେଇ
କାହିଁ କେକାଳୁ ମାତୃଶକ୍ତି ପୂଜା ଓ ନାରୀର ସମ୍ମାନ ଅଟେ ଆମ ମୌଳିକତା
ପୌରୁଷ ଓ ନୈତିକତା ଗାଢ଼ ନିଦ୍ରାଗତ ଅଛି , ତେଣୁ ଉଠିଛି କ୍ରୁର ପାଶବିକତା
ପ୍ରାନ୍ତୀୟ ଭାବପ୍ରବଣତା ଓ ସଂକୀର୍ଣ୍ଣ ମନୋଭାବେ ଆଜି ଆମ୍ଭ ଜନମନ କବଳିତ
ଏ ହୀନ ମାନସିକତା ଦେଖି, ସ୍ୱର୍ଗେ ସର୍ଦାର ପଟେଲ ହୃଦୟ ନିଶ୍ଚେ ଥିବ ବ୍ୟଥିତ

ଗାନ୍ଧୀ ମହାତ୍ମାଙ୍କ ସ୍ୱଚ୍ଛତା ଓ ଅହିଂସା ବାର୍ତାର, ଆଜି ସର୍ବାଗ୍ରେ ଅଛି ଆବଶ୍ୟକତା
ଜାତି, ଧର୍ମ, ବର୍ଣ୍ଣ ଓ ଗୋଷ୍ଠୀର ସଂକୁଚିତ ବଳରୁ ଉର୍ଦ୍ଧ୍ୱ ଏ ରାଷ୍ଟ୍ର ହିଁ ହେଉ ପ୍ରାଥମିକତା
ରାଷ୍ଟ୍ରଭକ୍ତି ଓ ଅନୁରକ୍ତିର ନାହିଁ ମାପକାଠି, ଅବା ଅଛି ଭାରତୀୟତାର ମାନପତ୍ର
ଦେଶଦ୍ରୋହୀ ନୁହଁ ଧର୍ମ ଓ ଗୋଷ୍ଠୀ ପରିସରଭୁକ୍ତ, ଏହା ତାର ସ୍ୱକୀୟ ଘୃଣ୍ୟ ଚରିତ୍ର
ସୁନାର ଭାରତ ଓ ରାମରାଜ୍ୟ କଥା ଆମ ଇତିହାସେ ଅଛି ଲିପିବଦ୍ଧ
ନିଶ୍ଚେ ଫେରିବ ସେ ଶିରି, ଯଦି ହେବାରେ ସଭିଏଁ ରାଷ୍ଟ୍ରପାଇଁ ପ୍ରତିଶ୍ରୁତିବଦ୍ଧ
ଭାରତ ମାତା ଯେ ଅଟେ ରତ୍ନଗର୍ଭା, ପୁଣି ପ୍ରାଚୁର୍ଯ୍ୟ ଓ ପ୍ରାକୃତିକ ସମ୍ବଳର ସମ୍ଭାର
ତାର ଆଶୀର୍ବାଦ ଓ ଆଶିଷର ସଦୁପଯୋଗେ, ସମୃଦ୍ଧ ହେବ ଅର୍ଥନୀତି ଦେଶର
ଆମ ଭାତୃଭାବ ଓ ସଦ୍ଭାବର ମୂଳଦୁଆ ଉପରେ ଆମ ସଙ୍ଗତିର ସୌଧ ପର୍ଯ୍ୟବେସିତ
ଅକ୍ଷୁର୍ଣ୍ଣ ଅଟେ ସଦା ଆମ ରାଷ୍ଟ୍ରୀୟ ମର୍ଯ୍ୟାଦା, କୁଚକ୍ରୀ କାଳେକାଳେ ହେବେ ପରାଜିତ ॥

ବେଲପାହାଡ
ଝାରସୁଗୁଡା, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ଆଇ ଲଭ୍ ମାଇଁ ଭୁବନେଶ୍ୱର



ମଧୁଛନ୍ଦା ବେହେରା

ଦିନେ ଭୁବନେଶ୍ୱର ରେ ଦେଖା ହୋଇଗଲା
ଆମ ଗାଁ ଟୋକା ସନଆ
ଭାଇ ଭାଇ ଡାକ ହାଏ ହ୍ୟାଲୋ କଲା
ତାକୁ ଦେଖି ହେଲି ଛାନଆ
କହିଲି ମୁଁ ତାକୁ, ନମସ୍କାର ନାହିଁ
ଏ କ ବିଦେଶୀ ଢଙ୍ଗ
କହିଲା, ସେ ମୋତେ, ଜାଣିନ କ ଭାଇ
ବଦଳ ଯାଇଛି ଯୁଗ
ଛାଡ ସେ ସବୁ କୁ,
ହାଏ ହ୍ୟାଲୋ କଲେ
କଣ ପ୍ରୋବ୍ଲେମ୍ ହେଲା
କୋଲ୍ଡ ଡ୍ରିଙ୍କ୍ସ କଣ ନେବ
ପେପ୍ସି ନା କୋକାକୋଲା ।
କହିଲି ମୁଁ ତାକୁ, ଭଲ ଲାଗେ ନାହିଁ
ମୋତେ ବିଦେଶୀ ପାନୀୟ କଛି,
ଲସି ସରବତ ପଇଡ ପାଣି
ସେଥିରେ ମୋର ରୁଚ ।
କଥା ହଉ ହଉ ଦୋକାନ ରୁ
ସିଏ ଆଣିଲା ଦୁଇଟା ଲସି
ଲସି ପିଇ ସାରି ପଗ୍ଭରିଲା ତାକୁ

ହେଲା କଡ୍ନା ରୁପିଜ୍ ।
ପାଠ ଦି ଅକ୍ଷର ପଢ଼ିଛି କ ନାହିଁ
ଖଣ୍ଡି ଇଂରାଜୀ ଦେଉଛି ଝାଡି
ସେଥିରେ ପୁଣି ହିନ୍ଦୀ ମିଶାଉଛି
ଷ୍ଟାଇଲ୍ ବଦଳେ ଘଡି କ ଘଡି ।
ବୁଟ୍ ସୁଟ୍ ସେ ଏମିତି ପିନ୍ଧିଛି
ସତେ କ କରିଛି ବଡ ଗୁକରୀ
ଗାଁ ମହାଜନ, ବଡ ବଡୁଆଁ କୁ
ନାହିଁ ଆଉ ତା ର ଖାତିରି
ହେଲେ !
ଗାଁ ରେ ତା ର ବୁଢି ମା ରହୁଛି
ଗୁଳରୁ ଛପର ଯାଇଛି ଉଡି
ଓଳଏ ଖାଇଲେ ଓଳଏ ଉପାସ
କେହି ନାହିଁ ତାର ଆଶା ବାଡି
ବୁଢି ଯେମିତି ଯାଣିଲା,
ଭୁବନେଶ୍ୱରକୁ ମୁଁ ବାହାରୁଛି ଗାଡି କାଢି
ଆସି ପହଞ୍ଚିଲା ମୋ ଦାଣ୍ଡ ଦୁଆରେ,
କହିଲା ସେ ହାତ ଯୋଡି ।
ଦେଖିବୁ ଯଦି ମୋ ସନଆଟାକୁ
ଜଣେଇବୁ ଦୁଃଖ ମୋର,
ଫେରିଆସିବାକୁ କହିବୁ ତାକୁ
ନେହୁରା ହୋଇ କହିଛି ଯେ ମା ତୋର ।
ମୁଁ ଯେମିତି କହିଲି ଏ ସବୁ କଥା
ଶୁଣି ନ ଶୁଣିଲା ପରି ହେଲା
ସିଗାରେଟ୍ ଖଣ୍ଡେ ପକେଟ୍ ରୁ ଆଣି
ଧୁଁଆ ଭସ୍ ଭସ୍ ଛାଡିଦେଲା ।
କହିଲା ସେ ମୋତେ ଯିବନ ଗାଁ କୁ



ଏଠି ଅଛି ବୋଲି ତା ର ଲଭର୍
ତାକୁ ନେଇ ସିଏ ସିନେମା, ପାର୍କ ଯାଉଛି
ମା ନଜେ ବୁଝୁ ତା ଖବର ।
ଇଂଗ୍ରଜୀ ରେ ପୁଣି କହିଲ୍ ସେ ମୋତେ
ଆଇ ଡୋଣ୍ଟ୍ ଲ୍ଇକ୍ ଗାଁ
ଭୁବନେଶ୍ୱର ରେ ଅଛନ୍ତି ପୁଣି
ମାଇଁ ଡିୟର୍ ଶାଶୁ ମା
ଘର ଜୋଇଁଆ ହେବବୋଲି ସିଏ
କହିଛି ପ୍ରେମିକା ତାର
ଶଳା ଶାଳୀ ଆଉ କେହି ତା ନାହାଁନ୍ତି
ହବ ସବୁ ସମ୍ପତ୍ତିର ଅଧିକାର
ପ୍ରେମିକା କୁ ତାର କଥା ସେ ଦେଇଛି
ତାକୁ ଯିବନ ମୂହୁର୍ତ୍ତେ ଛାଡି
ଝୁରିଲେ ସେ ଝୁରୁଥାଉ
ଗାଁ ରେ ମୋ ମା ବୁଢୀ
ଦିନ କେଇଟାରେ ବୁଢି
ମଶାଣି ଭୁଇଁ କୁ ଯିବ
ଏମିତି ସୁଯୋଗ ମୋ ଭ୍ଗ୍ୟରେ କଣ
ବାରମ୍ବାର ଆସୁଥିବ ।
ଗାଁକୁ ଯିବାର ପ୍ରଶ୍ନ ଉଠୁନାହିଁ
ଗାଁ କୁ ମୋ ଦୁରୁ ଜୁହାର ।
ଆଇ ଲଭ୍ ଭୁବନେଶ୍ୱର ।

କଟଓ୍ୱାରିଆ ସରାଇ, ନୂଆ ଦିଲ୍ଲୀ

# ଜୀବନର ମାନେ



ଅରୁଣ କୁମାର ପାତ୍ର

ଜୀବନର ମାନେ ଏଠି
ଦୁଃଖ, କଷ୍ଟ ଓ ଯନ୍ତ୍ରଣା
ତଥାପି ବଞ୍ଚିବାକୁ ହେବ
ସହିବାକୁ ହେବ
କଷଣ, ପୀଡ଼ନ ଓ ତାଡ଼ନା ।
ହୋଇପାରେନା ସଂଘର୍ଷ
ବିନା ଦୁଇ ଆତ୍ମାର ମିଳନ
ସତରେ କହିବାକୁ ଗଲେ
ସବୁକଛି ଏଠାରେ
ମିଥ୍ୟା, ପ୍ରଲୋଭନ ଓ ଶୋଷଣ ।
ଜୀବନର ମାନେ ...
ସତ୍ୟ, ପ୍ରେମ ଓ ସୁନ୍ଦର
ବଞ୍ଚିବାଟା ଦୁର୍ବିସହ ଏଠି
ତଥାପି ...
ଜୀଇଁବାରେ ଅଛି ଆନନ୍ଦ ଅପାର ।
ଜୀବନ ପରିଧେ ଅଛି
ପୁରି ରହିଛି ଗ୍ଲାନ ନୈରାଶ୍ୟର ।
ଜୀବନ ନୁହେଁ ବର୍ଜ୍ୟ ବସ୍ତୁ
ଏହା ସତ୍ୟ, ବାସ୍ତବ ଏବଂ ମଧୁମୟ
ସବୁକଛି ଜାଣି ମଧ ଏ ମଣିଷ
ଧାଇଁଚ ମରିଚୀକା ପଥେ
ଉପେକ୍ଷା କରି

ସେହି ଚରନ୍ତନ ଧ୍ରୁବ ସତ୍ୟକୁ ।
ଜୀବନ ସଂଗ୍ରାମେ ବ୍ରତୀ ହୋଇ
ଜୀବନକୁ ଆମେ ଗଢ଼ିବା
ତିଳେମାତ୍ର ସନ୍ଦେହର ଅବକାଶ
ମନରେ ନ ରଖିବା ।
ଜୀବନ ଦେଇଛି ଅନେକ ଯନ୍ତ୍ରଣା
ରୋଗ, ଶୋକ, ଦୁଃଖ ଓ ସନ୍ତାପର
ତଥାପି ମଣିଷ ବଞ୍ଚିଛି
ବଞ୍ଚିବାର ଆଶା ନେଇ
ଆଗାମୀ ଭବିଷ୍ୟତ ପାଇଁ ।

ଶିକ୍ଷକ, କେନ୍ଦୁପଦର,
ଫୁଲବାଣୀ - ୭୬୨୦୦୧, କନ୍ଧମାଳ ( ଓଡ଼ିଶା)

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଜୀବନର୍ ଫିଲୋସଫି

ଦିନେଶ ମେହେର

ଜୀବନର୍ ମେଲ୍ ଧରସାଥି
ଉନ୍ମାଦ୍ ମଚଉଥିବାର୍
ସେ ବେରଙ୍ଗ୍ ରିସ୍ତା ମାନଙ୍କୁ
ମୁଇଁ ଭୁଲି ସାଏଲିନ.....।

ତମର୍ ଉକଆ ସହରର୍
ଝାପସା ମାନଚତ୍ରକେ
ମୁଇଁ ପଢି ସାଏଲିନ.....।

କହତ....?
ଇନ କେନ
ଥାବି ପାରିଛେ ପୁରଥିଟେ...?
ବିନ୍ ସ୍ୱର୍ଥର୍ କହିଥି....
ଅଟକେଇ ପାରିଛେ
କଂଗ୍ସ୍ ଧରସାଥି
ଧଡ୍ ଧଡ୍ ମାଡୁଥିବା କଂକ୍ରିଟ୍ ,
କ' କରଭୟା, ଅସିମାର୍ ଚକ୍ରାର୍ ,

କ, ସେ ସହିଦ୍ ଗାଗର୍ ,
ସେ ମାଁର୍ ସହିଦ୍ ଥନ୍ ,
ସେ ସହିଦ୍ ସିନ୍ଦୁର୍ ,
କ, ଅଟକେଇ ପାରିଛେ
ଭ୍ରାବର୍ ଅଭ୍ଵେ ବିଛଡ଼ୁଥିବାର୍
ଅଲହନ୍ ସଲହନ୍ ରିସ୍ତା ମାନଙ୍କୁ....
ଫିର୍‌ଭିଲ୍, ସକାଳ୍ ନୁ ସଂଜତକ୍
ସାଉଁଟବାକେ ପଡସି ଇନ
ବେଲଗାମ୍ ରିସ୍ତା ମାନଙ୍କୁ,
ମୁଖାର୍ ଚରିତ୍ର ମାନଙ୍କୁ,
ଜୀବନର୍ ଅନ୍ତ ତକ୍
ଅଥକ୍ ଅବିରତ୍.... ।

ଓଡିଆପାଲି, ଝାରସୁଗୁଡା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କ୍ଷୁଦ୍ରଗଳ୍ପ
# "ଧାନକଟା ଛୁଟି"



ବିନୟ ମହାପାତ୍ର

(1970 ଦଶକର ଏ କଥା- ବିଶେଷ କରି ମାଇନର ସ୍କୁଲରେ ପଢ଼ିବା ସମୟର । ମାଇନର କହିଲେ, ଚତୁର୍ଥ ଶ୍ରେଣୀରୁ ଆରମ୍ଭ କରି ସପ୍ତମ ଶ୍ରେଣୀ ଯାଏ । ସିଏ ଗୋଟିଏ ବୟସ ସମସ୍ତେ କହନ୍ତି ଛୋଟ ପିଲା, ଛୋଟପିଲା । ହାଇସ୍କୁଲ ହୋଇଗଲେ କୁଆଡେ ବଡପିଲା ହୋଇଯାଆନ୍ତି ! ସେ ବୟସରେ ସ୍କୁଲ ଛୁଟିକୁ ସବୁବେଳେ ଅପେକ୍ଷା ଥାଏ । ଛୁଟି ହେଲେ ବଡ ଖୁସି ଲାଗେ । ଡିସେମ୍ବର ମାସ ଶେଷ ଆଡକୁ ଠିକ୍ ଏକ୍ମ ମାସ ସମୟର ଏଇ ଛୁଟିଟା । ଆଜିକାଲିର ଏକ୍ସମାସ ଛୁଟି ଆଉ ଆମ ବେଳର ଧାନକଟା ଛୁଟି ଗୋଟିଏ । ବୋଧହୁଏ ସେତେବେଳେ ଶିକ୍ଷକମାନେ ନିଜ ଜମିରେ ଧାନ ଅମଳ କରନ୍ତି, ସେଥିପାଇଁ ହୁଏ ଏଇ ଛୁଟିଟା ।)

ସୂର୍ଯ୍ୟ ଉଇଁବା ଆଗରୁ ବାପା ଆସି ଉଠେଇ ଦିଅନ୍ତି, ଆରେ ଦି'ଭାଇଯାକ ଉଠରେ, ଆଜି ଧାନକଟା ହେବ ପରା । ହଳଧର ଆସି ସାରିଲିଣି (ହଳଧର ଆମର ହଳଆର ନାଆଁ ଥିଲା) । ସେ ବଳଦଙ୍କୁ ଖାଇବାକୁ ଦେଉଚ, ଜଲ୍ଦି ଉଠିପଡ ଦାନ୍ତ ଘଷି ପକାଆ । ମୋ ବଡଭାଇ ଆଉ ମୁଁ ଆମେ ଗୋଟିଏ ବଖରାରେ ଶୋଉ । ସଂଧ୍ୟାବେଳେ ମୁଁ ତ ବାପାଙ୍କ ଖଟରେ ଶୋଇଯାଏ, କିନ୍ତୁ ବଡ ଭାଇର ହାଇସ୍କୁଲ, ସେ ପଢାପଢି ସାରି ଡେରିରେ ଶୁଏ, ପଢା ସରିଲା ପରେ ରାତିରେ କେତେବେଳେ ଆସି ବାପାଙ୍କ ଖଟରୁ ମୋତେ ଉଠେଇ ନେଇଯାଏ । କେବେ କେବେ କାଖେଇକି, କେବେ ଚଲେଇ ଚଲେଇକି । ରାତିରେ କାଳେ ତାକୁ ଏକୁଟିଆ ଶୋଇବାକୁ ଡରଲାଗେ । ସେ ସମୟରେ ବିଜୁଳି ନଥିଲା । ଲଣ୍ଠନ ଆଲୁଅରେ ସବୁ କାମ । ଶୋଇଲା ପୂର୍ବରୁ ଲଣ୍ଠନ ଲିଭାଇ ଦିଆଯାଏ । ମୁଣ୍ଡ ପାଖରେ ଟର୍ଚ୍ଚ ଆଉ ଦିଆସିଲ ରଖାଯାଏ, ରାତିରେ ଏମରଜେନ୍ସି ପାଇଁ ।

ବାପା ଉଠେଇଦେଇ ଚାଲି ଯାଆନ୍ତି, ମୋ ନିଦ ଭାଙ୍ଗିଯାଏ, ମୁଁ ବଡ ଭାଇକୁ ଉଠାଏ । ଉଠ, ବାପା ଡାକଲେଣି, ଧାନକଟେଇବାକୁ ଯିବା ପରା ! ବଡ ଭାଇ ଟିକେ ପରଫେକ୍ସନିଷ୍ଟ, ମାନେ ସବୁ କାମ ଧିରେ ସୁସ୍ଥେ ଆରାମରେ କରନ୍ତି, ରେଜଲ୍ଟଟା ପରଫେକ୍ଟ ଥାଏ । ନିଦରେ ବି ସେମିତି, ଓଲଟି ମୋତେ କହିଲେ ଶୋଇପଡ । ସକାଳ ହେଇନି । ଡେରି ହେଲେ ବାପା ଆମକୁ ଆଉ ପଠେଇବେନି । ଛୁଟି ଅଛି ଘରେ କ୍ୟାରମ ଖେଳିବା । ମୁଁ କିନ୍ତୁ ଉଠି ପଡିଲି, ବଡ ଭାଇକୁ ଜାଣିଶୁଣି ଆଉ ଉଠାଇଲିନି । ସଇତାନର ଦିମାଗ ! ମନେମନେ ଭାବିଲି, ବଡ ଭାଇ ବୋଲି ସବୁ ବେଳେ ସବୁ କାମରେ ଦାଦାଗୀରି ଦେଖାନ୍ତି । ତୁ ଛୋଟ ପିଲା, ଏମିତି କରନା ସେମିତି କରନା । ବାପାଙ୍କ ସାଇକେଲ ବି ଛୁଇଁବାକୁ ଦିଏନି, ନିଜେ ଶିଖିବା ପାଇଁ ନେଇ ପଳାଏ । କହିବ ତୁ ଛୋଟପିଲା ତୋ ଉପରେ ସାଇକେଲ ଖସି ପଡିବ, ତୁ ସମ୍ଭାଳି ପାରିବୁନି, ଖସି ପଡିଲେ ଗୋଡ ହାତ ଖଣ୍ଡିଖାବରା ହୋଇଯିବ । କେବେ କେବେତ ଏମିତି ମଉକା ମିଳେ ବାପାଙ୍କ ଠାରୁ ତାକୁ ଗାଳି ଶୁଣେଇବାକୁ । ମୁଁ ଦାନ୍ତ ଘଷି ରେଡି ହୋଇ ବାପାଙ୍କ ପାଖରେ ପହଞ୍ଚିଯାଏ । ବାପାଖୁସି ହୋଇ ଯାଆନ୍ତି, କହନ୍ତି ଗୁଡ ବୟ, ପଚାରନ୍ତି ଭାଇ କୁଆଡେ ଗଲା ? ମୁଁ କହେ ତାକୁ ଉଠାଇଲି ସେ ଉଠିଲାନି । ବାପା ନିଜେ ଯାଇ ତାକୁ ଆଉଥରେ ଉଠାନ୍ତି ଏବଂ କହନ୍ତି ହଳଧରକୁ ଡେରି ହେଉଛି, ମୂଲିଆ ଆସି ବିଲ ମୁଣ୍ଡରେ ପହଞ୍ଚି ସାରବେଣି । ତୁ ଦାନ୍ତକାଠି ନେଇଯା, ସେଇଠି ଘଷି ପକେଇବୁ । ମାଆ ଗୋଟାଏ ମୁଣିରେ ତିନିଚାରି ମାଣ ମୁଢି ବାଦାମ ପିଆଜ ରଖି ଆଣି କହେ ଏଇନିଅ, ରାସ୍ତାରେ ଦି'ଜଣ ଖାଇଖାଇ ଯିବ । ଭଲ କ ଖରାଆସିଲେ ପଖାଳ ଆଳୁଭଜା ଆଉ ସୁକୁଆ ଭଜା ଦେଇଛି, ବିଲରେ ଦି'ଭାଇ ବସି ଖାଇବ, ଝଗଡା କରିବନି । ଦି ପହର ଖାଇବା ମୁଁ ସେବତୀ ହାତରେ ପଠେଇ ଦେବି ( ସେବତୀ ହଳଧର ଦାଦାଙ୍କ ଝିଅ, ସେ ବି ଆମ ଘରେ କାମରେ ମାଆକୁ ସାହାଯ୍ୟ କରେ) । ବଡ ଭାଇ ଆଡକୁ ଚାହିଁ କହିଲେ, ତୁ ସାଙ୍ଗରେ ଯାଉଚୁ ସାନର ଖୟାଲ ରଖିବୁ, ଜାଣିଚୁ ସେ କେତେ ଦୁଷ୍ଟ । ଏଇଟା କହି ମୋ ଆଡକୁ ଇସାରା କରିଦିଅନ୍ତି । ମୁଁ ଫିକ୍ କିନା ହସିଦିଏ, ବଡଭାଇ ନିଦ ଆଉ ରାଗରେ ମୋ ମୁହଁକୁ ଚାହିଁ କହନ୍ତି, ତୁ ମୋତେ କାହିଁକି ଉଠେଇଲୁନି । ବାପା ମୋତେ ରାଗିଲେ, ଅଳସୁଆ କହିଲେ । ମୁଁ ଖୁସିରେ ଟିକେ ହସିଦେଇ କହେ ମୁଁ ତ ଉଠେଇଥିଲି ତୁ ଉଠିଲୁନି ମୁଁ କଣ କରିଥାଆନ୍ତି । ଏଇ ସମୟରେ ହଳଧର ଡାକେ ଚାଲ ସାନବାବୁମାନେ,

ଶଗଡ ଜୋଚ ସାରିଲିଣି । ଶଗଡରେ ବସୁବସୁ ମୁଁ ମୁଢି ବାଦାମ ଖାଇବା ଆରମ୍ଭ କରିଦିଏ, ବଡଭାଇ କହେ, ଆରେ ପେଟୁ, ସବୁ ଖାଇବୁନ, ମୋ ପାଇଁ ରଖିବୁ । ଶଗଡଗାଡି ଧକଡ କଚଡ ହୋଇ ଆଗକୁ ମାଡିଗଲେ ।

ଆଜି ଭାବିଲେ ବାପାଙ୍କ ଦୂରଦୃଷ୍ଟି କଥା ମନକୁ ଆସେ । ପିଲାଦିନେ ଲାଗୁଥିଲା ଧାନ କଟା ସମୟରେ ହଳଆ ମୂଲିଆ କାଳେ ଧାନ ଚୋରି କରିନେବେ, ସେଥିପାଇଁ ତାଙ୍କ ଉପରେ ଦୃଷ୍ଟି ରଖିବାକୁ ପଠାଉ ଥିଲେ । କିନ୍ତୁ ଆଜି ଠିକ୍ ଠିକ୍ ବୁଝିହୁଏ ତାଙ୍କ ଉଦ୍ଦେଶ୍ୟ । ପିଲାଟି ଦିନରୁ ମାଟି ସହିତ ଜୋଡିହୋଇ ରହିବାର ଟ୍ରେନିଂ ଥିଲା ସେସବୁ । ପିଲାଏ ଜାଣନ୍ତୁ, ଆମର ଜମି କେଉଁଠି କେଉଁଠି । ମଣିଷ ମାଟି ସହିତ ମାଟି ହୋଇ କେତେ ପରିଶ୍ରମ କଲେ ଖାଇବା ଗଣ୍ଡାକ ଘରକୁ ଆସେ । ଥାଳିଏ ଭାତ ପଛରେ କେତେ ଲୋକଙ୍କର ପରିଶ୍ରମ ଲାଗିଛି ! ତେବେ ଯାଇ ସିନା ମଣିଷ ଭାତ ମୁଠାକର ମହତ୍ୱ ବୁଝିପାରିବ । ଆଜି ଟଙ୍କାଦେଇ ସପିଙ୍ଗ ମଲରୁ ଚାଉଳ କି ଡାଲି କି ପନପରିବା କିଣିବା ବେଳେ କିଏ କଣ ଭାବେ, ଏ ଚାଉଳ, ଡାଲି ଗଣ୍ଡାକ ପଛରେ କାହାର, କାହାର କେତେ ଝାଳ ବୋହିଛି ! ଖାଲି ହିସାବ ହୁଏ ଅମୁକ କମ୍ପାନୀର ଚାଉଳ ଏତେ ସରୁ ଏତେ ଲମ୍ବା ଆଉ ଏତେ ବେଶି ବାସ୍ନା । ଚାଷି ତ କେବେ ମନେ ପଡେନା । ତାଛଡା ଆମ ଦି ଭାଇଙ୍କୁ ଏକାଠି ପଠାଇବା ପଛରେ କଣ ଉଦ୍ଦେଶ୍ୟ ଥାଏ ? ଯେମିତି ଆଗରୁ କହିଛି, ବଡ ଭାଇ ଟିକେ ଧୀର ସ୍ଥିର ମୁଁ କିନ୍ତୁ ତାଙ୍କର ଓଲଟା, ପୁରା ଦୁଷ୍ଟ, ଚାଲିଗଲା ଶଗଡ ଚକରେ ହାତ ମାରିବା ପିଲା । ଆମେ ଦିଜଣ ସାଥିରେ ରହିଲେ ସେ ମୋ ଚଞ୍ଚଳତାକୁ ନିୟନ୍ତ୍ରଣ କରିବେ, ଆଉ ମୁଁ ତାଙ୍କର ଅଳସୁଆ ପଣକୁ ଚଞ୍ଚଳତାରେ ପରିବର୍ତ୍ତିତ କରିବି, ମାନେ ମୁଁ ଦୁଷ୍ଟ ହେଲେ ଗୋଡେ ଗୋଡେ ମୋତେ ଜଗିବେ ଆଉ ନଜର ରଖି ମୋ ପଛେ ପଛେ ଗୋଡଉ ଥିବେ । ତା ଛଡା ଭାଇ ଭାଇର ସମ୍ପର୍କ ଆହୁରି ନିବିଡ ହେବ ।

ଘର ପାଖରୁ ଆମ ଜମି ପ୍ରାୟ ତିନ ଚାରି କିଲୋମିଟର ଦୂର । ଆମ ଜମି ଜଙ୍ଗଲ ପାଖା ପାଖି । ଆଉ ସେଠାକୁ ଯିବାପାଇଁ ପକ୍କା ସଡକ ନଥାଏ । ଦୁଇ କିଲୋମିଟର ଦୂର କଚ୍ଚା ରାସ୍ତାରେ ଗଲା ପରେ ଜମି ସବୁ ଆରମ୍ଭ, ଆଉ ରାସ୍ତା ନଥାଏ ଆମ ଜମି ପାଖକୁ ଯିବା ପାଇଁ। ସେଇଥି ଲାଗି ଯେଉଁ ଯେଉଁ ଜମିର ଧାନ କଟା ସରି ଯାଇଥାଏ, ସେଇ ସବୁ ଜମି

ଭିତରେ ଶଗଡକୁ ବୁଲେଇ ବୁଲେଇ ନେବାକୁ ହୁଏ । ବର୍ଷା ଦିନେ ଜମିର ହୁଡା ଏକ ମାତ୍ର ରାସ୍ତା, ତେଣୁ ଆମ ଜମିର ଦୂରତା ଋତୁ ହିସାବରେ କମ୍ ବେଶି ହୋଇଥାଏ । ମୁଢି ଖାଇ ଶୋଷ ଲାଗିଲା, ପାଣି ବୋତଲଟା ଉଠେଇଲା ବେଳେ ଭାଇ କହିଲେ ଏବେ ପାଣି ପିଇନା, ମାଆ କହେନ, "ଖାଆ ମୁଢି ପିଇ ପାଣି, ବାପା ଯାଇଛି ବଇଦ ଆଣି"। ମୁଢି ଖାଇ ପାଣି ପିଇଲେ ଜ୍ୱର ହେବ । ମୁଁ କିନ୍ତୁ ବୋତଲଟା ଛଡେଇବା ଆରମ୍ଭ କରିଦିଏ, ଭାଇ କହନ୍ତି, ଆରେ ରହ ଦେଉଚ, କିନ୍ତୁ ଅଳ୍ପ ମାନେ ଢୋକେ ପିଇବୁ । ତୁ ଯେମିତି ଛଡଉଚୁ, ଖସି ପଡିଲେ କାଚ ବୋତଲଟା ଭାଙ୍ଗିଯିବନ ? ଆଉ କେଉଁଠି ପାଣି ମିଳବନ ପିଇବାକୁ, ଜାଣିଚୁନା ?

ସେତେବେଳେ ଆଜିର ୱାଟର ବଟଲ ନଥିଲା । ଯାହା ବି ବୋତଲ ଥିଲା ସବୁ କାଚର । ସବୁ ପାଣିଆ ଜିନଷ କାଚ ବୋତଲରେ ମିଳୁଥିଲା । ସେ ଶୋରିଷ ତେଲ ହେଉ ବା ଟନକ୍। ସେତେବେଳେ କାଗଜ ଠୁଙ୍ଗା ଆଉ କାଚ ବୋତଲ । ମୁଢି କିଣିବାକୁ ଗଲେ ବ୍ୟାଗ ନେଇଯାଅ ନହେଲେ କାନି ପତାଇ ଦିଅ । ତେଲ କି ଘିଅ କିଣିବାର ଅଛି ତ ଘରୁ ଜାଗା ନେଇକରି ଯାଅ । କିନ୍ତୁ ଆଜି ତ ଖାଲି ହାତରେ ବଜାର ଯାଅ, ପଲିଥିନରେ ସବୁ ବୋହିଆଣ । ପାଣି ବି ପାଉଚ, ଖିର ବି, ଦହି ବି । ବଜାରରୁ ବରା ଘୁଗୁନି ଆଣିଲେ ପଲିଥିନ୍ ରେ ପ୍ୟାକ କରି ଦେଉଛନ୍ତି, ଜଣା ନାହିଁ ସେ ପରିଷ୍କାର ଅଛି କି ନାହିଁ । ତାଛଡା ପଲିଥିନ ସାଇତିବା ବି ଦରକାର ନାହିଁ । ଏଠି ସେଠି ଯେଉଁଠି ଇଚ୍ଛା ଫୋପାଡି ଦିଅ । ତେଣିକି ଗାଈ ଖାଇକି ମରୁ କି ନାଳ ଜାମ ହୋଇଯାଉ କାହାର ବା କଣ ଯାଉଛି । ଏସବୁ ଚିନ୍ତା କରିବା କଣ ଆମର କାମ ? କାହା ପାଖରେ ଏତେ ସମୟ ଅଛି ଏସବୁ ଭାବିବାକୁ । ସେସବୁ ସରକାରଙ୍କ କାମ । ଖାଲି କହିବା ଶୁଣିବା ଆଉ ପଢିବା ପାଇଁ ଅଛି 'ପରିମଳ ପରିବେଶ'ର କଥା ।

ଶେଷରେ ଘଣ୍ଟାଏ କାଳ ଶଗଡରେ ଧକଡ କଚଡ ହୋଇ ପହଞ୍ଚି ଗଲୁ ଜମି ପାଖରେ । ଶଗଡରୁ ଓହ୍ଲାଇ ଟିକେ ଅଣ୍ଟା ସଳଖ କରିନେଲୁ । ଜମି ମାଲିକ ପଣିଆରେ ଆଖି ବୁଲେଇ ଆଣିଲି ଗୁରିପଟରେ । କହିଲି ହଳଧର ଦାଦା, ସେ ଉପର ପୋଖରୀରେ କେତେ ପାଣି

ଅଛି ଏବର୍ଷ ? ( ମାଆ ସବୁବେଳେ ଶିଖାଏ ସମସ୍ତଙ୍କ ସହିତ ସମ୍ମାନର ସହିତ ବ୍ୟବହାର କରିବାକୁ, ହଳଧର ଆମ ହଳଆ ହେଲେ କଣ ହେବ, ସେ ବୟସରେ ଆମଠାରୁ ବହୁତ ବଡ, ତାଛଡା ସେ ଆମ ଘରର ବହୁତ ପୁରୁଣା ଚାକର, ଆମକୁ କୋଳେଇ କାଖେଇ ମଣିଷ କରିଛି, ବହୁତ ଜତ୍ନ କରେ ଆମର, ତେଣୁ ତାଙ୍କୁ ଦାଦା ଡାକୁ) । ଆମ ଜମି ଉପରେ ଗୋଟିଏ ଛୋଟ ପୋଖରୀ, ଜେଜେ ଖୋଳେଇ ଥିଲେ । ଇନ୍ଦ୍ରଦେବତାଙ୍କ ଉପରେ ତାଙ୍କର ଭରଷା ନଥିଲା । ତେଣୁ ବର୍ଷା ପାଣିକୁ ସଞ୍ଚୟ କରି ଦରକାର ବେଳେ ବ୍ୟବହାର କରିବାକୁ ଏଇଟା ତାଙ୍କର ଯୋଜନା ଥିଲା । ଯେଉଁ ବର୍ଷ ଅଧିକ ବର୍ଷା ହୁଏ ଏଥିରେ ପାଣି ବର୍ଷସାରା ରହେ । ଆଗରୁ ଜଙ୍ଗଲରୁ ହରିଣ କୁଟୁରା ବାଘ ପର୍ଯ୍ୟନ୍ତ ଏଠିକୁ ପାଣି ପିଇବାକୁ ଆସୁଥିଲେ। ଜେଜେ ଏଇ ପୋଖରୀ ହୁଡାରେ ବସି କେତେ ହରିଣ ଶିକାର କରିଛନ୍ତି ବୋଲି ବାପା କହନ୍ତି । ଥରେ ତ ବାଘ ହାବୁଡରେ ପଡିଯାଇଥିଲେ ଏଇ ପୋଖରୀ ହୁଡାରେ, ସେ ଲମ୍ବା କାହାଣୀ ପରେ କେବେ କହିବି, ଶୁଣିବେ । ଏବେ ଆଉ ସେ ଜଙ୍ଗଲ ନାହିଁ, ଏଇଠାରୁ ପାଞ୍ଚ, ସାତ କଲୋମିଟର ପଛକୁ ଘୁଞ୍ଚି ଗଲାଣି ଜଙ୍ଗଲ । ହେଲେ ଆଜି ଆଉ ସେ ଜଙ୍ଗଲ କାଇଁ, ନାଆଁ ଖାଲି ଜଙ୍ଗଲ । ସେଇ ଶାଳ ପିଆଶାଳ କ ବାଉଁଶ ଜଙ୍ଗଲ ସବୁ କେବେଠାରୁ କଟା ସରିଲାଣି । ସରକାରୀ ରେକର୍ଡରେ ଖାଲି ଜଙ୍ଗଲ । ଦେଶର ସବୁଆଡର ଜଙ୍ଗଲ ସବୁ ନଷ୍ଟ, ସେଇଥି ପାଇଁ ତ ଆଜି ଏତେ ଖରା ଆଉ ଗରମ ହେଉଛି, ବର୍ଷାର ତ ଠିକଣା ନାହିଁ ଏମିତି ଜଙ୍ଗଲ ନଷ୍ଟ ହୋଇ ଚାଲିଲେ ସବୁ କଛି ଜଳିଯିବ ଶେଷରେ, ଟୋପିଏ ପାଇବା ପାଣି ପାଇଁ ହା'ହା କାର ପଡିଯିବ ସାରା ସଂସାରରେ ।

ହଳଧରଦାଦା କହିଲେ ସାନବାବୁ, ଏବର୍ଷ କାଇଁ ବର୍ଷା ହେଇଚ ଭଲକ ! ଯାହା ପାଣି ଥିଲା ଧାନ ପାଚବା ସମୟରେ ମଡେଇ ଦେଇଥିଲି, ଏବେ ସୁଖି ଆସିଲାଣି । କୋଉଠି କୋଉଠି ପଙ୍କ କାଦୁଅ ଥିବ ଯଦି ଥିବ । ମୋର ମନେ ପଡିଗଲା ଗତ ବର୍ଷ କଥା । ସେତେବେଳେ ବି ସୁଖି ଯାଇଥିଲା ପୋଖରୀଟା, ହେଲେ ସେ ପଙ୍କରେ କେତେ ଗଡିଶା ମାଛ ସାଲୁବାଲୁ ହେଉଥିଲେ ! କଦୁଅରେ ପଶି ମୁଁ କଲୋକରୁ ଅଧିକ ମାଛ ଧରିଥିଲି । ମାଆତ ବହୁତ ଖୁସି ହୋଇଯାଇଥିଲେ, ରାତିରେ ସମସ୍ତେ ମଜାରେ ଖାଇଲେ, ହେଲେ ବାପା ଭୀଷଣ ରାଗିଥିଲେ ମୋ ଉପରେ । କହିଲେ କାଦୁଅରେ କାହିଁକି ପଶିଲୁ ? ଯଦି ସାପ କ ଆଉ କଣ ଥାଆନ୍ତା

କଣ ହୋଇଥାନ୍ତା ? ଆଗକୁ ସେମେତି ଆଉ କେବେ କରିବୁନ । ହେଲେ ମୁଁ ବାପାଙ୍କ ରାଗକୁ ମନେ ପକାଇବାକୁ ଚାହୁଁ ନଥିଲି । ମୋତେ ଲାଗୁଥିଲା ଯେପରି ପୋଖରୀ ପଙ୍କରେ ଗଡିଶା ମାନେ ମୋତେ ହାତଠାରି ଡାକୁଛନ୍ତି, ତାଙ୍କୁ ସେଠାରୁ ଉଦ୍ଧାର କରି ସ୍ୱର୍ଗକୁ ପଠାଇବାର ବନ୍ଦୋବସ୍ତ କରିବାକୁ ।

ସୂର୍ଯ୍ୟ ଉଇଁ ସାରେଲାଣି କେତେବେଳୁ । ହେଲେ ଘରପାଖ ସୂର୍ଯ୍ୟ ଆଉ ଜମି ପାଖ ସୂର୍ଯ୍ୟ କେତେ ଅଲଗା ସତରେ । ଘରପାଖ ସୂର୍ଯ୍ୟ ବୀର ସୈନିକଟିଏ, ହେଲେ ଶତ୍ରୁପକ୍ଷର ବନ୍ଦିଶାଳାରେ ବନ୍ଦି ହୋଇ ଯାଇଛି । ଚାରି ପାଖରେ ଉଞ୍ଚା ଉଞ୍ଚା ପାଚେରୀରେ ଘେରା ବନ୍ଦିଶାଳା, କିନ୍ତୁ ଜମି ପାଖର ସୂର୍ଯ୍ୟ ସତେ ଅବା ଚଗଲା ପିଲାଟିଏ, ଉନ୍ମୁକ୍ତ ବିସ୍ତିର୍ଣ୍ଣ ପ୍ରାନ୍ତର ଦିଗନ୍ତ ବିସ୍ତାରୀ ଖୋଲା ଆକାଶ, କେଉଁ ଶାଳଗଛ ଆଢୁଆଳରୁ ଉଙ୍କି ମାରି କହୁଛି ମୋତେ ଖୋଜ, ମୁଁ କେଉଁଠି ଲୁଚଛି ଦେଖ, ସତେବା ଲୁଚକାଳି ଖେଳର ମଜ୍ଜା ନେଉଛି ସୂର୍ଯ୍ୟ । ମନ ପୁଲକିତ ହୋଇ ଉଠିଲା, ଶିତ ସକାଳର କଅଁଳ ଖରା, ସୁଲୁ ସୁଲୁ ଶୀତଳ ପବନ, ଲାଗୁଥିଲା ଯେମିତି ମୁଁ ସୂର୍ଯ୍ୟ ସାଥେ ସାଥେ ମୁକ୍ତ ଆକାଶରେ ଉଡୁଛି । ଜମି ହୁଡାରେ, ପାଚିଲା ଧାନର ହଳଦିଆ ପଡି ଆସିଥିବା ପତ୍ରରେ ଜମା ହୋଇଥିବା କାକର ବିନ୍ଦୁ ଉପରେ ସକାଳ ସୂର୍ଯ୍ୟର ନାଲିଆ କିରଣ, ସତେବା ମୁକ୍ତା ବିଛାଡି ହୋଇ ଯାଇଛି ପୃଥିବୀ ସାରା । ଏ ଅନୁଭୂତିକୁ ଶବ୍ଦରେ ଗୁନ୍ଥିଦେବା ସମ୍ଭବ ନୁହେଁ । ଏ ଦୃଶ୍ୟକୁ ଗପରେ ପଢି ଅଥବା କଳ୍ପନାରେ ଉପଭୋଗ କରି ହୁଏନା । ସେ ସମୟରେ ସେହି ସ୍ଥାନରେ ଥାଇ ଏସବୁ ଅନୁଭବ କରିହୁଏ, ତାର ଆନନ୍ଦ ନେଇ ହୁଏ ।

ବଡଭାଇ ଛଣ ଛପର କୁଡିଆ ସାମ୍ନାର ବସି ମୁଢି ବାଦାମର ମଜା ନେଉଥିଲେ । ଏଇ କୁଡିଆଟି ଜମିପାଖ ପଡିଆଟାରେ ରାତିରେ ଖେତ ଜଗିବା ପାଇଁ ତିଆରି ହୋଇଥାଏ । ଏଇ ପଡିଆଟାକୁ କେନ୍ଦୁ ପଡିଆ କହନ୍ତି । କେନ୍ଦୁ ପଡିଆର ଶେଷ ସନ୍ତକ ଥୁଣ୍ଟା କେନ୍ଦୁ ଗଛଟିଏ ଠିଆ ହୋଇଛି । ଏଇ ପଡିଆ କେନ୍ଦୁଗଛରେ ଭରା ଜଙ୍ଗଲଟିଏ ଥିଲା ବୋଲି କହିବାକୁ ଶେଷ ସାକ୍ଷୀ ଭାବରେ ବଞ୍ଚି ରହିଛି, ଆଉ ତାଆରି ତଳେ ଏଇ କୁଡିଆଟା । ଗୋଟାଏ କଡକୁ ଜମା ହୋଇଛି କୁଢେ ଅଙ୍ଗାର, ପାଉଁଶ ଆଉ ଅଧାଜଳା କାଠ ଗଡଟାଏ । ରାତିରେ କୁଟୁରା, ହରିଣ, ସମ୍ବର ଆସି ଖେତ ଉଜାଡି ଯାଆନ୍ତି, କେବେ କେବେ ହାତୀ ପଲ ବି ଆସନ୍ତି ।

ବିଚରା ଜଙ୍ଗଲି ପଶୁ ଯିବେ କୁଆଡେ ? ମଣିଷ ତ ସବୁ ସ୍ଥାନରେ ନଜର ଆସ୍ଥାନ ଜମେଇବାରେ ବ୍ୟସ୍ତ । ଏମିତିକି ଜଙ୍ଗଲି ପଶୁ ମାନଙ୍କର ଘରକୁ ବି ଜବର ଦଖଲ କରି ସାରିଲାଣି । ଖେତ ଉଜାଡି ରହିବାକୁ ଘର ତିଆରି କଲାଣି । ମଣିଷ ଭୂଲି ଯାଇଛି, ଭଗବାନ ମଣିଷକୁ ପେଟଟିଏ ଦେଇଛି ବୋଲି । ଆଉ ପେଟ ଭରିବାକୁ ଆହାରର ଆବଶ୍ୟକ । ମଣିଷ ଭାବୁଛି ପଇସା ଅଛି, ସବୁ କଛି ବଜାର ରେ ମିଳଯିବ କଣିବାକୁ । କନ୍ତୁ କେମିତି ? ଗୃଷ ହେବନ ତ ଧାନ ଗହମ ଡାଲି ପନ ପରିବା ଆସିବ କେଉଁଠୁ?

ମୋ ପେଟର ମୁଢି ବାଦାମ କେତେବେଳୁ ହଜମ ହୋଇ ସାରିଲାଣି କନ୍ତୁ ବଡଭାଇ ଏଯାଏ ମୁଢି ଖାଇବା ସାରି ନାହାନ୍ତି । ପଖାଳ ଖାଇବାକୁ କହିଲେ, କହିବେ ପେଟୁ, ଧାନକଟା ଦେଖିବାକୁ ଆସିଛୁ ନା ଖାଇବାକୁ ? ଆଉ କଛି ଗୃରା ନାହିଁ । ତାଙ୍କର ମୁଢି ହଜମ ହେବା ଯାଏ ଅପେକ୍ଷା କରିବାକୁ ହେବ । ହେଲେ କାଲିରାତିର ବେସର ମସଲା ଦିଆ ଖାରପାଣିଆ ଆଉ ଚୁଙ୍ଗୁଡି ସୁଖୁଆର ସ୍ୱାଦ ମନେ ପଡି ଯାଉଛି । ଆଉ ଲୋଭ ସମ୍ଭାଳ ହେଉନ । ଚୁପ୍ ଗୃପ କୁଡିଆ ଭିତରକୁ ଯାଇ ପଖାଳ ଥିବା ଟିଫିନ ଖୋଲିଲି । ସବା ଉପରଥାକରେ ଅଛି ଖାରପାଣିଆ ଆଉ ଚୁଙ୍ଗୁଡି ସୁଖୁଆ ଭଜା । ଚୁପକରି ଖାରପାଣିଆ ସୁକୁଆର ଲାଞ୍ଜ ଆଉ ଭାଙ୍ଗି ପାଟିରେ ପକେଇ ଟିଫିନ ବନ୍ଦ କରି ବାହାରକୁ ଆସିଲି । ସମ୍ନାରେ ବଡଭାଇ ଠିଆ, କଣ କରୁଥିଲୁ ଟିଫିନ ଖୋଲି? ପେଟୁ, ଟିକେ ଅପେକ୍ଷା କରି ପାରୁନୁ? ଟିକେ ରହି ଯାଆ, ଅଧଘଣ୍ଟା ପରେ ଖାଇବା । ମନ ମୋର ପଖାଳ ଟିଫିନ୍ ପାଖରେ ଅଟକ ରହିଥାଏ । ଖାଇ ସାରିଲେ କପରି ଯାଇ ପୋଖରୀ ପଙ୍କରୁ ଗଡିଶା ଧରିବି ସେଥିପାଇଁ ମନ ଉଚ୍ଛନ୍ନ । ମନେ ମନେ ଭାବୁଥାଏ ଆଜି ଗତବର୍ଷ ଅପେକ୍ଷା ଅଧିକ ଗଡିଶା ନେଇକରି ଯିବି ଘରକୁ । ବାପାଙ୍କ ଠାରୁ ଗାଳ ଶୁଣିବାକୁ ପଡିବ । ହେଲେ ନଜ ପୋଖରୀ ଆଉ ନଜେ ଧରିଥିବା ତାଜା ଗଡିଶାର ସୁଆଦ ଆଗରେ ଏ ଗାଳର ସୁଆଦ ଫିକା ପଡିଯାଏ ।

କଟ୍ ସ୍କୋୟାର, ପଟିଆ
ଭୂବନେଶ୍ୱର, ଓଡିଶା

# ସହର ଜଳୁଛି



ଜୟପ୍ରକାଶ ଦୁରିଆ( ରମଣ)

ଅନ୍ଧ ସମାଜର ଚକ୍ରବ୍ୟୁହରେ, ବନ୍ଧା ପଡିଛି ଏ ଜାତି
ଉଚ୍ଚ ନୀଚ ର ଭେଦଭାବ ପାଇଁ, ଲଢୁଛନ୍ତି ଦୁଇ ରଥି,
ଏ କି କଦର୍ଯ୍ୟ ନୀତି....କେବେ ଲୋପ ପାଇବ
ଏଇ ଘୃଣ୍ୟ ପ୍ରଜାତି..... ॥୧॥

ଆଜି ମାନବ ମାନବ ମଧ୍ୟରେ ଶତୃତା ବୃଦ୍ଧି ପାଇଛି
ତାଙ୍କ ଭିତରେ ଧସେଇ ପସିଛି ଛୁଆଁ ଅଛୁଆଁ ଅନୀତି,
ଏ କି କଦର୍ଯ୍ୟ ନୀତି
କେବେ ଲୋପ ପାଇବ.....ଏଇ ଘୃଣ୍ୟ ପ୍ରଜାତି ॥୨॥

ସମୟ ସ୍ରୋତେ ଭାସି ଯାଉଥିଲା, ଜାତି ପ୍ରଥାର କୁନୀତି
ଧନ୍ୟରେ ସରକାର ମନେ ପକାଇଲୁ, ଭ୍ରଷ୍ଟ ହେଲା କି ତୋ ମତି,
ଏ କି କଦର୍ଯ୍ୟ ନୀତି....
କେବେ ଲୋପ ପାଇବ.....ଏଇ ଘୃଣ୍ୟ ପ୍ରଜାତି ॥୩॥

ଦେଶସାରା ଆଜି ଡିମ୍ବିର ପିଟୁ, ଉଠାଇବି ଏଟ୍ରୋସିଟି
ତୋ ପାଇଁ ଆଜି ସୁଶାନ୍ତ ଜନତା, ବିଦ୍ରୋହରେ ମାତିଛନ୍ତି
ଏ କି କଦର୍ଯ୍ୟ ନୀତି.....
କେବେ ଲୋପ ପାଇବ.....ଏଇ ଘୃଣ୍ୟ ପ୍ରଜାତି..... ॥୪॥

ଯାନ ବାହନ, ବାଣିଜ୍ୟ, ପାଠରେ, ପ୍ରତ୍ୟେକ କ୍ଷେତ୍ରରେ କ୍ଷେତ୍ରରେ କ୍ଷତି
ଧନ ଜୀବନ ନଷ୍ଟ ହୁଏ ଆଜି, କାହାକୁ ମିଳୁନ ଶାନ୍ତି
ଏ କ କଦର୍ଯ୍ୟ ନିତି.....
କେବେ ଲୋପ ପାଇବ.....ଏଇ ଘୃଣ୍ୟ ପ୍ରଜାତି ॥୫॥

ନିଜ ହକ୍ ପାଇଁ ଲଢୁଛି କଏ, ଆଉ କଏ ଦବାଉଛି
ହିଂସା ମନୋଭାବ ସଭିଙ୍କ ମନରେ, ଖାଲି "ସହର ଜଳୁଛି",
ଏ କ କଦର୍ଯ୍ୟ ନିତି....
କେବେ ଲୋପ ପାଇବ.....ଏଇ ଘୃଣ୍ୟ ପ୍ରଜାତି ॥୫॥

ନୂଆପଡା, ଓଡିଶା

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।**

**www.editor.vedantimagazine@ gmail.com**

# ଯନ୍ତ୍ରଣା



କ୍ଷୀରୋଦିନୀ ବେହେରା ( ସ୍ୱପ୍ନା)

ତମ ନିରବତା ମୋତେ
ଖୁବ୍ କଷ୍ଟ ଦିଏ
ଯେମିତି ଉତ୍ତର ଅମେରିକାର ମରୁଭୂମି
ତା'ଠୁ ଅଧିକା କଷ୍ଟ ଦିଏ
ଯନ୍ତ୍ରଣାକୁ ଲୁଚେଇବାର
ତମର ସେ ନିରୀହ ପ୍ରୟାସ...
ସତରେ ମୋତେ ଖୁବ୍ କଷ୍ଟ ଦିଏ ।

ତମ ହୃଦୟ ହୋଇପାରେ
ସମୁଦ୍ର ଠୁ ଅଧିକ ଗଭୀର
କିନ୍ତୁ ମୋ ଅଭିନବ ପ୍ରୟାସ ପାଖରେ
ଖୁବ୍ ଛୋଟ ତମ ଏଇ
ମହାନତାର ବିରାଟ ଇସ୍ତାହାର ।

ତମେ ହୁଏତ ବୁଝିପାରିବନି
କେମିତି କଟୁଛି ଏଠି

ମୋ ସଂଜ ସକାଳ
ହୁଏତ ବୁଝିପାରିବନ ତମେ
ମୁଁ ତମପାଇଁ କାହିଁକି ପାଗଳ ।

ମୁଁ କିନ୍ତୁ ବୁଝିଛି ସଖା
ଶ୍ୱାଶତ ପ୍ରେମ ହିଁ ବିଫଳ
ପ୍ରେମକୁ ପାଇବା ଅପେକ୍ଷା
ଭୋଗିବାର ଧୃଷ୍ଟତା ହିଁ
ପ୍ରେମିକାର ପୂର୍ଣ୍ଣ ଭାଗ୍ୟଫଳ ।

ଭୁବନେଶ୍ୱର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବର୍ଷା ତମେ ଆସ

ମୂଳଲେଖା – ସୁଧାଂଶୁ ଶେଖର ପାତ୍ର
ଅନୁବାଦ – ଜ୍ୟୋତିର୍ଦିତ୍ୟ ପୁଝାରୀ



ଜ୍ୟୋତିର୍ଦିତ୍ୟ ପୁଝାରୀ


ବର୍ଷା ତମେ ଆସ
ଫୁଟପାଥରେ ଚହଲୁଥିବା
ପନ୍ଦର କ ଷୋହଳ ବଛର
ଜୁଆନ୍ ପାଖକେ
ଗୁନଚ ମୂଷାର ସେତୁବନ୍ଧ ଶୋଷ୍ ଆନ
ଜୀବନକେ ମହାପୁରୁ ଶ୍ରୀର୍ମ ଭ୍ବି
ତାର୍ ସେବାଥି ନଜକେ
ଶେଷ କରିଦେମି ବଲି
ଟୁଣ୍ ମେଲ୍ କରିଛେ
ଜୀବନର୍ ଅସର୍ ଭେକ
ପାଏନ୍ ଥିପେକ୍ ନେ
ମେଟାବା କାଜେ ।

ବର୍ଷା ତମେ ଆସ
ଆକାଶର ଛେନ୍ ଉପରୁ ଗଡି ଗଡି
ଖୁଟା ଗାଡି ଗ୍ଲକା ଘରେ ରହୁଥିବା
ଗରିବର କପଟା ତଳକେ

ଭୁଆସେନ ଯାହାକେ ପର୍ଘେଇ
ରକତର୍ ଫୁଲଫୁଟା ଚୁଇଲମୁଡି କେ
ଗୁଟେ ପରଦେଶୀ କୁନୁଆଁ ଭିବି ।

ବର୍ଷା ତମେ ଆସ
ଗୃଷୀ ଧରିଥିବା ଛାତୁରର୍
ଶିଆଲ୍ ପନ୍ଦ ଜମ
ଦୁଃଖର୍ ଧୁନ୍ ସିରଜିନା ହେସି
ତଥାପୀ ଗୃଷୀ ନେଇକାନ୍ଦେ- ହସେ
ତଥାପି ସଭେ ନୀରବ ରହେସନ୍ ।

ବର୍ଷା ତମେ ଆସ
ଜଗୁଆଲୀର ଶୁଖଲ୍ ଠେଙ୍ଗା ଭିତର୍ ଦେଇ
ହେଲେ ଆସିନେଇପାରେ ଘର ଘର ବଲି
ଧୂରୁ ଡାକ ପକେଇ ଗୃଲିଯାଏସି
କଏ ରେ ଗ୍ଯେର? କଏ ରେ ଗ୍ଯେର?
ଲୁଟିନେଉଛ ମାଛ କ କେଁ ଟା
ମହାଜନର୍ ଗଡିଆ ବନ୍ଧୁଁ ।



ବର୍ଷା ତମେ ଆସ
ବାଘର୍ ହେଁଟାଲ ଶୁନ
ପବନ୍ ବିକଲେ ଧଉଁଥିବା
ହରିଣୀ ଆଖି ଉପର୍ କେ

କେତେ ଧୂରକେ ଯିବାରେ ?
କାଲର୍ ଉଧେ ପଡି
ଦେଖୁ ଦେଖୁ ଅଟକ ଗଲେ ଭି
ତମେ ନେଇ ପଲ୍ଅ ।

ବର୍ଷା ତମେ ଆସ
ଏନ୍ତା ମୋର ଜୀବନର ବିର୍ହ ବାଟେ
ମୁଇଁ ଆରୁ ସେନ୍ତା ଯାତନା
ନେଇ ଖ୍ବେଗେଁ
ମନକେ ବୁଝେଇ ବୁଝେଇ ଗ୍ବଲଥିମି ।

କୁଲିଗାଁ, ବଡମହେଶ୍ବର, ଖଡିଆଳ, ନୂଆପଡା

ବେଦାନ୍ତୀର ଆଗାମୀ ସଂଖ୍ୟା ଅକ୍ଟୋବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ୧୫ ସେପ୍ଟେମ୍ବର ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଦୂରଭିସନ୍ଧି



ଆଶା ସାହୁ ( ଆରତୀ)

ଚଷମାଟିକୁ ନାକ ଉପରକୁ ଆଉ ଟିକେ ଟେକ ଦେଇ ଅନେଇଲେ ସୁପ୍ରିୟା ମେଡମ୍ । ସୋସିଆଲ୍ ଷ୍ଟଡିଜ୍ ପଢାଉଥିବା ସୁପ୍ରିୟା ମେଡମ୍ । ଛାତ୍ର ଛାତ୍ରିଙ୍କର ଅତି ପ୍ରିୟ ସୁପ୍ରିୟା ମେଡମ । ସମ୍ମୁଖରେ ଟେବୁଲଟାକୁ ଧରି ଠିଆ ହୋଇଥାନ୍ତି ଦଶମ ଶ୍ରେଣୀର ଛାତ୍ର ସମ୍ବିତ ଓ ଛାତ୍ରି ଅନନ୍ୟା । ଦୁହିଁଙ୍କ ଚକ୍ଷୁ ଅଶ୍ରୁପୂର୍ଣ୍ଣ । ଲଜ୍ଜା ଓ ଅପମାନ, ଅନ୍ତର୍ବେଦନା ଓ ବୋଧହୁଏ ଅନୁତାପର ଭାରରେ ମୁଣ୍ଡ ଦୁଇଟି ତଳକୁ ପୋତି ହୋଇ ପଡୁଥାଏ ।

"ମେମ୍, ପ୍ଲିଜ୍ ଆପଣ ଆମର ମାତା ପିତାଙ୍କୁ ଡାକନ୍ତୁ ନାହିଁ । ଆମେ ଏମିତି ଭୁଲ ଆଉ କଦାପି କରିବୁ ନାହିଁ । ସେମାନେ ଜାଣିଲେ ଲଜ୍ଜା ଓ ଅପମାନରେ ନିଜ ପାଖରେ ଅପରାଧି ହୋଇଯିବେ । ଦର୍ପଣରେ ନିଜ ସହ ମଧ୍ୟ ଦୃଷ୍ଟି ମିଳେଇ ପାରିବେ ନାହିଁ । ପ୍ଲିଜ୍ ମେମ୍, ଆମକୁ କ୍ଷମା କରିଦିଅନ୍ତୁ ।" କହି କହି ପିଲା ଦୁଇଟି ଭେ..ଭେ.. ହୋଇ କାନ୍ଦିବାକୁ ଆରମ୍ଭ କଲେ ।

ଏଇମାତ୍ର କୈଶୋର୍ଯ୍ୟରେ ପାଦ ଥାପିଥିବା ପିଲା ଦୁହେଁ ଆଗପଛ ବିଚାର ନକରି ପ୍ରଥମ ଯୌବନର ମାଦକତାରେ ସବୁକଛି ଭୁଲି ସ୍କୁଲ ପଛପାଖରେ ଦୁଃସାହସିକ ହାସ୍ୟରସଭରା ପ୍ରେମ ସମ୍ଭାଷଣରେ ମସଗୁଲ ଥିଲେ । ସ୍କୁଲ ପିଅନ ଆସି ତାଙ୍କୁ ସୂଚନା ଦେଇଥିଲା । ସିଧା ସେ ଡକାଇଥିଲେ ପିଲାଦୁହିଁଙ୍କୁ ଏକ ଖାଲି କମନ୍ ରୁମକୁ ଓ ଜେରା କରିଥିଲେ । କୋମଳମତୀ, ଚପଳ ମସ୍ତିଷ୍କ ପିଲାଦୁହେଁ ଲୁଚାଇବାର କଳାରେ ପାରଙ୍ଗମ ନଥିଲେ । ତେଣୁ ସହଜରେ ଭୁଲ୍ ମାନିଯାଇଥିଲେ ।

କଣ କରିବେ ଏବେ ସୁପ୍ରିୟା? ଆଗକୁ ଦଶମ ବୋର୍ଡ । ପିଲାଙ୍କର ପଶ୍ଚାତାପ ତାଙ୍କୁ ଉଭୟ ବିଶ୍ୱସନୀୟ ଓ ଅବିଶ୍ୱସନୀୟ ଲାଗୁଥିଲା । ପିଲାମାନେ ଯଦି ଏ ସମ୍ବନ୍ଧରୁ ନବୃତ୍ତ ନହେବେ, ତେବେ ତାଙ୍କ ପରୀକ୍ଷା?

ତା ବ୍ୟତୀତ ଏ ଘଟଣାଟି ସୁପ୍ରିୟା ମେଡମଙ୍କର ଜୀବନରେ ଏକ ଅସ୍ୱସ୍ତିକର ପରିସ୍ଥିତି ଉତ୍ପନ୍ନ କରିଛି । ସେ ନିଜ ପରିସ୍ଥିତି ସହ ପିଲାଙ୍କର ପରିସ୍ଥିତି କୁ ତୁଳନା କରି ଚାଲିଛନ୍ତି । ପିଲାମାନଙ୍କର ମାଆ ବାପାଙ୍କୁ ଏ ସମ୍ବନ୍ଧରେ ସୂଚନା ଦେବେ କି ନାହିଁ । ଯଦି ଦିଅନ୍ତି ତେବେ ତାଙ୍କ କ୍ଷୋଭର ଶୀକାର ହୋଇ ଆତ୍ମଗ୍ଲାନୀରେ ସଢି ସଢି ପାଠପଢାରେ ମନଦେଇ ପାରିବେ ନାହିଁ । ନକହିଲେ ବି ହେବନାହିଁ, ସେମାନେ ଲଗାମଛଡା ହୋଇଯାଇ ପାରନ୍ତି । ଏମିତି ଭାବୁ ଭାବୁ ସେ କେତେବେଳେ ଯେ ରଞ୍ଜିତ୍ ବତେଇଥିବା ଠିକଣାକୁ ଅନୁସରଣ କରି ହୋଟେଲରେ ପହଞ୍ଚିଯାଇଥାନ୍ତି, ତାଙ୍କୁ ଜଣାନଥାଏ । ହୃଦୟର କୋଣ ଅନୁକୋଣରେ କଣ ଗୋଟାଏ ତାଙ୍କୁ ଅସ୍ଥିର କରି ପକାଉଥାଏ । ସେ ନିଜ ଜୀବନର ସଡକରେ ମଧ୍ୟ ଏକ କଠିନ ଦୋଛକରେ ପହଞ୍ଚି ଯାଇଛନ୍ତି । ଏ ପ୍ରୌଢତାରେ ମଧ୍ୟ ସେ ଏକ ଗଭୀର ଦୁବିଧାରେ ପଡିଛନ୍ତି । ଯେତେବେଳେ କି ତାଙ୍କର ହସଖୁସି ଭରା ଭରପୂର ସଂସାର ଅଛି । ପ୍ରଗାଢ ଭାବରେ ପ୍ରେମ କରୁଥିବା ସ୍ୱାମୀ ଅଛନ୍ତି । ଗୁଲୁଗୁଲିଆ, କୁଲୁକୁଲିଆ ବାର୍ବି କଣ୍ଢେଇ ପରି ନୀଳନୟନା କୁନି ଝିଅଟିଏ ମଧ୍ୟ ଅଛି ।

ତଥାପି, ତଥାପି ତ ତାଙ୍କର ଗୋଡ ଖସି ଯାଇଛି, ଅତୀତ ତାରୁଣ୍ୟ ପ୍ରେମର ପିଚ୍ଛିଳ ସଡକରେ ସୁଦୀର୍ଘ ବତିସ ଗୋଟି ବସନ୍ତ ଅତିକ୍ରମ କଲାପରେ ମଧ୍ୟ । ସେ ରାସ୍ତାରେ ଥରେ ଖସିଲେ ହାତ ପହଞ୍ଚରେ ଥିବା ଅବଲମ୍ବନ ସବୁ ସୁଦ୍ଧା ଅଦୃଶ୍ୟ ହୋଇ ଯାଆନ୍ତି । ସୁପ୍ରିୟା ମଧ୍ୟ ସମସ୍ତ ଅବଲମ୍ବନକୁ କରଛଡା କରି ଆସିଛନ୍ତି ରଞ୍ଜିତ ପାଖକୁ । କୌଣସି ବନ୍ଧନ ତାଙ୍କୁ ଅଟକେଇ ପାରୁନ । କାହିଁକି, କାହିଁକି ସେ ଏତେ ନିର୍ବୋଧ ପରି ଏ କାମ କରୁଛନ୍ତି ।

ସ୍ୱାମୀ ଅସୀମଙ୍କର ଅନୁନୟ ଭରା କାକୁତିକୁ ସେ ପାଦରେ ଦଳି ଚକଟି ପକେଇଛନ୍ତି । ଅସୀମ ପଚାରିଥିଲେ "ସୁପ୍ରିୟା, କାହିଁକି ତୁମର ଏ ନିର୍ଣ୍ଣୟ । ମୁଁ କଣ ତୁମକୁ କେବେ ସ୍ୱପ୍ନରେ ସୁଦ୍ଧା ଆଘାତ ଦେଇଛି? ତୁମର ସ୍ୱାଧିନତାରେ କେବେ ବାଧକ ସାଜିଛି? ତଥାପି

ତୁମେ ମୋ ପ୍ରତି ଏତେ ବୀତସ୍ପୃହ କାହିଁକି? ନୀଳାଞ୍ଜନା ( ଝିଅ) ବିଷୟରେ ମଧ୍ୟ ତୁମର ଏତେ ଟିକିଏ ହେଲେ ଅନୁଶୋଚନା ନାହିଁ । ଦୟାକରି ପୁଣିଥରେ ବିଚାର କର ସୁପ୍ରିୟା । ତା ଛଡା ତୁମ ତଥାକଥିତ ପୂର୍ବପ୍ରେମିକର ମଧ୍ୟ ପରିବାର ଅଛି, ଝିଅଟିଏ ଅଛି । ତୁମେ କଣ ପାଇଁ ଦୁଇଟି ପରିବାରର ଭବିଷ୍ୟତକୁ ନଷ୍ଟ ଭ୍ରଷ୍ଟ କରିଦେବାକୁ ବସିଛ?

ଅସୀମଙ୍କର ଅକାଟ୍ୟ ଯୁକ୍ତି ତାଙ୍କ ପ୍ରେମବିହ୍ୱଳ ହୃଦୟରେ କୌଣସି ପ୍ରଭାବ ପକାଇପାରି ନଥିଲା । ସେ ଫୋପାଡିଲା ପରି କହିଦେଇ ଚାଲି ଆସିଛନ୍ତି । "ଅସୀମ, ମୁଁ ଅନ୍ତିମ ନିର୍ଣ୍ଣୟ ନେଇସାରିଛି । ରଞ୍ଜିତଙ୍କୁ ଛାଡି ମୁଁ ବଞ୍ଚି ପାରିବି ନାହିଁ । ବାପା ଯୋର କରି ତୁମ ସହ ବିବାହ ଦେଇଥିଲେ । ଯଦିଓ ବାବାଙ୍କ ସମ୍ମୁଖରେ ମୁଁ ଯୁକ୍ତି ବାଢିଥିଲି ବିଜାତୀୟ ସୌମ୍ୟକାନ୍ତ ରଞ୍ଜିତଙ୍କୁ ମୁଁ ଜୀବନସାଥି କରିବାକୁ ଚାହେଁବୋଲି ।

ହୋଟେଲର ପାହାଚ ଚଢୁ ଚଢୁ ତାଙ୍କ ପାଦ ବର୍ତ୍ତମାନ କଣ ପାଇଁ ଛନ୍ଦି ହୋଇଯାଉଛି ସେ ବୁଝିପାରୁ ନାହାନ୍ତି । ପାଦ ଦୁଇଟା ଯେମିତି ବହୁତ ଓଜନଦାର ହୋଇଯାଇଛି । ତାଙ୍କୁ ଯେମିତି ପଛପାଖରୁ କିଏ ଟାଣି ଧରୁଛି । ଖିଆଲି ଦୁନିୟାରେ ଉଚତ୍ ଅନୁଚତ୍ ମଧ୍ୟରେ ବାକ୍ ବିତଣ୍ଡା, ଯୁକ୍ତି- ତର୍କ ଚାଲିଛି । ଉଚତ୍ କହୁଛି ସତରେ କଣ ଅସୀମ କୁରୂପ, ତାଙ୍କର ବ୍ୟକ୍ତିତ୍ୱ ଆକର୍ଷକ ନୁହେଁ? ତାଙ୍କର ନିଷ୍ପାପ, ଖାଣ୍ଟି ସୁନା ପରି ମନଟିଏ କଣ ସୁପ୍ରିୟାଙ୍କ ପ୍ରେମର ହକଦାର ନୁହେଁ? ଏ ନିଷ୍ପତ୍ତିରେ ଛଅ ଛଅ ଜଣ ମଣିଷଙ୍କର ଜୀବନ ନର୍କ ପାଲଟି ଯିବନି ତ?

ଅନୁଚତ୍ ର ତର୍କ, ନିଜ ସ୍ୱାର୍ଥ ଦେଖ । ନିଜକୁ ଯାହା ଶ୍ରେୟସ୍କର ଲାଗୁଛି ତାହା ହିଁ କର । ଦୁନିଆ କଥା ଭାବି ଲାଭ ନାହିଁ ।

ଉଚତ୍ ର ଉଚତ ଉକ୍ତି, ଶିକ୍ଷିକା ହୋଇ ସ୍ୱୟଂ କୁପଥଗାମୀ ହେଲେ, ପିଲାମାନଙ୍କୁ ଉଚତ୍ ଶିକ୍ଷା ଦେବାର ଅଧିକାର ତାଙ୍କର ଆସିଲା କେଉଁଠୁ । କିପରି ସେ ଦୁଇଜଣ ଛାତ୍ରଛାତ୍ରିଙ୍କୁ ଭଲବାଟକୁ ଫେରେଇବେ । ନିଜ ପାଖରେ ନିଜକୁ ସେ ଅପରାଧିନୀ ମଣିଲେ ।

"ଆରେ ସୁପ୍ରିୟା, ଏତେ ଡେରି କଲ ଯେ? ତୁମର ଲଗେଜ୍? ଆଚ୍ଛା, ଠିକ୍ ଅଛି । ଆମର ଫ୍ଲାଇଟ ଆଉ ଦୁଇଘଣ୍ଟା ପରେ ଅଛି । ବାହାରିଯିବା ତା ହେଲେ ।"

ସୁପ୍ରିୟାଙ୍କୁ ସେ ସବୁ କଥା ଶୁଣାଗଲା କି ନାହିଁ, କେଜାଣି, କିନ୍ତୁ ତାଙ୍କର ଧିର କିନ୍ତୁ ଦୃଢ ସ୍ୱର ଶୁଣାଗଲା,

"ନା ରଞ୍ଜିତ, ମୁଁ ପାରିବି ନାହିଁ । ତୁମେ ତ ମୋର ଅତୀତ । ଅତୀତକୁ ଜାବୁଡି ଧରିଲେ ବର୍ତ୍ତମାନ ଓ ଭବିଷ୍ୟତ ଅନ୍ଧକାର ହୋଇଯିବ । ଅତୀତ ସକାଶେ ମୁଁ ମୋର ବର୍ତ୍ତମାନ ଓ ଭବିଷ୍ୟତକୁ କଦାପି ତ୍ୟାଗି ପାରିବି ନାହିଁ, ତୀଳାଞ୍ଜଳୀ ଦେଇ ପାରିବି ନାହିଁ । ମୁଁ ଭୁଲ ଥିଲି । ମୋତେ କ୍ଷମା କରିଦେବ ।"

ଏତିକି କହି ସୁପ୍ରିୟା ଝଡପରି ହୋଟେଲରୁ ବାହାରି ଗୋଟିଏ ଅଟୋରେ ବସିପଡିଲେ । ନିଜ ଠିକଣା ବତେଇ ଆଖି ବନ୍ଦକରି ପଛ ସିଟ୍ କୁ ଆଉଜି ପଡିଲେ । ହୃଦୟର କୋହ ଦେଖାଗଲା ଆଖିକୋଣରେ ଲୁହରୂପେ ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ



# ଖୋଜିବନ ମତେ ସାଥି



ପୂର୍ଣ୍ଣଚନ୍ଦ୍ର ରଣା

ଥିଲା ଅନ୍ଧକାର ଅମାବାସ୍ୟା ରାତି
ଅସ୍ବାଦ ଥିଲା ରଜନୀ
ମୃଦୁ ମଳୟରେ କମ୍ପୁଥିଲା ଧରା
ପଶୁ ରାବ ଶୁଭେ ପୁଣି ।୧।
ମୃଦୁ ମଳୟରେ ଉଡି ଆସିଥିଲା
ପ୍ରିୟା ହାତ ଲେଖା ଚଠି
ଶେଷ ଧାଡିରେ ତ ଥିଲା ତିନ ଶବ୍ଦ
"ଖୋଜିବନ ମତେ ସାଥି" ।୨।
ପଢି ତିନ ଶବ୍ଦ ହୋଇଥିଲି ସ୍ତବ୍ଧ
ଭାବି ପାରୁନଥିଲି କଛି
ମନେ ଆସୁଥିଲା ଅସୁମାରି ଚନ୍ତା
ଚନ୍ତିତ ଥିଲି ମୁଁ ବେଶି ।୩।
ଜଳୁଥିଲା ଘଟେ କରୋସିନ ବତୀ
ଉଠାଇଲି ମୋ ହସ୍ତେ
ନର୍ଜନ ବନରେ ଘୁରି ମୁଁ ବୁଲିଲି
କେହି ନଥିଲେ ମୋ ସାଥେ ।୪।
ସରୁଥିଲା ରାତି ବଢୁଥିଲା ତାତି
ବାସ ନଥିଲା ପ୍ରିୟାର
ଖୋଜି ଖୋଜି ମୁଁ ଥକ ଯାଉଥିଲି
ଶୁଭିଲା ଗୋଟେ ଚତ୍କାର ।୫।

ଧାଇଁ ଗ୍ଲିଗଲି ଖୋଜିବାକୁ ମୁହିଁ
ପ୍ରିୟାର ଜିଅନ୍ତା ଦେହ
ଦେଖିଲି ମୁଁ ସତେ ବୃକ୍ଷ ଆରପଟେ
ମୋହରି ପ୍ରିୟାର ମୁହଁ ।୬ ।

ଗ୍ଲିଗଲି ମୁହିଁ ମୋ ପ୍ରିୟା ପାଖକୁ
ନେଲି ମୁଁ ତାକୁ କୋଳକୁ
ନଥିଲା ଜୀବନ ମୋ ପ୍ରିୟାର ସତେ
ଗ୍ଲି ଯାଇଥିଲା ଆରପାରିକୁ ।୭ ।

ଆଖିରୁ ଝରିଲା ଅସୁମାରି ଲୁହ
ଭିଜିଲା ମୋ ପ୍ରିୟା ଦେହ
ଲାଗୁଥିଲା ମତେ ଦେବାକୁ ଜୀବନ
ଗ୍ଲିଯିବି ପ୍ରିୟା ସହ ।୮ ।

ହାଟସିଂହାପୁର, ଯାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଏକାକୀ ମନେ



କବି ପ୍ରସାଦ

ତୁମେତ ନାହଁ
ତୁମ ସ୍ମୃତି ଅଛି ହୃଦେ
ଯେବେ ପୁଣି ହୁଏ ଉଜାଗର
ଝରିଆସେ କବିତାର ପଦେ ।
ବିରହ ବେଦନା ଦେଇ ମୋ ହୃଦେ
ଆଗୋ ପ୍ରତାରିକା ପ୍ରେମିକା
ଭୁଲିବି କେମିତି ଅତୀତକୁ କହିଲ
ଅଲିଖା କବିତା କଛି ଅଛି ହୋଇ ଲେଖା ।
ଛଳନା ନଥିଲା ଏଇ ହୃଦେ
ଛଳଦେଇ ଚାଲିଗଲ ତୁମେ
ଭୁଲିଲ କି ନାହିଁ ଜାଣିନ ମୁଁ
ହୃଦେ ଆଜିବି ଅଛ ସେମିତି ତୁମେ ।
ବିତି ସିନା ଯାଇଛି ଦିନ ମାସ ବରଷ
ଘଟି ସିନା ଯାଇଛି ଅନେକ ଘଟଣା
ତୁମ କଥା ଆଜି ବି ମୋ ଭାବନାରେ
ରହେ ବି ହେଇନ ଊଣା ।
ମୁଁ ଯେବେ ମୋ ଅତୀତକୁ ଫେରେଁ
କେବଳ ତୁମ ଛବି ଦିଶେ ନୟନେ
କେମିତି କେଜାଣି କଲ ଛଳନା
ଭାବେ ମୁଁ ବସି ଏକାକୀ ମନେ ।


ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା



ପ୍ରକାଶ ଚନ୍ଦ୍ର ପଣ୍ଡା

# ବର୍ଷାକାଳ

ବରଷା ପଡ଼ୁଛି ଟପର ଟପର
ବୋଉଦ ଗଲେ ଭୁଷି
ମଣ୍ଡୁକ ବୋବାଏ କଟର କଟର
ସାରୁବୁଦା ମୂଳେ ବସି ।
ଗାଁ ଦାଣ୍ଡ ଏବେ ପଚର ପଚର
ପଙ୍କ କାଦୁଅରେ ପାଣି
ମଶା ମାଛିଙ୍କର କଚେପୁଅ ବାର
ବୁଲୁଛି ରଜା ତେଲୁଣି ।
ପିଲାଙ୍କର ଖୁସି କହିଲେ ନସରେ
ଗା ଦାଣ୍ଡେ ପାଣିଧାର
କାଗଜ ଡଙ୍ଗା ଭସାଇ ଖୁସିରେ
ଆନନ୍ଦରେ ବିଭୋର ।
ଚଷାଭାଇ ବୋଲେ ନାନା ବାୟା ଗିତ
ତଳବିଲ ପାଟପରେ
ବରଷା ଦେଖାଏ ବଞ୍ଚିବାର ରାହା
ନୂଆ ଖେତର ସ୍ୱପ୍ନରେ ॥



କଲ୍ୟାଣପୁର, ଭୁଇଁପୁର, ଯାଜପୁର, ପାଣିକୋଇଲି

# ଗୁପ୍ତ ଗମ୍ଭୀରି ଓ କାଠର କଠଉ

ପ୍ରିୟବ୍ରତ ପାତ୍ର

କେରଳର ରାଜଧାନୀ ତିରୁଅନନ୍ତପୁରମ୍ ରେ ଅଛି ପଦ୍ମନାଭସ୍ୱାମୀ ମନ୍ଦିର। ଦୀର୍ଘବର୍ଷ ଧରି ଧାର୍ମିକତା କାରଣରୁ ତାହାର ପ୍ରସିଦ୍ଧି ରହିଆସିଛି। କିନ୍ତୁ ଏଇ କିଛି ବର୍ଷତଳେ ଗୁପ୍ତଧନ ପାଇଁ ସେଇ ମନ୍ଦିର ସାରା ବିଶ୍ୱରେ ପ୍ରସିଦ୍ଧ ହେଇଯାଇଛି। ଭୂଗର୍ଭ ଗମ୍ଭୀରିମାନଙ୍କରେ ଲୁଚି ରହିଥିବା ଅମାପ ସୁନା, ରୂପା, ମୋତି, ମାଣିକ, ହୀରା, ନୀଳା ଆଦିର ବିଶାଳ ସ୍ତୁପ ଦେଖି ସାରା ବିଶ୍ୱ ସ୍ତବ୍ଧ ହୋଇଯାଇଛି।

ତିରୁଅନନ୍ତପୁରମ୍ ଏକ ପ୍ରାଚୀନ ଧାର୍ମିକ ସହର ହେଲେ ମଧ୍ୟ ନଗର ସୁଲଭ ସମସ୍ତ ଆଭିଜାତ୍ୟରେ ଭରପୂର। ଦିନଥିଲା ପଦ୍ମନାଭସ୍ୱାମୀ ମନ୍ଦିରକୁ କେନ୍ଦ୍ରକରି ସହର ଗଢି ଉଠିଥିଲା। ଏବେ ସେଇ ମନ୍ଦିର, ବିଶାଳ ନଗରୀ ଭିତରେ କାହିଁ କେଉଁଠି ହଜିଗଲା ପରି ଲାଗୁଛି। ମନ୍ଦିରର ଇତିହାସ ଖୁବ୍ ପ୍ରାଚୀନ। କିନ୍ତୁ ୧୭୩୩ ପରଠୁ ଆଧୁନିକ କେରଳର ନିର୍ମାତା କୁହାଯାଉଥିବା ମାର୍ତ୍ତଣ୍ଡ ବର୍ମାଙ୍କ ସହଯୋଗ ଓ ଦୂରଦର୍ଶିତାକ୍ରମେ ମନ୍ଦିରର ରୂପରେଖ ବଦଳଯାଇଥିଲା। ସାତ ଏକର ଜାଗାରେ ଗଢି ଉଠିଥିଲା ବିଶାଳ ଭବ୍ୟ ମନ୍ଦିର। ଚାରିକଡେ ଚାରିଟି ଦ୍ୱାର ସହ ନିର୍ମାଣ ହୋଇଥିଲା ଗ୍ରାନାଇଟ୍ ପଥରର ଦୃଢ ପ୍ରାଚୀର। କହିବା ବାହୁଲ୍ୟ ଦକ୍ଷୀଣ ଭାରତର ଅନ୍ୟାନ୍ୟ ଅଞ୍ଚଳ ପରି ଏଠାରେ ବିଶାଳକାୟ ମନ୍ଦିର ନିର୍ମାଣରେ ରାଜାମାନଙ୍କର ରୁଚି ନଥିଲା। ଗୁରୁବାୟୁର ଶ୍ରୀକୃଷ୍ଣ ମନ୍ଦିର ଓ ଏଠାକାର ବିଷ୍ଣୁମନ୍ଦିର ଛଡା କେରଳରେ ବଡ ମନ୍ଦିର ନାହିଁ କହିଲେ ଚଳେ।

ଖରାଟିକେ କମିଗଲା ପରେ ଯାଇ ଆମେ ପହଞ୍ଚିଥିଲୁ ମନ୍ଦିରରେ। ଅପରାହ୍ନ ପାଞ୍ଚଟାରେ ଯାଇ ମନ୍ଦିର ଖୋଲାଯିବା ବ୍ୟବସ୍ଥା। ମଧ୍ୟାହ୍ନ ସମୟଟି ବୋଧେ ଠାକୁରଙ୍କ ମଣୋହୀ ତଥା ଶୟନ ପାଇଁ ସଂରକ୍ଷିତ । ଆମେ ବିଶାଳ ମନ୍ଦିରକୁ ଘେରିକରି ଥିବା ବାଡ ଚାରିପାଖେ ଘେରାଏ ବୁଲି ଆସିବାକୁ ଚାହିଁଲୁ। ସବୁଆଡେ ସ୍ୱୟଂଚାଳିତ ବନ୍ଧୁକଧାରୀ ସଶସ୍ତ୍ର ସେନାଙ୍କ

କଡା ପହରା । କେଉଁଠି ମଧ୍ୟ ଠିଆହେବା ମନା, ଗପସପ କରିବା ମନା, ଏପରିକି ଫଟୋ ବି ଉଠାଇବା ମନା । ମୁଖ୍ୟ ପ୍ରବେଶ ଦ୍ୱାର ଛଡା ବାକି ତିନୋଟି ରାସ୍ତା ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ ବନ୍ଦ ରହିଛି । ନିର୍ଦ୍ଧାରିତ ରଙ୍ଗର ଧୋତି ବା ଶାଢୀ ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିଥାଏ । ଦୂରରୁ ଆସୁଥିବା ପର୍ଯ୍ୟଟକମାନେ ଅବସ୍ଥାଚକ୍ରରେ ପଡି ଖଣ୍ଡିଏ ଖଣ୍ଡିଏ ଧୋତି ବା ଶାଢି କିଣିବାକୁ ବାଧ୍ୟ ହୁଅନ୍ତି । ଏହାଦ୍ୱାରା ଅନ୍ତତଃ ପକ୍ଷେ ଗୋଟିଏ ଲାଭ ହୋଇଛି, କେରଳର ହସ୍ତତନ୍ତ କୁଟୀରଶିଳ୍ପର ବିକାଶ ହୋଇପାରିଛି ।


ଆମର ସମସ୍ତ ଉତ୍ସୁକତା ଓ ଆଗ୍ରହ ଉପରେ ପାଣି ପକେଇ, ମନ୍ଦିର ଭିତରେ ଆମକୁ କେବଳ ନିର୍ଦ୍ଧାରିତ ରାସ୍ତାରେ ଯିବାପାଇଁ କୁହାଯାଉଥିଲା । ସତେକି ମଧ୍ୟଯୁଗର କୌଣସି ଅଛୁଆଁ ଲୋକଙ୍କୁ ସାମାନ୍ୟ ଦୟା ଦେଖେଇ ଅନୁମତି ଦିଆଯାଇଛି । ଭଗବାନ ବିଷ୍ଣୁଙ୍କ ଶୟନରତ ବିଶାଳ ମୂର୍ତ୍ତୀ । ଅନନ୍ତନାଗର ଶଯ୍ୟା ଉପରେ ବିଷ୍ଣୁ ଶୟନରତ ଓ ତାଙ୍କ ନାଭିରୁ ବାହାରିଥିବା ପଦ୍ମଫୁଲ ଉପରେ ବ୍ରହ୍ମା ଉପବିଷ୍ଟ । ତେଣୁକରି ମନ୍ଦିରର ପୁରାନାମ ହେଉଛି ଅନନ୍ତ ପଦ୍ମନାଭ ସ୍ୱାମୀ ମନ୍ଦିର ଏବଂ ତାକୁ କେନ୍ଦ୍ରକରି ଗଢିଉଠିଥିବା ସହରର ନାମ ତିରୁଅନନ୍ତପୁରମ୍ ବା ଆଧୁନିକ ନାମ ତ୍ରିଭେନ୍ଦ୍ରମ୍ । ମୂର୍ତ୍ତିଟିକୁ ଏକାଥରକେ ପୂର୍ଣ୍ଣରୂପେ ଦେଖିବା ଅସମ୍ଭବ, କାରଣ ତା ଆଗରେ ପଥରୋଧ କଲାପରି ନିର୍ମିତ ହୋଇଛି ତିନିଟି ଗୋଲାକାର ଖମ୍ବ । ଦୁଇ ଖମ୍ବ ଭିତରେ ଥିବା ଖୋଲା ଯାଗାଦେଇ ବିଷ୍ଣୁ ବିଗ୍ରହକୁ ଯାହା ଦେଖିହୁଏ । ଫାଙ୍କ ଦେଇ ଦିଶୁଥିଲା ଅାଠରଶି ଫୁଟ ଲମ୍ବାର କଳା ମୁଗୁନି ପଥରର ତିଆରି ଏକ ଅତିମାନବୀୟ ଆକୃତିର ବିଷ୍ଣୁମୂର୍ତ୍ତି । ଭିତରେ ବିଜୁଳିବତୀର ବ୍ୟବସ୍ଥା ନାହିଁ । ଦୀପ ବା ଦିହୁଡି ଆଲୁଅରେ ବିଷ୍ଣୁଙ୍କ ମୂର୍ତ୍ତି ଲାଗୁଥିଲା ରହସ୍ୟମୟ ଓ ରୋମାଞ୍ଚକର । ସାରା କେରଳର ଜୀଉମାନଙ୍କୁ ପାଖରୁ ନଦେଖିବା ବା ସ୍ୱଷ୍ଟରୂପେ ନଦେଖିବା ହେଉଛି ଏକ ଧାର୍ମିକତା । ମନ୍ଦିରମାନଙ୍କରେ କୋଡିଏ ତିରିଶ ମିଟର ଦୂରରୁ ଠାକୁରଙ୍କୁ ଦର୍ଶନ କରିବା ଏକ ପରମ୍ପରା । ଆମ ଓଡିଶା ପରି ପାଖକୁ ଯାଇ ଜୀଉମାନଙ୍କୁ ଛୁଇଁବା ବା ଦର୍ଶନ କରିବା ପରମ୍ପରା ବିରୁଦ୍ଧ ।

ସ୍ୱତନ୍ତ୍ର ପର୍ବମାନଙ୍କରେ ଦୀପ ପ୍ରଜ୍ୱଳନ ପାଇଁ ମନ୍ଦିର କାନ୍ଥରେ ଲକ୍ଷଲକ୍ଷ ଖୋପର ବ୍ୟବସ୍ଥା । କେରଳରେ ଶୈବପୀଠମାନଙ୍କରେ ଏ ଦୃଶ୍ୟ ସବୁଠୁ ଚମତ୍କାର । ପଦ୍ମନାଭ ମନ୍ଦିର ବେଢା ଭିତରେ ଖୁବ୍ କମ୍ ଜାଗାରେ ବିଚରଣ କରିବାକୁ ଆମକୁ ଅନୁମତି ମିଳଥିଲା । କାଳେ ଏପଟସେପଟ ବୁଲୁ ବୁଲୁ ଗୁପ୍ତ ଗମ୍ଭୀରି ମାନଙ୍କ ପାଖରେ ପହଞ୍ଚିଯିବୁ, ସେଥିପାଇଁ ଆମ ଉପରେ ପୋଲିସବାଲାଙ୍କ ଥିଲା କଡା ନଜର । ଆଉ କଛି ଜାଗାରେ ଗତିପଥକୁ ସୀମିତ କରିବା ପାଇଁ ଥିଲା ଶକ୍ତ ଲୌହ ପ୍ରାଚୀର । ମଝିରେ ମଝିରେ ପୁନାଦି ଘେରା ବଡବଡ ବାଲିପଡିଆ । ମନ୍ଦିର ଭିତରେ ଅଛି ଏକ ଜଳାଶୟ । ତାକୁ ଦେଖି ଆମ ମନରେ ଧାରଣା ଆସୁଥିଲା ଯେ ଏ ଜଳାଶୟରେ ମଧ ଲୁଚ ରହିଛି ଟନ୍ ଟନ୍ ସୁନାରୂପା । ଗୁପ୍ତ ଗମ୍ଭୀରି ଭିତରୁ ସଂଗୃହୀତ ହୋଇଥିବା ଅସୁମାରି ସମ୍ପତ୍ତିର ଛବି ଟିଭି ପରଦାରେ ଦେଖିଥିଲୁ । ତା ଭିତରେ ଥିଲା ଅଳଙ୍କାର, ସୁବର୍ଣ୍ଣର କୁମ୍ଭ, ବୃକ୍ଷ ହସ୍ତୀ ଓ ସିଂହାସନ । ହୀରା, ନୀଳା, ମଣି, ବୈଦୂର୍ଯ୍ୟ, ପ୍ରାଚୀନ ମୁଦ୍ରା, ପ୍ରାଚୀନ ମୂର୍ତ୍ତି ଇତ୍ୟାଦି ଇତ୍ୟାଦି । ସାରା ବିଶ୍ୱ ଏ ଖବରରେ ସ୍ତବ୍ଧ ହୋଇ ପଡିଥିଲା । ଅଳ୍ପଖ୍ୟାତ ମନ୍ଦିରଟି ରାତାରାତି ଭାରତର ସବୁଠୁ ବିତ୍ତଶାଳୀ ମନ୍ଦିର ବୋଲି ଘୋଷିତ ହୋଇଥିଲା । ସୈନ୍ୟ ଛାଉଣୀରେ ଭରିଗଲା ମନ୍ଦିର ପ୍ରାଙ୍ଗଣ ଓ ପ୍ରାଚୀର ସଂଲଗ୍ନ ବାହ୍ୟରାସ୍ତା ସମୂହ । ଏକ ସ୍ୱତନ୍ତ୍ର କମିଟି ଜରିଆରେ ସମସ୍ତ ସମ୍ପତ୍ତିର ହସ୍ତାନ୍ତର ଭାରତ ସରକାରଙ୍କୁ କରାଯାଇ ଥିଲା । କନ୍ତୁ ଅଦ୍ୟାବଧି ମାମଲା କଚେରୀରେ ବିଗ୍ରାଧୀନ ରହିଛି । ଗୁପ୍ତଧନର ରହସ୍ୟ ଉନ୍ମୋଚନ ବେଳେ ତତକାଳୀନ ତ୍ରାଭଙ୍କର ରାଜପରିବାରର ମୁଖ୍ୟ ଉଥ୍ରାଦମ୍ ତିରୁନାଲ୍ ମାର୍ତ୍ତଣ୍ଡ ବର୍ମା ଗୋଟିଏ ଅଭିଯୋଗ ମାଧମରେ ସେ ସମସ୍ତ ସମ୍ପତ୍ତିର ମାଲିକାନା ଉପରେ ପ୍ରଶ୍ନ ଉଠାଇଥିଲେ । ଫଳରେ ଏୟା ହୋଇଥିଲା, ସଂଗୃହୀତ ସମସ୍ତ ସମ୍ପତ୍ତିର ଭିଡିଓ ଓ ଫଟୋଗ୍ରାଫ୍ ରଖାଯାଇ, ପଞ୍ଜିକରଣ କରାଯାଇ କୋର୍ଟରେ ଦାଖଲ କରାଯାଇଥିଲା ।

ମନ୍ଦିର ହେବା ଦିନୁ ପରମ୍ପରା ରହି ଆସିଛି, ରାଜା ପ୍ରତିଦିନ ସକାଳେ ଆସି ଶ୍ରୀଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ଅତୀତରେ ପ୍ରତିଦିନ ରାଜାଙ୍କୁ ନେଇ ରଥ ଆସି

ପହଞ୍ଚୁଥିଲା, ଆଜିକାଲି କାର୍ ଲାଗୁଛି । ଆଖପାଖରେ କଛି ଲୋକ ମଧ୍ୟ ରାଜାଙ୍କ ସାଥିରେ ମନ୍ଦିର ଭିତରକୁ ଆସିଥାନ୍ତି ।

ଯେତେବେଳେ ବନ୍ୟା, ମରୁଡି ବା ଦୁର୍ଭିକ୍ଷ ପଡୁଥିଲା, ମହାମାରୀ ବା ହଇଜାରେ ଲୋକ ମରୁଥିଲେ, ବିଦେଶୀ ଆକ୍ରମଣ ଘଟୁଥିଲା, ଯୁଦ୍ଧଭୟ ଲାଗି ରହୁଥିଲା – ରାଜା ପଦ୍ମନାଭସ୍ୱାମୀଙ୍କଠାରେ ଶରଣ ନେଉଥିଲେ । ଉପହାର ଦିଆଯାଉଥିଲା ପ୍ରଚୁର ଅର୍ଥ, ଜମି, ସୁନାରୂପା ଓ ଅଳଙ୍କାର । ଛୋଟଛୋଟ ରାଜା, କରଦରାଜା ଓ ଜମିଦାରମାନେ ଦେଉଥିଲେ ଅଜସ୍ର ଉପହାର । ସେ ସମସ୍ତ ଜମାରାଶିର ବିନିମୟରେ ବହୁମୁଲ୍ୟ ପଥର ବା ଧାତୁ କଣାଯାଇ, ତାକୁ ସ୍ୱଳ୍ପ ଜାଗାରେ ସଂଚୟ କରି ରଖିବା ପରମ୍ପରା ଆରମ୍ଭ ହୋଇଥିଲା । ତେବେ ମନରେ ପ୍ରଶ୍ନ ଆସେ, ସତରେ କଣ ଦାନରାଶିରୁ ଏତେବଡ ବିଶାଳ ସମ୍ପତ୍ତି ଠୁଳ ହୋଇଥିଲା ନା ରାଜାମାନେ ପ୍ରଜାଙ୍କଠାରୁ ସଂଗୃହୀତ ରାଜକୋଷରୁ ସମ୍ପତ୍ତି ନେଇ ମନ୍ଦିର ସମ୍ପତ୍ତି ଭାବେ ଲୁଚାଇ ରଖୁଥିଲେ । ଯାହାହେଉ, ଅସୁମାରି ସମ୍ପଦରେ ଭରପୂର ଗୁପ୍ତ ଗମ୍ଭୀରି ସବୁ ଶତାବ୍ଦୀ ଶତାବ୍ଦୀ ଧରି ଗୁପ୍ତ ହୋଇ ରହିଯାଇଥିଲା ।



ତ୍ୟାଗ ଓ ଧାର୍ମିକତା ଦୃଷ୍ଟିରୁ ତ୍ରାଭାଙ୍କୋରର ରାଜାମାନଙ୍କ ଇତିହାସ ବଡ ରୋମାଞ୍ଚକର । ୧୭୫୦ ମସିହା ଜାନୁଆରୀ ୩ ତାରିଖରେ ତତକାଳୀନ ରାଜା ମାର୍ତ୍ତଣ୍ଡ ବର୍ମା ରାଜା ଖଡଗକୁ ମନ୍ଦିର ମଧ୍ୟସ୍ଥ ଓଟାକଲ୍ ମଣ୍ଡପରେ ଉତ୍ସର୍ଗ କରି ଘୋଷଣା କଲେ ଏ – "ଆଜିଠାରୁ ଏହି ଭୂଖଣ୍ଡର ରାଜା ହେଲେ ସ୍ୱୟଂ ପଦ୍ମନାଭସ୍ୱାମୀ । ଆମ ରାଜ ପରିବାର ନାମକୁ ମାତ୍ର ପ୍ରତିନିଧି ଭାବେ ଶାସକ ହୋଇ ରହିବୁ । ଆଗାମୀ ଦିନରେ କୌଣସି ରାଜା ନିଜକୁ ଶାସକ ବୋଲି କହିପାରିବେ ନାହିଁ, ରାଜମୁକୁଟ ଓ ରାଜକୀୟ ପରିପାଟୀ ପରିଧାନ କରିପାରିବ ନାହିଁ ।" ଏହି କଠୋର ପରମ୍ପରା ଏଯାବତ୍ କାଏମ୍ ରହିଛି ।

ଆଜି ମଧ୍ୟ ରାଜପରିବାରରେ ପୁଅଟିଏ ଜନ୍ମହେଲେ, ତା ର ପ୍ରଥମ ଜନ୍ମଦିବସରେ ତାକୁ ଓଟାକଲ୍ ମଣ୍ଡପକୁ ଅଣାଆଏ । ତାକୁକ୍ ପଦ୍ମନାଭସ୍ୱାମୀଙ୍କୁ ଉତ୍ସର୍ଗ କରାଯାଇ ସ୍ୱାମୀଙ୍କ ଦାସ ବୋଲି ଘୋଷଣା କରାଯାଏ । ପରମ୍ପରା କ୍ରମେ ରାଜାର ପୁଅ ଶାସନ ନ କରି ରାଜାର ଭଉଣୀର ପୁଅକୁ ଶାସନର ଅଧିକାର ଦିଆଯାଇଥାଏ । ସୁନେଲୀ ରଙ୍ଗର ଧଡିଥିବା ସୂତା ଧୋତି ପିନ୍ଧି ବିନା ରାଜପରିପାଟିରେ ଶାସନ କରି ଆସୁଥିବା ରାଜାମାନେ ହେଲେ ତ୍ରାଭାଙ୍କୋରର ଶାସକଗଣ । ମାର୍ତ୍ତଣ୍ଡ ଦେବଙ୍କଠାରୁ ଆଜି ପର୍ଯ୍ୟନ୍ତ କୌଣସି ରାଜାର ପୁତ୍ର ଶାସନଗାଦି ପାଇଁ ଯୁଦ୍ଧ ବିଗ୍ରହ ନକରିବା, ମାନ ଅଭିମାନ ନକରି ଭଣଜାକୁ ରାଜପଦ ଛାଡିଦେବା ଏକ ଆଶ୍ଚର୍ଯ୍ୟ ପରମ୍ପରା ନୁହେଁ କି? ଏ ଦୃଷ୍ଟିରୁ ତ୍ରାଭାଙ୍କୋର ରାଜାମାନଙ୍କ ପ୍ରତି ମନରେ ସ୍ୱତଃ ସମ୍ମାନ ଓ ଶ୍ରଦ୍ଧା ଆସିଯାଏ ।

ଭଗବାନଙ୍କୁ ଶାସକ ତଥା ନିଜକୁ ଭଗବାନଙ୍କ ଦାସ ବୋଲି ପ୍ରଚାର କରି ଛଦ୍ମଭାବେ ରାଜ୍ୟଶାସନ କରିବା ପ୍ରକ୍ରିୟାକୁ ରାଜନୀତି ବିଜ୍ଞାନ ଏକ ଷଡଯନ୍ତ୍ର ଓ ଚତୁର ଶାସନ ବ୍ୟବସ୍ଥା ବୋଲି କହିଥାଏ । ଧର୍ମନାମରେ ଲୋକଙ୍କୁ ଏକଜୁଟ କରିବା, ତତେଇବା, ମତେଇବା ସହଜ ହେଇଥାଏ । ଲୋକଙ୍କୁ ନେଇ ଧର୍ମଯୁଦ୍ଧରେ ମାତିବା ବି ସହଜ ହୋଇଥାଏ । ରାଜ ବିରୋଧୀ ବା ରାଜତନ୍ତ୍ରର ବିରୋଧୀଙ୍କୁ ଭଗବତ୍- ବିରୋଧୀ ବୋଲି ଘୋଷଣା କରି ତାକୁ ଦମନ କରିବା ବା ଦଣ୍ଡଦେବା ବି ସହଜ ହୋଇଥାଏ । ନିଜକୁ

ପରମଭକ୍ତ ବୋଲି ପ୍ରତିପାଦିତ କରୁଥିବା ପୁରୀ ରାଜାଙ୍କଠୁ ଆରମ୍ଭ କରି, ଆରବର ଖଲିଫା, ରୋମ୍ ର ପୋପ୍, ତିବ୍ବତର ଦଲାଇଲାମା ଆଦି ଏହି ପର୍ଯ୍ୟାୟଭୁକ୍ତ ।

୨୦୦୭ରେ କେରଳ କୌମୁଦୀ ନାମକ ଦୈନିକ ପତ୍ରିକାରେ ହଠାତ୍ ଏକ ଶୃଙ୍ଖଳ୍ୟକର ଖବର ପ୍ରକାଶ ପାଇଥିଲା । ତତକାଳୀଣ ତ୍ରାଭଙ୍କର ରାଜ ପରିବାରର ମୁଖ୍ୟ ଉଥ୍ରାଦମ୍ ଥିରୁନଲ୍ ମାର୍ତ୍ତଣ୍ଡ ବର୍ମା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଲେ ଏ ମନ୍ଦିରର ଗୋପନ ଗମ୍ଭୀରିମାନଙ୍କରେ ଯାହାସବୁ ଲୁକ୍କାୟିତ ହୋଇ ରହିଛି ସେସବୁର ଅସଲ ମାଲିକ ହେଉଛନ୍ତି ରାଜପରିବାର । ମନ୍ଦିରର କର୍ମଚାରି ସଂଘ ଏତାଦୃଶ ମାଲିକାନା ଦାବିକୁ ବିରୋଧ କରି କୋର୍ଟର ଦ୍ୱାରସ୍ଥ ହେଲେ । ମନ୍ଦିର ନିକଟସ୍ଥ ଜଣେ ସାଧାରଣ ନାଗରିକଙ୍କ କେଶ୍ ଶୁଣାଣିବେଳେ ସ୍ଥିତାବସ୍ଥା ଜାରି ରଖିବା ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଥିଲା । ଶେଷରେ ସୁପ୍ରିମକୋର୍ଟର ହସ୍ତକ୍ଷେପ ଫଳରେ ସେ ସମସ୍ତ ସମ୍ପତ୍ତିର ତାଲିକା ସର୍ବସାଧାରଣ ଆଗରେ ପ୍ରକାଶ କରିବାକୁ ସରକାର ବାଧ୍ୟ ହେଲେ । କହିବା ବାହୁଲ୍ୟ, ଆହୁରି କେତୋଟି ଭୂତଳ ଗମ୍ଭୀରି ଏଯାବତ୍ ଖୋଲା ନହୋଇ ରହିଛି ।

ମନ୍ଦିର ବୁଲାସରିବା ପରେ, ସେଇ ବିତ୍ତଶାଳୀ ଅଥଚ ସ୍ୱେଚ୍ଛାରେ ଦାରିଦ୍ର୍ୟକୁ ( ଅନ୍ତତଃ ବାହ୍ୟ ପରିପାଟିରୁ) ବରି ନେଇଥିବା ତ୍ରାଭଙ୍କର ରାଜାମାନଙ୍କ ଉଆସ ଆଡେ ବୁଲିଯିବାକୁ ମନ ବଳାଇ । ମନ୍ଦିରଠୁ ମାତ୍ର ଦୁଇଶହ ଫୁଟ ଦୂରରେ ଅଦ୍ୟାବଧି ଅଧା ମ୍ୟୁଜିଅମ୍ ଓ ଅଧା ଅଫିସ୍ ଘର ଭାବେ ତିଷ୍ଠି ରହିଥିବା କାଠର ଉଆସଟି ଏକଦା ଥିଲା ରାଜାମାନଙ୍କର ଉଆସ । ଏଠାରେ ରହି ସେମାନେ ଶାସନ କରୁଥିଲେ ଦାକ୍ଷୀଣାତ୍ୟର ବିଶାଳ ଓ ପ୍ରାଚୁର୍ଯ୍ୟମୟ କ୍ଷେତ୍ରକୁ ।

ସରକାରୀ ଖାଉଟି ଦୋକାନରେ ଲାଗିଥିବା ନାମଫଳକ ପରି ଛୋଟିଆ ଟିଣରେ ଝୁଲୁଛି ଫଳକ । ସେଥିରେ ଜାଣିଲି, ଏହି କାଠ ଉଆସର ସ୍ଥାନୀୟ ନାମ ପୁଏଥେନ ମଲିକା ( Puithen Malika) । କିନ୍ତୁ ମୂଳନାମଟି ହେଉଛି କୁଥିର ମଲିକା ( Kuthera Malika) । ରାଜା ସ୍ୱାଥୀ ଥିରିନାଲ ବଳରାମ ବର୍ମାଙ୍କ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀରେ ଏହାର ନିର୍ମାଣ

ହୋଇଥିଲା । ରାଜା ଥିଲେ କବି, ସଂସ୍କାରକ, ସଂଗୀତଜ୍ଞ ଓ ପ୍ରବୀଣ ଶାସକ । ଚକ୍କଣ ତଳ, ନୁଆଁଣିଆ ଟାଇଲ୍, ପ୍ରଚୁର ବାୟୁ ଚଳାଚଳର ବ୍ୟବସ୍ଥା, କାଠରେ କମକୁଟ, ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଭିନ୍ନ ଭିନ୍ନ କୋଠରୀର ବ୍ୟବସ୍ଥା – ଏସବୁକୁ ନେଇ ରାଜା ସୌନ୍ଦର୍ଯ୍ୟବୋଧର ଅନୁମାନ କରିହୁଏ । ସେ ସମୟରେ ମସଲା ଓ ହାତୀଦାନ୍ତ ପାଇଁ ଆସୁଥିବା ଡଚ୍ ମାନେ ରାଜାଙ୍କ ପ୍ରୀତ୍ୟାର୍ଥେ ଦେଇଥିଲେ ଏକ ଦୁର୍ଲଭ ଉପହାର । ବହ୍ଲାକାଚର ଏକ ସିଂହାସନ । ଏହା ଆଜିବି ସୁରକ୍ଷିତ । ପଚିଶଟି ହାତୀଙ୍କଠୁ ସଂଗ୍ରହ ହୋଇଥିବା ଶେହେଟି ଦାନ୍ତରୁ ତିଆରି ଗଜଦନ୍ତ ପଲଙ୍କ, ଏକ ବିସ୍ମୟ । କାନ୍ଥକଡକୁ ଲାଗି ନୁଆଁଣିଆ ଛାତର ତଳ ଅଂଶରେ ଲାଗଲାଗ ହୋଇ ୧୨୨ ଟି କାଠଘୋଡାର ନିଖୁଣ ଶିଳ୍ପ – ସବାଆଗ ଦେଖଣାହାରୀଙ୍କ ମନକୁ ମୋହିଦିଏ ।




କାଠର ଉଆସଟି ଥିଲା ଅତ୍ୟନ୍ତ ସରଳ ଓ ନିରାଡମ୍ବର । ଭୋଗବିଳାସର ଆଭାସ ହିଁ ନଥିଲା । ଟାଇଲ ଛପର ଘର, କାଠ ଜାଫ୍ରି, କାଠର ପାନେଲିଂ – ଏସବୁକୁ ଦେଖି ମନ କାହିଁ କେତେ ବର୍ଷ ତଳକୁ ଗ୍ଳଲି ଯାଉଥିଲା । ଖାଣ୍ଟି କେରଳୀ ଶୈଳୀର ଗୃହ ନମୁନା, ଆସବାବପତ୍ର, ଚିତ୍ରପଟ, ଯୁଦ୍ଧ ସାମଗ୍ରୀ, ପ୍ରାଚୀନ ମୁଦ୍ରା, ଉପହାର ସମୂହ ଏପରି ଯତ୍ନର

ସହ ସଜା ହୋଇ ରହିଛି ଯେ ଲାଗୁଥିଲା ସତେକ ରାଜାଙ୍କ ଆଗମନକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି ।

କେରଳ ବୁଲି ବାହାରିବା ପୂର୍ବରୁ ମନରେ ଗୋପନ ଇଚ୍ଛାଟିଏ ବସାବାନ୍ଧି ରହିଥିଲା । ଅନ୍ତତଃ ମୁଁ ମଧ୍ୟ ରାଜାଙ୍କ ସାଙ୍ଗରେ ଖାଲିପାଦରେ, ସକାଳରେ ମନ୍ଦିର ଦର୍ଶନ କରିବି । ମୁଣ୍ଡରେ ସବୁଜ ରଙ୍ଗର ଟୋପି, ଦେହରେ ସୁନେଲୀ ରଙ୍ଗର ଉଜ୍ଜ୍ୱଳ ଧଡି ଥିବା ଧଳାସୂତା ଧୋତି ସାଙ୍ଗକୁ ନଇଁ ପଡୁଥିବା ଉତ୍ତରୀୟହୀନ ଗୋରା ଶରୀର – ଇଏ ଥିଲେ ତ୍ରାଭାଙ୍କରର ରାଜା ଉଥ୍ରାଦମ୍ ଥିରୁନାଲ ମାର୍ତ୍ତଣ୍ଡ ବର୍ମା । ଟିଭି ପରଦାରେ ଅନେକ ଥର ଦେଖା ହୋଇଥିଲା । ଦୁର୍ଭାଗ୍ୟ, ଆମ ଯାତ୍ରା ଆରମ୍ଭର ପୂର୍ବଦିନ ହିଁ ତାଙ୍କର ଦେହାନ୍ତ ହୋଇଗଲା । ଆମେ କାଠ ଉଆସରେ ବୁଲିଲା ବେଳକୁ ତିରୋଧାନର ତୃତୀୟ ଦିବସ ପାଳନ ହେଉଥାଏ । ଇଏ ଥିଲେ ସେଇ ରାଜା, ଯାହାଙ୍କ ଅମଳରେ ମନ୍ଦିରର ବିଶାଳ ସମ୍ପତ୍ତି ଚାଲିଯାଇଥିଲା ସରକାରଙ୍କ ହାତକୁ । ତେଣୁ ରାଜପରିବାରର କେହି ମଧ୍ୟ ଶ୍ରଦ୍ଧାର ସହିତ ଏହି ଭଦ୍ର ବ୍ୟକ୍ତିଙ୍କୁ ସ୍ମରଣ କରୁନଥିବେ – ଏକଥାରେ ମୁଁ ନିଶ୍ଚିତ ଥିଲି । କିଛି ଜାଗାରେ ସ୍ୱର୍ଗୀୟ ରାଜାଙ୍କ ପୂର୍ଣ୍ଣ ଅବୟବର ଛବି ଥିବା ବ୍ୟାନର ସବୁ ଝୁଲୁଥିଲା । ସେଥିରେ ଲେଖାଥିଲା କିଛି ସବିନୟ ଅନୁରୋଧ, ଆଗାମୀ ଦଶଦିନବ୍ୟାପୀ ହେବାକୁ ଥିବା ଶୋକ ଉତ୍ସବ ଅନ୍ତର୍ଗତ ବିବିଧ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ।

କିଛି କର୍ମଚାରୀଙ୍କଠାରୁ ଶୁଣିଥିଲି, ଉତ୍ତରାଧିକାରୀ ହେବାକୁ ଯାଉଥିବା ସ୍ୱର୍ଗୀୟ ରାଜାଙ୍କ ଭଣଜା ଜଣକ ବିଲାତରେ ପାଠ ପଢୁଛନ୍ତି, ଓକିଲାତି ବି କରୁଛନ୍ତି । ସେଦିନ ହିଁ ସେ ତ୍ରିଭେନ୍ଦ୍ରମ୍ ରେ ପହଞ୍ଚିବା ଯୋଜନା ଥିଲା । ଦଶାହ ପରେ ପରେ ତାଙ୍କର ବିଲାତି ପୋଷାକ ବଦଳିଯିବ, ନାମ ମଧ୍ୟ ବଦଳଯାଇ ମାର୍ତ୍ତଣ୍ଡ ବର୍ମା ହେଇଯିବ । ଉତ୍ତରୀୟହୀନ ସାଧା ଧୋତିପିନ୍ଧା ରୂପରେ ସେ ହେବେ ପଦ୍ମନାଭସ୍ୱାମୀଙ୍କ ଦାସାନୁଦାସ । ହେଇପାରେ, ଗୋଟିଏ ବିଶାଳ ଅତିଭୌତିକ ଶକ୍ତିର ଦାସାନୁଦାସ ହେବାରେ କିଛି ବିଚିତ୍ର ଅନୁଭୂତି ଥାଇପାରେ ।

ଉଆସ ମଝିରେ ଥିଲା ନିଃସଙ୍ଗ ପ୍ରାୟ ଦିଶୁଥିବା ଏକ କ୍ଷୁଦ୍ର ଛପରିଲ ଘର, ସ୍ଥିତି ଦୃଷ୍ଟିରୁ ଚମତ୍କାର । ଘରର ଚାରିପଟେ ଥିଲା ପ୍ରଶସ୍ତ ବାରଣ୍ଡା! ବିସ୍ତୀର୍ଣ୍ଣ ଘାସଲନ୍ ମଝିରେ ଘରଟି ଦିଶୁଥିଲା ଦ୍ୱୀପପ୍ରାୟ । ଦୁଇଶହ ବର୍ଷ ତଳେ କୌଣସି ଗାୟକ ପରିବାର ସେଠାରେ ଅବସ୍ଥାନ କରୁଥିଲେ । ଏଠାରୁ ଛନ୍ଦ ତୋଳୁଥିଲା କେବେ ମେଘମହ୍ଲାର, କେବେ ଭୈରବୀ, କେବେ ଶଙ୍କରାଭରଣମ୍, ମୋହନମହ୍ଲାର, ଶୁଦ୍ଧମୁଖାରୀ, ବସନ୍ତଭୂପାଳ ବା କନାକାଙ୍ଗୀ । ବର୍ଷରେ ଋତୁମାନଙ୍କ ଆଗମନ ଅନୁଯାୟୀ ବା ଦିବସରେ ପ୍ରହରମାନଙ୍କ ସ୍ଥିତି ଅନୁଯାୟୀ ରାଗ ବଦଳୁଥିଲା । ଗାୟକ ପତ୍ନୀ ଓ ଗାୟକ କନ୍ୟାଙ୍କ ବୀଣା ଝଙ୍କାରର ମନ୍ଦମନ୍ଦ ଶବ୍ଦରେ ଏଠାକାର କାଠପ୍ରାସାଦ ସତେକ କରୁଥିଲେ ଅବଗାହନ । ସେଇ ବିସ୍ମୃତ ଗାୟକଙ୍କ ନିମନ୍ତେ ଉତ୍ସର୍ଗ ବାରଣ୍ଡାରେମୁଁ ମଧ୍ୟ ବସିଗଲି ଢେର ସମୟ ।

ଜଣେ ପ୍ରାଚୀନ ତାମିଲ କବି ଲେଖିଥିଲେ, ପଦ୍ମନାଭସ୍ୱାମୀ ଯଦି ଜଣେ ପ୍ରଚଣ୍ଡ ବିତ୍ତଶାଳୀ ରାଜା ହୁଅନ୍ତି, ତେବେ ଏହି କାଠ ନଅରଟି ହେବ ତାଙ୍କର ଚରଣ ପାଦୁକା । ଅନ୍ୟ ଭାବରେ କାଠର କଠଉ । ସ୍ୱାମୀଙ୍କ ଦାସାନୁଦାସ ଦେହଧାରୀ ରାଜାଙ୍କ ପୁଣ୍ୟ ଆଶ୍ରୟସ୍ଥଳୀ ହେଉଛି ଏହି ଚରଣାପାଦୁକା । ମୋ ପଇଁ ପାଦୁକା ଭିତରେ ବସି ଚରଣରେଣୁ ହୋଇଯିବା ଥିଲା ଏକ ଅନନ୍ୟ ଅନୁଭୂତି, ମୁହୂର୍ତ୍ତକ ପାଇଁ ହେଉ ପଛେ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଗଜାନନ



ସୌମ୍ୟ ରଞ୍ଜନ ପାଲ

ଗୌରୀସୁତ ଆଜି
ଗଣପତି ସାଜି
ଗଣଙ୍କୁ ମୋକ୍ଷ ପ୍ରଦାନ,
ଗଜାନନ ପୁଣି
ଗଦାଧର ବନି
ଗରବ କର ଖଣ୍ଡନ ।
ଗଣନାଥ ହେଇ
ଗଣନାୟକ ଯେ
ଗୋପନେ ପ୍ରବେଶ କର,
ଗଜବକ୍ତ୍ର ସାଥେ
ଗଜକର୍ଣ୍ଣ ତୁମେ
ଗଜ ସଂକେତରେ ହର
ଗଣାଧୀଶ ଭବେ
ଗଣାଧ୍ୟକ୍ଷ ରୂପେ
ଗାରିମା ବିସ୍ତାର ହୁଏ,
ଗଣଦେବ ନାମେ
ଗଣରାଜା ଗାନେ
ଗୁରୁ ସ୍ଥାନେ ଶୋଭାପାଏ ।



ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ପ୍ରେମ ର ପରିଭାଷା



ସଚ୍ଚିଦାନନ୍ଦ ବାରିକ

ତମକୁ ଅନେକ କଛି କହି ବି
ବହୁତ କଛି ବାକ ରହି ଯାଉଥିବା କଥା ହିଁ ପ୍ରେମ ॥

ଏଇ ଯେମିତି
ତମେ ଭଲ ଲ୍ଗ
ତମ ଆକଟ କରିବା
କଥା ହେଲେ
କଳ କଳ ହୋଇ ନଈ ପରି ବହି ଯିବା
ମୁହଁ ଫୁଲେଇ ଅଭିମାନ କରିବା
ଅବଶ୍ୟ ବେଳେ ବଳେ ଅବୁଝା ରହିଯାଏ
ତମେ ଅନଲ୍ଇନ୍ ଥାଇ କ ଦୁଇ ଘଡି ଉତ୍ତର ନ ଦେଲ୍ ପରେ ମୋତେ ବୁଝା ପଡେ

ତମକୁ ନେଇ ଖାଲି ଖାଲି ରେ ହଜି ହେଉଥିବା ଭ୍ବନା ହିଁ ପ୍ରେମ
ତମକୁ ସବୁ କଥା କହି ନ ପାରିଲେ ଯେ
ମୁଁ ପ୍ରେମ କରେନ ତା ନୁହେଁ
ବେଳେ ବେଳେ ଚୁପ୍ ରହି ତମକୁ ଦେଖିବା ବି ତ ଗୋଟିଏ ପ୍ରେମ

ତମେ ଦୂରେ ଥାଇ ବି
ପାଖରେ ପାଇ ହେଉଥିବା ଅନୁଭବ ହିଁ ପ୍ରେମ..
ଏଇ ଯେମିତି ମୋର ମନେ ପଡିବା
ଆଉ ତମର ମେସେଜ୍ ଆସିବା

ଆଉ ଯୋଜନ ଯୋଜନ ଦୁରରେ ଥାଇ
ଏକା କଥା ମନ କୁ ଆସିବା
ହେଇପାରେ ଦୁନଆ ଆଖିରେ କୋ ଇଂସିଡେନ୍ସ
ହେଲେ ମୋ ପାଇଁ ତ ପ୍ରେମ ॥

ତମକୁ ଘଡିଏ ଅନଲାଇନ୍ ନଦେଖି
ଦଶ ବାର ଲାଇନ ଆଉ ପ୍ରାୟ ୨୫ ଟା ମିସ୍ କଲ୍ ବି ତ ପ୍ରେମ...

ହଁ ମୁଁ ଜାଣେ ତମେ ଠିକ୍ ଥିବ
ତଥାପି ଲୋଡିବା ବି ତ ପ୍ରେମ

ଆହୁରି ଅନେକ କଛି ବି ପ୍ରେମ
ଯାହା କେବଳ ଆଖି ବୁଝେ
ମନ ବୁଝେ
ଭାଷା ଦେଇ ଲେଖି ହୁଏ ନା
ବେଳେ ବେଳେ ସବୁ ଜାଣି ଅଜଣା ରହିବା ବି ତ ପ୍ରେମ
ଏଇ ଯେମିତି ପାହାଡ ଝରକା ଆଉ ନଈ ସବୁ
ଆଗରୁ ନିଷ୍ପ୍ରାଣ ଲାଗୁଥିବା ବେଳେ
ତମେ ଜୀବନ ହୋଇ ଆସିଲା ପରେ
ରଙ୍ଗୀନ ଦିଶିବା
କୋଇଲି ର କୁହୁତାନ
ପକ୍ଷୀ ମାନଙ୍କର କଳରବ
ଆଗରୁ ବେକାର ଲାଗୁଥିବା ବେଳେ
ସଙ୍ଗୀତ ର ମୁର୍ଚ୍ଛନା ଲାଗିବା ବି ତ ପ୍ରେମ ॥

ଗଳ୍ପ ଗଳ୍ପ ବାଟ ଅଗଣନକ ସରିଯିବା
ହାତରେ ଲିଷ୍ଟ ଥାଇ ବି ଅନେକ କଛି ଭୁଲିବା

ଭିଡ ଭିତରେ ଗ୍ଧୁ ଗ୍ଧୁ
ତମେ ପଛରୁ ଆସି ଡାକବା ର ଭ୍ରମବି ତ ପ୍ରେମ ॥
ଫୁଲ ବାଲ୍ଟି ର ଟୋକେଇ ରେ
ଲ୍ଲଲ ଗୋଲ୍ଲପ ଦେଖି
ମନ ପ୍ରେମାଛନ୍ନ ହେବା ଆଉ ଆଖି ବୁଜିଲେ
ତମେ ହିଁ ଦିଶିବା
ସବୁ ପ୍ରେମ ପ୍ରେମ ଆଉ ପ୍ରେମ..
ମୁଁ ତ ଅନାୟାସରେ ଦୁନଆକୁ କହିପାରେ
ତମେ ହିଁ ପ୍ରେମ
ତମେ ହିଁ ଜୀବନ

ଡର ଲ୍ଲଗେ
ସମ୍ପର୍କରେ ଆଖି ଲ୍ଲଗିବାକୁ ସମୟ ଲ୍ଲଗେନ
ଦୁନଆ ଆଖିରେ ଆନେକ କଛି ଯାଏନ
ସେଥି ପାଇଁ କହିନ

କହିନ ବୋଲି ଯେ ପ୍ରେମନାଇଁ
ସେମିତି କଛି ମାନେ ନାଇଁ
କଛି କଥା ନ କହି ଦୁନଆ କହିବା
ଭ୍ବବି ନ ଥିବା କଥା ଆଉ
ଅକଳଆ ପରିସ୍ଥିତି ରେ ବି
ଅନେକ କଥା ପରିବାର ଆଉ ସମାଜ କହିବା
ତଥାପି ସବୁ କଥା କୁ
ଫୁ କରି ଉଡେଇ ଦେଇ
ତମ ପାଇଁ ସବୁକଛି ସହିବା
ସେଇଟା ବି ତ ପ୍ରେମ...

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

# ବୁଆ



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ହାତେ ହାତ ଦେଇ ଡରକେ
ଦେସି ଯେ ଡରେଇ,
ଛାତି ଛାତେ ବଲ ଭରସି
ବାଟେ ନେସି କଢେଇ,
ସବୁବେଲେ ପାଖେ ପାଖେ ଥିସି ଠିଆ
ସେ ଆଏ ମୋର ବୁଆ...୧

ଦୁଖ ଦରଦ ସବୁ ନଜେ ସହେସି
ମତେ ରଖସି ଦୁରେଇ,
ବିପଦ ଆପଦ ସବୁ ସାମ୍ନା କରସି
ମତେ ରଖସି ଭୁରେଇ,
ଛାତିନୁ କେଭେ ନାଇଁ କରେ ଦୁରିଆ
ସେ ଆଏ  ମୋର ବୁଆ......୨

ମୋର ପେଟ ଭରି ଭୁକେ ରହେସି
ଖୁସି ଦେସି ଧରେଇ,

ଅନନ୍ଦା ରହି ମତେ ସୁଆଇଦେସି
ଲୁହୁ ନଦିଏ ଝରେଇ,
ଖୁସି ଲ୍ଗି ଝର୍‌ସି ଲହୁ ଝାଲ ଦରିଆ
ସେ ଆଏ ମୋର ବୁଆ.....୩

ମୁରୁଖ ହଇ ହାତେ ବହି ଧର୍‌ସି
ପଠାସି ପାଠ ପଢେଇ,
ଜୀବନକେ ମୋର ସୁନ୍ଦର କରସି
ସେ ଜୀବନ ଗଢା ବଢେଇ,
ଜୀବନକେ ବାଜି ଲଗାଇ ପାଖେ ହେସି ଠିଆ
ସେ ଆଏ ମୋର ବୁଆ.....୪

ପ୍ରଧାନପାଲି, ସମ୍ବଲପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com



# ଦୁର୍ଘଟଣା

ଅଶୋକ କୁମାର ସେଠୀ

ଅନାୟାସେ ମନ ତଳ ମନକୁ ବୁଝି ପାରୁଥିବା ମନଟି ଆଜି କାହିଁ ଖୁବ ଆନମନା । କେଉଁ ଅଜଣା ସମ୍ମୋହନ ସ୍ପର୍ଶ ଅଡୁଆ ସୂତାରେ ଛନ୍ଦି ଦେଲା ପରି ଆଜି ସେ ଛନ୍ଦି ହୋଇ ଯାଉଛି ବେଳୁ ବେଳ . ..! ତା' ପରିଚୟ ଅନ୍ୟମାନଙ୍କ ମୁହଁରୁ ସହଜେ ବାରି ହୁଏ । ଅନ୍ୟାନ୍ୟ ବୃତ୍ତି ମଧ୍ୟରୁ ଏମିତି ଏକ ବୃତ୍ତିରେ ଉଦାର ବ୍ୟକ୍ତିତ୍ୱଟି ନହାତି ଲୋଡ଼ା ବୋଲି ଈଶ୍ୱର ବୋଧେ ନିବେଦିତାକୁ ପଠେଇଛନ୍ତି ଏଠିକୁ ।

ନିବେଦିତା ଏକାଧାରରେ ଜଣେ ମନସ୍ତତ୍ତ୍ୱବିତ୍ତ ଓ ସୁସାହିତ୍ୟିକା। ନିଜର ମନସ୍ତତ୍ତ୍ୱ ବୃତ୍ତି ଠାରୁ ଜଣେ ସୁସାହିତ୍ୟିକା ହିସାବରେ ସେ ଖୁବ ପରିଚିତା। ସାହିତ୍ୟ ଦୁନିଆରେ ସେ ଜଣେ ସମ୍ମାନସ୍ପଦ ବ୍ୟକ୍ତିତ୍ୱ । ତା ସୃଜନ ସୃଷ୍ଟି ପାଇଁ ବିଭିନ୍ନ ସାହିତ୍ୟ ସଂଗଠନ ତରଫରୁ ପୁରସ୍କୃତ ଓ ସମ୍ମାନିତା। ସେ ସାହିତ୍ୟ ର ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ଅନେକ ଗଳ୍ପବହି ମଧ୍ୟରୁ ଗୋଟିଏ ଗଳ୍ପ ବହି ସହ ସେ ଖୁବ ନିବିଡ । ନିର୍ଦ୍ଦିଷ୍ଟ ଗଳ୍ପଟିକୁ ସେ ବହୁବାର ପଢିବା ସତ୍ତ୍ୱେ ଆଉ ଥରେ ନପଢି ସେ ମାୟା ରୁ ସେ ନିବୃତ ହୋଇ ପାରୁନ । ସେ ଜଣେ ମନସ୍ତତ୍ତ୍ୱବିତ ହୋଇ ଥିବାରୁ ପ୍ରତ୍ୟେକ ଲେଖାରେ ମଣିଷ ମନର ଗଭୀରତମ କଥା କୁ ସେ ଖୁବ ସାବଲୀଳ ଢଙ୍ଗରେ ବ୍ୟକ୍ତ କରିବା ରେ ମାହିର । ମୁଖ୍ୟ କଥା ହେଲା ସେ ସବୁଦିନ କିଛି ନା କିଛି ମାନସିକ ରୋଗୀଙ୍କୁ ଭେଟେ । ସେଇମାନେ ହିଁ ଏହି ସୃଜନ ର ଉତ୍ସ ବୋଲି ଅସ୍ୱୀକାର କରିହେବନି .. ଯଦିଓ ଜଣେ ଡାକ୍ତର ହିସାବରେ ତାର ସେଇଟା ପ୍ରାଥମିକ ଦାଇତ୍ୱ ...

ଆଜି ସେ ବୃଦ୍ଧ ପ୍ରାୟ ଜଣେ ମାନସିକ ରୋଗୀଟିକୁ ଭେଟିବା ପରେ । ନିଜ ମାନସିକ ସ୍ଥିତି ଅସ୍ଥିର ହେଲା ପରି ସେ ହୃଦବୋଧ ହୋଇଛି । ମୁହୂର୍ତ୍ତେ ସେ ଅନ୍ୟମନସ୍କ ହୋଇ

ଯାଇଛି । କଣ କେଜାଣି ମନେ ମନେ ଇତସ୍ତତଃ ଭାବେ ଖୋଜି ବୁଲୁଥାଏ । ଖୋଜି ନପାଇ ନୈରାଶ ହୋଇଛି । ହଠାତ ହଜିଲା ଜିନଷ ପାଇଗଲା ପରି, ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ମମତା ର ସେ ପ୍ରସିଦ୍ଧ ଗୀତଟିକୁ ଦୋହରାଉଛି ମନେ ମନେ "ହେ ଫଗୁଣ କନ୍ଦାନାରେ... ମୋ ଲୁହ ହେଲେ ନଦୀର ଧାର..." ସୁର, ତାଳ ଲୟକୁ, ଲୟ କରି ଗାଇବାକୁ ଚେଷ୍ଟା କରୁଛି ନବେଦିତା ବାରମ୍ବାର । ଏ ଊଣ୍ଡର ବୟସରେ ସାଧାତୀତ ହେଲେ ସୁଦ୍ଧା ... । ଯେମିତି ହେଲେ ସ୍ୱରରେ ଗାଇବାକୁ ପଡିବ ...। କଛି ସ୍ମୃତି ବାଟ କାଟି ରୋମନ୍ଥନ ହେବାକୁ ଲାଗିଛି; ପିଲା ଦିନର ସେ ମୁହୂର୍ତ୍ତକୁ ଫେରି ଆସିଛି ସେ ମୁହୂର୍ତ୍ତରେ । ସବୁ କଥା ତା ଆଗରେ ଗୋଟି ଗୋଟି ହୋଇ ଝଲସି ଉଠିଛି ।

ନବେଦିତା ଏ ବର୍ଷ ହାଇସ୍କୁଲରେ ପ୍ରବେଶ କରିଛି । ସେ ସ୍କୁଲରେ ନବେଦିତାର ବାପା ଇଂରାଜୀ ଶିକ୍ଷକ । ନଜ ଗାଁ ଠାରୁ ସ୍କୁଲର ଦୂରତା ପାଞ୍ଚ କଲୋମିଟରରୁ ସାମାନ୍ୟ କମ ହେବ । ଯଦିଓ ପ୍ରାୟ ପିଲା ଗ୍ଭଲି ଗ୍ଭଲି ସ୍କୁଲକୁ ଆସିଥାନ୍ତି । ନବେଦିତା ତା ବାପାଙ୍କ ସହ ବାଇକରେ ଯାଏ । ନବେଦିତାର ପାଠ ପଢ଼ାରେ ଯେମିତି ବିଚକ୍ଷଣ ଦଖଲ ଦେଖିବାକୁ ବି ସେମିତି ଅପରୂପ ସୌନ୍ଦର୍ଯ୍ୟ । ଭାରି ବୁଦ୍ଧିମତୀ ଓ ପରୋପକାରୀ । ସେ ସବୁ ବିଷୟ ଓ ପରିସ୍ଥିତିକୁ ଅତି ସହଜରେ ଆୟତ୍ତ କରିନେଉଥାଏ । ସେଥିପାଇଁ ସେ ସ୍କୁଲରେ ସଭିଁଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ବିନ୍ଦୁ । ଏମିତି ଦିନକର କଥା, ସମସ୍ତଙ୍କୁ ଇଂରାଜୀ ପ୍ରଶ୍ନୋତ୍ତର ଲେଖି ଆଣିବାକୁ କୁହାଯାଇଥାଏ । ପ୍ରଶାନ୍ତ କୌଣସି ପ୍ରଶ୍ନୋତ୍ତର କରିନଥିବାରୁ ସାରଙ୍କ ଠାରୁ ବେତ ମାଡ଼ ପଡିଛି । ଆସନ୍ତା କ୍ଲାସକୁ ଯେମିତି ହେଲେ ପ୍ରଶ୍ନୋତର କରି ଆଣିବା ପାଇଁ ସାର ତାଗିଦ କରିଛନ୍ତି ।

ସ୍କୁଲ ଛୁଟି ବେଳକୁ ପଛରୁ କାହାର ଡାକ ଶୁଣି ପ୍ରଶାନ୍ତ ବୁଲି ଗ୍ଭହିଁଲା ବେଳକୁ ନବେଦିତା ତା ଇଂରାଜୀ ପ୍ରଶ୍ନୋତ୍ତର ଖାତା ପ୍ରଶାନ୍ତ ହାତକୁ ବଢ଼େଇ ଦେଇ କହିଲା, " ସୋମବାରକୁ ଯେମିତି ହେଲେ ଲେଖି ଆଣିବୁ " ।

ନହେଲେ ଦେଖିବୁ ..!!

ସତକୁ ସତ ସୁନା ପିଲା ପରି ପ୍ରଶାନ୍ତ ସବୁ ଉତ୍ତର ଲେଖି ଆଣିଥାଏ । ସାରଙ୍କ ମନରେ ଟିକେ କୌତୁହଳ ଉପୁଜିଛି ତା ଖାତାକୁ ଟିକେ ଆଖି ବୁଲେଇ ଆଣିଲେ । ସାର ପ୍ରଶାନ୍ତ

ମୁହଁକୁ ଟିକେ ଗୃହିଁଲେ, ତା ପରେ ନବେଦିତା ର ମୁହଁକୁ ... ସେତେବେଳକୁ ନବେଦିତା ଗୋଟା ପଣ ଝାଳରେ ଗାଧେଇ ସାରିଲାଣି । ସାର ପ୍ରଶାନ୍ତକୁ କହିଲେ, ମନ ଦେଇ ପାଠ ପଢ଼ିବୁ , ଯା...!

ପ୍ରଶାନ୍ତ ର ପାଠ ପଢା ପ୍ରତି ତିଳେ ହେଲେ ଆଗ୍ରହ ନାହିଁ । ପାଠ ପଢା ଠାରୁ ଗଛ ଚଢା, ନଈ ପହଁରା, ମାଛ ମାରିବା ଏ ସବୁରେ ଧୁରିଣ । ପ୍ରଶାନ୍ତ ଦେଖିବାକୁ ସାମାନ୍ୟ କୃଷ୍ଣ ବର୍ଣ୍ଣ । ଘୁଙ୍ଗୁର ଚୁଟିକୁ ସେମିତି ନୁଖୁରା ଛାଡି ଦେଇଥାଏ । ସବୁ ଦିନ ଖାଲି ପାଦରେ ୩ କ.ମି. ଗୃଲି ଗୃଲି ସ୍କୁଲ କୁ ଆସେ । କାନ୍ଧରେ ତେଲିଆ ପଡ଼ିଯାଇଥିବା ସିମେଣ୍ଟ ବସ୍ତାର ବସ୍ତାନ । ବର କୋଳ, ଭଇଁଚ କୋଳ, ଗୁଆ କୋଳ ସବୁଦିନ କଛି ନା କଛି ଆଣି ନବେଦିତା ଦିଏ । କଷ୍ଟେଇ କୋଳ କଣ୍ଟାର ଗାଁଚୁଡ଼ା ଆଜି ବି ଥିବ । ଏମିତି ଦିନେ ନବେଦିତା ସାଙ୍ଗ ମାନଙ୍କ ଇର୍ଷାର ସମ୍ମୁଖୀନ ହେବାକୁ ପଡିଛି । ନବେଦିତା ର ସାଙ୍ଗ ଜଣକ କହିଲା ୧୦ ଟଙ୍କା ଦଶ କ ପନ୍ଦରଟା ଆମ୍ବ ମିଳବ । "ହଁ, ହୁଏତ ଦଶ ଟଙ୍କା ରେ ୧୫ ଟି ଆମ୍ବ ତମେ ପାଇପାରିବ କନ୍ତୁ ଦଶ ଥର ଚେଷ୍ଟା ରେ ଗୋଟିଏ ଆମ୍ବ ଖସେଇବାର ସ୍ୱାଦ ତମେ ବା କାହୁଁ ବାରି ପାରିବ ..!! " ବୁଝିବା ଲୋକ ଠିକ ବୁଝି ପାରିଥାଏ ନବେଦିତା ର ଉତ୍ତର ।

ଖେଳ ଛୁଟି ହେଲେ ନବେଦିତା ଯାହା ଆଣିଥାଏ ପ୍ରଶାନ୍ତ କୁ ଦିଏ । କାରଣ ସେ ଏତେ ଦୂର ଘରକୁ ଯାଇପାରିବ ନାହିଁ କ ତାଙ୍କର ବି ଏତେ ସ୍ୱଚ୍ଛଳ ନୁହଁ ସବୁଦିନ ଗୁଡିଆ ଦୋକାନରୁ କଣି ଖାଇ ପାରିବ ।

ନବେଦିତାର ଧମକ ଚମକ ବଳରେ ପ୍ରଶାନ୍ତ ଅଷ୍ଟମ ଶ୍ରେଣୀ ଡେଇଁଗଲା । ବର୍ତ୍ତମାନ ନବମ । ଏମିତି ସେଦିନର ଘଟଣାଟି, ଆମ ସ୍କୁଲ ପଣ୍ଡିତ ସାର ଟିକେ ରସିକ ବୋଲି ଆମେ ସଭିଏଁ ଅଳ୍ପ ବହୁତ ଶୁଣିଥାଉ । ସେଦିନ କ୍ଲାସରେ ପଣ୍ଡିତ ସାର ସମସ୍ତଙ୍କୁ ଶବ୍ଦରୂପ, ଧାତୁ ରୂପ ପଗ୍ଭରୁଥାନ୍ତି । ନବେଦିତାକୁ "ଗୋ" ଶବ୍ଦରୂପ ଉଚ୍ଚାରଣ କରିବାକୁ କହିଲେ । ଡରରେ କ ସଠିକ ଭାବେ ଉଚ୍ଚାରଣ କରିପାରୁନଥିଲା କେଜାଣି ନବେଦିତା। ପଣ୍ଡିତ ସାର, ଇରେ ..! ଇରେ ..! ଏଇଟା ଆସୁନ କହି ଚତୁରତା ର ସହିତ

ନବେଦିତାର ସମ୍ବେଦନଶୀଳ ଅଙ୍ଗରେ ସାରଙ୍କ ହାତ ସ୍ପର୍ଶ କରୁଥାଏ । ସାରଙ୍କର ଏ ଧୃଷ୍ଟତା ସବୁ ପିଲା ଠଉରାଇ ସାରିଥାନ୍ତି ।

ଖେଳ ଛୁଟିରେ ପ୍ରଶାନ୍ତ ସୁବିଧା ଦେଖି ପଣ୍ଡିତ ସାରଙ୍କର ସାଇକେଲଟିକୁ ଠାବ କଲା । ସଭିଙ୍କ ଅଗୋଚରରେ ଘାଉଣ୍ଡରରେ ପୁଟପାଟ କରି ଚକା ଦୁଇଟିକୁ ଫୁଟେଇ ଦେଇ ଚାଲି ଆସିଲା । ପଣ୍ଡିତ ସାରଙ୍କୁ ସେଦିନ ଆଗ ଛକ ଯାଏଁ ଚାଲି ଚାଲି ଯିବାକୁ ପଡିଲା । ତା ପରଦିନ ନବେଦିତା, ପ୍ରଶାନ୍ତ କୁ ପଚାରିଲା," ତୁ କାହିଁକି ପଣ୍ଡିତ ସାରଙ୍କ ସାଇକେଲ ଲିକ କରିଥିଲୁ ..? "

ନାଁ, ମୁଁ କରିନ ତ... ! ପ୍ରଶାନ୍ତ ମୁହଁ ତଳକୁ କରି ଉତ୍ତର ଦେ   ।

ମୋ' ମୁହଁକୁ ଚାହିଁ ଦେଖି କହିଲୁ ?

ହଁ, ମତେ ରାଗ ଲାଗିଲା ସେଥିପାଇଁ ଲିକ କରିଦେଲି । ପୁଣି ମୁହଁ ତଳକୁ ପ୍ରଶାନ୍ତ ର ।

ତତେ କଣ ପାଇଁ ରାଗ ଲାଗିଲା ?

ମୁଁ ଜାଣିନ, କହି ମୁହଁ ବୁଲେଇ ଚାଲିଗଲା । ପଛପଟୁ ନବେଦିତା ର ମୁରୁକ ହସ ପ୍ରଶାନ୍ତ ସ୍ପଷ୍ଟ ଶୁଣି ପାରିଥାଏ ।

ସ୍କୁଲ ର ବାର୍ଷିକ ଉତ୍ସବ ଖୁବ ଧୁମ ଧାମ ରେ ପାଳନ କରାଗଲା । ସେଦିନ ନବେଦିତା ଗୋଟିଏ ଗୀତ ଗାଇଲା ସେ ଗୀତ ଶୁଣି ସବୁ ଦର୍ଶକ ଅଭିଭୂତ ହୋଇ ଯାଇଥିଲେ । ତା ପରଠାରୁ ପ୍ରଶାନ୍ତ କେତେଥର ଅନୁରୋଧ କରିଛି ନବେଦିତାକୁ "ହେ ଫଗୁଣ କନ୍ଦାନାରେ .. " ଗୀତଟିକୁ ଗାଇବାକୁ । ଏଣେ ମୁଣ୍ଡ ଉପରେ ଦଶମ ପରୀକ୍ଷା । ପ୍ରଶାନ୍ତ ପାଠ ପଢ଼ାରେ ମନ ଦେଉନଥିବାରୁ ନବେଦିତା ପ୍ରଶାନ୍ତ ଉପରେ ଭାରି ବିରକ୍ତି ହେଉଥାଏ ।

ଦେଖେ..! ତୁ ପାଠ ନପଢିଲେ ନିଶ୍ଚିତ ଫେଲ୍ ହବୁ ।

ପ୍ରଶାନ୍ତ ପାଖରେ ଫର୍ମ ଫିଲପ ପାଇଁ ବି ସେତିକି ଅର୍ଥ ବି ନଥାଏ । ନବେଦିତା ତା ବାପାଙ୍କୁ କହି ତା ଫର୍ମ ଫିଲପ କରିଦେଲା ସତ କିନ୍ତୁ ଦଶମ ପରୀକ୍ଷା ଉତ୍ତୀର୍ଣ୍ଣ ହେବାରେ ବିଫଳ ହେ   । ପ୍ରଶାନ୍ତ ମନରେ କିନ୍ତୁ ଦୁଃଖ ଟିକଏ ନଥିଲା ବରଂ ବହୁତ

ଖୁସି ଜଣା ପଡୁଥିଲା କାରଣ ନବେଦିତା ଆମ ଜିଲ୍ଲା ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ।

ନବେଦିତା କଲେଜକୁ ନୀତି ଦିନ ଯିବା ଆସିବା କରେ ବସରେ । ମୁଖ୍ୟ ସଡକ ଠାରୁ ତାଙ୍କ ଗାଁକୁ ଆଉ ଦେଢ଼ କମି ବାଟ ଚାଲିବାକୁ ପଡେ। ପ୍ରଶାନ୍ତ ଏବେ ଗୋଟେ ଗାଡ଼ିରେ ହେଲ୍ପର କଛି ଦିନ ପରେ ଡ୍ରାଇଭର । ସେ ଗାଡ଼ିରେ ନବେଦିତା ବି ଥରେ ଅଧେ ଆସିଛି । ପ୍ରଶାନ୍ତ କୁ ଡ୍ରାଇଭର ବାବୁ ବୋଲି ଡାକେ ନବେଦିତା । ଦିନକର ଘଟଣା ସେଦିନ ଦ୍ୱିପ୍ରହର ବେଳକୁ ନବେଦିତା କଲେଜରୁ ଫେରୁଥାଏ । ଛକରୁ ଓହ୍ଲେଇ ଘରକୁ ଯିବା ବାଟରେ ଶୂନ ସାନ ଗହିର ବାଟ ଦେଇ ଯାଉଥାଏ । ରାଜଦୂତ ଗାଡି ଶବ୍ଦ ଶୁଣି ନବେଦିତା ର ଛନକା ପଶିଗଲା । ମନୁଆ କେତେଥର ନବେଦିତା ର ପିଛା କରୁଥିବା ର ନବେଦିତା ଦେଖିଛି । ଆଉ କଛି ଭାବିବା ଆଗରୁ ମନୁଆ ଆଉ ତା ସାଙ୍ଗ ଜବରଦସ୍ତ ଉଠେଇ ନେଇଗଲେ ଅଦୁରସ୍ଥ ଉଚ୍ଚ ହୁଡ଼ା ସେ ପାଖକୁ । ଏମିତି ଥରେ ନୁହେଁ ଦୁଇ ଚାରିଥର ଘଟିଲାଣି ତା ସହ । ନବେଦିତା ଏବେ ସବୁବେଳେ ତ୍ରସ୍ତ ଓ ଡରି ଡରି କଲେଜ ଯାଏ। ପ୍ରଶାନ୍ତ ଚଳାଉଥିବା ଗାଡି ରେ ନବେଦିତା କଲେଜ ରୁ ଫେରୁଥାଏ ସେ ଗାଡ଼ିରେ ମନୁଆ ଓ ତା ସାଙ୍ଗ ପିଛା କରି ଆସିଥାନ୍ତି ସେ ବସ ରେ । ନଜ ଗନ୍ତବ୍ୟ ସ୍ଥଳ ପହଂଚବା ସତ୍ୱେ ନବେଦିତା ଗାଡ଼ିରୁ ଓହ୍ଲାଉନାହିଁ ଅନ୍ୟମନସ୍କ ହେତୁ । ତୁ ଓହ୍ଲେଇବୁନ କୁ..? ପ୍ରଶାନ୍ତ ପଚାରିଲା ନବେଦିତାକୁ..

ହଁ..ହଁ..କହି ପ୍ରକୃସ୍ଥିତ ହୋଇଛି ନବେଦିତା ..!

ପ୍ରଶାନ୍ତକୁ ଏ କଥା ଆଉ ଅଗୋଚର ରହିଲାନ । ନବେଦିତା ସବୁକଥା ପ୍ରଶାନ୍ତକୁ କହିଛି। ନବେଦିତା କେବେ କାନ୍ଦିବାର ସେ କେବେ ଦେଖିନଥିଲା ତା ଆଖିରୁ ଲୁହ ପ୍ରଶାନ୍ତ ମନରେ ଉଗ୍ର ଉଦ୍‌ଗିରଣ ସବୁ ଅସମ୍ଭାଳ ହୋଇ ବାହାରି ପଡିବାକୁ ଛାଟିପିଟି ହେଉଥାଏ।

ଆମେ ଯେବେ ଚାହିଁବୁ ତୁ ଆସିବୁ ନଚେତ ...ମନୁଆ ରୀତିମତ ବ୍ଲାକ ମେଲ କରିବା ଆରମ୍ଭ କରିଦେଇଥାଏ । ନବେଦିତା କୁ କଲେଜ ଯିବା ଅସମ୍ଭବ ହୋଇ ପଡିଥାଏ ।

ପ୍ରଶାନ୍ତ ଗାଡି ଚଳାଉଥିଲା ବେଳେ ପଛରୁ ଏକ ରାଜଦୂତ ଦ୍ରୁତ ଗତିରେ ତାକୁ ଅତିକ୍ରମ ପକେଇ ଯାଉଛି । ସ୍ୱତଃସ୍ଫୁର୍ତ ଭାବେ ପ୍ରଶାନ୍ତର ଗୋଡ ଜୋରରେ ଆକ୍ସିଲଟର ଉପରେ ମାଡି ହେଇ ଯାଉଛି ତା ଆଖିକୁ ଆଉ ରାସ୍ତା ଦେଖା ଯାଉନ, ଦେଖା ଯାଉଛି ନବେଦିତା ର ଭୀତ ତ୍ରସ୍ତ ମୁହଁଟି ଆଖିରୁ ଲୁହ ଥପ ଥପ ହୋଇ ପଡୁଛି, ନଛାଟିଆ ଶୂନଶାନ ଗହିର, ମନୁଆ ର ପାଶବିକ ଅତ୍ୟାଚାର .. ନବେଦିତା ର ମୁହଁ ଆଉ ମନୁଆ ର ମୁହଁ ଏ ଦୁଇଟି ମୁହଁ ବାରମ୍ବାର ଝଲସି ଯାଉଛି ତା ଆଖି ଆଗରେ ..ଜୋର ରେ କଷି ଦେଇଛି ଆକ୍ସିଲଟର, ଛିଟିକା ପଡ଼ିବାର ଶବ୍ଦ ତାକୁ ପ୍ରକୃତିସ୍ଥ କରିଛି ।

ନବେଦିତା ବହୁତ ଖୋଜିଲା ପରେ ପ୍ରଶାନ୍ତ ର ସନ୍ଧାନ ପାଇଛି । ତୁ ଜାଣି ଶୁଣି ଏ ସବୁ କରିଛୁ ନା ..? ନବେଦିତା ର ବାଷ୍ପ ରୁଦ୍ଧ ସ୍ୱର ..

ନା, ଜାଣିଶୁଣି ନୁହେଁ ମୋ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ସେଥି ପାଇଁ ଦୁର୍ଘଟଣା ଟି ଘଟିଲା ।

ନବେଦିତା ପ୍ରଶାନ୍ତ ର ହାତ ଆଣି ନିଜ ମୁଣ୍ଡ ଉପରେ ରଖିଦେଲା, ମତେ ତ ଥରଟେ ସତ କହ ...

ପ୍ରଶାନ୍ତ ର ଉତ୍ତର ତା କାନ୍ଦ କାନ୍ଦ ମୁହଁରୁ ଉତୁରି ଆସୁଥିଲା ଯେମିତି । ପ୍ରଶାନ୍ତ ଲୁହ ପୋଛି ପୋଛି ସେଠାରୁ ଚାଲି ଗଲା ।

ନବେଦିତା ଉଚ୍ଚ ଶିକ୍ଷା ପାଇଁ ସେ ଓଡିଶା ବାହାରକୁ ଚାଲି ଆସିଛି । ପଛ କଥା ସବୁ ପଛରେ ରହିଯାଇଛି । କଳାପଟା ରୁ ଲିଭି ହୋଇ ଯାଇଛି ପୁରୁଣା ପାଠ । ନୂଆ ପାଠ ରେ ଲେଖା ଏବେ ଖୁବ ଜୀବନ୍ତ ସେ ଜଣେ ଲବ୍ଧ ପ୍ରତିଷ୍ଠିତ ମନସ୍ତତ୍ୱ ବିତ୍ତ ଓ ଜଣେ ସୁସାହିତ୍ୟିକା । ତାର କାଉଁରୀ ସ୍ପର୍ଶରେ ବହୁତ ରୋଗୀ ଆରୋଗ୍ୟ ଲାଭ କରିଛନ୍ତି । ନବେଦିତା ଏବେ ୫୦ ବର୍ଷ ବୟସରେ ବି ଚଳଚଞ୍ଚଳ ଓ ସକ୍ରିୟ ଉଭୟ ସାହିତ୍ୟ ଓ ଜୀବିକାରେ ।

ସ୍ଥିତପ୍ରଜ୍ଞା ସ୍ଥିର ଚିତ୍ତ ନବେଦିତା ଆଜି କାହିଁ ନିଜେ ଭିତରେ ଉଠୁଥିବା ଉତ୍ଥାନ ପତନ କଳି ପାରୁନି ..! ଖୁବ ଅସ୍ଥିର ଭାବରେ ଏଣେତେଣେ ଧାଉଁଛି ତନୁ ମନ ଧରି

ରଖିପାରୁନ । ଅହେତୁକ ଆବେଗରେ ସେ ଆଜି ଅସ୍ଥିର ସେ ବୃଦ୍ଧ ମାନସିକ ଲୋକଟିକୁ ଭେଟିବା ପରେ ପରେ । ମୁଣ୍ଡରେ ତାର ଗଭୀର ଆଘାତ ହୋଇଥିବାରୁ ସେ ମାନସିକ ଭାରସାମ୍ୟ ହରେଇ ବସିଛି । ତାର ସମ୍ପର୍କୀୟ ମାନଙ୍କର ସଠିକ କଛି ଖବର ନାହିଁ ।

ନବେଦିତା ସେ ନର୍ଦ୍ଧିଷ୍ଟ ବହିଟି ଉପରେ ବେଶୀ ବେଶି ମନ ନବେଶ କରିଛି । ନଜକୁ ଖୁବ ଦୋଷୀ ମନେ କରିଛି । ନର୍ଦ୍ଧିଷ୍ଟ ବହିଟି ପାଇଁ ପୁରସ୍କୃତ ହୋଇଥିଲେ ସୁଦ୍ଧା ସେ କଛି ବିଷୟକୁ ଛାଡି ଚାଲି ଯାଇଛି । ଖୋଜିବାକୁ ଚାହିଁଛି ପରବର୍ତ୍ତୀ ଘଟଣା । ଯାହା ପାଇଲା ସେ ଶୁଣି ହତବାକ ..!

ମନୁଆର ପରିବାର ଲୋକ ତା ପରେ ପ୍ରଶାନ୍ତକୁ ପିଟି ପିଟି ଲହୁ ଲୁହାଣ କରିଦେଇଛନ୍ତି। ଲୁହା ରଡ଼ର ଶକ୍ତ ପ୍ରହରରେ ମୁଣ୍ଡରେ ତା ଗଭୀର କ୍ଷତ । ସେ ଗଭୀର ଆଘାତ ଯୋଗୁଁ ମାନସିକ ଭାରସାମ୍ୟ ହରାଇ ବସିଛି ।

ନବେଦିତାର ସମସ୍ତ ପ୍ରଚେଷ୍ଟା ସତ୍ୱେ ତିଳେ ମାତ୍ର ପ୍ରଭାବ ପଡି ପାରୁନ ସେ ବୃଦ୍ଧ ବ୍ୟକ୍ତିଠାରେ..ଧୀରେ ଧୀରେ ବୃଦ୍ଧ ଜଣକୁ ଏକାଳୟରେ ନବେଦିତା ଆଡକୁ ଅନେଇ ରହିଛି । ନବେଦିତା ଗାଉଥିବା ସେ ଗୀତକୁ ଯେମିତି କାନ ଡେରି ଶୁଣୁଛି ..

ନବେଦିତା ନରବ ଛିନ୍ନ ଭାବରେ ଗୀତଟିକୁ ଗାଇ ଚାଲୁଛି..

"ହେ ଫଗୁଣ କନ୍ଦାନାରେ...

ମୋ ଲୁହ ହେଲେ ନଦୀର ଧାର..."

କଲ୍ୟାଣପୁର, ନୟାଗଡ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା - ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଆଗର ଲେଖେ ପ୍ୟାର୍ ନାଇଁ ହେବାର



ଫିରୋଜ କୁମାର ପଟେଲ

ଇ ଥର ମୋର ସବୁ ଫୋଟୋ ଥି
ତମର love react ନାଇଁ ହେବାର
ମୋର ସବୁ romentic status
ଲୁକାଚୁରି ତମକେ teg ନାଇଁ ହେବାର
ଦୁହେ ତ ନଜର ବାଟେ busy
ସତକେ ସତ, ଆଜି କାଲି ଆରୁ
ଆଗର ଲେଖେ ପ୍ୟାର୍ ନାଇଁ ହେବାର ।

ତମର ମୋର ଆଖି ମିଶାମିଶି ବାଲା
ସେ ପହେଲା ଦେଖା
ତମର ଲାଗି ଭାବେ ମହମହ
ମୋର କବିତା ଲେଖା
ଘଣ୍ଟା ଘଣ୍ଟା video call ରେ
ତମର ବାନ୍ଦ୍ରୀ reaction ର୍
Screen short ଆରୁ ନଆ ନାଇଁ ହେବାର
ରାତି ରାତି ସାର ଝୁମରି ଝୁମରି
କେବେ ନକହେଲା ମନର ଅକୁହା କଥା
ଆରୁ କାହାକେ କୁହା ନାଇଁ ହେବାର
ସତକେ ସତ, ଆଜି କାଲି ଆରୁ
ଆଗର ଲେଖେ ପ୍ୟାର୍ ନାଇଁ ହେବାର ।

ଦେଖୁନ ଦେଖୁନ ଆମର
ନାତା ବଦଲ ଗଲା
'ଗୋ' ନୁ 'ହୋ', ଆରୁ
'ଆମର' ନୁ 'ତମର' ହଇଗଲା
ସତର୍ ଦୁନଆଁ ନେ ତ
ପ୍ରେମ ବଡା ମହଙ୍ଗା ହେଲାନ
Social media ନ ବି
Online setting dating ପରେ
Breakup ବନେ common ହେଲାନ
ମନ ଟେ ନେଇ ମନ ଖୁଜଲେ
ସବୁ ଦିନ ଲାଗି ମନ ଟେ ମିଲବା ବଲି
ଆର ବିଶ୍ୱାସ ନାଇଁ ହେବାର
ସତକେ ସତ , ଆଜି କାଲି ଆରୁ
ଆଗର ଲେଖେ ପ୍ୟାର୍ ନାଇଁ ହେବାର ।
ଏଖେଇ ଘଡ଼େକେ ପଲଟିଗଲା ବେଲ
ଗ୍ରହ ନକ୍ଷତ୍ର କଲେ ରେସ୍
ବେସକ୍ ଆମେ ପାଖେ ଅଛୁଁ
ଫିରବି ଦୁରିଆ କୋସ୍ କୋସ୍
ଘଡ଼େ ଲାଗି ଖୁଜଲେ ତ
ବାଟେ ଘାଟେ ମିଲବେ ସାଥୀ
ସପନେ ସଜେଇ ହେଲା ଲେଖେ
କହେ ୟାର ନାଇଁ ହେବାର
ସତକେ ସତ, ଆଜି କାଲି ଆରୁ
ଆଗର ଲେଖେ ପ୍ୟାର୍ ନାଇଁ ହେବାର ।

ଅବନକେଲା, ସୁନ୍ଦରଗଡ, ଓଡିଶା

# ହାଟ



ସନ୍ତୋଷ କୁମାର ମହାନ୍ତି

ପୁଳାଏ ଆଶା ମନରେ ଭରି

ବସିଥାନ୍ତି ସରବେ ପସର୍ ମେଲି ॥

ପସର୍ ସରିଲେ ସରେ ବେପାର

ଖର୍, ବରଷାକୁ ନଥାଏ ଡର ॥


ଦିଆ ନଆରେ ସରଇ ହାଟ

ବଞ୍ଚିବା ପାଇଁ ଲାଗଇ ନାଟ ॥

ହାଟ ସରିଗଲେ ପଡିଆ ଖାଲି

କଏବା ଦେଖୁଛି ଆସନ୍ତା କାଲି ॥

ନବଜୀବନ ସମାଜ, ସଫା, କଟକ



# କୋଶଲ



ଭରତ ମେହେର

କୋଶଲି ମାଟିର ପୁଅ ଆଉ ବେଲେ
ଦେଖା ତୋର ଅସଲି ରୁପ୍
ଘରେ ବସି କରି କୋଶଲିଆ ବଏଲେ
କାଏଁ କାମ ଦେବା ପୁରୁପ୍ ॥
କୋଶଲି ସ୍ୱଏଜର ଭେଣିଆ ବଏଲେ
କୋଶଲ ସ୍ୱଏଜ କରି ଦେଖା
କାଏଁ ଲାଭ ଦେବା ଘରେ ବସି ଥିଲେ
ନହୁ ଥିଲେ ଖାଲି ମେକା ॥
ଦେଖିଇ ଦେ ତୋର ଅସଲି ରୂପରେ
ବୋଲି କୋଶଲ ମାଟିର ଛୁଆ
ଦେଖୁ ଥିଲେ ଜେନ୍ତା ଲୋକ ମାନେ ଗା
ବଲୁ ଥିବେ ବୁଆ ବୁଆ ॥
ଆମେ ପଢମୁ ଆମେ ଲେଖମୁ ସତେ
ଆମର କୋଶଲି ଭାଷା
ଆନ୍ଦୋଲନ୍ କରମୁ ଆମେ ସଭେଁ ଗା
ଜେତେ ଦିନ୍ ତକ ନାଇ
ପୁରନ୍ ହେବା ଆମର ଆଶା॥

ଅମର ବିଶ୍ୱାଲ
କୁଡାସିଂହାଁ , ବଲାଙ୍ଗିର

# ଅପ୍ରାୟଶ୍ଚିତ୍ତ ଅପରାଧ

ଶିଶିର କୁମାର

ଶୀତର କୋହଲା ପାଗ ।ଚଉଦିଗରେ ବହଳ କୁହୁଡ଼ିର ଆସ୍ତରଣ ।ଅଂଶୁମାନ ଶିଶିର ସ୍ନାତା ଅବନୀକୁ ତାଙ୍କ ପ୍ରକାଶରେ ଅବୋରିବାକୁ ଆସ୍ତେ ଉଦୟ ହେଉଥାନ୍ତି ପୂରବୀ କୋଳରୁ ଛେଳଆ ପାହାଡ଼ ବକ୍ଷରୁ ଦିବାସନ୍ନର ସୂଚନା ଦେଇ । ସମୟ ୬:୧୫ ।ଏଚ୍ ପି ପେଟ୍ରୋଲ ପମ୍ପ୍ ପାଖରୁ ଟ୍ୟୁନଂ ବଜାଇ ବଜାଇ ପହଞ୍ଚିଗଲା ପିଙ୍କି ବସ୍ ବାଦିମାଲ ଷ୍ଟେସନ୍ କୁ । ପ୍ରବଳ ଭିଡ଼ । ପ୍ରତ୍ୟହ ଭିଡ଼ ହୁଏ କିନ୍ତୁ ସେଦିନ ଟିକଏ ଅଧିକ ଥିଲେ । ପାଦ ଥାପିବାକୁ ଜାଗା ନଥିଲା । ତଥାପି ଚଢ଼ିଲି । ପଛ ପଟକୁ ଯାଇ ହେଣ୍ଡଲ୍ ଧରି ଠିଆ ହୋଇଗଲି ।ବସ ଗଡ଼ୁଥିଲା । କେହି ଓହ୍ଲାଉ ନଥିଲେ ହେଲେ ସବୁ ଷ୍ଟେସନରୁ ଜଣେ ଦି'ଜଣ ଚଢ଼ୁଥିଲେ ।

"ସାର୍ ଗୁଡ୍ ମର୍ଣ୍ଣିଂ!" ସୁଖା ସୁଖା ଗୁଡ଼ ମର୍ଣ୍ଣିଂ ଶବ୍ଦଟିଏ ମୋ'ମୁହଁରୁ ବି ବାହାରି ଆସିଲା ପ୍ରତ୍ୟୁତ୍ତର ପାଇଁ ।କିଏ ବୋଲି ମୋଡ଼ିକି ଦେଖନ୍ତେ ନଜରକୁ ଆସିଲା ମତେ ଗୁହିଁ ପ୍ଲାଷ୍ଟିକ୍ ହସ ପ୍ରସ୍ତୁତି କରୁଛି କୋମଳ କଣ୍ଠି ତନୁ ପାତଳୀ ସୁନ୍ଦରୀ ତରୁଣୀଟିଏ ।ମୁଁ ତାକୁ ଦେଖିଲା କ୍ଷଣି ମୁଣ୍ଡ ଲୁଇଁ ଜିଭ କାମୁଡ଼ି ଲାଜେଇ ଗଲା । ନିଶ୍ଚିତ ଭଦ୍ରାମିର ଲକ୍ଷଣ । ଯାହା ଯେତେ ବିରକ୍ତି ଭାବ ଉଭିଗଲା ତାକୁ ଦେଖିଲା ମାତ୍ରେ ହିଁ । ଭିତରେ ସଞ୍ଜାତ ହେଲା ଅହେତୁକ ଆକର୍ଷଣଟିଏ । ଏମିତି ଅନେକ ଥର ଗୋଟେ ଚେହେରା ଗୋଟେ ଚେହେରାକୁ ମନେ ପକେଇଦିଏ । ମତେ ଏକ ପ୍ରକାର ଟାଣି ଧରୁଥିଲା । ୟୁନିଫର୍ମ୍ ରୁ ଜାଣିଲି ସେ ମୁଁ ଅଧ୍ୟାପନା କରୁଥିବା ସମ୍ବଲପୁର କଲେଜ ର ଛାତ୍ରୀ । ବୋଧେ କମର୍ସ୍ ହେଇଥିବ.. ମୁଁ ଆର୍ଟସ୍ କୁ ପଢ଼ାଏ ବୋଲି ଜାଣି ନଥିଲି । ସିଏ ମତେ କଲେଜରେ ଦେଖିଥିବ ବୋଧେ...! ସାମାନ୍ୟ କଥୋପକଥନ ପରେ ନିଶ୍ଚିତ ହେଲି । କିଛି ବେଳ ଗଲା ପରେ ସେ ମୋ ସହ କଥା ହେବାକୁ ଅନକମ୍ଫର୍ଟ୍ ଫିଲ କରୁଥିବା ପରି କାନରେ ଇଅରଫୋନ ଲଗେଇ ଗୀତ ଶୁଣିବାକୁ ଲାଗିଲା । ଠିକ ସେତିକିବେଳେ ମୋ ମନ ହଜିଗଲା ଅନ୍ୟ ଏକ ଦିଗରେ । ମୁଁ ଭାବି ପାରୁନଥିଲି ଜଣକର ଆଉ ଜଣକ ସହ ଏତେ ସାମଞ୍ଜସ୍ୟ... ଏ କ'ଣ ସମ୍ଭବ! ବିଗତ

ଉର୍ଦ୍ଧ୍ୱମୁଖୀ ହେବାକୁ ଲାଗିଲେ । ତା'ର ନାଁ, ଚେହେରାର ଚମକ, ଗହମ ରଙ୍ଗୀ ଦେହ, ଗୋଲ ମୁହଁ, ଖଇରି ଆଖି, ଆଜାନୁ ଲମ୍ବିତ କେଶ ଆଦିରେ ଥିଲା ଅନେକ ସାମଞ୍ଜସ୍ୟ ଆଉ ଜଣକର । ଯିଏ ମୋର ନିକଟରେ ନଥିଲେ ବି ଖୁବ୍ ଅନ୍ତରଙ୍ଗ । ନିବିଡ଼ ଅନ୍ତରଙ୍ଗ । ଆଉ ମୁଁ ବୁଡ଼ି ବୁଡ଼ି ଗଲି ତା'ଭାବନାରେ ।

ମାନସୀ ଆଉ ଆମ ଘର ଲଗାଲଗି । ମଝିରେ ଗୋଟିଏ କାନ୍ଥର ଦୂରତା ଯାହା । ଆମେ ବ୍ରାହ୍ମଣ ସେମାନେ କୁଳତା । ଚଳୁ ପୁରା ଏକାଠି । ଉଭୟ ପରିବାରର ମଧୁର ସମ୍ପର୍କ ଯୋଗୁଁ ଆମେ ଛୋଟ ବେଳୁ ଚହ୍ନା ଜଣା। ଛ'ମାସର ସାନ ବଡ଼ । ମୁଁ ବଡ଼ ସିଏ ସାନ। ଜ୍ଞାତସାରରେ ଆମେ ନିମିଷେ ପାଖ ଛାଡୁନଥିଲୁ । ସବୁ ସାଙ୍ଗରେ କରୁ । ପିଲା ଦିନର ସେଇ ଚଗଲାମି, ଦୁଷ୍ଟାମି, ଧୂଳିଖେଳରୁ କଲେଜ୍ ପର୍ଯ୍ୟନ୍ତର ଯାତ୍ରା ଭିତରେ କେତେବେଳେ ପ୍ରେମ ରୂପୀ ଶାଶ୍ୱତ ଅନୁଭବର ଜନ୍ମ ଆମ ହୃଦୟରେ ଆମେ ପ୍ରଥମେ ଜାଣି ପାରୁନଥିଲୁ । ତା'ପରେ କିନ୍ତୁ ଆମର ଗ୍ୱଲ ଚଳନ ଗୁଡ଼ାଏ ପରିବର୍ତ୍ତନ ଜଣାଗଲା । ଆଗ ଆମେ ସବୁ କଥା ସେୟାର୍ କରୁଥିଲୁ ଖୋଲାଖୋଲି ଭାବରେ । ଟିକିଏ ଟିକିଏରେ ଝଗଡ଼ା କରିବୁ...ରାଗିବୁ...ରୁଷିବୁ..କାନ୍ଦି ହେବୁ..! କିନ୍ତୁ ଆଉ ସେମିତି କିଛି ନଥିଲା ଯୌବନର ସ୍ପର୍ଶ ପାଇଲା ପରେ ସଙ୍କୋଚବା, ଲାଜେଇବା, ମପଚୁପା କଥାବାର୍ତ୍ତା ଆଦି ଅନେକ ପ୍ରତିକ୍ରିୟା ସ୍ୱତଃ ସୃଷ୍ଟି ହେଲା । କେଜାଣି କେମିତି ଉଭୟଙ୍କ ହୃଦୟରେ ଉଭୟଙ୍କ ପାଇଁ ଆପେ ଉଦ୍ଭବି ଯାଉଥାଏ ଅଜସ୍ର ସମ୍ମାନ । ଯାହା ବି ହେଉ ବହୁତ ଭଲ ଲାଗୁଥିଲା । ଦୁହେଁ ଭିଜି ଯାଉଥିଲୁ ନିଆରା ଏକ ପୁଲକରେ । ସମୟର ଗତି କ୍ରମେ ସବୁ ଦୁହିଁଙ୍କୁ ଜଣା ପଡ଼ିଗଲା । ହେଲେ କେହି କାହାକୁ ମନକଥା କହି ପାରୁନଥିଲୁ ।

ସେ +୨ ପରେ ଆଉ ପଢ଼ିଲାନି । କାରଣ ତା'ଦ୍ୱାରା ପାଠ ସେତେ ଭଲ ହେଉନଥିଲା। ।ମୁଁ +୩ କରିବାକୁ ବାଣୀ ବିହାର ଗଲି । ହେଲେ ସେଠାରେ ବି ମନ କଉ ମାନେ । ନିତ୍ୟ ପ୍ରତ୍ୟହ ଫୋନ୍ ରେ ଗପୁ । ଦୁହିଁଙ୍କର ଭଲମନ୍ଦ ପରେ ଗାଁ ଘରର, ସାଙ୍ଗସାଥୀ ମାନଙ୍କ କଥା, ଆଦି ଆମର ବିଷୟବସ୍ତୁ ଭିତରେ ପ୍ରମୁଖ ଥିଲେ । କିନ୍ତୁ ସେ ସମ୍ପର୍କରେ କାହାରି ମୁହଁରୁ ପଦୁଟିଏ ଉତୁରେନି । କିନ୍ତୁ କଥା ହେଇ ବହୁତ ଭଲ ଲାଗେ । ଦିନଟିଏ କଥା

ନହେଲେ ଭଲ ଲାଗୁନଥିଲା । କାରଣ ଆମ ହୃଦୟ ନକହି ନକହି ଅନେକ କଛି କହିପକାନ୍ତି ନୀରବରେ । ସବୁ ବୁଝେଇ ଦିଅନ୍ତି ବିସ୍ତାର ଭାବରେ ।

ହେଲେ ମୋ ମନ ସ୍ଥିତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଲା ମୋ ଦୁଇ କ୍ଲାସମେଟ୍ ପ୍ରେମୀ ଯୁଗଳର ଆକସ୍ମିକ ଆତ୍ମହତ୍ୟା । କାରଣ ସମାଜର ନତି ନୟମ, ଫମ୍ପା ଦେଖାଣିଆ ଆଦର୍ଶ, ଜାତି ଗତ ବୈଶିଷ୍ଟ୍ୟ । ଯେଉଁଥିପାଇଁ ତାଙ୍କ ନଜ ଲୋକ ଶତ୍ରୁ ହୋଇଗଲେ । ବିଦ୍ରୋହ କଲେ । ଆଉ ଶେଷରେ......!

ସେ ଘଟଣାଟା ମତେ ଦେଖେଇ ଦେଲା ପ୍ରେମର ଅସଲ ରୂପ । ମୋ ଭିତରର ପ୍ରେମଟା ଯେମିତି ଲୋଟି ଯାଉଥିଲା ମରଣ ଶେଯରେ । ଅମିମାଂସିତ, ଅଭାବିତ ଭାବରେ । ଅତି ସଂକ୍ଷିପ୍ତରେ । ମୁଁ ସ୍ୱପ୍ନ ଦେଖୁଥିଲି ଗୋଟିଏ ସୁଖି ପରିବାରର, ଗ୍ରହୁଁଥିଲି ଦୈତ ପରିବାରର ଆଶୀର୍ବାଦରେ ମୁଁ ଓ ମାନସୀ ସଂସାର ତରୀ ବାହି ନେବୁ ସମୟ ନଦୀର ଉଜାଣି ସୁଅରେ। ହେଲେ ଭୁଲି ଯାଇଥିଲି ସମାଜକୁ...ତାର ବୈଶିଷ୍ଟ୍ୟକୁ । ସପ୍ନୋଦ୍ୟାନରେ ନୀଳ କଙ୍କି ସାଜି ଭୁଲି ଯାଇଥିଲି ବାସ୍ତବତାର ପ୍ରଳୟକୁ ।

ନା..ନା ଜମା ନୁହେଁ । ମୁଁ ଧିକ୍କାରେ ସେଇ ପ୍ରେମକୁ ଯିଏ ଅଲଗା କରିଦେବ ଦୁଇଟି ପରିବାରକୁ । ପୁଣି ଆମକୁ ଦୂରେଇ ଦେବା ଆମକୁ ଆଜନମ ଭଲ ପାଉଥିବା ପ୍ରେମୀ ମାନଙ୍କର ପଣତ ତଳରୁ...ବେତ ବାଡି ପାଖରୁ...ରାଗ ରୋଷ, ଥଟ୍ଟା ମଜା ପାଖରୁ..! ଏମିତି ଭାବି ନଷ୍ପତ୍ତି ନେଲି, ପାଇବା ହିଁ କ'ଣ ପ୍ରେମ ...! ଆମେ ପରସ୍ପରକୁ ହରେଇ ଆମ ପ୍ରେମକୁ ପାଇବୁ । ତ୍ୟାଗରେ । ଅଜାଣତରେ । ଦୂରତାରେ ।

ତା'ପରଠୁ ମୁଁ ତା'ପାଖରୁ ଦୂରେଇ ଯିବାର ଚେଷ୍ଟା କଲି । ଅନଚ୍ଛାରେ, ବାଧ୍ୟତାରେ । ଆଉ ସେ ଓ ବଢୁଥାଏ ଠିକ୍ ମୋର ବିପରୀତ ଦିଗରେ । ତାକୁ ଯାହା ଥରେ ଖୋଲି କହୁଥିଲି, ସେ ମୋର ଅସ୍ୱିକାରିତା ଓ ରୁକ୍ଷତା ଭାବରୁ ଜମାରୁ ଭାଙ୍ଗି ନପଡ଼ି ଜୁଟିଥାଏ ମତେ ମନେଇବାର ଚେଷ୍ଟାରେ । ଯାହା ମତେ ବେଳେ ବେଳେ ଖୁବ୍ ପୀଡିତ ଓ ଅସହାୟ କରି ଦେଉଥିଲା । କନ୍ତୁ ମୁଁ ଛାତିରେ ପଥର ଲଦି ସବୁ ସହି ଯାଉଥିଲି । ଜଣକୁ ଭଲପାଇ ଘୃଣା କରିବାରେ ଅଭିନୟ ମୋ ପାଇଁ କାଠିକର ପାଠ ଥିଲା । କନ୍ତୁ କରୁଥିଲି । ସତର୍କତାରେ....ସଂଯମତାରେ । ତା' କଲ୍ ମେସେଜ୍ ସବୁ ଆଭଏଡ୍ କରୁଥିଲି । ତାକୁ

ଯେତେ କଷ୍ଟ ଦେଉଥିଲି ଏସବୁ କରି, ବେଶି କଷ୍ଟ ପାଉଥିଲି ମୁଁ ନିଜେ । ଗାଁ କୁ ଯିବା ଆସିବା ବନ୍ଦ କରିଦେଲି । ଗଲେ କମ୍ ରହି ଫେରିବେ ଆସୁଥିଲି । ଭାବୁଥିଲି ସେ ମୋ ପାଖରୁ ମୋର ଏହି ବ୍ୟବହାରରେ ଅତିଷ୍ଠ ହୋଇ ଦୂରେଇ ଯିବ! କିନ୍ତୁ ମୋ ଧାରଣା ଭୁଲ୍ ସାବ୍ୟସ୍ତ କରିଦେଲା । ଓଲଟା ବିଚଳିତ ହେଉଥାଏ ମୋ ପରିବର୍ତ୍ତନ ଯୋଗୁଁ । ମୋ ପାଖରୁ କାରଣ ଜାଣିବାକୁ ବହୁବାର ଉଦ୍ୟମ କରି ବିଫଳ ହେଉଥିଲା ।

ଖରା ଛୁଟି ତକ ମତେ ଗାଁଆରେ ହିଁ କାଟିବାକୁ ପଡୁଥିଲା । ବାପା ମାଆ ଅନୁରୋଧ କରୁଥିଲେ । ଏ ଛୁଟି ତକ ମୁଁ ବହୁତ କଷ୍ଟରେ ବିତଉଥିଲି । ଥରେ ସେମିତି ଛୁଟିରେ ଆସିଥାଏ । ତାକୁ ଦେଖା ଦେବିନି ବୋଲି ଲୁଚୁଥାଏ । ତାଙ୍କ ଘର ଆଡକୁ ସେ ନଥିବା ବେଳେ ଯାଏ । କାରଣ ମଉସା ମାଉସୀ ମୋତେ ଖୁବ୍ ସ୍ନେହ କରନ୍ତି । ନଗଲେ ଠିକ୍ ହେବନି । ଡର ତାକୁ ଭେଟିଲେ ପୁଣି ସେ ସବୁ..! ପୁଣି ଡର ପଥର କରିଥିବା ମନ ତାକୁ ଦେଖି ତରଳିଗଲା ଯଦି.. ମନ ପାଖରୁ ବିବେକ ହାରି ଗଲା ଯଦି..!

ଯେତେ ସତର୍କତା ଅବଲମ୍ବନ କଲେ ମଧ ଗୋଟେ ଫୁଲୁରି ସଞ୍ଜରେ ମୁହେଇଁଗଲୁ ।ବାଟ କାଟି ଯିବାର ଚେଷ୍ଟା ବୃଥା ଗଲା । ସେ ମତେ ସିଧା ଜାବୁଡ଼ି ଧରିଲା । ଢେର କାନ୍ଦିଲା । ମୁଁ ବି ଆଉ ଧୟ ଧରି ପାରିଲିନି । ଦୁହେଁ ଜୋର ଜୋର କାନ୍ଦିଲୁ । ଲାଗୁଥିଲା ଅଶୁଳ ମୁହୂର୍ତ୍ତରେ କବଳିତ ହୋଇଯାଇଛି ମାଟି, ପାଣି, ପବନ ଓ ଆକାଶ । ସ୍ତବ୍ଧ ପରିବେଶ । ଥରୁଛି ପତ୍ର ପତ୍ର । ପ୍ରତିଟି ଶାଖା ପ୍ରଶାଖାରେ ମର୍ମରିତ ବେଦନାରେ ପରିଭାଷା । ଉଶ୍ୱାସ ଲାଗିଲା । ଅନ୍ତର୍ ବେଦନା ସମୂହର ଭାଗବଣ୍ଟା ହୋଇ । ମୁଁ କହିଲି- ମତେ କ୍ଷମା କରିବ ମାନସୀ ।ମୋ ବ୍ୟବହାର ପାଇଁ । ସବୁ ସ୍ୱପ୍ନ ପୂରଣ ହୁଏନି ମାନସୀ । ବୋଧେ ଆମର ସ୍ୱପ୍ନଟା ବି..!

ତାକୁ ମୋ କଥା ରଖିବାକୁ ବାଧ କଲି । ସେ ଚୁପଚାପ୍ ଅବିବାଦରେ ମାନିଗଲା । ମୋତେ ବାଟ ଛାଡ଼ି ନିଜେ ଚାଲିଗଲା ନିଜ ବାଟରେ ।

ମାନସୀ ବାହା ସାହା ହେଲା । ଖୁସିରେ ବଞ୍ଚିବାର ଅଭିନୟ କରୁ କରୁ ତାହା ହିଁ ତା'ର ଖୁସି ପାଲଟିଗଲା । ମୁଁ ପଢ଼ାପଢ଼ି ସାରି ଅଧାପକ ହେଲି ।

ସମୟ ଗଡ଼ି ଚାଲିଲା ସ୍ୱ-ବେଗରେ । ମୁଁ ମାନସୀକୁ ଭୁଲି ପାରୁନ ଜମାରୁ । ତାକୁ ଋଣ ଖୁଆଇ ବାହା ହେବାକୁ ବାଧ କଲି ସିନା ନଜେ ବାହା ହୋଇପାରୁନାହିଁ । ମତେ ଏବେ ବେଳେବେଳେ ଲାଗେ ମୁଁ ସମାଜକୁ ନ ଡରି ତାକୁ ଆପଣେଇ ନେଇଥିଲେ..! ମନ ମୋର ଶିହରିଯାଏ । ପୁଣି ଟପ୍ କରି ଛିଣ୍ଡି ପଡେ ଆକାଶରୁ ଭୂଇଁକୁ ।

ମୁଁ ତାକୁ ବାହା ହେବାକୁ ବାଧ କଲି ଋଣ ଦେଇ । ସେତେବେଳେ ସେ ମତେ କହିଥିଲା- 'ମୋ ପ୍ରତି ଏତେ ବଡ଼ ଅପରାଧ କରନ ପ୍ଲିଜ୍..!' ମାନସୀର ଏ କଥା ପଦକ ସବୁବେଳେ ଗୁଞ୍ଜୁଥାଏ ମୋ କାନରେ । ସତରେ କେତେ ବଡ଼ ଅପରାଧ ନକରିଛି । ସତରେ ତା ଭଲପାଇବାର ପରିଚୟ ଦେଇଦେଲା କଥା ରଖିକ...! ଏସବୁ ଭାବୁ ଭାବୁ ମୁଁ ଉପଲବ୍ଧି କରେ କେବଳ ମାନସୀ ପ୍ରତି ନୁହଁ, ତାକୁ ମୋ ପାଖରୁ ଦୂରେଇ ନଜ ପ୍ରତି ବହୁତ ବଡ଼ ଅପରାଧ କରିଛି ।ଯାହା ଅପ୍ରାୟଶ୍ଚିତ୍ତ ଚରକାଳ । ପଶ୍ଚାତାପର ଦହନରେ ତିଳ ତିଳ ଦହି ହେବା ହିଁ ସାର ।

ସାର୍ ସାର୍ ଷ୍ଟେସନ୍ ଆସିଗଲା ।

ଏତିକ କହି ଝିଅଟି ମତେ ଟିକଏ ହଲେଇ ଦେଲା । ମୁଁ ଭାବନା ରୁ ଓହରିଲି ।

ସେ କହିଲା, "ସାର୍ ଆପଣ କୁଆଡେ ହଜି ଯାଇଥିଲେ? "

ମୋ ପାଟିରୁ ଆପେ ଉତୁରି ଆସିଲା, ତମକୁ ଦେଖି ତୁମପରି ଆଉ ଜଣେ ମନେ ପଡ଼ିଗଲା ।

ସେ'ଅଳ୍ପ ଲାଜେଇ ପୁଣି ପୋତି ପକାଇଲା ତା'ହସର ବର୍ଷାରେ । ଯାହା ମତେ ମୋହାଚ୍ଛନ୍ନ କରିବାକୁ କାଫି ଥିଲା । ଅବିକଳ ତା'ରି ପରି ।

କୁଶମେଲ, ଝାରସୁଗୁଡ଼ା

# ହୁଏତ ମୁଁ ହୋଇପାରେ

ଶୁଭସ୍ମିତା ବେହେରା

ହୋଇପାରେ ଜାତି ମୋର”ନୀଚ”
ହୋଇପାରେ ଦେଖିବାକୁ ଭାରୀ ଅସୁନ୍ଦରୀ
ଦେଖିବାକୁ ରଙ୍ଗ ମୋର ହୋଇପାରେ ଶ୍ୟାମଳୀ
ହେଲେ ମୋର ପ୍ରେମର ମଧୁରତା ପିତାଠାରୁ ବଳୀ ।
ପ୍ରେମପାଇଁ ଜାତି କଣନହାତି ବଡ?
ଅବା ସୁନ୍ଦରୀ ହେବା ଅତି ଅନିବାର୍ଯ୍ୟ ।
ଶ୍ୟାମଳୀ ହେଲେ ବି
ଜୀବନ ନୁହେଁ ମୋର ଛଳନାମୟ,
ଦେଖିବାକୁ ଏତେ ଖାସ୍ ନହେଲେ ବି
ନୁହେଁ ମୁଁ ମହାକାଳ ଫଳ ।
ନିନ୍ଦୁ ପଛେ ଏ ସମାଜ
ଗାଉ ମୋର ଗୁଣ,
ମୋ ପ୍ରେମ ତ ମୋ ପାଖେ ଅଛି,
ଡରିବାର ଅଛି କଣ?

ଉଦୟନାଥ ଅଟୋନୋମସ କଲେଜ (ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ବେଶ୍ୟା



ସତ୍ୟବ୍ରତ ପ୍ରଧାନ

ତୁମେ ତ ବଂଚ
ଦିନକୁ ରାତି କରି
ଅନ୍ୟର ଛାତିରେ
ତାତି ଭରି
ତୁମେ ତ ଜାଣିଛ
କେବଳ ଜାଣିଛ
ଛାତି ଓ ତାତିର କଥା - ( ୧)

ତୁମେ ତ ବଂଚନା
ସମ୍ମାନକୁ ଭିତ୍ତି କରି
ସମାଜରୁ ସମ୍ମାନ
ତମ ଆଗେ ଯାଇଛି ହାରି – ( ୨)

ତୁମେ ତ ଆଳ ଦେଖାଅ
ପେଟ ପୋଷିବାର

ହେଲେ କଣ ପରିବାର ପୋଷଣ ପଇଁ

ତୁମେ ଏକା ଅଙ୍ଗୀକାର -( ୩)

ତୁମେ ତ ଆଦର୍ଶ ଉଦାହରଣ ପାଲଟ

ବିନା ଶିକ୍ଷା ଦୀକ୍ଷାରେ ଅର୍ଥ ଉର୍ପାଜନର

ଝଲମଲ ଶାଢୀ ପିନ୍ଧି ଗଭ୍ରେ ଗଜରା ବାନ୍ଧି

ଅତର ବାସରେ ଦେହକୁ ବିକ୍ରି କରିବାରେ - ( ୪)

ତୁମେ ଦେହଜୀବୀ ବୋଲି ଦୁଃଖ କାହିଁ କର

ଏଠି ତ ଶିକ୍ଷିତ ସମାଜ

ଲଜ୍ଜ୍ୟା ଶିଖି ନଥିବା ଶିଶୁକୁ କରେ ବଳାତ୍କାର

ତମ ପରି ଆଦର୍ଶ ଯୋଗୁ ତ

କଛି ମାତ୍ର କମଇ ବଳାତ୍କାର ର ହାର - ( ୫)

ଫାର୍ମାସିଷ୍ଟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୂଜାରୀଗୁଭ୍, ନବରଙ୍ଗପୁର


ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସ୍ୱପ୍ନ ସୁନ୍ଦରୀ



ସୁଦର୍ଶନ ସାହୁ

ମନର ମାନସୀ ପ୍ରିୟା ତୁମେ ମୋର
ମନର ଉର୍ବସୀ ତୁମେ
ମୋ ଯୌବନ କାରଣ ତୁମେହିଁ ପ୍ରିୟା
ହୃଦୟ ସ୍ପନ୍ଦନ ତୁମେ ।।
ରୂପର ରୂପସୀ ମୋ ମନ ମୟୂରୀ
ତୁମେ ମୋ ନୟନେ ଗୋରୀ
ମନ ସାଗରରେ ଖେଳଇ ଲହଡି
ତୁମେ ମୋ ସ୍ୱପ୍ନ ସୁନ୍ଦରୀ ।।
ତୁମ ଆଖି ଦୁଇ ଢଳ ଢଳ ରୂପ
ଓଠଟି ଗୋଲାପ କଢି
ଚକୁର ଖେଳଇ ପବନରେ ଦୋଳ
ରୁଣୁଝୁଣୁ ଶୁଭେ ଚୁଡ଼ି ।।
ତୁମର ଗଢଣୀ ଇର୍ଷା ଲାଗେ ମୋତେ
ରୂପ ଯଉବନ ଦେଖି
ସବୁଠୁ ସୁନ୍ଦର ମନ କଣିନଏ
ତୁମର ସେ ଦୁଇ ଆଖି ।।



ଓଡ଼ିଆ ବିଭାଗ ଛାତ୍ର
ଏନ ସି କଲେଜ, ଯାଜପୁର

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ( ୭) ଗୁରୁ ଚରଣ ଭାଇ ( ଉଡା କଥାର ପ୍ରତ୍ୟକ୍ଷ ରୂପ)

ଆଜି ମୁଁ ଉଡା କଥାର ଏକ ପ୍ରତ୍ୟକ୍ଷ ରୂପ ଦେଖିଲି, ଖୁସି ହେଲି ନିଶ୍ଚୟ ମାତ୍ର ସମାଜ ପ୍ରଚଳିତ ଆରୋପଟି ମତେ ବହୁ ଦୁଃଖ ଦେଇଥିଲା ।

ମୋ ହେତୁ ହେବା ଦିନଠୁ ଶୁଣି ଆସିଛି ବାପା ଶହ ଶହ ଗରିବ ପିଲାମାନଙ୍କୁ ଘରେ ରଖି ଶିକ୍ଷାଦାନ କରାଇଛନ୍ତି । ସେମାନଙ୍କ ମଧ୍ଯରୁ ବହୁ ଜଣ ବଡ ବଡ ଅଫିସର ହେବାର ସୌଭାଗ୍ୟ ମଧ ଅର୍ଜନ କରିଛନ୍ତି । ଏ ସବୁ ମୁଁ ମନଗଢା ଗପ ବୋଲି ଧରି ନେଇଥିଲି ।

ଯାଜପୁରର ଅଶୋକା ଯାତ୍ରା ଖୁବ୍ ପ୍ରସିଦ୍ଧ । ଦୁର୍ଗା ପୂଜା ପରେ ଏହା ହେଉଛି ଅନ୍ୟ ଏକ ବଡ ଯାତ୍ରା । ଗାଁ ଗହଳର ବାସିନ୍ଦା ବିଶେଷ କରି ପିଲାମାନଙ୍କ ପାଇଁ ଏହା ଏକ ମଉଜ, ମଜଲିସ୍ ରସମୟ । ଖୁବ୍ ଭିଡ ହୁଏ ।

ବଗିଚାରେ ବୁଲି ବୁଲି ଅଶୋକ ଫୁଲର ଶୋଭା ଉପଭୋଗ କରୁଥିଲି । ଆମ ବଗିଚାର ପାଖକୁ ଲାଗି ଗୋଟିଏ ସରୁ ପାଦଚଲା ରାସ୍ତା । ପାଖକୁ ଦାଣ୍ଡ ମାହାରା । ମାର୍ଚ୍ଚ ମାସ । ପାଣି ଶୁଖି ଆସିଲାଣି । ଶେଷ ମୁଣ୍ଡକୁ ଲାଗି ଲାଗି ଦୁଇଟି ଖଜୁରୀ ଗଛ । ଗଛକୁ ଲାଗି ଛିଡା ହୋଇଥିଲେ ଜଣେ ସୌମ୍ୟ ପୁରୁଷ । ଖୁବ୍ ଗୋରା । ଏମିତି ଗୋରା ମଣିଷ ମୁଁ ଆଜି ଯାକେ ଦେଖି ନ ଥିଲି । ଶୁଣିଛି ଗୋରା ( ବ୍ରିଟିଶ୍ ର) ମାନେ ବହୁତ ଗୋରା ତେବେ ଇଏ ମଧ ସେଇମାନଙ୍କ ମଧ୍ଯରୁ ଜଣେ । ଇଚ୍ଛା ହେଲା କହିବି ,"ଆମ ଦେଶ ସ୍ୱାଧିନ । ପୁଣି କାହିଁକି ଆମ ଦେଶ ଉପରେ ନଜର ପକୋଉଛ! ମନକୁ ଖଟ୍କା ଲାଗିଲା, ନାଁ, ଗୋରାମାନେ

ତ ପ୍ୟାଣ୍ଟ ସାର୍ଟ ପିନ୍ଧନ୍ତି । ୟାଙ୍କର ପରିଧାନ ଗୋଟିଏ ଧଳା ଧୋତି ଏବଂ ଧଳା ପଞ୍ଜାବୀ, ଇଏ ସେ ଗୋର୍ବ ନୁହନ୍ତି । ତାଙ୍କ ସାଥିରେ ଆଉ ଦୁଇ ଜଣ ମହିଳା ।ଜଣେ ମା 'ଶ୍ରେଣୀୟା, ଅନ୍ୟ ଜଣର ବୟସ ଷୋହଳରୁ - ସତର ଭିତରେ । ଝିଅଟି ଟିକଏ ଟିକଏ ଜରି ଲଗା ପାଟ ଶାଢୀ ପିନ୍ଧିଛନ୍ତି, ଆଉ ମା ଜଣକ ନୀଳ ଶାଢୀ । କୌତୁହଳ ହୋଇ ସେମାନଙ୍କ ଆଡକୁ ଚ୍ଛହିଁ ରହିଲି । ତିନଜଣ କ'ଣ ଖୁସୁରୁ ପୁସୁରୁ ହେବା ପରେ ଝିଅଟି ମୋ ଆଡକୁ ବାଡ ପର୍ଯ୍ୟନ୍ତ ଆସି ମତେ ହାତ ଠାରି ଡାକଲ୍ । ବଗିଚ୍ଛର କଣରେ ଗୋଟାଏ ବଡ ର୍ବଧାଅଶୋକ ଗଛ । ପାଖରେ କୃଷ୍ଣଚୂଡା ବଣ ।ସୌଜନ୍ୟ ଦୃଷ୍ଟିରୁ କଣ୍ଟା ଅଡାଇ ଅଡାଇ ର୍ବଧା ଅଶୋକ ଗଛ ପାଖକୁ ଗଲି ।

"ଏଇଟା ବାବୁ ଘର ତ? " ଆମ ଘର ଆଡକୁ ହାତ ଦେଖାଇ ଝିଅଟି କହିଲ୍ ।

ହଁ, ମୁଁ ତାଙ୍କ ସାନଝିଅ ।

ଆମେ ଯାଜପୁର ଅଶୋକା ଯାତ୍ରା ଦେଖିବାକୁ ଆସିଥିଲୁ । ଭାଇ ବହୁତ ବର୍ଷ ହେଲ୍ ୟାଡେ ଆସି ନାହାନ୍ତି । ତେଣୁ ବାବୁଙ୍କ ଦର୍ଶନ କରି ଆସିବାକୁ କହିଲେ । ଏତେ ବର୍ଷ ପରେ ବହୁତ କଛି ବଦଳ ଯାଇଛି ।ତେଣୁ ଦୋ ଦୋ ଚହ୍ନା ହେଉଥିଲେ । ତୁମେ ତ ସେତେବେଳେ ଜନ୍ମ ହୋଇ ନଥିବ । ଆମକୁ ଚହ୍ନନ୍ତ ବା କେମିତି?

ମନକୁ ମନ କହିଲି ସେତେବେଳକୁ ଜନ୍ମ ହୋଇଥାଏ ବା ନାହିଁ, ଆଜି ଘରେ ଅତିଥି । ବହୁ ମଜା ଆସିବ । ପ୍ରକାଶ୍ୟରେ କହିଲି, "ସିଧା ସିଧା ଆସ, ଫାଟକ ଦେଖିଲେ ପଶିବ । ଆମ ଗାଁରେ କେବଳ ଆମ ଘର ଆଗେ ଫାଟକ, ଅନ୍ୟ ମାନଙ୍କର ଧଡା, ତେଣୁ ଚହ୍ନିବାରେ ଅସୁବିଧା ହେବନ କହି, "ଅତିଥି ଆସୁଛନ୍ତି" ଖବରଟା ଦେବାକୁ ଘରକୁ ଦୌଡି ଦୌଡି ଆସିଲି ।

ଆଗନ୍ତୁକ ଆଗନ୍ତୁକା ମାନେ ଚଉପାଡୀ ଭିତରକୁ ପଶି ବାପାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ନାନୀ ଆଗନ୍ତୁକା ମାନଙ୍କୁ ଭିତରକୁ ନେଇ ସପ ପକାଇ ବସାଇଲେ ମଧ ମୁଁ ଲକ୍ଷ୍ୟ କଲି ସେ ଟିକଏ ଅସନ୍ତୁଷ୍ଟ । (ଯାହାର କାରଣ ଅତିଥି ମାନେ ଯିବା ପରେ ମତେ ସୁଶୀନାନୀ

କହିଥିଲା । ତାହା ହେଲା ଆଗନ୍ତୁକ ର କ'ଣ ଗୋଟିଏ ବଡ ରୋଗ, ମା ବିଧବା ହୋଇ ମଧ୍ୟ ରଙ୍ଗୀନ ଶାଢୀ ପିନ୍ଧୁଛନ୍ତି, ସର୍ବୋପରି ସେମାନେ ନୀଚ ଜାତି) କଥାଭାଷା, ଆବଭାବରୁ ଜାଣିଲି ସେମାନେ ଆଜି ଆମ ଘରେ ରହିବେ ଖୁବ୍ ଖୁସିଟାଏ ହୋଇ କହିଲି, ବାଃ- - - ଆଜି ବହୁତ ମଜା ଆସିବ ଅଜଣା ନାନୀ । ରାତିସାରା ଗପ କରିବା ।

"ମୋ ନା ଅଜଣା ନୁହେଁ, ମୁଁ ବୀଣା, ଭାଇ, ଗୁଗୁଭାଇ, ଗୁରୁଚରଣ ସାହୁ, ଇଏ ଆମ ମା" ।

ଖାଇବା ପରେ ''ଥକ ଯାଇଛି" କହି ମାଉସୀ ଜଣକ ବିଛଣା ଧରିଲେ ।ପରେ ପରେ ଆମ ପରିବାରର ସଦସ୍ୟ ମାନେ ରହିଗଲୁ ଆମେ ଦୁଇ ଭଉଣୀ, ବୀଣା ନାନୀ ଆଉ ଗୁରୁଭାଇ ।

ଗୁରୁ ଭାଇ ଗପ କୁହନା ।

ଶୁଣିବ ପିଲାଏ! ଗପ ହେଲେବି କଥାଟି ସତ ।

ଭାରି ବଢିଆ ଗପ ହୋଇଥିବ । ଜଲ୍‌ଦି କୁହ ।

ଗରିବ ମା ବାପାଙ୍କର ଗୋଟିଏ ମାତ୍ର ପୁଅ ଗୁରୁ । ବାପାଙ୍କର ଜଛି ଅର୍ଥ ଉପାର୍ଜନ କରିବାର କ୍ଷମତା ନଥିଲା, କ'ଣ ଗୋଟାଏ ରୋଗରେ ଆକ୍ରାନ୍ତ ହୋଇଗଲେ, ତେଣୁ ଶାରିରୀକ ପରିଶ୍ରମ ମଧ୍ୟ କରି ପାରୁ ନଥିଲେ । ବାବୁ ସେତେବେଳେ ଗରୀବ ପିଲାମାନଙ୍କୁ ଘରେ ରଖାଇ ଶିକ୍ଷାଦାନ କରାଉଥିଲେ ସେମାନଙ୍କଭିତରୁ ଗୁରୁ ମଧ୍ୟ ଜଣେ । ଗୁରୁ ସେଇ ଗୋଷ୍ଠୀରେ ମିଶିଗଲା ।ବାବୁ ମା ନିଜେ ସବୁ ପିଲାଙ୍କର ଖାଇବା ଖବର ବୁଝନ୍ତି । ପାଠ ପଢେଇବାକୁ ମାଷ୍ଟର ଆସନ୍ତି । ଯେଉଁ ମାନେ ସ୍କୁଲ ଯାଆନ୍ତି ସେ ଦାୟିତ୍ୱ ଗୁମାସ୍ତା ବାବୁଙ୍କର। 'ଗୁରୁ'ର ନିଜ ବାପା ସମସ୍ତ ପିଲାମାନଙ୍କ ଉପରେ ଆଖି ରଖନ୍ତି । ଗୁରୁ ରାମବାଗ ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ କରିବା ପରେ ଯାଜପୁର ଏନ୍ ସି କଲେଜରେ ତାର ନାଁ ଲେଖା ଗଲା । ସେ ଯେତେବେଳେ ବିଏ ପଢୁଥିଲା ତା ବାପାଙ୍କର ଦେହାନ୍ତ ହେଲା ।କହି ଗୁରୁ ଭାଇ ଆଖି ପୋଛିଲେ ।

ତାପରେ? ରହି ଗଲ ଯେ- - ଗୁରୁଭାଇ ବାପ ଛେଉଣ୍ଡ ହୋଇଗଲେ । ବହୁତ କାନ୍ଦିଥିବେ ତ! ମୁଁ ମଧ୍ୟ ତାଙ୍କ ଭଳି ମା ଛେଉଣ୍ଡ । ମାତ୍ର ମୁଁ କେବେ କାନ୍ଦେନ । ଆଗକୁ କୁହନା ଗୁରୁଭାଇ- -

ବି.ଏ ପାସ୍ କରି ଗୁରୁ ଶିକ୍ଷକ ହେଲା । ଭଉଣୀ ବୀଣାର ବାହାଘର ତାର ଜଣେ ସହକର୍ମୀ ଶିକ୍ଷକଙ୍କ ସହ କରାଇଲା ।ଏବେ ସମସ୍ତେ ଭଲରେ ଅଛନ୍ତି, କାହାପାଇଁ କହିଲୁ?

ଜାଣିନ- -

ବାବୁଙ୍କ ପାଇଁ, ବାବୁ ଯଦି ଗୁରୁକୁ ପାଠ ନ ପଢାଇଥାନ୍ତେ ଆମେ ଆଜି ରାସ୍ତାରେ ପୋକ ମାଛି ଭଳି ପଡିଥାନ୍ତୁ । କେବଳ ମୋ ପାଇଁ ନୁହଁନ୍ତି, ବହୁ ଗରିବ ପିଲାମାନଙ୍କ ପାଇଁ ବାବୁ ଭଗବାନ ଥିଲେ ।

ଏଥର ମୁଁ ବୁଝି ପାରିଲି, କହିଲି, "ଏ ଯାକେ ତୁମେ ତୁମ କଥା କହୁଥିଲ ଗୁଗୁଭାଇ ।ତୁମେ କେତେ ଜ୍ଞାନୀ, ଆମେ ବୁଝି ପାରୁ ନ ଥିଲୁ ।

ଆମ କଥାବାର୍ତ୍ତା ମାଧ୍ୟମରେ ବୀଣାନାନୀ ବାଟ ଘରେ ଝୁଲା ହୋଇଥିବା ଏକ ଧାନରେ ତିଆରି ଚନ୍ଦ୍ରପଟ ଉପରେ ଦୃଷ୍ଟି ନିବିଦ୍ଧ କରିଥିଲେ ।

"ସୁନ୍ଦର ହସ୍ତ ଶିଳ୍ପ", ସୁଶୀନାନୀ ମତ ଦେଲେ ।

ଆଚ୍ଛା, ତୁମର ସିଲାଇରେ ରୁଚ ଅଛି! ଏମ୍ବ୍ରୟେଡାରୀ କର? କହିଲେ ଗୁରୁ ଭାଇ ।

ଶିଖିବାକୁ ବହୁତ ଇଚ୍ଛା, ହେଲେ ଶିଖାଇବାକୁ କେହି ନାହାନ୍ତି ।

ଆମ ଗାଁରେ କାହାକୁ ଏମ୍ବ୍ରୟେଡାରୀଆସେନା,

ନିଜେ ନିଜେ କରିବା ପାଇଁ କେବେ ବି ଚେଷ୍ଟା କରିନ?

କରିଥିଲି, ମୋଡି ମାଡି ହୋଇଗଲା, ପରେ ନନା ମାନଙ୍କୁ କହି ଫ୍ରେମ୍, କପଡା, ସୂତା, ଛୁଞ୍ଚି ଆଣି ରଖିଛି । ମାତ୍ର- - -

"ଗୁରୁଭାଇ ଖୁବ୍ ଭଲ ଏମ୍ବ୍ରୟେଡାରୀ କରନ୍ତି ।" କହିଲେ ବୀଣା ନାନୀ ।

ତୁମେ ପିଲାଦିନେ ତ ଏଇଠି ରହୁଥିଲ ଗୁରୁଭାଇ, ତୁମକୁ କିଏ ଶିଖାଇଲା? ନାଁ ବଡ ହେବା ପରେ ଶିଖିଲି?

ପିଲାଦିନୁ,

କାହାଠୁ, ନାଁ କୁହ ଗୁରୁଭାଇ, ବାପାଙ୍କୁ କହି ତାଙ୍କୁ ଘରକୁ ଡକାଇବୁ, ବାପାଙ୍କ କଥାକୁ ଏ ଗାଁରେ କେହି ବେଖାତିର କରିବେନି ।

'ଜାଣେ', କହି ଗୁରୁ ଭାଇ ଆଖି ପୋଛିଲେ ।

କିଛି ନ ବୁଝି ମୁଁ ନିଶ୍ଚୟ ନିଜ ଅଜାଣତରେ ତାଙ୍କୁ କିଛି ଦୁଃଖ ଦେଇଛି, ତାଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲି । ଆଖି ଦୁଇଟି ପାଣିରେ ଭରି ଯାଇଥିଲା, କଣ୍ଠ ମଧ୍ୟ ରୁଦ୍ଧ ।

ଗୁରୁଭାଇ ତାଙ୍କ ପଞ୍ଜାବୀ ପକେଟ୍ ରୁ ସୁନ୍ଦର ଏକ ଏମ୍ବ୍ରୟେଡାରୀ କରାଯାଇଥିବା ରୁମାଲ୍ ବାହାର କରି ମୋ ଆଖି ପୋଛି ଦେଇ କହିଲେ ଯାଅ ତୁମ ସିଲାଇ ବାକ୍ସ ନେଇ ଆସ, ମୁଁ ତୁମକୁ ଶିଖାଇ ଦେବି ।

ବିଜୁଳି ବେଗରେ ଯାଇ ସିଲାଇ ବାକ୍ସଟି ନେଇ ଆସିଲି । ପ୍ରଥମେ 'ଡାଲ୍' ଷ୍ଟିଚ୍ ଶିଖାଇ ଗୁରୁଭାଇ ଚେନ୍ ଷ୍ଟିଚ୍ ଶିଖାଇଲେ ପରେ ପରେ ଅନ୍ୟ କେତେଟା, ବହୁ ସମୟ ପର୍ଯ୍ୟନ୍ତ ସିଲାଇ ଶିଖିବା କାମ ଜାରୀ ରହିଲା ।

ତୁମ ଗୁରୁଙ୍କ ନାଁ କୁହନା ଗୁରୁଭାଇ ।

ମୋ ଗୁରୁ! ସେ ଏବେ ଆମଠୁ ବହୁ ଦୂରରେ ।

ଏବେ ସେ ଏ ଗାଁରେ ରହୁନାହାନ୍ତି?

ନାଁ, ବାବୁ ମା ଆମ ସଭିଙ୍କୁ ଛାଡି ବହୁ ଦୂରକୁ ଚାଲି ଯାଇଛନ୍ତି ।

ବାବୁ ମା?

ତୁମ ବୋଉ, ମୋ ବାବୁ ମା, ସେ ସିଲାଇରେ ବୀଚକ୍ଷଣା ଥିଲେ । ମୋ ରୁଚ ଦେଖି ମତେ ଶିଖାଇ ଦେଇଥିଲେ ।

ଆମ ବୋଉ ସିଲାଇରେ ବୀଚକ୍ଷଣା, ଆମ ପରିବାରରେ କାହାକୁ ଆସେନ, କେଡେ ଦୁଃଖର କଥା ।

ନାଁ, ସେମିତି କଛି ନୁହେଁ । କାହାର କେଉଁ ରୁଚ, ବୀଣାକୁ ସିଲାଇ ଜମା ଆସେନା ।

ଭାଉଜଙ୍କୁ?

ଭାଉଜ କାହାନ୍ତି? ମୋର ଏଇ ରୋଗ ଯୋଗୁ ମତେ କେହି ଝିଅ ଦେବାକୁ ନାରାଜ୍ ।

କେଉଁ ରୋଗ ଗୁରୁଭାଇ ।

ମୋ ଧଳା ଦେହ ଦେଖି ଜାଣି ପାରୁନ । ଧଳା ଛଉ, ପୁର ପଲ୍ଲୀରେ ଯାକୁ ଏକ ପ୍ରକାର 'କୁଷ୍ଟ' ରୋଗ ଗୋଷ୍ଠୀରେ ନଅନ୍ତି ।

କଛି ନ କହି ଗୁରୁଭାଇଙ୍କ ସୌମ୍ୟ ଚେହେରାକୁ କେବଳ ଏକ ଦୃଷ୍ଟିରେ ଚାହିଁ ରହିଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# କରଡି



ଆର୍ତ୍ତତ୍ରାଣ ଖୁର୍ଦିଆ

ଧୁବଲ୍ ଫର୍ ଫର୍ ସାନ୍ ସାନ୍ ଟା
ସେ ବରଷା ଦିନର୍ ରଜା
ଗୁନ ଗିଆନର୍ ଧନ ଆରୁ ମାନ
ସବଙ୍କରର୍ ମନ୍ ବୁଝା
ନା ଟା ତାର୍ କରଡି
ବାସନାଥୁ ତାର୍ ଭାତ୍ ଯାଏସି ସରଡି ।

ସସତା ସୁଦର୍ ମଜଭୁତ୍ ସେଟା
ଗରମ୍ ପଖାଲେ ଖୁଜା
ଖରଗ୍ ନାଁଇନ ବଉଁଶ୍ ମାରିଥୁ
ଧରି ଆଏନବ୍ ମଜା
ନାଁ ଟା ତାର କରଡି
ବାସନାଥୁ ତାର୍ ଭାତ୍ ଯାଏସି ସରଡି ।

ଗଏଁଠ୍ କାଟି କାଟି ଦିନ୍ ଯାକର୍
କଧରି ଯାଏସି ଧାଙ୍ଗରି
ବାଉଁଶ୍ ଗଜାଥୁ ହେଇଛେରେ ସେଟା
ପାନ୍ ଶୁଖଲେ ତିଆରି
ନାଁ ଟା ତାର୍ କରଡି
ବାସନାଥୁ ତାର୍ ଭାତ୍ ଯାଏସି ସରଡି ।

ଖେତ୍ ଖଲ୍‌ନେ ସତେ ଖାଏସି ଗୁଷୀ
ନୁନ୍ ଆମୁଲ୍ ନେ ଘୁରି
ତଲ୍ ପଡସି ତାର୍ ଆଗରେ କାଁଏ
ଟେଙ୍ଗନ, ପୁଟିଆ ଝୁରି
ନାଁ ଟା ତାର କରଡି
ବାସନାଥୁ ତାର୍ ଭାତ୍ ଯାଏସି ସରଡି ।

ଟିକେ ସାନସାନ୍ କରି କାଟିଦେଲେ
ହେସି ତ ସେଟା ହେଁଡୁଆ
ପାଗଲ୍ ହେସନ୍ ଖାଏବାର୍ ଲାଗି
ବୁଢା ଆରୁ ତ ଭେଁଡିଆ
ନାଁ ଟା ତାର୍ କରଡି
ବାସନାଥୁ ତାର୍ ଭାତ୍ ଯାଏସି ସରଡି ।

ଚପିକରି ଟିକେ ପିଇଦେଲେ ପାଏନ୍
ଜୀବନ୍ ଯାଏସି ନେଇ
ଗୁଲାକ୍ ହେଇକରି ଖାଏବ ସତେ
ନାଁଇ ତ ଶୁଇବ ଭୁଁଇ
ନାଁ ଟା ତାର୍ କରଡି
ବାସନାଥୁ ତାର୍ ଭାତ୍ ଯାଏସି ସରଡି ।

ସୌଦାମିନୀ ନାୟକ, ବଙ୍କିଆ, ବିରମହାରାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"


# ଗାଁ ଭଲ ନା ସହର ଭଲ



ମୁକେଶ କୁମାର ଗହିର

ପ୍ରବାସ କାଳେ
ଘଡିକୁ ଘଡି ଅନ୍ତର୍ଲେ
ଅସ୍ଥିର ମନହୁଏ ଚଞ୍ଚଳ,
ପଗ୍ଭରେ ପ୍ରଶ୍ନ ବିଳାପ ଆଳେ
ଗାଁ ଭଲ ନା ସହର ଭଲ?

ପ୍ରାତଃ ସମୟ
ଜନ ଜୀବନ କର୍ମମୟ
ଶାନ୍ତି ପୂର୍ଣ୍ଣ ଯହିଁ ମୋ ଜନ୍ମସ୍ଥଳ,
ଏକାଳେ ସହରେ ଯନ୍ତ୍ର ରଡି
ରୁଷ୍ଟ କରିଥାଏ ମନ ପ୍ରବଳ ।



ଦୈବାତ୍ କାଳେ
ପୀଡାରେ କେହି ଛନ୍ଦିହେଲେ
ନ ଥାଏ ଗ୍ରାମେ ଚକିତ୍ସାଳୟ,
ଦାରୁଣ କଷ୍ଟ ନ ପାରି ସହି,
ଆକୁଳେ ନଏ ସେ ଚର ବିଦାୟ ।

ସହର କୋଳେ
କଣାବିକା ବଜାର ମେଳେ
ଗୋଟି ଗୋଟି ଦ୍ରବ୍ୟ ଅପମିଶ୍ରିତ,
ଚରଣ ସ୍ଥଳେ ମରଣଉଦ୍ଭ,
ମୃତ୍ୟୁ ଡାକ ସଦା କରୁଏ ଭୀତ ।

ବାଲୁତ ମନ
ପ୍ରେମ ପ୍ରସଙ୍ଗେ ପ୍ରତିକ୍ଷଣ
ନଗରବିହରି ଅବଶ ହେଲା,
ଆପଣା ରହିତ ସହର କୋଳେ
ଜନନୀ ପ୍ରେମ ପ୍ରାପ୍ତ ନୋହିଲା ।

ନିଶବ୍ଦ ସ୍ୱର
ଦିଏ ଖବର ବାରମ୍ବାର
ଗ୍ରାମ ଓ ସହର କରି ତୁଳନା,
ଅଳପହସେ ଅଳପ କାନ୍ଦେ
ଭକ୍ତି ଶୂନ୍ୟ ମୁଖେ କରି କଳମା ।

ପ୍ରବାସ କାଳେ
ଶାନ୍ତ ଚଉରେ ଭୁଲହେଲେ
ଅସ୍ଥିର ମନହୁଏ ଚଞ୍ଚଳ,
ପଛରେ ପ୍ରଶ୍ନବିଳାପ ଆଳେ
ଗାଁ ଭଲ ନା ସହର ଭଲ ।

ପ୍ରଥମ ବର୍ଷ ଗୁରୁ ଛାତ୍ର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନୂଆପଡା

# ଈଶ୍ୱର



ନଙ୍କନା ନାଗ

ଯାହା ପାଇଁ ମୁଁ ଏହି ଦୁନଆଁରେ

ଯାହାର ପନତରେ ମୁଁ ଜନମ ନେଲି

ଯାହାର ହାତ ଧରି ମୁଁ ଦୁନଆଁ ଦେଖିଲି

ଯାହାର ପାଦରେ ପାଦ ମିଶେଇ ଚାଲିବା ଶିଖିଲି

ସେ କେହି ନୁହଁ, ସେ ମୋର ଈଶ୍ୱର ।

ମୋ ଜୀବନର ଅନେକ ମୋଡରେ

ଜୀବନର ଅନେକ ପଥରେ

ଯିଏ ସାଥିରେ ଥାଏ ସବୁବେଳେ

ସେ କେହି ନୁହଁ, ସେ ମୋର ଈଶ୍ୱର ।

ମୋ ଜୀବନର ସୁଖ ଦୁଃଖ

ଦିବସରେ ଯିଏ ସଦା ସାଥିରେ ଥାଏ

ସେ କେହି ନୁହଁ, ସେ ମୋର ଈଶ୍ୱର ।

ଦିନରାତି ପରିଶ୍ରମ କରେ

ଏପଟେ ସେପଟେ ଦଉଡେ

ଦୁନକୁ ଦୁଇ ପଇସା ପାଇଁ

ନଜେ କଷ୍ଟ ସହି

ମତେ ଦିନକୁ ଦୁଇଥର ଖାଇବାକୁ ଦିଏ

ସେ କେହି ନୁହଁ, ସେ ମୋର ଈଶ୍ୱର ।
ଯାହାପାଇଁ ମୁଁ ଆଜି କହିବା ଶିଖିଲି
ଯାହା ପାଇଁ ମୁଁ ଆଜି ଆକାଶ କୁଇଲି
ମୋ ସଫଳତାରେ
ଯାହାର ହାତଥାଏ ସବୁବେଳେ
ସେ କେହି ନୁହଁ, ସେ ମୋର ଈଶ୍ୱର ।

କ୍ଷେତ୍ର ରାଜପୁର, ସମ୍ବଲପୁର



# ବୀର ପୁରୁଷ – ଗୋପବନ୍ଧୁ”



ନୃସିଂହ ଚରଣ ବେହେରା

୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲାର ଭାର୍ଗବୀ ନଦୀ କୂଳରେ ଅବସ୍ଥିତ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଓଡିଶାର ବରପୁତ୍ର ପଣ୍ଡିତ ଗୋପବନ୍ଧୁ ଦାସ । ସେ ଥିଲେ ଦୈତାରୀ ଦାସ ଓ ସ୍ୱର୍ଣ୍ଣମୟୀ ଦେବୀଙ୍କର ସୁଯୋଗ୍ୟ ସନ୍ତାନ । ପିଲାଟି ଦିନରୁ ମାତୃହରା ହୋଇ ଅନେକ ଦୁଃଖ କଷ୍ଟର ସହିତ ବଡ ହୋଇଥିଲେ ସେ । ଗାଁ ବିଦ୍ୟାଳୟରୁ ପାଠ ଶେଷ କରି ପୁରୀ ଜିଲ୍ଲା ସ୍କୁଲରେ ପଢୁଥିବା ସମୟରେ ସେ ପରିଚତ ହେଲେ ରାମଚନ୍ଦ୍ର ଦାସ ନାମକ ଜଣେ ମୁକ୍ତ୍ୟାରଙ୍କ ସହିତ । ରାମଚନ୍ଦ୍ର ଦାସ ଏକାଧାରରେ ଥିଲେ ଜଣେ ଦେଶ ପ୍ରେମୀ ଆଉ ପରୋପକାରୀ ବ୍ୟକ୍ତି । ସେ ଥିଲେ ଗୋପବନ୍ଧୁଙ୍କର ପ୍ରେରଣା । ତାଙ୍କରି ପଦାଙ୍କ ଅନୁସରଣ କରି ଦେଶସେବା ପାଇଁ ଗୋପବନ୍ଧୁ ଅନୁପ୍ରେରିତ ହୋଇଥିଲେ ।

୧୮୯୯ ମସିହାରେ ଏଣ୍ଟ୍ରାନ୍ସ ପାସ୍ କରି କଟକରେ ରେଭେନ୍ସା କଲେଜରେ ପାଠ ପଢିଲେ ସେ। ୧୯୦୧ ମସିହାରେ ଏଫ.ଏ ଏବଂ ୧୯୦୪ରେ ବି.ଏ. ପାସକରି କଲିକତା ଗଲେ ଆଇନ୍ ଅଧ୍ୟୟନ ପାଇଁ । ଆଇନ୍ ଶିକ୍ଷା ସମାପ୍ତି ପରେ ସେ ବାଲେଶ୍ୱରରେ ନୀଳଗିରି ହାଇସ୍କୁଲରେ ଶିକ୍ଷକ ଭାବେ କିଛି ଦିନ କାମ କଲେ । ତା'ପରେ ସେ କଟକ ଫେରି ଆସିଲେ ଓକଲାତି କରିବା ପାଇଁ । 'ମାତ୍ର ଦେଶ ସେବା ଯାହାର ପରମ ଧର୍ମ ସେବା କାହିଁ ଅର୍ଥ ଉପାର୍ଜନରେ ମନୋନିବେଶ କରିବ?' ସୁତରାଂ ଲୋକ ସେବା କରିବା ପାଇଁ 'ଯୁବ ବାହିନୀ' ନାମକ ଏକ ସଂଗଠନ କରି ସେ ଲାଗିପଡିଲେ ନିଜ କମରେ ଓ ଏକ ଉଦାହରଣ ସୃଷ୍ଟି କରିଦେଇଥିଲେ ଆମର ଏଇ ସମାଜ ପାଇଁ ।

୧୯୦୭ ମସିହାରେ କେନ୍ଦ୍ରାପଡା ଓ ଯାଜପୁର ଅଞ୍ଚଳରେ ପ୍ରବଳ ବନ୍ୟା ସମୟରେ ଯୁବ ବାହିନୀର ସଭ୍ୟମାନଙ୍କୁ ନେଇ ଗାଁ ଗାଁ ବୁଲି ପାଣି ଘେରରେ ଥିବା ଲୋକମାନଙ୍କୁ ଚୁଡା,

ଚାଉଳ, ଔଷଧ ବାଣ୍ଟିଥିଲେ । ଲୋକଙ୍କ ସେବାରେ ସେ ଭୁଲିଯାଇଥିଲେ ନିଜର ଭୋକ ଶୋଷ ଆଉ ନିଜକୁ ହଜାଇ ଦେଇଥିଲେ ଲୋକଙ୍କର ଦୁଃଖ ଭିତରେ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଭିତରେ ସେ ଏପରି ବୁଡି ଯାଇଥିଲେ ଯେ ନିଜର ରୋଗିଣା ପୁଅର ସେବା କରିବାକୁ ମଧ୍ୟ ଭୁଲି ଯାଇଥିଲେ । ଲୋକଙ୍କର ସେବା ସହିତ ଆଉ ଗୋଟିଏ ମହତ ଉଦ୍ଦେଶ୍ୟ ଥିଲା । ତାହା ଥିଲା 'ନବ ଓଡିଶା' ଗଠନ । ଅନ୍ୟ ପ୍ରଦେଶ ସହିତ ମିଶି ରହିଥିବା ଓଡିଆ ଅଞ୍ଚଳ ଗୁଡିକୁ ଏକାଠି କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ଥିଲା ତାଙ୍କ ଜୀବନ ଦର୍ଶନ । ତାଙ୍କର ଏହି ଲକ୍ଷ୍ୟରେ ସହଯୋଗ କରିଥିଲେ ଉତ୍କଳ ଗୌରବ ମଧୁବାବୁ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉଦ୍ଦେଶ୍ୟରେ ମଧୁବାବୁ ୧୯୦୩ ମସିହାରେ ଗଠନ କରିଥିଲେ 'ଉତ୍କଳ ସମ୍ମିଳନୀ' ଆଉ ଯାହାର ଅନ୍ୟତମ କର୍ଣ୍ଣଧାର ଥିଲେ ଗୋପବନ୍ଧୁ ।

୧୯୦୯ ମସିହା ଏପ୍ରିଲ୍ ମାସରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ସଭାପତିତ୍ୱ କରି ସେ ଯେଉଁ ଓଜସ୍ୱୀ ଭାଷଣ ଦେଇଥିଲେ ସେଥିରେ ବିଚ୍ଛିନ୍ନାଞ୍ଚଳ ଓଡିଆ ମାନଙ୍କ ଭିତରେ ସୃଷ୍ଟି ହୋଇଥିଲା ଅଦ୍ଭୁତପୂର୍ବ ଆଲୋଡନ । ସେ ଓଡିଆ ଭାଷା ଓ ସଂସ୍କୃତିର ବିକାଶ ଏବଂ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ପାଇଁ ଅନେକ କାର୍ଯ୍ୟ କରିଥିଲେ । ୧୯୧୪ ମସିହାରେ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ସମଗ୍ର ବିଚ୍ଛିନ୍ନ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି 'ସ୍ୱତନ୍ତ୍ର ଓଡିଶା ପ୍ରଦେଶ' ଗଠନର ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା ।

ସତ୍ୟବାଦୀ ବକୁଳ ଛୁରୀଅନା ବନରେ ଗୋଟିଏ ଜାତୀୟ ବିଦ୍ୟାପିଠ ସ୍ଥାପିତ ହୋଇଥିଲା ଗୋପବନ୍ଧୁଙ୍କ ଉଦ୍ୟମରେ । ପ୍ରଥମେ ତାହା ମାଇନର ସ୍କୁଲ ଥିଲା ଏବଂ ପରେ ହାଇସ୍କୁଲରେ ପରିଣତ ହୋଇଥିଲା । ୧୯୧୯ ମସିହାରେ ଗୋପବନ୍ଧୁ ସତ୍ୟବାଦୀ ଠାରେ ଗୋଟିଏ ଛାପାଖାନା ବସାଇ ସମାଜ ଖବର କାଗଜ ପ୍ରକାଶ କରିଥିଲେ । ଏତଦ୍ ବ୍ୟତୀତ 'ସତ୍ୟବାଦୀ' ନାମରେ ଏକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା ।

୧୯୨୦ ମସିହାରେ କଂଗ୍ରେସର ନାଗପୁର ଅଧିବେଶନରେ ଗ୍ରହଣ କରାଗଲା ଭାଷା ଭିତ୍ତିରେ ପ୍ରଦେଶ ଗଠନ ନୀତି ପ୍ରସ୍ତାବକୁ । ତେଣୁ ଗୋପବନ୍ଧୁ ଅନୁଭବ କଲେ ଯେ କଂଗ୍ରେସ ସଂଗଠନ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହେବ । ତେଣୁ ସେ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଆଲୋଚନା ପରେ ଉତ୍କଳ ସମ୍ମିଳନୀକୁ ଜାତୀୟ

କଂଗ୍ରେସ ସହିତ ମିଶାଇ ଦେଲେ । ଆଉ ଗଠନ ହେଲା ସ୍ୱତନ୍ତ୍ର ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର । ଗୋପବନ୍ଧୁ ଥିଲେ ସେହି କମିଟିର ପ୍ରଥମ ସଭାପତି । ଦେଖିବାକୁ ଗଲେ ସେ ହିଁ ଓଡିଶାର ସ୍ୱାଧୀନତା ସଂଗ୍ରାମର ଭଗୀରଥ ।

ଆଇନ ଅମାନ୍ୟ ଆନ୍ଦୋଳନରେ ଭାଗ ନେଇ ୧୯୨୨ ମସିହାରେ ସେ କାରାବରଣ କରିଥିଲେ। ଜେଲରେ ବନ୍ଦୀଥିଲା ବେଳେ ସେ କାଳଜୟୀ ରଚନା 'କାରାକବିତା' ଏବଂ 'ବନ୍ଦୀର ଆତ୍ମକଥା'ର ସୃଷ୍ଟି କରିଥିଲେ । ସେ ଏକା ଧାରରେ ଜଣେ ଜନନାୟକ, ଦେଶ ସେବକ, କବି, ପ୍ରାବନ୍ଧିକ ଏବଂ ସମ୍ପାଦକ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ତ୍ୟାଗ ଓ ନିଃସ୍ୱାର୍ଥ ଦେଶସେବା ପାଇଁ ତାଙ୍କୁ 'ଓଡିଶାର ଗାନ୍ଧୀ' ବୋଲି କୁହାଯାଏ ।

ଭାରତମାତା ବୀର ପ୍ରସବିନୀ । ସେଇ ଉତ୍କଳ ମାତା ଗୋପବନ୍ଧୁଙ୍କ ପରି ଜଣେ ବରପୁତ୍ରଙ୍କୁ ତା'ର କୋମଳ ବକ୍ଷରେ ସ୍ଥାନ ଦେଇଥିବାରୁ ଆମେ ସମସ୍ତେ ଗର୍ବିତ । ସେହି ସ୍ୱାଧୀନତା ସଂଗ୍ରାମୀ, ଉତ୍କଳର ମଉଡମଣି ୧୯୨୮ ମସିହା ଜୁନ୍ ମାସ ୧୭ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

ଜୀବନର ଶେଷ ଭାଗରେ ସେ ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକ ସେବକ ମଣ୍ଡଳରେ ଯୋଗ ଦେଇଥିଲେ ଏବଂ ମୃତ୍ୟୁ ପୂର୍ବରୁ ତାଙ୍କର ମାନସ ସନ୍ତାନ 'ସମାଜ'କୁ ସେହି ଅନୁଷ୍ଠାନକୁ ଦାନ କରି ଦେଇଥିଲେ । ବିଜ୍ଞାନୀ ସାର୍ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ 'ଉତ୍କଳମଣି' ଉପାଧିରେ ଭୂଷିତ କରିଥିଲେ । ଦେଖିବାକୁ ଗଲେ ଗୋପବନ୍ଧୁଙ୍କର ଜୀବନକାଳ ଅତି ସଂକ୍ଷିପ୍ତ ଥିଲା । ସେ ମାତ୍ର ଏକାବନ ବର୍ଷ ବଞ୍ଚିଥିଲେ । ତେବେ ଏହି ସଂକ୍ଷିପ୍ତ ଜୀବନକାଳ ଭିତରେ ଓଡିଶା ପାଇଁ ଅନେକ କିଛି କରିଯାଇଛନ୍ତି ଯେଉଁଥି ପାଇଁ ସେ ଆମର ଚିର ନମସ୍ୟ ।

୨୧୭, ୟୁନିଟ- ୯( ଫ୍ଲାଟ) , ବାୟାବାବା ମଠ ଲେନ, ଭୁବନେଶ୍ୱର- ୨୨

# ପ୍ରତିଶ୍ରୁତି



ଖଗେଶ୍ୱର ବାଗ

ଆଜି କାଲି କେତେ ଅମାନିଆ ତୁମେ
କେବେ ରୁଷି ମୁହଁ ଫୁଲାଅ କେବେ ରାଗି ଦୂରେଇ ଯାଅ ମୋ ଠାରୁ
କେବେ ବ୍ୟଥା କ୍ଷୁଧା ତୃଷ୍ଣାକୁ ବୁଝି ଅବୁଝା ହୁଅ ||
ମୁଁ ଯେ ତୁମରି ଆଗମନକୁ ଚାହିଁ ରହେ ନିର୍ନିମେଷ ନୟନରେ
ତୁମରି ପ୍ରତୀକ୍ଷାରେ ବିତାଏ ଦିନ ମାସ ବର୍ଷ
ଅଥଚ - - - -
ତୁମେ ଜାଣ ମୋ ପରି ଅନେକ ତୁମକୁ ପାଇବା ପାଇଁ ସଦା ବ୍ୟାକୁଳ ||
ତୁମେ ସେହି ସବୁଜ ବନାନୀର ରାଣୀ ନା ?
ଯାହାକୁ ଝୁରି ଥାଅ ନିତି ସୁଦୂର ଦିଗବଳୟରୁ ଚାଲିଆସ
ଯାହାର କୋଳରେ ହଜେଇ ଦିଅ ନିଜର ଅସ୍ତିତ୍ୱ ||
ମୁଁ କେତେ ସ୍ୱାର୍ଥପର ନିଷ୍ଠୁର
ବିକାଶ ନାଁ ରେ ଭୁଲିଯାଏ କର୍ତ୍ତବ୍ୟ ଦାୟିତ୍ୱବୋଧ ଦୟା ଆଉ କ୍ଷମା
ଗୋଟି ଗୋଟି କରି ହାଣି ପକାଏ ଅସଂଖ୍ୟ ବୃକ୍ଷରାଜି
ସବୁଜ ସୁନ୍ଦର ସଂସାରକୁ ନିମିଷେ କରି ପକାଏ ଧ୍ୱଂସ ||
ବୋଧେ - - -
ସେଥିପାଇଁ ତୁମେ ଆଜି ଅଭିମାନ କର

ପ୍ରତିଶୋଧ ନଅ

ଅଦିନଆ ଝଡ ନେଇ ମୃତ୍ୟୁର ତାଣ୍ଡବ ରଚ

ଘର ଦ୍ଵାର ଜୀବ ନର୍ଜୀବ ଉପାଡି ଫିଙ୍ଗିଦିଅ ||
କେବେ ପୁଣି ଛଳନା କରି ଗ୍ଭଲିଯାଅ
ହୃଦୟ ବିଦାରକ ଜ୍ଵାଳାରେ ଜାଳଦିଅ ଧରଣୀ
ହା- ହା- କାର କରିଦିଅ ଜଗତ

ମରୁଡିର ଦ୍ଵାହୀ ଦେଇ ଝୁଲେଇ ଦିଅ ଚଷାକୁ
ସତେ ବା କରିଯାଅ ଗୋଟିଏ ଯୁଗର ଅବସାନ ||
ହେ ବର୍ଷା - - - -
ତୁମେ ହିଁ ତ ଜୀବନ ତୁମେ ହିଁ ସୁଖ ଶାନ୍ତିର ବାହକ
ତୁମରି କାରଣେ ମୋର

ବୃକ୍ଷ ରୋପଣ ଆଉ ଜଙ୍ଗଲ ସୁରକ୍ଷାର ଦୃଢ ପ୍ରତିଶ୍ରୁତି ||

ଖଗେଶ୍ଵର ବାଗ, ବୁଦ୍ଧିକୋମନା, ଜିଲ୍ଲା- ନୂଆପଡା

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ବସ୍ତ୍ର ବ୍ୟବସାୟରେ ଜ୍ୟୋତିଷ ଶାସ୍ତ୍ର



ବାଲ୍ମୀକି ନାୟକ

ଆଧୁନକ ବିଜ୍ଞାନ ଜ୍ୟୋତିଷ ଶାସ୍ତ୍ରକୁ ମାନ୍ୟତା ଦେଇ ନଥିଲେ ବି ଧର୍ମଭୀରୁ ମଣିଷମାନେ ଜ୍ୟୋତିଷ ଶାସ୍ତ୍ରକୁ ଜୀବନର ପ୍ରତ୍ୟେକ ସ୍ତରରେ ପ୍ରୟୋଗ କରିବାପାଇଁ ପ୍ରାଣପଣେ ଲାଗିପଡିଛନ୍ତି । ମାଆର ଗର୍ଭରେ ଥିବା ଶିଶୁଟିର ଭାଗ୍ୟଫଳ କଣ ହେବ, ଜ୍ୟୋତିଷ ଶାସ୍ତ୍ର ଅନୁସାରେ ତା ଗଣନା ଆରମ୍ଭ ହୋଇଯାଏ । ଶିଶୁଟି ଜନ୍ମ ହେବାପରେ ରାଶି, ନକ୍ଷତ୍ର ଓ ଗ୍ରହ ଗୁଡିକର ଅବସ୍ଥାକ୍ରମେ ଜାତକ ତିଆରି ହୋଇଯାଏ । ଏପରିକି ଶିଶୁର ନାମକରଣ ବି ଜ୍ୟୋତିଷ ହିଁ କରିଦିଏ । ବାପା ଓ ମା ଙ୍କୁ ଜାତକ ନାମଟି ପସନ୍ଦ ନ ହେଲେ ନିଜେ ନାମଟିଏ ରଖିଥାନ୍ତି । ସେଥିପାଇଁ ଜାତକ ତିଆରି ହୋଇଥିବା ଶିଶୁର ଜାତକ ନାମ ଓ ଶ୍ରଦ୍ଧା ନାମ ହିସାବରେ ଦୁଇଟି ନାମ ଥାଏ । ଶିଶୁଟି ବଡ ହୋଇ ବିବାହଯୋଗ୍ୟ ହେଲେ ପୁଣିଥରେ ଜାତକର ମହତ୍ତ୍ୱ ବଢିଯାଏ । ଜୀବନ ସାଥୀର ଜାତକ ସହିତ ମେଳ ଖୁଆଇବାପାଇଁ ତ୍ରୁଟି ଦେଖାଦେଲେ ଶ୍ରଦ୍ଧା ନାମକୁ ବ୍ୟବହାର କରିଥାନ୍ତି । ଜାତକ ଉପରେ ଏତେ ଗୁରୁତ୍ୱ ଦିଆଯାଏ ଯେ, ବାକିସବୁ ଯୋଗ୍ୟତା ଥାଇ ବି ଜାତକ ମେଳ ନ ଖାଇଲେ ବିବାହ ହୋଇପାରୁନ । ଅନ୍ୟପକ୍ଷରେ ଜାତକ ମେଳକରୁ ରାଜଯୋଟକ ଦେଖି ବିବାହ କରିଥିବା ଦମ୍ପତ୍ତିଙ୍କ ବୈବାହିକ ଜୀବନ ବହୁ ଦୁଃଖରେ କଟୁଥିବା ଉଦାହରଣ ସମାଜରେ କିଛି କମ୍ ନୁହେଁ । ଏକଥା ବି ସମସ୍ତେ ଜାଣନ୍ତି ।

ନୂଆ ଗୃହକରିପାଇଁ, ପ୍ରମୋସନ ପାଇଁ, ବ୍ୟବସାୟ ଆରମ୍ଭ କରିବାପାଇଁ, ଜମି ବା ଘର କିଣିବା ପାଇଁ, ଗାଡି କିଣିବା ପାଇଁ ଜ୍ୟୋତିଷ ପରାମର୍ଶ ନିହାତି ଆବଶ୍ୟକ ବୋଲି ଭାଗ୍ୟବାଦୀ ଲୋକମାନେ ବିଶ୍ୱାସ କରୁଛନ୍ତି । ପ୍ରତିଦିନ ପତ୍ରପତ୍ରିକାରେ ରାଶିଫଳ ଦେଖି କମ୍ପା

ଟିଭିରେ ଭାଗ୍ୟଫଳ ଦେଖି ସେମାନେ କର୍ମ ନିର୍ଦ୍ଧାରଣ କରିଥାନ୍ତି । ମଜା କଥା ହେଉଛି ଯେ, ଜ୍ୟୋତିଷ କହିଥିବା ଶହେରୁ ଏକ ପ୍ରତିଶତ ଯଦି କାକତାଳୀୟ ନ୍ୟାୟରେ ସତ ହୋଇଯାଏ, ସେହି ଜ୍ୟୋତିଷଙ୍କର ଖ୍ୟାତି ବଢିଯାଏ । କିନ୍ତୁ ଅନେଶତ ପ୍ରତିଶତ କାହିଁକି ମିଛ ହେଲା ବୋଲି କେହି ପ୍ରଶ୍ନ କରନ୍ତିନାହିଁ । ପ୍ରଶ୍ନ କଲେ ବି ଜ୍ୟୋତିଷଙ୍କ ପାଖରେ ହଜାରେ ଏକ ବାହାନା ଅଛି ନିଜକୁ ସତ୍ୟସିଦ୍ଧ କରିବାପାଇଁ । ଆଜିକାଲି ପୋଷାକ ବା ଡ୍ରେସ୍ ଶ୍ରେଣୀରେ ଫେସନ ଓ ଷ୍ଟାଇଲ୍ ସହିତ ଏଷ୍ଟ୍ରୋଲୋଜିର କମ୍ବିନେସନ ( ସଂଯୋଗ) ଖୁବ୍ ଚାଲିଛି । ଏହାର ଚାହିଦାକୁ ଦେଖି ଫେସନ ଡିଜାଇନରମାନେ ଫରଚ୍ୟୁନ ଫେସନ୍ ଅର୍ଥାତ ଏଷ୍ଟ୍ରୋଲୋଜିକାଲ୍ ଡ୍ରେସ୍ ତିଆରି କରେଇବା ଆରମ୍ଭ କରିଦେଲେଣି । ଡିଜାଇନରମାନେ ବର୍ତ୍ତମାନ ରାଶି ଅନୁସାରେ ରଙ୍ଗ, ଡିଜାଇନ୍ ଫେବ୍ରିକ୍ ଏବଂ ଷ୍ଟାଇଲ୍ ଆଦି ତିଆରି କଲେଣି । କେଉଁ ଋତୁ ବା ପାଗରେ କେଉଁଭଳି ଡ୍ରେସ୍ ର ଚାହିଦା ରହିବ, ସେ କଥାକୁ ପଛରେ ରଖି ବର୍ତ୍ତମାନେ କେଉଁ ରାଶିର ବ୍ୟକ୍ତି କେଉଁଭଳି ଡ୍ରେସ୍ ପିନ୍ଧିଲେ ମଙ୍ଗଳ ହେବ, ସେ କଥା ଉପରେ ବେଶୀ ଧ୍ୟାନ ଦେଉଛନ୍ତି । ଏଥିପାଇଁ ବିଭିନ୍ନ ଜ୍ୟୋତିଷମାନଙ୍କର ସହଯୋଗ ଆବଶ୍ୟକ ପଡୁଛି ।

ଜ୍ୟୋତିଷମାନଙ୍କ ମତରେ ଗ୍ରହ, ନକ୍ଷତ୍ର, ଓ ରାଶିର ପ୍ରକୃତି ହିସାବରେ ପ୍ରତ୍ୟେକ ଦିନ ଗୋଟିଏ ପ୍ରଭାବଶାଳୀ ରଙ୍ଗ ରହୁଛି । ସେହି ରଙ୍ଗ ଏକ ନିର୍ଦ୍ଦିଷ୍ଟ ରାଶିର ବ୍ୟକ୍ତିଙ୍କୁ ଶୁଭଫଳ ଦେଇଥାଏ । ବସ୍ତ୍ରର ରଙ୍ଗ, ଡିଜାଇନ୍, ଫେବ୍ରିକ୍ ଏବଂ ଷ୍ଟାଇଲ୍ ଯଦି ଠିକ୍ ଭାବେ ନିର୍ଣ୍ଣୟ କରି ବ୍ୟବହାର କରାନଯାଏ, ତେବେ ତାହା ଲୋକମାନଙ୍କ ଜୀବନକୁ ନକାରାତ୍ମକ ଭାବେ ପ୍ରଭାବିତ କରିଥାଏ । ତେଣୁ ଗ୍ରହଦଶାକୁ ଗଣନା କରି ଡ୍ରେସ୍ ( ପରିଧାନ) ବାଛିବା ଉଚିତ୍? ସେମାନେ ଆହୁରି ପାଦେ ଆଗେଇ ଯାଇ କହନ୍ତି – ଡ୍ରେସ୍ ର ଫେବ୍ରିକ୍ ( କନା) ସାଧାରଣ କଟନ୍ ହେଉ ବା ସିନ୍ଥେଟିକ୍, ଅଲଗା ଅଲଗା ରାଶି ଉପରେ ଅଲଗା ଅଲଗା ପ୍ରଭାବ ପକାଇଥାଏ । କେହି ଚିନ୍ତା କରନ୍ତି ନାହିଁ ଯେ ଯେତେବେଳେ ଜ୍ୟୋତିଷ ଶାସ୍ତ୍ର ଜନ୍ମ ହୋଇଥିଲା ସେତେବେଳେ ସିନ୍ଥେଟିକ୍ କନା ଉତ୍ପାଦନ ହୋଇଥିଲା କି? କୌଣସି ରାଶି ଉପରେ ଫେଦର ( ପର) ଓ ଲେଦର ( ପଶୁର ଚର୍ମ) ଶୁଭ ଫଳ ଦିଏ ତ ଅନ୍ୟ ରାଶି

ଉପରେ ଅଶୁଭଫଳ ଦିଏ । ଏହି ତଥ୍ୟଗୁଡିକ କେତେଦୂର ବିଜ୍ଞାନ ସମ୍ମତ ଓ ତର୍କସଙ୍ଗତ ତା କେହି ବିଗ୍ଭର କରନ୍ତି ନାହିଁ ।

ଆଜିକାଲି ନବବିବାହିତ ଦମ୍ପତିଙ୍କ ଦାମ୍ପତ୍ୟବନ୍ଧନ ଅସୁରକ୍ଷିତ । କେତେକ ବିବାହର ଗ୍ଭରିଦିନ ନ ଯାଉଣୁ ପରସ୍ପର ବିବାହ ବିଛେଦପାଇଁ କୋର୍ଟ କଚେରିକୁ ଦୌଡୁଛନ୍ତି । ଏହି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ବିବାହ କରିବାକୁ ଯାଉଥିବା ବର ଓ କନ୍ୟା ଏଷ୍ଟ୍ରୋଲୋଜିକାଲ ଡ୍ରେସ୍ ପିନ୍ଧି ବିବାହ କରିବାକୁ ଗ୍ଭହୁଁଛନ୍ତି । ଜ୍ୟୋତିଷଙ୍କ ଦ୍ୱାର୍ ନଜର ରାଶି ଅନୁସାରେ ଗଣନା କରି ଡ୍ରେସ୍ ର ଡିଜାଇନ୍ କରିବାପାଇଁ ଦୋକାନରେ ଅର୍ଡର ଦେଇଥାନ୍ତି । ତାଙ୍କ୍ ଡ୍ରେସରେ ମ୍ୟାଚଂ କଲର, ଡିଜାଇନ୍, ଫେବ୍ରିକ୍ ସହିତ କେଉଁଭଳ ମୋତି, ବିଦସ୍ ମେଟାଲସ୍ ଏବଂ ଏମ୍ବ୍ରୋଡୋରୀ ହେବ୍ ସେସବୁ ଗଣନା କରି ଜ୍ୟୋତିଷ ଲେଖିଦିଅନ୍ତି । ଦାମ୍ପତ୍ୟ ଜୀବନ ସଫଳହେବାର ଗ୍ୟାରେଣ୍ଟି କନ୍ତୁ ଜ୍ୟୋତିଷ ଦେଇ ନ ଥାନ୍ତି ।

ସହରରେ ଥିବା କେତେକ ବ୍ରାଣ୍ଡେଡ୍ କମ୍ପାନୀର ବସ୍ତ୍ରାଳୟଗୁଡିକରେ ଦୋକାନୀମାନେ ମଧ ଦିନ ଓ ରାଶି ଅନୁସାରେ ଏଷ୍ଟ୍ରୋଲୋଜିକାଲ୍ ଡ୍ରେସ୍ ପିନ୍ଧି ଦୋକାନରେ ବସୁଛନ୍ତି । ଜ୍ୟୋତିଷଙ୍କ ନର୍ଦ୍ଦେଶ ଥାଏ ଯେ, ସେପରି କଲେ ଗ୍ରାହକମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିହେବ । ଗ୍ରାହକ ସେହି ଦୋକାନରୁ ବସ୍ତ୍ର ନ କଣି ଖସି ଯାଇପାରିବ ନାହିଁ ।

ଭାରତୀୟ ମହିଳାମାନେ ଅପେକ୍ଷାକୃତ ବେଶୀ ଧର୍ମଭୀରୁ ଓ ଭାଗ୍ୟବାଦୀ ହୋଇଥାନ୍ତି । ସେଥିପାଇଁ ଏଷ୍ଟ୍ରୋଲୋଜିକାଲ୍ ଡ୍ରେସ୍ ର ପ୍ରଚଳନ ହେବା ପରଠାରୁ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କର ଆଗ୍ରହ ବେଶୀ ବଢୁଛି । ହାଇ ସୋସାଇଟିର ମହିଳାମାନଙ୍କ ପାଇଁ ପର୍ସନାଲ୍ ଫେସନ୍ ଡିଜାଇନର ନଯୁକ୍ତି ହୋଇଥାନ୍ତି । ବର୍ତ୍ତମାନ ସେମାନଙ୍କ ଜାଗାରେ ଫେସନ୍ ଏଷ୍ଟ୍ରୋଲୋଜର୍ ନଯୁକ୍ତ ଦିଆଗଲାଣି । ଫେସନ୍ ଏଷ୍ଟ୍ରୋଲୋଜର୍ ସେମାନଙ୍କ ଗ୍ରାହକଙ୍କ କୁଣ୍ଡଳୀ (ଜାତକ) ଦେଖି ଗଣନା କରି ଉପଯୁକ୍ତ ଡ୍ରେସ୍ ଡିଜାଇନ୍ କରିବେ । ତା ସହିତ ମ୍ୟାଚଂ ଜୋତା, ପର୍ସ ରୁମାଲ୍ ଓ ଗହଣା ବ୍ୟବହାର କରିବାପାଇଁ ନର୍ଦ୍ଦେଶ ଦେବେ । ଅବୈଜ୍ଞାନକ ପଦ୍ଧତିରେ ତିଆରି ହୋଇଥିବା ତଥାକଥିତ ଜାତକ ଉପରେ ବିଶ୍ୱାସ ରଖି ଅଜସ୍ର ଟଙ୍କା ଖର୍ଚ୍ଚ କରି ଏଷ୍ଟ୍ରୋଲୋଜିକାଲ ଡ୍ରେସ ପିନ୍ଧୁଥିଲେ ବି ପାରିବାରିକ ଜୀବନରେ

ମାନସିକ ଟେନସନରୁ ମୁକ୍ତ ହୋଇପାରନ୍ତି ନାହିଁ । ଗତ କଛି ବର୍ଷ ହେଲା ବଜାରରେ ଅନେକ ପ୍ରକାର ଗୁଡଲକ୍ ଏକ୍ସେସେରିଜ୍ ( ସୌଭାଗ୍ୟ) ବିକ୍ରି ହେଉଛି ଯଥା ଫେଙ୍ଗସୁଇ, ବ୍ରାସଲେଟ୍, ବ୍ଲୁ ଲକ ଆଇ ବ୍ରାସଲେଟ୍, ଟର୍ଟଲ, ଫ୍ରୋଗ, ପେଣ୍ଡେଟ୍ ଆଦି ଚୀନ ଦେଶର କୁଟିର ଶିଳ୍ପରେ ତିଆରି ହେଉଥିବା ସାଧାରଣ ଖେଳଣା ଭଳି ବସ୍ତୁ ଦେଶର ଲୋକମାନଙ୍କର ସୌଭାଗ୍ୟପ୍ରାପ୍ତିର ଅମୂଲ୍ୟ ବସ୍ତୁ ପାଲଟିଯାଇଛି ।

ଫେସନ୍ ଦୁନିଆରେ ଜ୍ୟୋତିଷମାନଙ୍କ ଡିମାଣ୍ଡ ଯେପରି ବଧି ଚାଲିଛି ଆମେ ଭାବୁଛୁ ଏଣିକି ଡ୍ରେସ୍ କିଣିବାକୁ ଗଲେ ଦୋକାନୀ ଆପଣଙ୍କ ପ୍ୟାଣ୍ଟ ଓ ସାର୍ଟର ସାଇଜ୍ ପଚାରିବା ପୂର୍ବରୁ ପ୍ରଥମେ ପଚାରିବ ଆପଣଙ୍କ ରାଶି କଅଣ? ରାଶିକୁ କମ୍ପ୍ୟୁଟରରେ ହିସାବ କରି ଆପଣଙ୍କୁ ମ୍ୟାଚିଂ ଡ୍ରେସ୍ ଦେଖାଇବ ।

ମନସ୍ତାତ୍ତ୍ୱିକ ଡାକ୍ତରଙ୍କ ମତରେ ଡ୍ରେସ୍ ର ରଙ୍ଗ ବା ଡିଜାଇନ କାହାର ଭାଗ୍ୟ ପରିବର୍ତ୍ତନ କରିପାରିବନି । ଯାହାର ଯାହା ପସନ୍ଦ ସେ ତା ପିନ୍ଧିଲେ କୌଣସି କ୍ଷତି ହୁଏନାହିଁ । ଯଦି ଜ୍ୟୋତିଷଙ୍କ କଥା ସତ ହେଉଥାନ୍ତା, ତେବେ ଯେକୌଣସି ବ୍ୟକ୍ତି କେବଳ ଏଷ୍ଟ୍ରୋଲୋଜିକାଲ ଡ୍ରେସ୍ ପିନ୍ଧି ପ୍ରତି କ୍ଷେତ୍ରରେ ସଫଳତା ପ୍ରାପ୍ତ କରିପାରୁଥାନ୍ତା । ଅସଲ କଥା ହେଉଛି, ନିଜର ପ୍ରତିଭା ଓ କଠିନ ପରିଶ୍ରମ ବଳରେ ହିଁ ସଫଳତା ମିଳିଥାଏ ।

ହାଇସୋସାଇଟି ଶିକ୍ଷିତ କିନ୍ତୁ ବୈଜ୍ଞାନିକ ଚିନ୍ତନର ଅଭାବ ଯୋଗୁଁ କେତେକ ପୁରୁଷ ଓ ମହିଳା ଫେସନକୁ ଏଷ୍ଟ୍ରୋଲୋଜି ସହିତ ଯୋଡି ସଫଳତାର ଚାଇକାଠି ଖୋଜୁଛନ୍ତି । ଏହା ଏକ ନିରାଧାର ବିଶ୍ୱାସ ଉପରେ ଅସ୍ଥାୟୀ ଫେସନ । ଏହିମାନଙ୍କୁ ଦେଖି ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ବି କିଛି ପରିମାଣରେ ପ୍ରଭାବିତ ହୋଇଥାନ୍ତି । ଫେସନ୍ ସର୍ବଦା ସମୟ ଅନୁସାରେ ପରିବର୍ତ୍ତିତ ହୋଇଥାଏ । କିଛିଦିନ ତଳେ ବିଭିନ୍ନ ଦେବଦେବୀଙ୍କ ନାମ, ଫଟୋ ଏବଂ ଶ୍ଲୋକ ଆଦି ଲେଖାଥିବା ଡ୍ରେସର ଫେସନ୍ ଚାଲିଥିଲା । ସେହିଭଳି ଏହି ଫେସନ୍ ବି କିଛିଦିନ ଚାଲିବ ।


ଭାରତରେ ତର୍କଶୀଳ ସୋସାଇଟି, ଅନ୍ଧଶ୍ରଦ୍ଧା ନିର୍ମୂଳନ ସଂସ୍ଥା, ଓ ହେତୁବାଦୀ ସଙ୍ଗଠନର ଅନେକ ବୁଦ୍ଧିଜୀବୀ ସାଧାରଣ ଲୋକମାନଙ୍କୁ ତର୍କସଙ୍ଗତ ଭାବେ ଜ୍ୟୋତିଷ ଶାସ୍ତ୍ର ଭିତରେ ରହିଥିବା ଦୋଷଗୁଡିକୁ ବୁଝାଉଥିବାରୁ ଧୀରେଧୀରେ ଜ୍ୟୋତିଷମାନଙ୍କ ଉପରୁ ଆସ୍ଥା ବା ବିଶ୍ୱାସ କମ୍ ହେବାରେ ଲାଗିଛି । ଏହାର ପ୍ରଭାବ ଧର୍ମଗୁରୁ ଓ ବାବାମାନଙ୍କ ଉପରେ ବି ପଡୁଛି । ସେଥିପାଇଁ ସେମାନଙ୍କ ମାର୍କେଟିଂ ପ୍ଲାନରେ ଏଷ୍ଟ୍ରୋଲୋଜି ଫେସନ୍ ସୃଷ୍ଟି କରି ଗ୍ରାହକମାନଙ୍କୁ ଲୁଟିବାରେ ସଫଳ ଅଭିଯାନ ଚଳେଇଛନ୍ତି ।

ମୋର ଜଣେ ଜ୍ୟୋତିଷ ବନ୍ଧୁ ସ୍ପଷ୍ଟଭାବେ ସ୍ୱୀକାର କରି କହିଲେ, ପ୍ରକୃତରେ ଏହି ବିଦ୍ୟାରେ କୌଣସି ଚମତ୍କାର ବା ଶକ୍ତି ନାହିଁ । ଫେସନ୍ ସହିତ ଏଷ୍ଟ୍ରୋଲୋଜିର କୌଣସି ସମ୍ପର୍କ ନାହିଁ । ରହିଛି ଏକ ଭିତ୍ତିହୀନ ବିଶ୍ୱାସ । ରଙ୍ଗର ପ୍ରଭାବ ଉପରେ ଯଦି ବିଗ୍ଭର କରିବା, ତେବେ ଧଳା ରଙ୍ଗର ଡ୍ରେସ୍ ଖ୍ରୀଷ୍ଟୀୟାନ କନ୍ୟାଙ୍କ ପାଇଁ ଶୁଭ ବୋଲି ମାନ୍ୟତା ଥିବାବେଳେ ସେହି ଧଳାରଙ୍ଗର ଶାଢୀ ହିନ୍ଦୁ କନ୍ୟାଙ୍କ ପାଇଁ ଅଶୁଭ ସଂକେତ ଭାବେ ମାନ୍ୟତା ଅଛି । କେଉଁଟା ଆମେ ସତ୍ୟ ବୋଲି ମାନବା?

କେ.ଆର. ପୂରମ, ବାଙ୍ଗାଲୋର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଏ ନିଆଁ....ପ୍ରେମର



ଦିଲୀପ କୁମାର ମୋହାନ୍ତି

ଗ୍ଭଲୁଛି ଗ୍ଭଲୁଛି ଆଗକୁ ଆଗକୁ
ପଛରେ ଲମ୍ବୁଛି ଛାଇ
ହାସ୍ୟ- ଶୃଙ୍ଗାର- ବୀର- ଭୟାନକ
ଜୁଗୁପସାର ଭ୍ବ ନେଇ ।
କଏ କରୁ ଘୃଣା କଏ କରୁ ଈର୍ଷା
ତାହାରେ ନାହିଁ ମୋ ଲୟ
ମରି ମରି ଅବା ବଞ୍ଚିବି ମୁଁ କେତେ
ମରିବାରେ ନାହିଁ ଭୟ ॥
ଏନ୍ତୁଡି ନିଆଁରୁ ଜୀବନ ଆରମ୍ଭ
ମଶାଣିରେ ଜଳ ଯିବି
ଜଳବା ଆଗରୁ ପ୍ରେମର ନିଆଁରେ
ଗୋଟେ ମନ ଜାଳଦେବି ॥
ପ୍ରେମର ନିଆଁରେ ଜଳବା- ଜାଳବା
ଭ୍ରି ଭଲ ଲ୍ଗେ ମୋତେ
ଭଲରେ ବି ନିନ୍ଦା ଭୁଲରେ ବି ନିନ୍ଦା
ଆଜିର ଦୁନିଆଁ ସତେ ॥
ଭଲ ପାଇବାର ଶିତଳ ନିଆଁରେ
କେବେ ଯିଏ ଜଳ ନାହିଁ
କାହୁଁ ସେ ଜାଣିବ ପତଙ୍ଗ କାହିଁକି
ନିଆଁରେ ଲମ୍ଫ ଦିଅ ଇ ॥

ପଲଶାଗୋଡ଼ା, ବୌଦ୍ଧ

# ହାଡ - କଙ୍କାଳ



ଏମ୍. ବିଜୟ କୁମାର

ଅପମାନତ ଜ୍ୱାଳାରେ ଜଳ
ମରୁଥିବା ମୁର୍ଦ୍ଧାରର ହାଡ
ଶଶ୍ମାନରେ ଖୋଜୁଛି ଆବେଗେ
ଖଣ୍ଡ ଖଣ୍ଡ ମୁଣ୍ଡ ହାତ- ଗୋଡ
ମୋ ସ୍ୱେଦରକ୍ତ ପଡି ହାଡରେ
କାଳେ ପୋଡି ଯିବ କ କଙ୍କାଳ
ଉଠି ଆସିବ ଅର୍ଶୁ ଚର୍ମରେ
ଲଢିବାକୁ ମାନବାଧିକାର
ଉଠ ମୁର୍ଦ୍ଧାର, ଜାଗ କଙ୍କାଳ
ସଂଘର୍ଷ କର, ମୁକ୍ତି ଦିଶାର
ଗୋଟି ଗୋଟି ହାଡ କରି ଠୁଳ
ସପ୍ରେମେ କଲି ହାଦ ବଗିଗ୍ଚ
ଗଦା ଗଦା ଏ ହାଡ- କଙ୍କାଳ
ଆଚମ୍ବିତ ହେଲି ଦେଖି କାୟା!
କହିପାର ଅଜିବ ପାଗଳ
ଦୁନଆଁର ବିସ୍ମୟ ମଣିଷ
ହାଡ- କଙ୍କାଳ ଆସିବ ଉଠି
କାଳେ ପାଇଯିବ ଜିବନ୍ୟାସ
ସାଧନା କରେ କାଳ ଗ୍ରନ୍ଥରେ
ଜୀବନ- ଯଜ୍ଞ କୁଣ୍ଡରେ ବସି
ବଳ ବିର୍ଯ୍ୟ ଶକ୍ତିହୀନ କାହିଁ?
ବୀର ପୁରୁଷ ଲଢୁଆ ଜାତି
ହାତେ ଅଛି ଶତ ସିଂହ ବଳ
ନଜ ଗୋଡରେ ନଜେ ହିଁ ଠିଆ

ସ୍ୱାଭିମାନୀ ବିବେକୀ ଦଳତ
ବିଦ୍ରୋହ କରି ବିପ୍ଳବ ନଆଁ
ଯଦି ନଂପୁସକ ପିନ୍ଧେ ଚୁଡି
ବେଇଜ୍ଜତି ବେସରମୀ ଲୋ୍କ
ନହେଲେ ଉଠିବୁ ହାଡ ଜୁଡି
ଉଠ ଉଠ୍ ଉଠ ମଲ୍ ଲୋ୍କ
ଆରେ ପାହାଡ, କାହିଁ ନୀରବ
ମୁହଁ ଖୋଲ କହ ନଜ କଥା
ଦୁଃଖ ସବୁ ଧୋଇନେବ ଲୁହ
ଯୁଗ ଯୁଗର ଗହନ ବ୍ୟଥା
ଘୃଣାର କବର ତଳେ ଜୁଇ
ଭେଦର ଶିକାରେ ଜର୍ଜରିତ
ଯିଏ ଅଙ୍ଗେ ନଭିଇଛି ନଜେ
ସେହି କହିବ ନଗ୍ଧଟ ସତ
ହାତର ବେଡି ଗୋଡ ଶିକୁଳ
ଫିଟାଅ ସବୁ ବାଧା ବନ୍ଧନ
ସତ ଶିକ୍ଷା ଓ ସୂଚନାବଳେ
ଗୋଲ୍ମୀ ଛାଡ ହେବ ସ୍ୱାଧୀନ

ପୂର୍ବା ଶାସନ, ଉତ୍ତର୍, କୌଶଲ୍ୟଗଙ୍ଗା,
ଭୁବନେଶ୍ୱର

# ପୁସ୍ତକ ପରିଚୟ

## ଲେଖକ ସନାତନ ମହାକୁଡଙ୍କ ଲିଖିତ ପୁସ୍ତକ "ବେଦାନ୍ତର ବାଣୀ"



ସନାତନ ମହାକୁଡ



**TITLE: VEDANTARA VANI**
**(Translated from Bangla to Odia)**
**TRANSLATED BY:Sanatan Mahakud**
**PUBLISHER:- International Vedanta Society, Kolkata 33**
**FIRST EDITION:-2017**
**ISBN:- 978-81-89499-65-5**
**PRICE:-Rs.5.00(Five Only)**

**Sanatan Mahakud**
ସନାତନ ମହାକୁଡ,6ବରୁଆଁବାରୀ,ନୟାଗଡ,ଓଡିଶା।୭୫୨୦୮୨, ଦୂରଭାଷ:୦୯୩୩୯୭୦୧୬୮
**E mails :**sanmahakud@gmail.com
:sanatan8@rediffmail.com

**Website :**www.sanatanmahakud.in


ଇଣ୍ଟରନାସନାଲ ବେଦାନ୍ତ ସୋସାଇଟି ଏକ ଆନ୍ତର୍ଜାତୀୟ ସ୍ତରର ଆଧ୍ୟାତ୍ମିକ ସଂଗଠନ। ଯାହା ଭାରତର କଲକୋତା, ଗୌହାଟି, ମଥୁରା, ବୃନ୍ଦାବନ, ଶ୍ରୀକ୍ଷେତ୍ରଧାମ ପୁରୀ ସହିତ ପୃଥିବୀର ନାନା ଦେଶରେ ଆଧ୍ୟାତ୍ମିକତାର ବାର୍ତ୍ତା, ବେଦ, ଉପନିଷଦ, ଭଜନ, ସତସଙ୍ଗ ଓ ଧ୍ୟାନ ଦ୍ୱାରା ପ୍ରସାର କରିବାରେ ଲାଗିଛି। ଏହାର ପ୍ରାଣପ୍ରତିଷ୍ଠାତା "ଶ୍ରୀ ଭଗବାନ" ଙ୍କ ବାଣୀ ସବୁବଙ୍ଗଳା, ଆସାମିଆ, ହିନ୍ଦୀ, ଇଂରାଜୀ ଏବଂ ବହୁ ବିଦେଶୀ ଭାଷାରେ ପ୍ରକାଶିତ ହୋଇଛି। ଓଡିଆ ଭାଷାର ଭକ୍ତମାନଙ୍କ ପାଇଁ "ବେଦାନ୍ତର ବାଣୀ" ଏକ ଉତ୍ତମ ପ୍ରୟାସ। ବିଭିନ୍ନ ସତସଙ୍ଗରେ ପ୍ରଦତ୍ତ ଶ୍ରୀ ଭଗବାନଙ୍କ ମୂଲ୍ୟବାନ ବାଣୀ, ନୈତିକ ବାର୍ତ୍ତା ତଥା ଉପଦେଶ ସବୁ ଅତି ସରଳ ଓ ସାବଲୀଳ ଭାଷାରେ ପ୍ରଦତ୍ତ ହୋଇଛି। ଯାହା ପ୍ରତ୍ୟେକ ଓଡିଆ ପ୍ରାଣକୁ ନିଶ୍ଚୟ ଛୁଇଁବ। ଏହି ପୁସ୍ତିକାଟି ଆକାରରେ ଛୋଟ ଥିଲେ ହେଁ ନୈତିକତା ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଖୁବ୍ ଉଚ୍ଚକୋଟୀର ବାର୍ତ୍ତା ବହନ କରେ। ପୁସ୍ତିକାଟିର ଅନୁବାଦ କାର୍ଯ୍ୟ ଶ୍ରୀ ସନାତନ ମହାକୁଡ ସମ୍ପାଦନ କରିଥିବା ବେଳେ ପୁରୀ ନୀଳମାଧବଠାରେ ଇଣ୍ଟରନାସନାଲ ବେଦାନ୍ତ ସୋସାଇଟିର ଶାଖା ଉଦଘାଟନ ଅବସରରେ ଏହା ଉନ୍ମୋଚିତ ହୋଇଥିଲା।

# ବିଦେଶ ଖବର

**Gajapati Maharaja Shri Dibyasingha Deb felicitated Shri Arun Kumar Praharaj of Baharin Odia Samaj for his contributions to preserve Odia Culture with Angabastra of Mahaprabhu Jagannath on Rathyatra Day in his Nahar Place in Puri**








# ରାଜଧାନୀରେ ଏକାଠି ହେଲେ ପ୍ରବାସୀ ଓଡିଆ

ନିକଟରେ ମଧ୍ୟ ପ୍ରାଚ୍ୟରେ ରହୁଥିବା ଓଡିଆମାନଙ୍କର ସଂଗଠନ ଗଲ୍ଫ ଓଡିଆ ଆସୋସିଏସନ୍ ( ଗୋଆ) ର ବାର୍ଷିକ ଉତ୍ସବ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ସାଉଦି ଆରବ, ଓମାନ, ବାହାରିନ୍, ରିୟାଦ, ଆବୁଧାବିରେ ଥିବା ବହୁ ଓଡିଆ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ଓଡିଶୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମର କଛିଟି ଛବି ବେଦାନ୍ତୀର ପାଠକମାନଙ୍କ ପାଇଁ



# ଶିଶୁ ବିଭାଗ



# ଭାରତ ମାଆର ଜୟହେଉ



ସତ୍ୟବ୍ରତ ସାହୁ

ସ୍ୱାଧୀନତାର ବାରତା କହୁଛି ଆସିଅଛି ଅଗଷ୍ଟ ପନ୍ଦର,
ଭାରତ ମାଆର ଶିରେ ଉଡୁଅଛି ତ୍ରିରଙ୍ଗା ପତାକା ଫରଫର ।୧।
ବଣିଜ କରିବା ଛଳରେ ଇଂରେଜ ଆମକୁ କରିଲେ ପରାଧୀନ,
ହିଂସ, ଅତ୍ୟାଚାରେ ଆମକୁ ଶୋଷିଲେ କରିଲେ ଆମକୁ ହୀନମାନ ।୨।
କରିବେ ସ୍ୱାଧୀନ ମାଆକୁ ଆମର ଛଡାଇ ଶୃଙ୍ଖଳ ପରାଧୀନ,
ଜନମିଲେ କେତେ ମହାପୁରୁଷ ଓ କେତେ ଦେଲେ ପୁଣି ବଳିଦାନ ।୩।
ପିଠିରେ ସହିଲେ ଚାବୁକ ପାହାର ଛାତି ଦେଖାଇଲେ ଗୁଳିଆଗେ,
ମାଆକୁ ସ୍ୱାଧୀନ କରିବା ପାଇଁକି ପ୍ରୟାସ କରିଲେ ବେଗେ ବେଗେ ।୪।
କେତେ ଯେ ସଂଗ୍ରାମୀ ଜେଲ୍ ଭୋଗିଲେ କେତେ ବରିନେଲେ ମୃତ୍ୟୁଦଣ୍ଡ,
ତଥାପି ମଲା ନ ସ୍ୱାଧୀନତା ସ୍ୱପ୍ନ ଭାଙ୍ଗିଲା ନ ବୀର ମେରୁଦଣ୍ଡ ।୫।
ଶେଷରେ ଗାନ୍ଧିଜୀ ମଙ୍ଗ ସମ୍ଭାଳିଲେ ମନ୍ତ୍ର କରି ଅହିଂସାର ନୀତି,
ଆମ ଦେଶ ଛାଡି ଚାଲି ଯିବାପାଇଁ ବାଟ ଖୋଜିହେଲା ଗୋରାଜାତି ।୬।
ଉଣେଇଶ ସତଚାଳିଶି ଅଗଷ୍ଟ ପନ୍ଦରେ ଦେଶ ଭାର ଆମ ହାତେ ଦେଇ,
ଚାଲିଗଲେ ସେହି ବଣିକ ଜାତି ସାତ ସମୁଦର ପାରହୋଇ ।୭।
ଆସିଅଛି ଆଜି ସେହି ଶୁଭ ଦିନ ଦେଶ ସ୍ୱାଧୀନତା ବାର୍ତ୍ତା ନେଇ,
ଆସ ଉଡାଇବା ଜାତୀୟ ପତାକା ଶାନ୍ତି, ପ୍ରେମ, ମୈତ୍ରୀ ଗୀତଗାଇ ।୮।
ଭାରତ ମାଆର ସନ୍ତାନ ଆମେରେ ପରିଚୟ ଆମ ଭାରତୀୟ,
ଗୋଟିଏ ସ୍ୱରରେ ଗାଇବା ସଭିଏଁ ଭାରତ ମାଆର ହେଉ ଜୟ ।୯।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ଦେହ ସିନା ସାନ
# ବଡ଼ ତାର ମନ




ପ୍ରଶାନ୍ତ କୁମାର ନାଥ

ଛୋଟ ପିଲାଟିଏ ପାଠ ପଢିବାକୁ
ଇସ୍କୁଲକୁ ଯାଉଥିଲା
ଟଙ୍କେ କ ଆଠେଣା ମାଆଟା ତାହାର
ହାତରେ ତା ଦେଉଥିଲା ।
କହୁଥିଲା ପୁଅ ଭୋକଲାଗେ ଯଦି
ଖାଇବୁ କଛିତୁ କଣି
ଖାଲିପେଟେ ପାଠ ପଢ଼ିବୁ କେମିତି
କଛି ପାରିବୁନ ଜାଣି ।
ଭାବୁଥିଲା ସିଏ ଘରୁ ଖାଇ ମୁହିଁ
ଯାଉଛି ପଢିବା ପାଇଁ
ମୋହରି ବୟଷେ କେତେ କାହିଁ ପିଲା
ସେତିକ ପାଆନ୍ତି ନାହିଁ ।
ଭୋକ ଉପାସରେ ଦିନ କାଟୁଛନ୍ତି
କେତେ ଯେ ଅନାଥ ଶିଶୁ
ବିନ୍ଦୁରୁ ସିନ୍ଧୁଟେ ଜାତହେଲା ପରି
ଛୋଟ ଦାନ ମୋର ମିଶୁ ।
ମାସଯାକ ଯାହା ସାଇତି ରଖେ ସେ
ଅନାଥ ଆଶ୍ରମ ଯାଇ
ସଞ୍ଚିଥିବା ଧନ ଆନନ୍ଦ ମନରେ
ଦିଏ ସେ ସେଠାରେ ନେଇ ।

ଦିନକର କଥା ସେହି ବାଟଦେଇ
ବାପା ତାର ଯାଉଥିଲେ
ଅନଥା ଶ୍ରମରେ ପୁଅକୁ ଦେଖିସେ
ଭ୍ରମରେ ସେ ପଡ଼ିଥିଲେ।
ବାପ ମନ ଯେବେ ଅବୁଝା ହୋଇଲା
ପଗ୍ଭରିଲେ ସେଠିଯାଇ
ଜାଣିଗଲା ପରେ ପୁଅ କଥା ତାଙ୍କ
ଗର୍ବିତ ହୋଇଲେ ସେହି।
ଘରକୁ ଫେରିସେ ନଜର ପୁଅକୁ
ଆଡରେ କୁଣ୍ଢେଇ ନେଲେ
ଦେହସିନା ସାନ ବଡ଼ ତୋର ମନ
ପୁଅକୁ ସେ କହୁଥିଲେ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର



# ଆମ ଦେଶ ମହାନ




ପ୍ରେମଶିଲ୍ ରାଉତ

ଆମ ପ୍ରିୟ ଏଇ ଭାରତ ଭୂଇଁ
ସେ ଅଟେ ଆମ ମମତାମୟୀ
ଗର୍ବିତ ଆମେ ତା' କୋଳେ ଜନ୍ମି
ତା ପାଦପଦ୍ମେ ଜୀବନ ଧାଇ ।
ଆମରି ଦେଶ ସବୁଠୁ ମହାନ
କଏ ସରି ନୁହେଁ ତା' ସମାନ
ଆମେ ସବୁ ବୀର ତା'ରି ଜବାନ
ତା' ସେବାରେ ଆମେ ଦେବୁ ଜୀବନ ।
ତା' ଧୂଳ ମଥାରେ କରି ଲେପନ
ଏ ପୁଣ୍ୟ ଭୂଇଁକୁ ହେବା ନମନ
ଭାରତ ମାଆଙ୍କୁ ଦେବା ସମ୍ମାନ
ହେବା ଦେଶର ସୁଯୋଗ୍ୟ ସନ୍ତାନ ।
ସବୁଜ ଶସ୍ୟରେ ଭରା ଏ ଦେଶ
କେଡେ ମନୋହର ତା'ର ବେଶ
ଶାନ୍ତି ମୈତ୍ରୀରେ ସଭିଏଁ ଆସ
ଗଢିବା ସୁନାର ଭାରତ ବର୍ଷ ।
ଚାରିଆଡେ ଆଜି ଜୟକାର ନାଆ
ଶୁଣେ ଆମରି ଭାରତ ମାଆ
ଗଙ୍ଗାଜଳେ ଆଜି ତା' ପାଦଧୂଆ
ଗଢିବୁ ଆମେ ସରଗ ନୂଆ ।
ତ୍ରିରଙ୍ଗା ଆମର ଜାତୀୟ ନେତ

ଫରଫର ଉଡେ ସାର୍ ଭରତ
ଶାନ୍ତିର ପ୍ରତୀକ ଅଟେ କପୋତ
ଧନଜନରେ ଏ ଦେଶ ପୂରିତ ।
ଗାନ୍ଧି, ସୁବାଷଙ୍କ ଆଦେଶ ମାନବା
ଆସ ସଭିଏଁ ଏକନ୍ନ ହେବା
ଦେଶ ରକ୍ଷା ପାଇଁ ଶପଥ ନେବା
ଦେଶ ପାଇଁ ଆମ ଜୀବନ ଦେବା ।

ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା – କଳାହାଣ୍ଡି



# କାହାକୁ ନମଣିବ ହୀନ

ବିଷ୍ଣୁପ୍ରିୟା ପୂଜାରୀ

ଜଙ୍ଗଲ ର ନାଁ ଚମ୍ପାବଣ। ସେଠାରେ ବହୁତ ପଶୁ ପକ୍ଷୀ ବାସ କରୁଥିଲେ। ଗୋଟିଏ ଦୁଷ୍ଟ ସିଂହୀ ସେଠାରେ ଏକଛତ୍ରବାଦ ଶାସନ ଚଲାଇଥିଲା। ଅନ୍ୟକୁ କଷ୍ଟ ଦେଇ ସେ ବହୁତ ଖୁସି ପାଏ। ତା' ଉପଦ୍ରବ ପାଇଁ ସଭିଏଁ ଅତିଷ୍ଠ ଥିଲେ, ହେଲେ ଭୟରେ ତା ସହ କେହି ଲାଗୁନଥିଲେ।

ସେଠାରେ ରହୁଥିଲା କୁନ ଭଅଁର ଟିଏ। ସେ ଏ ଫୁଲରୁ ସେ ଫୁଲକୁ ଉଡ଼ି ବୁଲି ମଧୁ ସଂଗ୍ରହ କରୁଥିଲା। ତାକୁ ଗୀତ ଗାଇବାକୁ ଖୁବ୍ ଭଲ ଲାଗୁଥିଲା । ସେ ସବୁବେଳେ ଗୁଣୁଗୁଣୁ ହୋଇ ଗୀତ ଗାଉଥିଲା । ଦୁଷ୍ଟ ସିଂହୀକୁ ଛାଡ଼ି ସଭିଏଁ ତାକୁ ଖୁବ୍ ପ୍ରଶଂସା କରୁଥିଲେ। ସିଂହୀ ଚାହୁଁ ନଥିଲା ଜଙ୍ଗଲରେ ତା ଛଡ଼ା ଆଉ କଏ ପ୍ରଶଂସା ପାଉ। ସେ କାରଣେ ଭଅଁର ଗାଇବା ଆରମ୍ଭିଲା ମାତ୍ରେ ଗର୍ଜନ କରେ। ଯାହା ଶୁଣି ସମସ୍ତେ ଉଠି ପଡ଼ି ପଳାନ୍ତି। ସିଂହୀର କର୍କଶ ଗର୍ଜନ ଶୁଣି ଭଅଁର କ୍ଷଣେ ବଧିର ପାଲଟିଯାଏ। ନିଜ ଗୀତ ନିଜେ ଶୁଣି ପାରେନି। ବାକି ମାନେ ତାକୁ ଶୁଣନ୍ତି..! ସେ ମନମାରି ଚୁପ୍ ଥିଲା।

ଦିନେ ସେ ସିଂହୀକୁ ଅନୁରୋଧ କଲା ସେ ଗୀତ ଗାଇବା ବେଳେ ସେମିତି ନଗର୍ଜିବାକୁ। ସିଂହୀକୁ ତାକୁ ପ୍ରବଳ ଗାଳି ଦେଇ ତଡ଼ି ଦେଲା।

ଭଅଁର ମନ ଦୁଃଖରେ ଥାଏ। ଭାବୁଥାଏ, ଆଉ କେତେ ଦିନ ଏମିତି ଚାଲିବ। ମନେ ମନେ ସିଂହୀକୁ ପାନେ ଦେବାକୁ ସ୍ଥିର କଲା। ତା ମନକୁ ଏକ ଉପାୟ ଜୁଟିଲା। ଦିନେ ଦେଖିଲା ସିଂହୀ ଚିତ ହୋଇ ଶୋଇ ଯାଇଛି। ସେ ସିଂହୀର ନାକ ଭିତରକୁ ପଶି ଖୁମ୍ପିଲା ତୁହାକୁ ତୁହା। ସିଂହୀକୁ ଦେଖେ କିଏ, କାନ୍ଦି କାନ୍ଦି ଛଟପଟ ହେଉଥିଲା। ହେଲେ ଭଅଁର ବାହାରୁନଥିଲା। ଏହା ଦେଖି ସବୁ ଜୀବଜନ୍ତୁ ଖୁବ୍ ଖୁସି ହେଉଥିଲେ। ସିଂହୀକୁ ଲାଗୁଥିଲା

ବହୁତ ବଡ଼ ଜୀବଟିଏ ତା'ନାକ ଭିତରକୁ ପଶି କାମୁଡ଼ି ପକଉଛି। ତା'ଭ୍ରମ ଧାରଣା ର ଅନ୍ତ କରିବାକୁ କଛି ସମୟ ପରେ ଭଅଁର ପଦା କୁ ଆସିଲ୍। ସେତେବେଳକୁ ସିଂହୀର ଅବସ୍ଥା ବେହାଲ୍। ସେ ଭଅଁର କୁ ଦେଖି ଅବାକ୍। ମନେ ମନେ ସବୁ ବୁଝି ସାରିଥିଲ୍ ଯେ କେବେ କାହାକୁ ହୀନ ମଣିବା ଉଚତ୍ ନୁହେଁ। ଭଅଁର ସାଙ୍ଗକୁ ଜଙ୍ଗଲର ସମସ୍ତଙ୍କୁ କ୍ଷମା ମାଗିଲ୍। ସଭିଏଁ ଟିକୀ ଭଅଁରକୁ ପ୍ରଶଂସା କଲେ। ସିଂହୀ ସୁଧୁରିଗଲ୍।

କୁଶମେଲ, ଝାରସୁଗୁଡ଼ା



# ଶୁଆ ପକ୍ଷୀ



ରାଜଶେଖର ସି "ଚମା"

ଶୁଆପକ୍ଷୀ ! ଶୁଆପକ୍ଷୀ !
କେତେ ସୁନ୍ଦର ଏହି ସବୁଜ ପକ୍ଷୀ !

ଗଛ ପତ୍ରରେ ମିଶିଯାଉଛି ଏହି ଶୁଆପକ୍ଷୀ,
ଛୋଟବଡ଼ଙ୍କ ଯିଏ ଇଷ୍ଟ ସଖି।

ଯେବେ ଦେଖନ୍ତି ଏହି ଆଖି,
ଦୃଷ୍ଟି ହୋଇଯାଏ ଲଖି।

ଶ୍ରୀଜୀଉଙ୍କ ତିନ ରଥ ଉପରେ ବସିଛନ୍ତି ଦୁଇଦୁଇ ଶୁଆପକ୍ଷୀ,
ମଦୁରା ମୀନାକ୍ଷୀ ଠାକୁରାଣୀଙ୍କ ବାମେତର ହସ୍ତରେ ବସିଛି ଶୁଆପକ୍ଷୀ।

ମିଠାମିଠା ଫଳ ଖାଏ ଏହି ଶୁଆପକ୍ଷୀ,
ମିଠାମିଠା କଥା କୁହେ ଏହି ଶୁଆପକ୍ଷୀ।

ଶୁଆପକ୍ଷୀର ଚଞ୍ଚୁ ନାଲି,
ପୁଣି ବସିବ ଆମ ବଗିଚା ବୃକ୍ଷରେ କାଲି।

ଶୁଆପକ୍ଷୀ ! ଶୁଆପକ୍ଷୀ !
କେତେ ସୁନ୍ଦର ଏହି ସବୁଜ ପକ୍ଷୀ !

chvrajasekhar@gmail.com

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/ ୦୯/ ୨୦୧୮ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ଖୁଦୁରୁକୁଣୀ ଓଷା ଆରମ୍ଭ |
| ୦୩/ ୦୯/ ୨୦୧୮ | ବୈଷ୍ଣବ ମତେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ |
| ୦୫/ ୦୯/ ୨୦୧୮ | ଗୁରୁ ଦିବସ |
| ୦୮/ ୦୯/ ୨୦୧୮ | ଶିବଚତୁର୍ଦ୍ଦଶୀ ଉପବାସ |
| ୦୯/ ୦୯/ ୨୦୧୮ | ସପ୍ତପୁରୀ ଅମାବାସ୍ୟା, ଚନ୍ଦ୍ରକ୍ଷୟ |
| ୧୧/ ୦୯/ ୨୦୧୮ | ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ |
| ୧୨/ ୦୯/ ୨୦୧୮ | ବାଲିତୃତୀୟା |
| ୧୩/ ୦୯/ ୨୦୧୮ | ଶ୍ରୀ ଗଣେଷ ପର୍ବ ଓ ଋଷି ପଞ୍ଚମୀ |
| ୧୫/ ୦୯/ ୨୦୧୮ | ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭଃ, ଲଳିତା ସପ୍ତମୀ ଓ କୁକ୍କୁଟୀ ବ୍ରତ |
| ୧୬/ ୦୯/ ୨୦୧୮ | ଶ୍ରୀ ଦୁର୍ଗା ଶୟନୋତ୍ସବ ଓ ମାସାନ୍ତ |
| ୧୭/ ୦୯/ ୨୦୧୮ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା ରାଧାଷ୍ଟମୀ |
| ୧୮/ ୦୯/ ୨୦୧୮ | ତାଳ ନବମୀ ଓ ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ |
| ୨୦/ ୦୯/ ୨୦୧୮ | ପାର୍ଶ୍ୱ ପରିବର୍ତ୍ତନ, ଏକାଦଶୀ |
| ୨୧/ ୦୯/ ୨୦୧୮ | ମହରମ, ବାମନ ଜନ୍ମ, ସୁନିଆଁ |
| ୨୩/ ୦୯/ ୨୦୧୮ | ଅନନ୍ତ ବ୍ରତ, ଶିବ ଚତୁର୍ଦ୍ଦଶୀ ଉପବାସ |
| ୨୫/ ୦୯/ ୨୦୧୮ | ଚନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ |
| ୨୯/ ୦୯/ ୨୦୧୮ | ଅଶ୍ୱ ପଞ୍ଚମୀ |
| ୩୦/ ୦୯/ ୨୦୧୮ | ଗଜଷଷ୍ଠୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



କେତେ ଗୁଣ ରଖିଛି ଯେ ପାଣି,
ପାରିଛି ସବୁ ଜୀବଜନ୍ତୁଙ୍କୁ ଗୋଟିଏ ବେଦି କୁ ଆଣି,
ପଞ୍ଚଭୂତ ରେ ଯାହା ଏକ ମହତ୍ୱପୂର୍ଣ୍ଣ ମଣି
ନ ଥିଲେ ନାହିଁ କାହାର ବି ରହଣି !

[ ବିଜେତା: ରାଜଶେଖର ( ଚମା) ]

ଏବେ ଆସିଛି ବର୍ଷା, ନକର ଆଉ ଈର୍ଷା
ସେବେ ଥିଲା ଖଟା, ଏବେ ଭାରି ମିଠା
ଖାଅ ମନ ଭରି, ଆମ୍ବ ଏବେ ଶସ୍ତା
[ ପ୍ରକାଶ ସାହୁ, ବିଶାଖାପାଟଣା]

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

# ଆପଣଙ୍କ ମତାମତ

Dear Editor Vedanti,

Thank you very much for sending a PDF copy of Vedanti Magazine every month. It is always a great pleasure to read an Odia magazine when living abroad. I downloaded the August 2018 issue and reading it now. Please keep up with the excellent service to our language and literature.

Markandeswar Panda
****************************************************************

Dr. Markandeswar Panda, Ph. D. (UCSC); Ph. D. (BU)
San Antonio, TX 78249
Email: markandeswar@yahoo.com

"ଯେକୌଣସି ଦେଶର ବିକାଶ ପାଇଁ ଆବଶ୍ୟକ ହୋଇଥାଏ ଆର୍ଥିକ, ପ୍ରାକୃତିକ ଓ ମାନବସମ୍ବଳ ସହିତ ବୈଷୟିକ ଜ୍ଞାନ କୌଶଳ ଏବଂ କର୍ମ- ସଂସ୍କୃତିର ଶୃଙ୍ଖଳତ ଏବଂ ସୁବ୍ୟବସ୍ଥିତ ସଦୁପଯୋଗ ।"
ସମ୍ପାଦକୀୟ ପୃଷ୍ଠାରେ ଏହା ହେଉଛି ସମୟୋପଯୋଗୀ ଆହ୍ୱାନ । ଧନ୍ୟବାଦ । ସୁନ୍ଦର ହୋଇଛି ଏହି ସଂଖ୍ୟାଟି । ମୋର ଆଲେଖ୍ୟଟି ସ୍ଥାନତ କରିଥିବାରୁ ଧନ୍ୟବାଦ ଜଣାଉଛି । ବନ୍ଦେ ଉତ୍କଳ ଜନନୀ ସମୃଦ୍ଧ ହେଉ ଆମର ଓଡ଼ିଆ ଭାଷା ।

ବାଲ୍ମିକୀ ନାୟକ ବାଙ୍ଗାଲୋର

ଆଜ୍ଞା ପ୍ରଣାମ ଗ୍ରହଣ କରିବେ ।
ଆପଣଙ୍କର ଏହି ପତ୍ରିକା ପ୍ରକାଶନ ପାଇଁ ଆପଣଙ୍କୁ ଏବଂ ଆପଣଙ୍କ ସମସ୍ତ ସହକର୍ମୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ।
ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର କରିବା ପାଇଁ ଏପରି ପ୍ରଚେଷ୍ଟା କରୁଥିବା ସମସ୍ତ ବ୍ୟକ୍ତି ଓ ସଂସ୍ଥା ସର୍ବଦା ପ୍ରଶଂସନୀୟ ।

ମୋର ସାମାନ୍ୟ ଅନୁରୋଧ, ପତ୍ରିକା ପ୍ରକାଶନ ପରେ ବିତରଣ କରିବା ପୂର୍ବରୁ ବନାନଗତ ତ୍ରୁଟି ସୁଧାରିବା ଅତ୍ୟନ୍ତ ଆବଶ୍ୟକ । ନଚେତ ଆମ ଓଡ଼ିଆ ଭାଷା ଅପଭ୍ରଂସ ହେବାର ସମ୍ଭାବନା ରହିଛି ।

ମୋର କୌଣସି ଦୋଷ ଦୃଷ୍ଟି ଥିଲେ, ଜଣେ ଶୁଭଚନ୍ତକ ଭାବି କ୍ଷମା କରିଦେବେ ।

ଜୟ ଜଗନ୍ନାଥ
ସଞ୍ଜୟ ଦାଶ

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାର୍ବ ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାର୍ ଯୋଗାଇ ଦିଆଯାଏ। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**